(ପୃଷ୍ଠା-୮+୮)

DHARITRI

ବ୍ରହ୍ମପୁର, ରବିବାର, ନଭେମ୍ବର ୨୧/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) | Berhampur, Sunday, November 21/2021 | ★★★

୧୭ଶ ଭାଗ ୨୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ପ୍ରମୋଦ ଭଗତ ଫାଇନାଲରେ

ଉଗାଣ୍ଡାର କାମ୍ପାଲାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଫାଇନାଲରେ ପ୍ରବେଶ କରିଛନ୍ତି।

୦୮

୦୭

## ସଫେଇ କର୍ମଚାରୀ ଥିଲେ ସୁନୀଲଙ୍କ ବାପା

ଅଭିନେତା ସୁନୀଲ ସେଟ୍ଟୀଙ୍କ ବାପା ବୀରାପା ସେଟ୍ଟୀ ମୁମ୍ବାଇର ଏକ ବିଲ୍ଡିଂରେ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ବାପାଙ୍କ ପାଇଁ ଗର୍ବିତ ବୋଲି ସୁନୀଲ କହିଛନ୍ତି।



# କୃଷି ବିଲ୍‌ରେ ବିଜେଡି ଅସ୍ପଷ୍ଟ

## ଓଡ଼ିଶା କୃଷିଜାତ ଦ୍ରବ୍ୟ ଓ ପ୍ରାଣୀସମ୍ପଦ ବିପଣନ ବିଲ୍ ଅକାମୀ: ମନ୍ତ୍ରୀ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ପଦାଙ୍କ ଅନୁସରଣ କରି ବିବାଦୀୟ ୩ କୃଷି ଆଇନ ଢାଞ୍ଚାରେ ରାଜ୍ୟ ସରକାର ଓଡ଼ିଶା କୃଷିଜାତ ଦ୍ରବ୍ୟ ଓ ପ୍ରାଣୀସମ୍ପଦ ବିପଣନ(ବିକାଶ ଓ ସୁଗମତା) ବିଲ୍-୨୦୨୦ ଆଣିବାକୁ ଯୋଜନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୨୦୨୦ ନଭେମ୍ବର ୨୫ରେ ବିଧାନସଭାରେ ଉକ୍ତ ବିଲ୍‌କୁ ଉପସ୍ଥାପନ କରିଥିଲେ। ତେବେ ବିରୋଧୀ ଦଳ ପ୍ରତିବାଦ ଏବଂ ଚାଷୀଙ୍କ ବିରୋଧକୁ ଦେଖି ରାଜ୍ୟ ସରକାର ସେହି ବିଲ୍‌କୁ ଅଧିକ ଆଲୋଚନା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଇଛନ୍ତି। ଏବେ କୃଷି ଆଇନକୁ ନେଇ ଦେଶରେ ପାଣିପାଗ ବଦଳିଛି। ଦେଶବ୍ୟାପୀ କୃଷକମାନଙ୍କର ପ୍ରବଳ ବିରୋଧ ସହ ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ସମେତ ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ହାରିଯିବା ଭୟରେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇଛନ୍ତି। ୩ କୃଷି ଆଇନକୁ ପ୍ରତ୍ୟାହାର କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିଛନ୍ତି। କେନ୍ଦ୍ର ୟୁ-ଟର୍ନ କରିଥିବାବେଳେ ରାଜ୍ୟ ସରକାର ଉପରୋକ୍ତ ବିଲ୍‌କୁ ନେଇ ଅଡୁଆରେ ପଡ଼ିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସମବାୟ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଉକ୍ତ ବିଲ୍ ଅକାମୀ ହୋଇଯାଇଛି। କେନ୍ଦ୍ର ନୂଆ ପ୍ରସ୍ତାବ ଆଣିବା ପରେ ତାହାକୁ ରାଜ୍ୟ ସରକାର ବିଚାର କରିବେ।



କେନ୍ଦ୍ର ସରକାରଙ୍କ ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ) ବିଲ୍-୨୦୨୦କୁ ଅନୁକରଣ କରି ରାଜ୍ୟ ସରକାର ଉକ୍ତ ବିଲ୍‌କୁ ପ୍ରସ୍ତୁତ କରିଥିବା ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଏହି ବିଲ୍ ଆଇନରେ ପରିଣତ ହେଲେ କୃଷିଜାତ ଦ୍ରବ୍ୟ ଖରିଦ, ବିକ୍ରିରେ ସାମିଲ ହୋଇଥିବା ସରକାରୀ ସଂସ୍ଥା ହଟିଯିବେ। ସମଗ୍ର ରାଜ୍ୟ ପାଇଁ ଏକକ ବଜାର ଲାଇସେନ୍ସ ବ୍ୟବସ୍ଥା ଲାଗୁ ହେବ। ଅନ୍ୟ ଅର୍ଥରେ କହିବାକୁ ଗଲେ କୃଷିକ୍ଷେତ୍ରର ଘରୋଇକରଣ କରାଯିବ। ଜଣେ ଲାଇସେନ୍ସ ପାଇଥିବା ବେପାରୀ ରାଜ୍ୟର ଯେକୌଣସି ସ୍ଥାନରୁ କୃଷି ଉତ୍ପାଦିତ ଦ୍ରବ୍ୟ କ୍ରୟ କରିପାରିବେ। କେବଳ ସେତିକି ନୁହେଁ, ରାଜ୍ୟ ବାହାର ବେପାରୀ ମଧ୍ୟ ରାଜ୍ୟରେ ନିଜର ବାଣିଜ୍ୟ କାରବାର କରିପାରିବେ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର କୃଷି ଆଇନ ଆଣିବା ପରେ ରାଜ୍ୟ ସରକାର ଏ ନେଇ ପଦକ୍ଷେପ ଆରମ୍ଭ କରିଥିଲେ। କେନ୍ଦ୍ରର କୃଷି ଅଧ୍ୟାଦେଶକୁ ନକଲ କରି ରାଜ୍ୟ ସରକାର ୨୦୨୦ ସେପ୍ଟେମ୍ବର ୨୯ରେ ଓଡ଼ିଶା ଏଗ୍ରିକଲଚରାଲ ପ୍ରଡ୍ୟୁସ୍ ଆଣ୍ଡ ଲାଇଭଷ୍ଟକ ମାର୍କେଟିଂ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ) ଅଧ୍ୟାଦେଶ-୨୦୨୦ ଏବଂ ଓଡ଼ିଶା ଏଗ୍ରିକଲଚରାଲ ପ୍ରଡ୍ୟୁସ୍ ଆଣ୍ଡ କଣ୍ଟ୍ରାକ୍ଟ ଫାର୍ମିଂ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ) ଅଧ୍ୟାଦେଶ-୨୦୨୦ ଆଣିଥିଲେ। କେନ୍ଦ୍ରର କୃଷି ଆଇନକୁ ବିରୋଧ ଦେଖି ଓଡ଼ିଶା ସରକାର କଣ୍ଟ୍ରାକ୍ଟ ଫାର୍ମିଂ ଅଧ୍ୟାଦେଶକୁ ରଦ୍ଦ କରି ଦେଇଥିଲେ। ତେବେ ୨୦୨୦ ନଭେମ୍ବର ୨୦ରେ ରାଜ୍ୟ ସରକାର ଓଡ଼ିଶା ଏଗ୍ରିକଲଚରାଲ ପ୍ରଡ୍ୟୁସ୍ ଆଣ୍ଡ ଲାଇଭଷ୍ଟକ ମାର୍କେଟିଂ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ) ଅଧ୍ୟାଦେଶକୁ ବିଲ୍‌ରେ ପରିଣତ କରି ନଭେମ୍ବର ୨୫ରେ ବିଧାନସଭାରେ ଉପସ୍ଥାପନ କରିଥିଲେ। ବିରୋଧୀ ଦଳ ଏହି ବିଲ୍‌କୁ ଚାଷୀ ବିରୋଧୀ ଏବଂ କର୍ପୋରେଟ ସଂସ୍ଥାକୁ ଫାଇଦା ଦେବା ପାଇଁ ଉଦ୍ଦିଷ୍ଟ କହି ପ୍ରବଳ ହଟ୍ଟଗୋଳ କରିଥିଲେ। କେନ୍ଦ୍ର କୃଷି ଆଇନକୁ ବିରୋଧ ହେଉଥିବା ଜାଣି ଉକ୍ତ ବିଲ୍‌କୁ ବିଧାନସଭାରେ ଗୃହିତ କରା ନ ଯାଇ ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଯାଇଥିଲା।

ଏହି ବିଲ୍ କର୍ପୋରେଟ ସଂସ୍ଥା ପାଇଁ କରାଯାଇଛି। ଯଦି କୃଷି ବଜାରକୁ ଖୋଲା ଛାଡ଼ିଦିଆଯିବ ତେବେ ଏହା କୃଷକଙ୍କ ପାଇଁ ଭୟଙ୍କର ହେବ। ଏହା ସମଗ୍ର କୃଷି ବ୍ୟବସ୍ଥାକୁ ଛାରଖାର କରିଦେବ। ଶାସକ ବିଜେଡି ଏହି ବିଲ୍‌କୁ ପାର୍ଲାମେଣ୍ଟରେ ବିରୋଧ କରୁଥିବାବେଳେ ଓଡ଼ିଶା ଚାଷୀଙ୍କ ପାଇଁ ଏଭଳି ବିଲ୍ ଆଣିବା ଆଶ୍ଚର୍ଯ୍ୟ କରିଛି ବୋଲି କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି। ଏହି ବିଲ୍ କାର୍ଯ୍ୟକାରୀ ହେଲେ କୃଷକମାନେ ଘରୋଇ କମ୍ପାନୀ ଦ୍ୱାରା ଶୋଷିତ ହେବେ ବୋଲି ସେ କହିଛନ୍ତି। ବିଲ୍ ଉପସ୍ଥାପନ କରିଥିବା ସମବାୟ ମନ୍ତ୍ରୀ ଏବେ ବିଲ୍ ଆଉ କାର୍ଯ୍ୟକାରୀ ହେବ ନାହିଁ ବୋଲି ଗଣମାଧ୍ୟମକୁ କହିଛନ୍ତି। ☞ପୃଷ୍ଠା-୪

## ଆର୍ଯ୍ୟନଙ୍କ ବିରୋଧରେ ପ୍ରମାଣ ନାହିଁ: ହାଇକୋର୍ଟ



ଆର୍ଯ୍ୟନ ଖାନ୍

### ମୁମ୍ବାଇ ଡ୍ରଗ୍ସ ପାର୍ଟି ମାମଲା
### ଜାମିନ ରାୟର ନକଲ ପ୍ରକାଶିତ

**ମୁମ୍ବାଇ, ୨୦।୧୧**

ମୁମ୍ବାଇ ଉପକୂଳରେ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍ ଏବଂ ତାଙ୍କ ୨ ସହଯୋଗୀଙ୍କୁ ମିଳିଥିବା ଜାମିନର ବିସ୍ତୃତ ବିଚାରର ଏକ ନକଲ ମୁମ୍ବାଇ ହାଇକୋର୍ଟ ଶନିବାର ପ୍ରକାଶ କରିଛନ୍ତି। ଏଥିରେ କୋର୍ଟ କହିଛନ୍ତି, ଡ୍ରଗ୍ସ ସମ୍ବନ୍ଧୀୟ କୌଣସି ଅପରାଧ ଯୋଜନା କରିଥିବା ନେଇ ଅଭିଯୁକ୍ତଙ୍କ ବିରୋଧରେ କିଛି ପ୍ରମାଣ ମିଳି ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟ ଅପରାଧୀଙ୍କ ସହ ମିଶି ସମ୍ପୃକ୍ତ ୩ ଜଣ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସଂସ୍କାର ନୁହେଁ, ସମସ୍ୟା

## ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷାଫଳ ପ୍ରକାଶ

### ପାସ୍ ହାର ୬୮.୬୬%

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ସ୍ୱତନ୍ତ୍ର ଅଫ୍‌ଲାଇନ୍ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ରାଜ୍ୟରୁ ମୋଟ ୧୨,୩୨୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୮,୪୬୦ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୬୮.୬୬ ପ୍ରତିଶତ ରହିଛି। କଳାରେ ପାସ୍ ହାର ସର୍ବାଧିକ ୭୦.୬୨% ଥିବାବେଳେ ବାଣିଜ୍ୟରେ ୬୮.୬୧%, ବିଜ୍ଞାନରେ ୬୪.୩୯% ଓ ଧନ୍ଦାମୂଳକରେ ୫୧.୫୯% ରହିଛି। ପୁଅଙ୍କ ତୁଳନାରେ ଝିଅମାନେ ଭଲ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୬୭.୭୬% ଥିବାବେଳେ ଛାତ୍ରଙ୍କର ୬୨.୭୧% ରହିଛି। କଳାରେ ଛାତ୍ରୀଙ୍କ ପାସ୍ ହାର ୬୮.୫୨% ଥିବାବେଳେ ଛାତ୍ରଙ୍କର ୬୨.୯୦% ରହିଛି। ସେହିପରି ବାଣିଜ୍ୟରେ ଛାତ୍ରୀଙ୍କ ପାସ୍ ହାର ୬୬% ଓ ଛାତ୍ରଙ୍କର ୬୮.୫୭%, ବିଜ୍ଞାନରେ ଛାତ୍ରୀଙ୍କ ପାସ୍ ହାର ☞ପୃଷ୍ଠା-୪







# ଇସ୍ତଫା ଦେଲେ ସବୁ ମନ୍ତ୍ରୀ

## ଆଜି ରାଜସ୍ଥାନ କ୍ୟାବିନେଟ ସମ୍ପ୍ରସାରଣ

ଜୟପୁର, ୨୦।୧୧


ଅଶୋକ ଗେହଲଟ

ରାଜସ୍ଥାନର ଅଶୋକ ଗେହଲଟ କ୍ୟାବିନେଟ ରବିବାର ସମ୍ପ୍ରସାରଣ ହେବାକୁ ଯାଉଛି। ଏହାର ଦିନକ ପୂର୍ବରୁ ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରିନେଇଛନ୍ତି। ରବିବାର ଅପରାହ୍ଣରେ ରାଜଭବନରେ ନୂଆ କ୍ୟାବିନେଟର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଦିଲ୍ଲୀରେ ସଚିନ ପାଇଲଟ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତାମାନଙ୍କ ମଧ୍ୟରେ ଏକାଧିକ ପର୍ଯ୍ୟାୟ ଆଲୋଚନା ସହ ମୁଖ୍ୟମନ୍ତ୍ରୀ ଗେହଲଟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିଥିଲେ। ନୂଆ କ୍ୟାବିନେଟରେ ପାଇଲଟଙ୍କ କେତେଜଣ ସମର୍ଥକ ସ୍ଥାନ ପାଇବାକୁ ଯାଉଛନ୍ତି। ତେବେ ପାଇଲଟଙ୍କୁ ରାଜସ୍ଥାନ ବାହାରେ କୌଣସି ବଡ଼ ଭୂମିକା ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏଥିସହିତ କଂଗ୍ରେସରେ ଯୋଗଦେଇଥିବା କେତେଜଣ ପୂର୍ବତନ ବିଏସ୍‌ପି ବିଧାୟକଙ୍କୁ ମଧ୍ୟ କ୍ୟାବିନେଟରେ ସ୍ଥାନ ମିଳିବ। ବର୍ତ୍ତମାନ ଗେହଲଟଙ୍କ ମନ୍ତ୍ରିମଣ୍ଡଳରେ ୨୧ ମନ୍ତ୍ରୀ ଥିବାବେଳେ ଏଥିରେ ଆଉ ୯ ଜଣଙ୍କୁ ନିଆଯାଇପାରିବ। ଶୁକ୍ରବାର ଗେହଲଟଙ୍କ ୩ ଜଣ ଘନିଷ୍ଠ ସହଯୋଗୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ସେମାନେ ଦଳର ସାଂଗଠନିକ କାର୍ଯ୍ୟରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

## ଆସନ୍ତା ୨୪ରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ରାଜ୍ୟର ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଆସନ୍ତା ୨୪ରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଆସନ୍ତା ୨୩ରେ ରାଜ୍ୟ ପଦାଧିକାରୀ, ଜିଲା ସଭାପତି ଓ ପ୍ରଭାରୀଙ୍କ ବୈଠକ ହେବ। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁଙ୍କ ସହ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ସହପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କ ସମେତ ଏମ୍‌ପି, ବିଧାୟକ, ରାଜ୍ୟ ପଦାଧିକାରୀ ଯୋଗଦେବେ ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି।

# 'ଦରବୃଦ୍ଧିକୁ ନେଇ ବିଜେଡିର କୁମ୍ଭୀର କାନ୍ଦଣା'


ଖବରଦାତା ସମ୍ମିଳନୀରେ ରଜନୀ କୁମାର ମହାନ୍ତି ଓ ସସ୍ମିତା ବେହେରା।

## ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲା କଂଗ୍ରେସ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଦରବୃଦ୍ଧିକୁ ନେଇ ପ୍ରଦେଶ କଂଗ୍ରେସ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ଉପା ସରକାର ଓ ଏନ୍‌ଡିଏ ସରକାର ସମୟର ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିଛି। ଏନ୍‌ଡିଏ ସରକାର ସମୟରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିରେ ବିଜେଡି ସରକାରର ଅଲିଖିତ ସମର୍ଥନ ଥିଲା, ବର୍ତ୍ତମାନ ବିରୋଧର ଛଳନା କରି କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଶନିବାର କଂଗ୍ରେସ ଭବନର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ଏଆଇଏମ୍‌ସି ସମ୍ପାଦିକା ସସ୍ମିତା ବେହେରା ଦରଦାମ ବୃଦ୍ଧିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଂଗ୍ରେସ ଦାୟୀ କରିଛିନ୍ତି। ମହାନ୍ତି କହିଛନ୍ତି, କେନ୍ଦ୍ରରେ ଏନ୍‌ଡିଏ ସରକାର କ୍ଷମତାରେ ଆସିବା ପରେ ୨୦୧୪ ରୁ ଆଜକୁ ୭ ବର୍ଷ ଭିତରେ କେବଳ ରନ୍ଧନଗ୍ୟାସ ସିଲିଣ୍ଡର ପିଛା ୫୫୦ ଟଙ୍କା ବୃଦ୍ଧି ଘଟି ଗତ ଅକ୍ଟୋବର ଶେଷ ସୁଦ୍ଧା ୯୨୬ ଟଙ୍କାରେ ପହଞ୍ଚିଛି। ଦେଶରେ କରୋନା ମହାମାରୀ ବ୍ୟାପିଥିଲାବେଳେ କେନ୍ଦ୍ର ସରକାର ଗ୍ୟାସ ସିଲିଣ୍ଡର ପିଛା ୨୦୦ ଟଙ୍କା ବୃଦ୍ଧି କଲେ ଓ ରନ୍ଧନଗ୍ୟାସ ଉପରୁ ସବ୍‌ସିଡି ଉଠେଇଦେଲେ। ଏପଟେ ପେଟ୍ରୋଲ ଦର ଆକାଶଛୁଆଁ। କିନ୍ତୁ ମୁଖ୍ୟମନ୍ତ୍ରୀ ପଦୁଟିଏ କି ତାଙ୍କ ଦଳ ବିଜେଡି ପକ୍ଷରୁ କୌଣସି ବିରୋଧ ହୋଇ ନ ଥିବା ମହାନ୍ତି କହିଛନ୍ତି। ରାଜ୍ୟ ସରକାର ୨୦୧୫ରେ ପିଆଜ ମିଶନ କରିଥିଲେ। ଆଶା କରାଯାଉଥିଲା ଆଳୁ ପିଆଜ ବହୁତ ଶସ୍ତାରେ ମିଳିବ, କିନ୍ତୁ ତାହା ହେଲା ନାହିଁ। ଏହାର ବିଫଳତାର ଶ୍ରେୟ କିଏ ନେବ, ବିଜେଡି ଆଉ କେତେଦିନ କୁମ୍ଭୀର କାନ୍ଦଣା କାନ୍ଦିବ ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ୨୦୦ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିଷ୍ପତ୍ତି ନିଆଯାଇଥିଲା, ହେଲେ ଆଜି ପର୍ଯ୍ୟନ୍ତ ୨୦ଟି ମଧ୍ୟ କାର୍ଯ୍ୟକ୍ଷମ ନାହିଁ। ତେଣୁ ଯେଉଁ ଅହେତୁକ ଦରଦାମ ବୃଦ୍ଧି ଘଟିଛି ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। ରାଜ୍ୟ ସରକାର ଯଦି ପ୍ରକୃତର ଦରବୃଦ୍ଧି ଚାହୁଁନାହାନ୍ତି, ତେବେ ରନ୍ଧନ ଗ୍ୟାସ୍ ଉପରେ ଯେଉଁ ୨.୫ ପ୍ରତିଶତ ଜିଏସ୍‌ଟି ନେଉଛନ୍ତି ତାହାକୁ ଶୀଘ୍ର ଛାଡ଼ କରନ୍ତୁ। ତତ୍‌ସହିତ ଶୀଘ୍ର ଶୀତଳ ଭଣ୍ଡାର ନିର୍ମାଣ ପ୍ରତିଶ୍ରୁତି ପୂରଣ କରିବା ପାଇଁ କଂଗ୍ରେସ ଦାବି କରିଛି।

# ଆଇନମନ୍ତ୍ରୀଙ୍କୁ କଳାପତାକା

- ଗାଡ଼ିକୁ ଲକ୍ଷ୍ୟ କରି ଅଣ୍ଡାମାଡ଼
- ଭାଜପା,କଂଗ୍ରେସ କର୍ମୀ ଅଟକ

କେନ୍ଦ୍ରାପଡ଼ା ଅଫିସ, ୨୦।୧୧

କେନ୍ଦ୍ରାପଡ଼ା ଜିଲାର ୩୦ଟି ହାଇସ୍କୁଲକୁ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆଇନମନ୍ତ୍ରୀ ପ୍ରତାପ ଜେନା ଶନିବାର କେନ୍ଦ୍ରାପଡ଼ା ଆସିଥିବା ବେଳେ ମମିତା ମେହେର ହତ୍ୟା ଘଟଣାକୁ ନେଇ ଜିଲା କଂଗ୍ରେସ ଓ ଭାଜପାର କେତେଜଣ କର୍ମକର୍ତ୍ତା ତାଙ୍କୁ ଦୁଇଟି ସ୍ଥାନରେ କଳାପତାକା ପ୍ରଦର୍ଶନ କରିଥିଲେ। ସହରର ତିନିମୁହାଣୀସ୍ଥିତ ଲ କଲେଜ ନିକଟରେ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବିନୟ ଭୂଷଣ ମହାପାତ୍ର କଳାପତାକା ଦେଖାଇଥିଲେ। ହେଲେ ସଦର ପୋଲିସ ସେଠାରେ ପହଞ୍ଚି କଳାପତାକା ଓ ଅଣ୍ଡାକୁ ଜବତ କରିବା ସହ ସେମାନଙ୍କୁ ଗାଡ଼ିରେ ବସାଇ ନେଇଯାଇଥିଲା। ସେହିପରି ସହରର ଗୁଲନଗର ଛକରେ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ବିନ୍ଦୁସାଗର ଦାସ, ଉପସଭାପତି ଶୋଭନ ଆଚାର୍ଯ୍ୟ, ସମ୍ପାଦକ ରତିରଞ୍ଜନ ଜେନା, ସିଦ୍ଧାର୍ଥ ସିଂହ ପ୍ରମୁଖ ମନ୍ତ୍ରୀଙ୍କୁ କଳାପତାକା ଦେଖାଇବା ସହ ଗାଡ଼ିକୁ ଲକ୍ଷ୍ୟ କରି ଅଣ୍ଡା ଫୋପାଡ଼ିଥିଲେ। ସେଠାରେ କେତେଜଣ ମହିଳା ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ରିପୋର୍ଟ ଲେଖା ପର୍ଯ୍ୟନ୍ତ ସମସ୍ତେ ସଦର ଥାନାରେ ଅଟକ ଥିବା ଜଣାଯାଇଛି।


କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରୁଛନ୍ତି।

# କଂଗ୍ରେସ ଲୋକଙ୍କ ସହିତ ରହିଛି: ଚେଲ୍ଲାକୁମାର

## ବାଲିଆପାଳ, ଜଳେଶ୍ୱରରେ କଂଗ୍ରେସର ଜନଜାଗରଣ ଅଭିଯାନ



ବାଲେଶ୍ୱର ଜିଲା ବାଲିଆପାଳଠାରେ ଶନିବାର କଂଗ୍ରେସର ଜନଜାଗରଣ ଅଭିଯାନରେ ରାଜ୍ୟ ପ୍ରଭାରୀ ଚେଲ୍ଲାକୁମାର ଓ ଅନ୍ୟ ନେତୃବର୍ଗ।

ବାଲିଆପାଳ/ଜଳେଶ୍ୱର, ୨୦।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ଆଗାମୀ ତ୍ରିସ୍ତରୀୟ ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ଦଳ ପକ୍ଷରୁ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକଙ୍କ ନେତୃତ୍ୱରେ ଶନିବାର ବାଲିଆପାଳ ନେତାଜୀ ଷ୍ଟାଡ଼ିୟମ୍‌ରେ କଂଗ୍ରେସର ଜନଜାଗରଣ ଅଭିଯାନ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରଭାରୀ ଡ. ଚେଲ୍ଲାକୁମାର ଯୋଗ ଦେଇଥିଲେ। ଷ୍ଟାଡିୟମରେ ଉପସ୍ଥିତ ଦଶ ହଜାରରୁ ଊର୍ଦ୍ଧ୍ୱ କର୍ମୀ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ।

ନବଜ୍ୟୋତି ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ସୁଦର୍ଶନ ଦାସ, ସତ୍ୟବ୍ରତ ନାୟକ, ସତ୍ୟ ଶିବ ଦାସଙ୍କ ସହିତ ବହୁ ଜିଲା ଏବଂ ରାଜ୍ୟସ୍ତରୀୟ ଛାମୁଆ ନେତା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବାଲିଆପାଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥଲେ। ଦକ୍ଷିଣ ବାଲିଆପାଳର ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ ଉର୍ବର ଜମି ଓ ଜନବସତିରେ ହେବାକୁ ଦିଆଯିବ ନାହିଁ। ଏହି ଲଢେଇରେ କଂଗ୍ରେସ ଲୋକଙ୍କ ସହିତ ରହିଛି ବୋଲି ଚେଲ୍ଲାକୁମାର କହିଥିଲେ। ଜିଲା ସମ୍ପାଦକ ସୁଧାଂଶୁ ଜେନା, ଜିଲା ଯୁବ କଂଗ୍ରେସ ଉପସଭାପତି ବିଶ୍ୱଜିତ୍ ପ୍ରଧାନ, ବସ୍ତା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ହୃଷିକେଶ ପଣ୍ଡା, ବାଲିଆପାଳ ବ୍ଲକ ଯୁବନେତା ସରୋଜ ପିଳାଙ୍କ ସମେତ ବହୁ ନେତୃବର୍ଗ ସାମିଲ ହୋଇଥିଲେ। ସେହିପରି ଜଳେଶ୍ୱର ଟାଉନ୍‌ହଲ ପଡ଼ିଆରେ ଆୟୋଜିତ କଂଗ୍ରେସର ଜନଜାଗରଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଭାରୀ ଡ. ଏ. ଚେଲ୍ଲାକୁମାର ଯୋଗଦେଇ ବିଜେଡି ଓ ଭାଜପା ସରକାରର ବହୁ ଗୁମର ଖୋଲିବା ସହିତ କର୍ମୀମାନଙ୍କୁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୭୨,୦୧,୩୫୯ | ୫୧,୫୯,୪୦୯ | ୨୩,୨୨,୧୩,୫୭୫ |
| ଭାରତ | ୩,୪୪,୯୯,୯୨୫ | ୪,୬୫,୩୪୯ | ୩,୩୯,୦୯,୭୦୮ |
| ଓଡ଼ିଶା | ୧୦,୪୬,୭୯୮ | ୮୩୯୧(+୫୩) | ୧୦,୩୬,୨୩୦ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର


Divisa

ଆଖିର ଠିକ୍ ଯତ୍ନ କେବଳ ଆୟୁର୍ବେଦ ସହିତ!

ସମ୍ପୂର୍ଣ୍ଣ ସ୍ୱଦେଶୀ ସମ୍ପୂର୍ଣ୍ଣ ଆୟୁର୍ବେଦିକ

#VocalforLocal

Helps In: Eye Strain, Eye Dryness, Eye Tiredness, Eye Freshness, Eye Cleanliness

Dr. Juneja's EYE Mantra EYE Drop

12 ଗୁଣକାରୀ ଆୟୁର୍ବେଦିକ ଔଷଧୀ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୋଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍, ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସ କରି ତାହାକୁ ସୁସ୍ଥ ଓ ଶୀତଳ କରିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।

Dr. Juneja's ଆଇ ମନ୍ତ୍ରା®

24x7 Helpline: 8196822222 • www.eyemantra.com • Available at all leading medical stores


# 'ନ୍ୟାୟପାଳିକାର ଚାପ କମାଇବ ମଧ୍ୟସ୍ଥତା କେନ୍ଦ୍ର'

**କଟକ ଅଫିସ,୨୦।୧୧**

ବିଭିନ୍ନ ମାମଲା ମଧ୍ୟସ୍ଥତା କେନ୍ଦ୍ରକୁ ଗଲେ ନ୍ୟାୟପାଳିକା ଉପରୁ ଚାପ କମିପାରିବ। ସେହିପରି ଓଡ଼ିଶାରେ ମାମଲା ରୁଜୁ କରୁଥିବା ପକ୍ଷମାନେ ମାମଲାକୁ ଅଧିକ ଦିନ ଧରି ଗଡ଼ାଇ ଚାଲିବା ଅପେକ୍ଷା ଆପୋସ ସମାଧାନ ପାଇଁ ଅଧିକ ଶ୍ରେୟ ମଣିବେ। କେଉଁ ମାମଲା ମଧ୍ୟସ୍ଥତା କେନ୍ଦ୍ରକୁ ଯିବ, ତାହା ବିଚାରପତିମାନେ ଠିକ୍ ଭାବେ ନିଷ୍ପତ୍ତି ନେଇପାରିବେ ବୋଲି ଆଇନ ସେବା ଭବନ ପରିସରରେ ମଧ୍ୟସ୍ଥତା କେନ୍ଦ୍ରକୁ ଉଦ୍‌ଘାଟନ କରି ସୁପ୍ରିମକୋର୍ଟ ବିଚାରପତି ଏ.ଏମ୍. ଖାନୱିଲକର ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି, ମଧ୍ୟସ୍ଥତା କିଛି ନୂଆ ବ୍ୟବସ୍ଥା ନୁହେଁ। ଯୁଗ ଯୁଗ ଧରି ଏହି ବ୍ୟବସ୍ଥାରେ ନ୍ୟାୟ ପ୍ରଦାନ କରାଯାଉଛି। ବୈଦିକ ଯୁଗରେ ମଧ୍ୟସ୍ଥତା ମାଧ୍ୟମରେ ନ୍ୟାୟ ପ୍ରଦାନ କରାଯାଉଥିଲା। ବାଲେଶ୍ୱର ଓ କଟକରେ ୧୯୫୫ ମସିହାରୁ ମାମଲା ବିଚାରାଧୀନ ହୋଇରହିଛି। ମଧ୍ୟସ୍ଥତା କେନ୍ଦ୍ର ଠିକ୍‌ଭାବେ କାର୍ଯ୍ୟ କଲେ ଏଭଳି ଚିତ୍ରରେ ପରିବର୍ତ୍ତନ ଆସିପାରିବ। ମଧ୍ୟସ୍ଥତା କେନ୍ଦ୍ର କେବଳ ହାଇକୋର୍ଟ ସ୍ତରରେ କରିଦେଲେ ହେବନାହିଁ, ତାଲୁକ ସ୍ତରରେ ମଧ୍ୟ ଏହା ଖୋଲାଯାଇ ଆପୋସ ସମାଧାନ ଉଦ୍ୟମ ହେବା ଆବଶ୍ୟକ। ଓଡ଼ିଶାକୁ ଆସିବା ପାଇଁ ତାଙ୍କର ସ୍ୱପ୍ନ ରହିଥାଏ। ଏଠାକୁ ଆସି ବିଭିନ୍ନ ମନ୍ଦିର ବୁଲି ଦେଖିବା ସହ କଳା, ସୌନ୍ଦର୍ଯ୍ୟକୁ ଉପଭୋଗ କରିଛି। ଏହା ତାଙ୍କର ପଞ୍ଚମ ଓଡ଼ିଶା ଗସ୍ତ ବୋଲି ଜଷ୍ଟିସ ଖାନୱିଲକର ମତପ୍ରକାଶ କରିଥିଲେ।




ସୁପ୍ରିମକୋର୍ଟ ବିଚାରପତି ଏ.ଏମ୍. ଖାନୱିଲକର ଆଇନ ସେବା ଭବନ ପରିସରରେ ମଧ୍ୟସ୍ଥତା କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

### ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ

ସିଡିଏ ସେକ୍ଟର-୧ସ୍ଥିତ ଆଇନ ସେବା ଭବନ ପରିସରରେ ମଧ୍ୟସ୍ଥତା କେନ୍ଦ୍ରକୁ ସୁପ୍ରିମକୋର୍ଟ ବିଚାରପତି ଖାନୱିଲକର ଓ ଜଷ୍ଟିସ ଏ. ଏସ୍. ବୋପାନ୍ନା ଉଦ୍‌ଘାଟନ କରିଥିଲେ। ପରେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ମଧ୍ୟସ୍ଥତା କେନ୍ଦ୍ରର ଉଦ୍‌ଘାଟନୀ ସମାରୋହ ଓ ୪୦ ଘଣ୍ଟିଆ ମଧ୍ୟସ୍ଥତା ଟ୍ରେନିଂ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ କହିଥିଲେ, ଓଡ଼ିଶା ହାଇକୋର୍ଟରେ ପ୍ରଥମଥର ପାଇଁ ଦୁଇଟି ସ୍ଥାୟୀ ଲୋକ ଅଦାଲତ ବେଞ୍ଚ୍ ଗଠିତ ହୋଇଛି। ଓଡ଼ିଶାର ଜନସାଧାରଣଙ୍କୁ ଏହା ସହଜରେ ନ୍ୟାୟ ପ୍ରଦାନରେ ସହାୟକ ହୋଇପାରିବ। ସେହିପରି ସମ୍ମାନିତ ଅତିଥିଭା ଜଷ୍ଟିସ ବୋପାନ୍ନା ଏହି କର୍ମଶାଳାରେ ଉପସ୍ଥିତ ଟ୍ରେନର ଓ ଟ୍ରେନିଂ ଆଇନଜୀବୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ମଧ୍ୟସ୍ଥତା ମାମଲାର ସଂଖ୍ୟା କମାଇବାରେ ସହାୟକ ହେବା ସହ ଉଭୟ ପକ୍ଷଙ୍କୁ ନ୍ୟାୟ ପାଇବାରେ ସାହାଯ୍ୟ କରିବ। ଏହି କର୍ମଶାଳାରେ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁ, ସମ୍ପାଦକ ଜେ.କେ. ଲେଙ୍କା, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ହାଇକୋର୍ଟର ସମସ୍ତ ବିଚାରପତି ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ନିଜସ୍ୱ ବିଲ୍ଡିଂ ହେଉଛି ଆଇନ ସେବା ଭବନ। ଗତ ସେପ୍ଟେମ୍ବର ୨୫ରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍.ଭି. ରମନା ଏହାକୁ ଲୋକାର୍ପିତ କରିଥିଲେ। ଆଇନ ସେବାରୁ ବଞ୍ଚିତ ଜନସାଧାରଣଙ୍କୁ ଏହି ଭବନ ମାଗଣାରେ ଆଇନ ସେବା ଯୋଗାଇଆସୁଛି।

## ସଂକ୍ଷେପରେ

### ଅଟୋରୁ ପଡ଼ି ଆଶାକର୍ମୀ ମୃତ

ଖଲ୍ଲିକୋଟ,୨୦।୧୧(ଡି.ଏନ.ଏ.): ଚଳନ୍ତା ଅଟୋରୁ ଖସିପଡ଼ି ଶନିବାର ଜଣେ ଆଶାକର୍ମୀଙ୍କ ମୃତ୍ୟୁ ଘଟିଛି। ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ନୂତନ ଗୁରୁଣ୍ଡି ଗ୍ରାମରେ କାର୍ଯ୍ୟରତ ଆଶାକର୍ମୀ ଇ.ଲଳିତା ଦୋରା (୪୭)ଉକ୍ତ ଗ୍ରାମର ଜଣେ ପ୍ରସୂତୀ ମହିଳାଙ୍କୁ ନେଇ ଏକ ପାସେଞ୍ଜର ଅଟୋ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ଏହି ସମୟରେ ହରିଡ଼ାମୂଳ ଛକ ନିକଟରେ ଅସାବଧାନତା କାରଣରୁ ଆଶାକର୍ମୀ ଅଟୋରୁ ଖସି ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଲଳିତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇଛି। ଏ ନେଇ ନଂ. ୭୦୯/୨୧ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନାବାଳିକାଙ୍କ ଆତ୍ମହତ୍ୟା

ଚେନ୍ନାଇ, ୨୦।୧୧: ଯୌନ ନିର୍ଯାତନା ସହି ନ ପାରି ତାମିଲନାଡୁର ଜଣେ ୧୭ ବର୍ଷୀୟା ବାଳିକା ଶୁକ୍ରବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ତାଙ୍କ ଘରୁ ମୃତଦେହ ସହ ସୁଇସାଇଡ ନୋଟ ଜବତ କରିଛି। ନାବାଳିକାଙ୍କ ଘରେ ବିଧବା ମା' ନ ଥିବାବେଳେ ସେ ଦଉଡ଼ି ଲଗାଇଦେଇଥିଲେ। ଜଣେ ପଡ଼ୋଶୀ ତାଙ୍କୁ ପ୍ରଥମେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଜବତ ସୁଇସାଇଡ ନୋଟରେ ଲେଖାଯାଇଛି, 'କରୁର ଜିଲାରେ ଯୌନ ନିର୍ଯାତନା ଯୋଗୁ ଆତ୍ମହତ୍ୟା କରୁଥିବା ଝିଅଙ୍କ ମଧ୍ୟରେ ସେ ଶେଷ ଝିଅ ହେବା ଉଚିତ। ଦୁନିଆରେ ଦୀର୍ଘ ଦିନ ବଞ୍ଚି ରହି ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଚିନ୍ତା କରିଥିଲି। କିନ୍ତୁ ଏବେ ମୋତେ ଶୀଘ୍ର ଦୁନିଆ ଛାଡ଼ି ଯିବାକୁ ହେବ। ଏହି ଚରମ ପଦକ୍ଷେପ ପାଇଁ ପରିବାର ତାଙ୍କୁ କ୍ଷମା କରନ୍ତୁ'। ତାଙ୍କୁ ନିର୍ଯାତନା ଦେଇଥିବା ବ୍ୟକ୍ତିଙ୍କ ନାମ ପ୍ରକାଶ ଭୟ ଲାଗୁଛି ବୋଲି ମଧ ସେ ଲେଖିଛନ୍ତି। ଗତ ସପ୍ତାହରେ କୋଏମ୍ବାଟୁରରେ ସମାନ ଘଟଣା ଘଟିଥିଲା। ସ୍କୁଲ ଶିକ୍ଷକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଜଣେ ୧୭ ବର୍ଷୀୟା ବାଳିକା ଆତ୍ମହତ୍ୟା କରିଥିଲେ।

### କ.ନୂଆଗାଁ ବ୍ଲକରେ ବିଜେଡି-କଂଗ୍ରେସ ମୁହାଁମୁହିଁ

ବାଲିଗୁଡ଼ା,୨୦।୧୧(ଡି.ଏନ.ଏ.) ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକରେ ବିଜେଡ଼ି-କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଶନିବାର କଂଗ୍ରେସ ପକ୍ଷରୁ କ.ନୂଆଗାଁ ବ୍ଲକରେ ମମିତା ମେହେର ହତ୍ୟାକାଣ୍ଡ ଓ ଆବାସ ଯୋଜନାରେ ଦୁର୍ନୀତି ଆଦି ପ୍ରସଙ୍ଗକୁ ନେଇ ରାଲି କରାଯାଉଥିଲା। ଅନ୍ୟପଟେ କ.ନୁଆଗାଁ ଡାକ ବଙ୍ଗଳାରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ସ୍ଥାନୀୟ ନେତା ଓ କର୍ମୀଙ୍କୁ ନେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ କାର୍ଯ୍ୟକ୍ରମକୁ ନେଇ ବୈଠକ କରୁଥିବା ବେଳେ କଂଗ୍ରେସ ନେତା ଓ କର୍ମୀ ସେଠାକୁ ଯାଇ ବିଭିନ୍ନ ନାରାବାଜି ଦେଇ ହୋହଲ୍ଲା କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା।

## ପୂର୍ବତନ ହୋମ୍‌ଗାର୍ଡଙ୍କୁ ଖଣ୍ଡାରେ ହାଣିଲେ

**ପାଇକମାଲ,୨୦।୧୧(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଲରେ ଶନିବାର ପୂର୍ବତନ ହୋମଗାର୍ଡ଼ ଗୋପାଳ ସାଙ୍କୁ ଗୋଡ଼ାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ଗୋପାଳ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଅନ୍ୟପଟେ ଅଭିଯୁକ୍ତ ମାଣ୍ଡିଆଡ଼ିପା ଗ୍ରାମର ଜୟ ସାହୁ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ପାଇକମାଲ ଥାନାଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତି ସାଢ଼େ ୭ଟା) ପୋଲିସ ଅଭିଯୁକ୍ତଙ୍କୁ ଧରି ପାରିନାହିଁ।

ପ୍ରକାଶ ଯେ, ଗୋପାଳ ପାଇକମାଳ ନିକଟ ଜର୍ଜଗଡ଼ ଗ୍ରାମର ବାସିନ୍ଦା ଏବଂ ସେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ପୋଲିସ ବିଭାଗ ତାଙ୍କୁ ବହିଷ୍କାର କରିଥିଲା। ଏହାପରେ ସେ ପାଇକମାଳ ଥାନା ଆଗରେ ଏକ ଚା' ଷ୍ଟଲ ଖୋଲିଥିଲେ। ସେ ଚା' ବିକିବା ସହିତ ଅଭିଯୋଗକାରୀଙ୍କ ଦରଖାସ୍ତ ଲେଖି ଦେଉଥିଲେ ଏବଂ ସେଥିରେ ପରିବାର ଚଳାଉଥିଲେ। ମାତ୍ର ସେ ଦରଖାସ୍ତ ଲେଖିବାରେ ମାତ୍ରାଧିକ ଟଙ୍କା ଦାବି କରୁଥିବା ଅଭିଯୋଗ ହେଉଥିଲା ଏବଂ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥିଲା। ଶନିବାର ଗୋପାଳ ସ୍ଥାନୀୟ ସାପ୍ତାହିକ ବଜାରରେ ପରିବା କିଣୁଥିବା ବେଳେ ଜୟ ସେଠାକୁ ପହଞ୍ଚି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୋପାଳ ପୂର୍ବରୁ ମଧ୍ୟ ଆକ୍ରମଣର ସମ୍ମୁଖୀନ ହୋଇଥିଲେ।

## ସମ୍ବଲପୁରୀ ବସ୍ତ୍ର ରୂପାଙ୍କନକୁ ନେଇ ଭିତ୍ତିଚିତ୍ର ଅଙ୍କନ



**ଭୁବନେଶ୍ୱର, ୨୦।୧୧ (ବ୍ୟୁରୋ)**

ରାଜ୍ୟର ପଶ୍ଚିମାଞ୍ଚଳ ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ସମ୍ବଲପୁରୀ ବସ୍ତ୍ରର ରୂପାଙ୍କନକୁ ଆଦୃତ କରିବା ପାଇଁ ସମ୍ବଲପୁରଠାରେ ଏକ ପାରମ୍ପରିକ ଭିତ୍ତିଚିତ୍ର ଶିବିର ଲଳିତକଳା ଏକାଡେମୀ ଓ ଜିଲା ପ୍ରଶାସନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୮ ତାରିଖରୁ ସମ୍ବଲପୁର ନିକଟ କର୍ଡୋଲା ଗ୍ରାମରେ ଆରମ୍ଭ ହୋଇଥିବା ଏହି ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ କର୍ଡୋଲା ଗ୍ରାମର ମେହେରପଡ଼ା, ବ୍ରାହ୍ମଣପଡ଼ା ଓ କାଞ୍ଜିଗୌରାପଡ଼ାର ଜିଲା ପ୍ରଶାସନ ଦ୍ୱାରା ଚିହ୍ନଟ ୪୭ଜଣ ବୁଣାକାର ପରିବାରଙ୍କ ଘରର ସମ୍ମୁଖ କାନ୍ଥରେ ସମ୍ବଲପୁର ଓ ନିକଟ ଜିଲାରୁ ଯୋଗଦେଇଥିବା ୪୨ଜଣ ଶିଳ୍ପୀଙ୍କ ଦ୍ୱାରା ଭିତ୍ତିଚିତ୍ର ଅଙ୍କନ କରାଯାଇଛି। ଅଙ୍କନ କରାଯାଇଥିବା ସମ୍ବଲପୁରୀ ବସ୍ତ୍ରର ରୂପାଙ୍କନକୁ ସମ୍ପୃକ୍ତ ବୁଣାକାର ପରିବାର ତରଫରୁ ପ୍ରଦତ୍ତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଭିତ୍ତିଚିତ୍ରକୁ ନେଇ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ଏକାଡେମୀ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ପାରମ୍ପରିକ କଳାର ଉତ୍କର୍ଷତା ପାଇଁ ଏଭଳି ଏକ ଅଭିନବ ପ୍ରୟାସ କରାଯାଇଥିବା ଏକାଡ଼େମୀ ପକ୍ଷରୁ ସୂଚନା ଦିଆଯାଇଛି।

## ହାତୀ ମୃତ୍ୟୁ ଗୁଜବ, ବନ କର୍ମଚାରୀ ନୟାନ୍ତ

**ଭଞ୍ଜନଗର,୨୦।୧୧(ଡି.ଏନ୍.ଏ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ଓ ଗାଲେରି ରେଞ୍ଜ ମଧ୍ୟରେ ଥିବା ଘଞ୍ଚ ଜଙ୍ଗଲରେ ଏକ ହାତୀ ମରିଛି ବୋଲି ଶନିବାର ସକାଳେ ଗୁଜବ ପ୍ରଚାର ହୋଇଥିଲା। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ବନ କର୍ମଚାରୀମାନେ ଉକ୍ତ ଅଞ୍ଚଳକୁ ଯାଇ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ହାତୀର କୌଣସି ସୂଚନା ପାଇପାରି ନ ଥିଲେ। ଅପରାହ୍ନରେ କର୍ମଚାରୀମାନେ ନିରାଶ ହୋଇ ଫେରିଥିଲେ। ପ୍ରାୟ ୪୦ ଜଣ କର୍ମଚାରୀ ୪ଟି ଟିମ୍‌ରେ ଭାଗଭାଗ ହୋଇ ହାତୀ ଖୋଜିବାରେ ନିୟୋଜିତ ଥିଲେ। ଉକ୍ତ ଟିମ୍‌ଗୁଡ଼ିକୁ ଏସିଏଫ୍ ସୁଦର୍ଶନ ବାଦୀ ନିୟନ୍ତ୍ରଣ କରୁଥିଲେ। ଏସିଏଫ୍ ସୁଦର୍ଶନ ବାଦୀ କହିଛନ୍ତି, ସକାଳୁ ହାତୀ ମୃତ୍ୟୁ ନେଇ ଏକାଧିକ ସୂଚନା ଆସିଥିଲା। ତଦନ୍ତ ପରେ ତାହା ଗୁଜବ ବୋଲି ଅନୁମାନ କରାଯାଉଛି। ତଥାପି ରବିବାର ଡ୍ରୋନ ସହାୟତାରେ ଖୋଜାଯିବ ବୋଲି କହିଛନ୍ତି।



ବନ କର୍ମଚାରୀମାନେ ଜଙ୍ଗଲରେ ମୃତ ହାତୀ ଖୋଜୁଛନ୍ତି।

# ୩ କି.ମି. ଭାରରେ ବୁହା ହେଲେ ପ୍ରସୂତି

### ଗାଁକୁ ରାସ୍ତା ନାହିଁ



ଭାରରେ ପ୍ରସୂତିଙ୍କୁ ନିଆଯାଉଛି।

**ପାରଳାଖେମୁଣ୍ଡି, ୨୦।୧୧ (ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ବ୍ଲକ ହୁଏରି ଗାଁରେ ରାସ୍ତା ନ ଥିବାରୁ ଶୁକ୍ରବାର ଜଣେ ପ୍ରସୂତିଙ୍କୁ ୩ କିମି ଭାରରେ ବୋହି ମେଡିକାଲ ନେଇଛନ୍ତି। ଉକ୍ତ ଗାଁର ପ୍ରଶାନ୍ତ ମଲ୍ଲିକଙ୍କ ସ୍ତ୍ରୀ ଶକୁନ୍ତଳା ଗତ ୧୫ ତାରିଖରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଶୁକ୍ରବାର ସେ ଗୁରୁତର ହୋଇ ପଡ଼ିଥିଲେ। ହେଲେ ଗାଁକୁ ଭଲ ରାସ୍ତା ନ ଥିବାରୁ କୌଣସି ଗାଡ଼ି ଆସିପାରି ନଥିଲା। ପରିବାର ଲୋକେ ବାଧ୍ୟ ହୋଇ ୩ କିଲୋମିଟର ପାହାଡିଆ ଘାଟି ରାସ୍ତାରେ ଭାର କରି ଗଣ୍ଡାପଦର ଯାଏ ଚାଲି ଚାଲି ଆଣିଥିଲେ। ସେଠାରୁ ଏକ ଅଟୋରେ ପ୍ରସୂତିଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ତାଙ୍କ ଅର୍ଥ ଅଭାବ ଯୋଗୁ ସେମାନେ ୧୦୮କୁ ଫୋନ୍ କରିଥିଲେ ମଧ ୧୦୮ ଫୋନ କାଟି ଦେଇଥିଲେ। ଶେଷରେ ଡାକ୍ତର ଅମୃତ ରାଜଜେନା ରୋଗୀ କଲ୍ୟାଣରେ ଥିବା ଗାଡି ଡାକି ତାଙ୍କୁ ବ୍ରହ୍ମପୁର ପଠାଇଥିଲେ।


DSPL-259

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା

ଭୋଟର ତାଲିକାର ସତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୨

(ତାରିଖ ୦୧ ନଭେମ୍ବର ୨୦୨୧ ରୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ)

ସ୍ୱତନ୍ତ୍ର ପ୍ରଚାର ଦିବସ ୨୧.୧୧.୨୦୨୧ ରବିବାର।

ଏହି ସ୍ୱତନ୍ତ୍ର ପ୍ରଚାର ଦିବସ ରେ ଭୋଟର ତାଲିକାରେ ନାମ ଯାଞ୍ଚ, ସଂଶୋଧନ, ସ୍ଥାନାନ୍ତର, ଅଥବା ନୂତନ ଭୋଟର ଭାବରେ ଆବେଦନ ପାଇଁ, ନିକଟସ୍ଥ ବୁଥ ସ୍ତରୀୟ ଅଧିକାରୀଙ୍କ ସହିତ ନିଶ୍ଚୟ ଯୋଗାଯୋଗ କରନ୍ତୁ।

ଏହି ଦିନ ଆପଣଙ୍କ ବୁଥ ସ୍ତରୀୟ ଅଧିକାରୀ ଆପଣଙ୍କ ଆବେଦନ ଗ୍ରହଣ କରିବା ପାଇଁ ବୁଥରେ ଉପସ୍ଥିତ ରହିବେ।

ତାହେଲେ ବିଳମ୍ବ କାହିଁକି ?

ଅଧିକ ଜାଣିବା ପାଇଁ ୧୯୫୦ କୁ କଲ କରନ୍ତୁ କିମ୍ବା ଆପଣଙ୍କ ନିକଟସ୍ଥ ବୁଥ ସ୍ତରୀୟ ଅଧିକାରୀ ଙ୍କୁ ଯୋଗାଯୋଗ କରନ୍ତୁ।

ଭୋଟର ହେଲ୍ପ ଲାଇନ୍ ଆପ୍ ଡାଉନଲୋଡ୍ କରନ୍ତୁ।

Download on the App Store | GET IT ON Google Play

ceoorissa | ceoorissa | ceoorissa.nic.in

ଡାଉନ୍‌ଲୋଡ୍ e-EPIC

ସ୍ମାର୍ଟ ଫୋନ୍ ବ୍ୟବହାର କରି ସ୍ମାର୍ଟ ଭୋଟର ହୁଅନ୍ତୁ।

ଆମ ସହିତ ସଂଯୋଗ କରନ୍ତୁ

୧୯୫୦

OIPR-12030/13/0002/2122

**ଆଜିର ମନ୍ତବ୍ୟ**

"ଚାଷୀମାନେ କୃଷି ଆଇନକୁ କଳା ଆଇନର ଆଖ୍ୟା ଦେଲେ। ଉକ୍ତ ଆଇନକୁ ଲେଖିବାରେ ବ୍ୟବହୃତ କାଳି ବ୍ୟତୀତ ଏଥିରେ କଳା କ'ଣ ଥିଲା? **-ଭି.କେ. ସିଂ, କେନ୍ଦ୍ରମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ସ୍ମୃତି
ପରିବାରବର୍ଗ


ଓଁମ
ମାତା- ଅର୍ଚ୍ଚିତା


ଅମ୍ମନ୍ ସୃଷ୍ଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

## ମହୁମାଛି ଆକ୍ରମଣରେ ଯୁବକ ମୃତ

ପାଟକୁରା,୨୦।୧୧(ଡି.ଏନ.ଏ.): ଶନିବାର ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗରଦପୁର ବ୍ଲକ ବେତାରୀ ପଞ୍ଚାୟତ ଶ୍ରୀଚନ୍ଦନପୁର ଗ୍ରାମର ପୂର୍ଣ୍ଣାନନ୍ଦ ସାହୁ (୪୫)। ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଦଣ୍ଡା ପୋଖରୀ ନିକଟ ଆକାଶିଆ ଗଛରେ ଫେଣା ବାନ୍ଧିଥିବା ବାଘଟା ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ସେ ନିକଟସ୍ଥ ପୋଖରୀକୁ ପଶି ଯାଇଥିଲେ। ତଥାପି ମହୁମାଛିମାନେ ତାଙ୍କୁ ଛାଡ଼ି ନ ଥିଲେ। ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ପାଟକୁରା ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


# classifieds Everyday
0674-2580101, 2549302




**BRIDE WANTED**

Age-27, 25/11, Kumbha, Height 5'9", Karana, Graduation, Designing, Sr. Software Engineer MNC, HYD. 12L.K. P. ANNUM. Contact: 9776241883, 8464066599. D-69051

Brahmin divorcee groom, B.Tech 35, Mesha working abroad solicit suitable Brahmin fresh/ divorcee bride early marriage. 9348455079. D-22311

**GROOM WANTED**

45 ବୟସ୍କା ଗୋପାଳ ଜାତିର ବିଧବା ସରକାରୀ ଚାକିରି କରୁଥିବା ଝିଅଙ୍କ ପାଇଁ ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 7681044808. D-22335

Wanted Brahmin Groom for beautiful Bride 25 years, height 5ft. 6inch B.Tech (Mech) employed in TCS (BBSR), father Retd. Professor. Contact No.- 9438682553/ 9437490346. D-22326

ଭୁବନେଶ୍ୱରସ୍ଥିତ ୫୪ ବୟସ୍କା ଚାକିରିଆ ଏବଂ ପେନ୍‌ସନ୍ ପାଉଥିବା ବ୍ରାହ୍ମଣ ବିଧବାଙ୍କୁ ଯେ କୌଣସି ଜାତିର ବର ଆବଶ୍ୟକ। 7606947424. D-22334




**SALE**

Ready to move 3BHK flat for sale at Sahid Nagar, Bhubaneswar. 7978751719. D-71327

**BMC, RERA, SBI, approved 3BHK premium flats for sale at Surekha Orchid, Patia, ready to move within 3months. Price 1crore onwards. Contact: 9124000333/ 444/999.** D-71739

6BHK duplex 52,00,000/- finishing Hanspal, ready to move simplex 34,00,000/-: 9668194157. D-70970

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717

ପାରାଦୀପ Smart Industrial Port City ରେ ବଡ଼ବନ୍ଧ ରେଲ୍‌ୱେ ଷ୍ଟେସନ୍ ପାଖରେ 1 acre ଘରବାଡ଼ି commercial ଜାଗା ବିକ୍ରିହେବ। ଷ୍ଟାର୍ ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ପାଇଁ ଉପଯୁକ୍ତ। ଇଚ୍ଛୁକ ବ୍ୟକ୍ତି, Sharing Holder, Broker. 8917413036. D-71901

**MPlanets- 7008550473. Expert in Building Construction (Simplex/ Duplex/ Apartment) and Interior Design (Modular Kitchen/ TV-Unit/ Wardrobe).** D-22337

Land for sale, 3330 sft sthitiban, immediate possession, 2 side road, excellent location, near SUM Hospital, Bhubaneswar. Call 9078981785. D-61934

**Duplex for sale At- Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71908

**4&5 BHK few Luxurious Duplex units are available at Balianta. Land-1400 and Construction- 2200-2600. 9938219397, 9861022055.** D-22336

Land for sale at Gajapati Nagar Corner plot with boundary wall, Commercial type use, 120 decimal land (5227sqft.), budget: 10.5Cr. No negotiation and no broker. Contact: 8917520293. D-71905

**Bhubaneswar infocity-2 200ft. road side near Cancer Hospital ପାଖରେ sqft. 1300/- ପ୍ଲଟ୍ ମିଳୁଛି। 9337284117.** D-71741

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22126

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8908122121.** D-71729

**Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595.** D-71737

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Wholesale/retail branded Mens/Ladies garments sale. Up to 54% discount. Visit- https://ffldigital. online WhatsApp: 7838510998. D-22342

**2 Guntha commercial/ residential plot with Sand filling and boundary wall for sale. Near Puri canal side NH-16, Hanspal, Bhubaneswar. Contact: 9437922726, 7205337726.** D-22322




**1700sqft. area for Office/ Bank & Room for offsite ATM at mainroad, Oldhi about 200 metre away from Oldhi Chawk (NH-5A). Contact- 8895451983.** D-22285

4000sqft. furnished lodging for rent in Ashok Nagar. Rent-2,00000. Call- 8260488269. D-70252

**Tolet 30,000 sqft. Warehouse/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211




Ashirvaad Saloon and SPA get good massage for your health tha best therapy. 7077181074. D-71823

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Refreshing your mind, your body with tha best therapy at Lotus SPA. 8018891951. D-71820

Newly open full body massage ladies and gents. 8327740003. D-71822

Refreshing your mind and body with the best therapy. 7873794731. D-71902

One hour any therapy by expert therapist @800 only. 9078484455. D-71437

Refreshments rejuvenation body massage therapy with experience therapists, Bhubaneswar. 9668374480. D-71904




ମାସକୁ ୨୫,୦୦୦ରୁ ୪୦,୦୦୦ ରୋଜଗାର ମାତ୍ର ୨ ଘଣ୍ଟା ସମୟ ଓ ସ୍ୱଳ୍ପ ବିନିଯୋଗ କରି। ଯୋଗାଯୋଗ-9937426857, 9438398331. D-71604

**AFFIDAVIT**

By virtue of an affidavit before The Executive Magistrate, Bhubaneswar, I, Sri Enketeswara Subudhi, S/o Late P.Brundabanam Subhudhi, R/o Main Road, P.O /P.S: Bhanjanagar, Dist: Ganjam,Odisha state that, I am the natural born son of Late A. Bhaskar Senapaty,S/o Late Krishnamurty Senapati, R/o: Bhanjanagar, Dist:Ganjam,Odisha. That, I was brought up by my maternal grandfather namely Late P. Brundaban Subudhi, R/o: Bhanjanagar, Dist: Ganjam, Odisha. That to ally out any future confusion and complicacy with regard to my surname, I do hereby declare that, I may be known by both the names, I.e:Enketeswara Subudhi and A.Enketeswara Senapaty. That both names is one and the same person. Sd./-Enketeswara Subudhi. D-22340

Before Executive Magistrate R.Udayagiri I Smt. Reena Karjee, D/o- Bebarta Karjee, Vill- R. Nuasahi changed my surname from Karjee to Raika after marriage to Bayash Raika of village Khanjamera. Henceforth I shall be known as Smt. Reena Raika for all purposes. D-22341

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକା ଟୋକୀର ଘର**
**ଖପରା ଦି' ଖଣ୍ଡ ଧର।**

ଘରକୁ ଶୃଙ୍ଖଳିତ ଭାବେ ଚଳେଇବାରେ ଘରର ମୁରବି ଓ ଗୁରୁଜନମାନେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ମୁରବି ବା ବୟସ୍କ ବ୍ୟକ୍ତିଙ୍କ ବିନା କଞ୍ଚାବୁଦ୍ଧିଆ ଅଳ୍ପ ବୟସ୍କ ଯୁବକ ଯୁବତୀ ଘର ଚଳାଇଲେ ଅନଭିଜ୍ଞ ହିସାବରେ ହନ୍ତସନ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଟକସ ପିଢ଼ା, ଠକସ ପାଣି**
**ଭାତର କଥା ତେଲନ୍ତୁ ଜାଣି।**

ପିଢ଼ା ପାଣି ଥୁଆ ହୋଇଛି କିନ୍ତୁ ଭାତର ଦେଖାଦର୍ଶନ ନାହିଁ, ଏପରିକି ଖାଇବାକୁ ମୁଠେ ଦାନା ବି ନାହିଁ। କିଛି ଲୋକ ଅନ୍ୟକୁ ଜଣେଇବାକୁ ଖାଇପିଇ ବେଶ୍ ଆରାମରେ ରହୁଥିବାର ତୁଚ୍ଛା ବାହାନା ବା ଛଳନା କରିବସିଥାନ୍ତି। ନିଜର ଅଭାବ ଅନଟନକୁ ଲୁଚାଇବାକୁ ଯାଇ ଚେଷ୍ଟା ଚଳାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## କୃଷି ବିଲ୍‌ରେ ...

ଲକ୍‌ଡାଉନର ସୁଯୋଗ ନେଇ କେନ୍ଦ୍ର ସରକାର ସମଗ୍ର ଦେଶ ଉପରେ କୃଷି ଆଇନକୁ ଲଦି ଦେଇଥିଲେ। ଓଡ଼ିଶା ବିଧାନସଭାରେ ଯେଉଁ ବିଲ୍ ରାଜ୍ୟ ସରକାର ଆଣିଥିଲେ ତାହା ଅକାମୀ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଦେଖି ରାଜ୍ୟ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ଦୋମୁହାଁ ନୀତିକୁ ଭାଜପା ଓ କଂଗ୍ରେସ ସମାଲୋଚନା କରିଛନ୍ତି। ଭାଜପା ବରିଷ୍ଠ ନେତା ବିଷ୍ଣୁପଦ ସେଠୀ କହିଛନ୍ତି, ବିଜେଡି ଏକ ସୁବିଧାବାଦୀ ଦଳ। ପାର୍ଲାମେଣ୍ଟରେ ଗୋଟିଏ କଥା କହୁଥିବା ବେଳେ ରାଜ୍ୟରେ ଆଉ ଗୋଟିଏ କଥା କହୁଛି। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାର କେନ୍ଦ୍ର ନିର୍ଦ୍ଦେଶରେ ପରିଚାଳିତ ହେଉଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଗୁପ୍ତ ବୁଝାମଣା ରହିଛି। କୃଷି ଆଇନ ଉଭୟଙ୍କ ମୁଖା ଖୋଲିଦେଇଛି। ବର୍ତ୍ତମାନ ଭାଜପା ଓ ବିଜେଡି ପରସ୍ପରକୁ ଦୋଷ ଦେଇ ଚାଲିଛନ୍ତି। କଂଗ୍ରେସ ଚାଷୀଙ୍କ ସହ ରହିଛି। ଯେ ପର୍ଯ୍ୟନ୍ତ କୃଷି ଆଇନ ରଦ୍ଦ ନ ହୋଇଛି ସେ ପର୍ଯ୍ୟନ୍ତ କଂଗ୍ରେସ ବିରୋଧ ଜାରି ରଖିବ ବୋଲି ସେ କହିଛନ୍ତି।

## ଆର୍ଯ୍ୟନଙ୍କ ବିରୋଧରେ ...

କୌଣସି ଆପରାଧିକ ଷଡ଼ଯନ୍ତ୍ର ରଚିଥିବା ଭଳି ଆପତ୍ତିଜନକ ତଥ୍ୟ ମଧ୍ୟ ଆର୍ଯ୍ୟନଙ୍କ ହ୍ୱାଟ୍ସଆପ୍ ଚାଟ୍‌ରୁ ମିଳିନାହିଁ। ଏଥିରେ ଆହୁରି କୁହାଯାଇଛି, ଏନ୍‌ଡିପିଏସ୍ ଆକ୍ଟ ଧାରା ୬୭ ଅଧୀନରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦ୍ୱାରା ରେକର୍ଡ କରାଯାଇଥିବା ଆର୍ଯ୍ୟନଙ୍କ ବୟାନକୁ କେବଳ ମାମଲାର ତଦନ୍ତ ଉଦ୍ଦେଶ୍ୟରେ ଲାଗିପାରିବ। ସେମାନେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ଅପରାଧ କରିଛନ୍ତି ବୋଲି ପ୍ରମାଣ କରିବା ପାଇଁ ଉକ୍ତ ବୟାନକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଇପାରିବ ନାହିଁ। ସମସ୍ତ ଅଭିଯୁକ୍ତଙ୍କ ମାମଲାକୁ ଏକାଠି ବିଚାର କରିବାକୁ ଏନ୍‌ସିବିର ଯୁକ୍ତିକୁ ହାଇକୋର୍ଟ ଖାରଜ କରିଛନ୍ତି। ୩ ଅଭିଯୁକ୍ତ କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବେଆଇନ କାର୍ଯ୍ୟ କରିବା ପାଇଁ ଯୋଜନା କରିଥିବାର ରେକର୍ଡ କିମ୍ବା ପ୍ରମାଣ ନ ଥିବା ୧୪ ପୃଷ୍ଠା ସମ୍ବଳିତ ଜାମିନ ରାୟର ନକଲରେ କୁହାଯାଇଛି। ଏ ପର୍ଯ୍ୟନ୍ତ ହୋଇଥିବା ତଦନ୍ତରୁ ଜଣାପଡ଼ିଛି ଯେ, ଆର୍ଯ୍ୟନ, ଅର୍‌ବାଜ ମର୍ଚ୍ଚାଣ୍ଟ ଏବଂ ମୁନମୁନ୍ ଧାମେଚା ସ୍ୱତନ୍ତ୍ର ଭାବେ ଯାତ୍ରା କରିଥିଲେ। ସେମାନେ ପରସ୍ପରକୁ ଭେଟିବା ନେଇ ମଧ୍ୟ କୌଣସି ଯୋଜନା ନ ଥିଲା। ସେମାନଙ୍କୁ ପ୍ରାୟ ୨୫ ଦିନ ଧରି ବନ୍ଦୀ ରଖାଯାଇଥିଲା। ଅଭିଯୁକ୍ତମାନେ ପ୍ରକୃତରେ ଡ୍ରଗ୍ସ ସେବନ କରିଛନ୍ତି କି ନା ତାହା ଜାଣିବା ପାଇଁ କୌଣସି ମେଡିକାଲ ପରୀକ୍ଷା କରାଯାଇ ନ ଥିଲା ବୋଲି ହାଇକୋର୍ଟ କହିଛନ୍ତି। ଗତ ଅକ୍ଟୋବର ୩ରେ ଆର୍ଯ୍ୟନ, ଅର୍‌ବାଜ ଏବଂ ମୁନ୍‌ମୁନଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟ ବଳରେ ଏନ୍‌ସିବି ମାମଲା ରୁଜୁ କରିଥିଲା। ଗତ ଅକ୍ଟୋବର ୨୮ରେ ଜଷ୍ଟିସ୍ ଏନ୍. ଡବ୍ଲ୍ୟୁ ସାମ୍ବ୍ରେଙ୍କ ଜଣିକିଆ ଖଣ୍ଡପୀଠ ଆର୍ଯ୍ୟନ, ତାଙ୍କ ସହଯୋଗୀ ଅର୍‌ବାଜ ମର୍ଚ୍ଚାଣ୍ଟ ଏବଂ ମଡେଲ ମୁନମୁନ୍ ଧାମେଚାଙ୍କୁ ୧ ଲକ୍ଷ ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଜାମିନ ପ୍ରଦାନ କରିଥିଲେ।

## ଯୁକ୍ତ୨ ସ୍ୱତନ୍ତ୍ର ...

୬୭.୭୩% ଓ ଛାତ୍ରଙ୍କର ୬୨.୪୪% ଏବଂ ଧନ୍ଦାମୂଳକ ଶିକ୍ଷାରେ ଛାତ୍ରୀଙ୍କ ପାସ୍‌ହାର ୫୨.୮୪% ଥିବାବେଳେ ଛାତ୍ରଙ୍କ ପାସ୍‌ହାର ୫୦.୭୫% ରହିଛି। ଯୁକ୍ତ୨ କଳାରେ ପ୍ରଥମ ଶ୍ରେଣୀରେ ୯୬୩, ଦ୍ୱିତୀୟରେ ୬୧୨ ଏବଂ ତୃତୀୟ ଶ୍ରେଣୀରେ ୪,୭୩୫ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୧୦୨, ଦ୍ୱିତୀୟ ଶ୍ରେଣୀରେ ୫୦ ଓ ତୃତୀୟ ଶ୍ରେଣୀରେ ୨୬୮ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ବିଜ୍ଞାନ ପ୍ରଥମ ଶ୍ରେଣୀରେ ୧୩୬ଜଣ, ଦ୍ୱିତୀୟ ଶ୍ରେଣୀରେ ୨୪୨ଜଣ ଏବଂ ତୃତୀୟ ଶ୍ରେଣୀରେ ୧,୧୧୦ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି ଧନ୍ଦାମୂଳକ ଶିକ୍ଷାରେ ପ୍ରଥମ ଶ୍ରେଣୀରେ ୧୦ଜଣ, ଦ୍ୱିତୀୟ ଶ୍ରେଣୀରେ ୬୦ଜଣ ଓ ତୃତୀୟ ଶ୍ରେଣୀରେ ୧୩୮ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ରମାନେ www.orissaresults.nic.in ୱେବ୍‌ସାଇଟ୍‌ରେ ନିଜ ପରୀକ୍ଷାଫଳ ଦେଖିପାରିବେ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛଇ। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ବିନା ପରୀକ୍ଷାରେ ଯୁକ୍ତ୨ ପରୀକ୍ଷାଫଳ ଘୋଷଣା କରାଯାଇଥିଲା। ଏଥିପାଇଁ ପରିଷଦ ସ୍ୱତନ୍ତ୍ର ମୂଲ୍ୟାୟନ ପଦ୍ଧତି ଆପଣାଇଥିଲା। କିନ୍ତୁ ଅନେକ ଛାତ୍ରୀଛାତ୍ର ଏହି ପରୀକ୍ଷାଫଳକୁ ନେଇ ଅସନ୍ତୁଷ୍ଟ ଥିଲେ। ତେଣୁ ଏହି ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ଅଫ୍‌ଲାଇନ୍ ପରୀକ୍ଷା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଅକ୍ଟୋବର ୧ରୁ ୧୧ ତାରିଖ ଯାଏ ସ୍ୱତନ୍ତ୍ର ଅଫ୍‌ଲାଇନ୍ ପରୀକ୍ଷା ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନିକଟ ସମ୍ପର୍କୀୟମାନଙ୍କ ଅନାଦର ଭାବ ମନକୁ ବ୍ୟଥିତ କରିବ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

**ବୃଷ**
ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାରର ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ସମ୍ଭାବନା ରହିଛି। କଚେରି ମାମଲା ଦୁଶ୍ଚିନ୍ତାର କାରଣ ହୋଇପାରେ। ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟମାନଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ**
ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଫଳରେ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ବଳାଇ କର୍ମମୁଖର ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**
ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବାର ସମ୍ଭାବନା ରହିଛି। ଅଫିସରେ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡିବ।

**ସିଂହ**
ସ୍ୱାସ୍ଥ୍ୟ କ୍ରମଶଃ ଅବନତି ଦିଗକୁ ଗତି କରିପାରେ। ଏଣୁ ସାବଧାନତା ଅବଲମ୍ବନ କରିବା ଭଲ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ। ଖଳ ଲୋକଙ୍କ କଥାରେ ଭୁଲ ମାର୍ଗ ଅନୁସରଣ କରି ହଇରାଣ ହେବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**
କର୍ମକ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କୌଣସି ମୂଲ୍ୟବାନ୍ ଜିନିଷଟି ନ ପାଇ ବନ୍ଧୁଙ୍କ ଉପରେ ରାଗିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ହଠାତ୍ କୌଣସି ଆଶାନୁରୂପ ସଫଳତା ମିଳି ନ ପାରେ।

**ବିଛା**
ଦୀର୍ଘ ଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। ରାଜନୀତି, ପ୍ରଶାସନ, କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**
କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ବିନୟ ପୂର୍ବକ ପ୍ରିୟ କଥା କହି ଭୁଲ୍ ବୁଝାମଣାକୁ ସୁଧାରି ନେବେ। କୌଣସି ସମସ୍ୟା କ୍ଷେତ୍ରରେ ପାଖ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ଆଜି ଦିନଟିରେ ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ବନ୍ଧୁଙ୍କ ସହାୟତାରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର**
ପାରିବାରିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବ ଓ ପରିବାରରେ ଶାନ୍ତି ଫେରି ଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବେ।

**ମୀନ**
ଯେତେ ଚେଷ୍ଟା କଲେ ମଧ୍ୟ ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବ ନାହିଁ। ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ନାହିଁ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

# ବାଇକ ଡିକି ଖୋଲି ୨ଲକ୍ଷ ଟଙ୍କା ଚୋରି

ରଘୁନାଥପୁର,୨୦।୧୧(ଡି.ଏନ୍.ଏ.)

ରଘୁନାଥପୁର ଥାନା ଅନ୍ତର୍ଗତ ବଡ଼ବଜାରଠାରେ ବାଇକ୍ ଡିକ ଖୋଲି ଦୁର୍ବୃତ୍ତମାନେ ଶନିବାର ୨ ଲକ୍ଷ ଟଙ୍କା ଚୋରି କରିନେଇଛନ୍ତି। ଏନେଇ ଉକ୍ତ ଥାନାରେ କିଶନନଗର ଥାନା ବୋଦର ଗ୍ରାମର ପ୍ରତାପ ନାୟକଙ୍କ ପୁଅ ସୁର ନାୟକ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଗାଡ଼ି ଡିକିରେ ଟଙ୍କା ରଖି ଏକ ଔଷଧ ଦୋକାନକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଉକ୍ତ ଗାଡ଼ିରୁ ଟଙ୍କା, ବ୍ୟାଙ୍କ ପାସ ବୁକ୍ ଓ ଆଧାରକାର୍ଡ ନେଇ ଚାଲିଯାଇଛନ୍ତି। ଏନେଇ ଅଭିଯୋଗକୁ ଭିତ୍ତି କରି ପୋଲିସ ଉକ୍ତ ସ୍ଥାନର ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛି ବୋଲି ରଘୁନାଥପୁର ଥାନା ଅଧିକାରୀ ଦେବେନ୍ଦ୍ର ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ଜେଲରୁ ଖସି ପଳାଇଥିଲେ ବିଚାରାଧୀନ କଏଦୀ

**ଅଧଘଣ୍ଟା ପରେ କାବୁ**

**ଭଦ୍ରକ ଅଫିସ, ୨୦।୧୧:** ଭଦ୍ରକ ଜେଲରୁ ଅକ୍ଷୟ ମଲ୍ଲିକ ନାମକ ଜଣେ ବିଚାରାଧୀନ କଏଦୀ ଶନିବାର ମଧାହ୍ନରେ ଫେରାର ହେବାକୁ ଉଦ୍ୟମ କରିଛନ୍ତି। ପାଇଖାନା ଟାଙ୍କିର ପାଇପ୍ ଦ୍ୱାରା ସେ ବାହାରକୁ ଡେଇଁ ଖସିଯାଇଥିଲେ। ଅଧଘଣ୍ଟା ପରେ ତାଙ୍କୁ କାବୁ କରାଯାଇଛି। ଏହାର ଦୃଶ୍ୟ ଜେଲର ସିସିଟିଭିରେ କଏଦ୍ ହୋଇଛି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୦ରେ ଏକ ଅସଦାଚରଣ ମାମଲାରେ ପୀରହାଟ ଥାନା ପୋଲିସ ଅକ୍ଷୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରକୁ ପଠାଯାଇଥିଲା। ଶନିବାର ମଧାହ୍ନରେ ସେ ଶୌଚ ପାଇଁ ଯିବାବେଳେ ହଠାତ୍ ପାଇଖାନା ଉପରକୁ ଉଠିଯାଇ ପାଇପ୍ ସାହାଯ୍ୟରେ ଜେଲ ପାଚେରି ଡେଇଁ ପଳାଇଥିଲେ। ସୂଚନା ପାଇ ଜେଲର ସୁରକ୍ଷାକର୍ମୀ ଅଧଘଣ୍ଟା ପରେ ଥାନାରୋଡ୍‌ରୁ ଅକ୍ଷୟଙ୍କୁ କାବୁ କରି ପୁଣି ଜେଲକୁ ଆଣିଥିଲେ। ଜେଲର ରଷିନାଥ ନାୟକ ଘଟଣାକୁ ସ୍ୱୀକାର କରିଛନ୍ତି।

### ସ୍ତ୍ରୀ ଟାଙ୍ଗିଆ ଚୋଟରେ ସ୍ୱାମୀ ମୃତ

**ଠାକୁରମୁଣ୍ଡା, ୨୦।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ରାଣୀଭୋଳ ଗ୍ରାମରେ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳା କୁରାଢ଼ୀରେ ତାଙ୍କ ସ୍ୱାମୀଙ୍କୁ ହାଣି ହତ୍ୟା କରିଛନ୍ତି। ଠାକୁରମୁଣ୍ଡା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିଛି। ଅନନ୍ତ ଗୋପ ଓ ତାଙ୍କ ସ୍ତ୍ରୀ ମସୁରୀ ସୟ ରାଶନ ଚାଉଳ ନେବାକୁ ଶୁକ୍ରବାର ହାତୀଗୋଡା ପଞ୍ଚାୟତକୁ ଆସି ସନ୍ଧ୍ୟାରେ ଘରକୁ ଫେରିଥିଲେ। ଏହାପରେ ଅନନ୍ତ ହାଣ୍ଡିଆ ପିଇବା ଲାଗି ମସୁରୀଙ୍କୁ ପଇସା ମାଗିଥିଲେ। ଏହି ଘଟଣାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧରେ ଝଗଡା ଆରମ୍ଭ ହୋଇଥିଲା। ପ୍ରାୟ ଅଧିକାଂଶ ଦିନ ଉଭୟ ଦମ୍ପତିଙ୍କ ମଧରେ ଝଗଡା ହେଉଥିବାରୁ ପାଖ ପଡୋଶୀ କେହି ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ମସୁରୀ ଘର ଭିତରେ ଥିବା ଏକ କୁରାଢ଼ି ଆଣି ଗୋପଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଅନନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ଏନେଇ ୱାର୍ଡସଭ୍ୟ ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ନେଇ ତଦନ୍ତ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ିକୁ ପୋଲିସ ଜବତ କରିବା ସହ ମସୁରୀ ସୟଙ୍କୁ ଗିରଫ କରିଛି। ଏନେଇ ଠାକୁରମୁଣ୍ଡା ଥାନାରେ ଏକ ମାମଲା(ନଂ.୧୨୫/୨୧) ରୁଜୁ ହୋଇଛି।

# ସଫଳତାର ମୂଳଦୁଆ ସ୍କୁଲରେ ହିଁ ପଡ଼ିଥାଏ: ମୁଖ୍ୟମନ୍ତ୍ରୀ

**୧୦୭୫ ସ୍କୁଲର ରୂପାନ୍ତରଣ ପର୍ବ**

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

ରାଜ୍ୟରେ ସ୍କୁଲ ରୂପାନ୍ତରଣ ପର୍ବ ଜାରି ରହିଛି । ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ପଞ୍ଚମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୫ ଜିଲାର ୧୪୮ ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ଜଗତ୍‌ସିଂହପୁରର ୧୪ ସ୍କୁଲ, ଦେବଗଡ଼ର ୩୨, ପୁରୀର ୪୮, ବଲାଙ୍ଗୀରର ୨୪ ଓ କେନ୍ଦ୍ରାପଡ଼ାର ୩୦ଟି ସ୍କୁଲ ସାମିଲ ହୋଇଛି। ଏ ପର୍ଯ୍ୟନ୍ତ ୮୩୮ଟି ରୂପାନ୍ତରିତ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ସୂଚନାଯୋଗ୍ୟ, ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଏବେ ରାଜ୍ୟର ୧୦୭୫ଟି ସ୍କୁଲର ଲୋକାର୍ପଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି ରୂପାନ୍ତରଣ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ଚାହେଁ ମୋ ରାଜ୍ୟର ପିଲା ସବୁ କ୍ଷେତ୍ରରେ ଆଗୁଆ ହୁଅନ୍ତୁ। ଏହା ହିଁ ହେଉଛି ସ୍କୁଲ ରୂପାନ୍ତରଣର ଲକ୍ଷ୍ୟ। ଜୀବନରେ ସଫଳତା ପାଇଁ ସ୍କୁଲ ହିଁ ମୂଳଦୁଆ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନଭେମ୍ବର ୧୪ ସୁଦ୍ଧା ୧୦୭୫ଟି ସ୍କୁଲର ରୂପାନ୍ତରଣ କାମ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲି । ଆପଣମାନଙ୍କ ନିଷ୍ଠା ଓ ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟି ନୀତି ଉପରେ ମୁଖ୍ୟମନ୍ତ୍ରୀ କହିଲେ, ସ୍କୁଲ ରୂପାନ୍ତର ହେଉଛି ୫-ଟି କାର୍ଯ୍ୟକ୍ରମର ଶ୍ରେଷ୍ଠ ଉଦାହରଣ। ଏହି କାର୍ଯ୍ୟକ୍ରମରେ ୫ ଜିଲାର ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟ ରୂପାନ୍ତରଣ ସମ୍ପର୍କରେ ନିଜର ମନକଥା କହିଥିଲେ। ଜଗତ୍‌ସିଂହପୁରର ସୁମିତ୍ରା ସାହୁ, ଦେବଗଡ଼ର ପୀୟୁଷପ୍ରଭା କର, ପୁରୀର ଅପର୍ଣ୍ଣା ପଣ୍ଡା, ବଲାଙ୍ଗୀରର ଆର୍ଯ୍ୟନ୍ ଶତପଥୀ ଓ କେନ୍ଦ୍ରାପଡ଼ାର ସୋନମ ପରୱିନ ପ୍ରମୁଖ ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇ କହିଥିଲେ, ସ୍କୁଲର ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛ ଶୌଚାଳୟ ବ୍ୟବସ୍ଥା ପିଲାମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। ସ୍ମାର୍ଟ ବ୍ୟବସ୍ଥାରେ ପାଠ ବୁଝିବା ସହଜ ହେଉଛି। ସେମାନେ ଭବିଷ୍ୟତରେ କ'ଣ ହେବାକୁ ଚାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ପଚାରିବାରୁ ସେମାନେ ଉତ୍ସାହିତ ହୋଇ ଆଇଏଏସ୍, ଆଇପିଏସ୍ ଅଫିସର, ଡାକ୍ତର, ଇଞ୍ଜିନିୟର ହେବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁରରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଦେବଗଡ଼ରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ପୁରୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ବଲାଙ୍ଗୀରରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଏବଂ କେନ୍ଦ୍ରାପଡ଼ାରେ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ। ଟିଟିଲାଗଡ଼ ସରକାରୀ ହାଇସ୍କୁଲରୁ ପାଠ ପଢ଼ି ସ୍ୱପ୍ନ ପୂରଣ କରିପାରିଛି ଏବଂ ଜିଲା ଓ ରାଜ୍ୟର ବିକାଶରେ କିଛି ଯୋଗଦାନ ରଖିପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ପି.କେ. ଜେନା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡ଼ାର ୩୦ ରୂପାନ୍ତରଣ ହାଇସ୍କୁଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଅନ୍ୟମାନେ ।

**କେନ୍ଦ୍ରାପଡ଼ା ଅଫିସ, ୨୦।୧୧**

କେନ୍ଦ୍ରାପଡ଼ା ଜିଲାର ୩୪୩ଟି ହାଇସ୍କୁଲ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୦ଟି ହାଇସ୍କୁଲର ରୂପାନ୍ତରଣ ହୋଇଛି । ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଶନିବାର ଉଦ୍‌ଘାଟନ କରିଛନ୍ତି । ଏଥିପାଇଁ ସହରର ବାଳିକା ହାଇସ୍କୁଲଠାରେ ଜିଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଆଇନମନ୍ତ୍ରୀ ଜେନା ସରକାରୀ ସ୍କୁଲର ୫-ଟି ରୂପାନ୍ତରଣ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ, ଜିଲାର ଆଳି ନିର୍ବାଚନ ମଣ୍ଡଳୀରେ ୫, କେନ୍ଦ୍ରାପଡ଼ାରେ ୭, ପାଟକୁରାରେ ୧୦, ମହାକାଳପଡ଼ାରେ ୩ ଓ ରାଜନଗରରେ ୫ଟି ହାଇସ୍କୁଲକୁ ରୂପାନ୍ତରଣ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୧୫୨ସ୍କୁଲର ରୂପାନ୍ତରଣ ହେବ ବୋଲି ଏଠାରେ ସୂଚନା ଦିଆଯାଇଛି ।

## ମୁଁ ପାଣ୍ଡିଆନ ସାର୍‌ଙ୍କ ପରି ହେବି

କେନ୍ଦ୍ରାପଡ଼ା ସହରର ବାଳିକା ବିଦ୍ୟାଳୟ ପରିସରରେ ଜିଲାର ୩୦ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ସୋନମ ପରୱିନଙ୍କ ମନ୍ତବ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସୋନମ ନିଜ ହାଇସ୍କୁଲର ପରିବର୍ତ୍ତନ ସମ୍ପର୍କରେ ମତ ଦେବା ପରେ ଭବିଷ୍ୟତରେ ଆପଣ କ'ଣ ହେବାକୁ ଚାହୁଁଛନ୍ତି ବୋଲି ଭର୍ଚୁଆଲ ମୋଡ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସୋନମ କହିଥିଲେ, ମୁଁ ପାଣ୍ଡିଆନ ସାର୍‌ଙ୍କ ପରି ଆଇଏଏସ୍ ଅଫିସର ହେବି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପସ୍ଥିତ ଥିବା ୫-ଟି ସଚିବ ଭି.କେ.ପାଣ୍ଡିଆନ କହିଥିଲେ, ସରକାରୀ ସ୍କୁଲରେ ପଢ଼ି ଆଇଏଏସ୍ ଅଫିସର ହେବାରେ କୌଣସି ଅସୁବିଧା ନାହିଁ। ନିଜେ ସରକାରୀ ସ୍କୁଲରେ ପାଠ ପଢ଼ିଥିବା ଓ ତୁମ ଜିଲାର ଜିଲାପାଳ ଅମୃତ ଋତୁରାଜ ସରକାରୀ ସ୍କୁଲରେ ପଢ଼ିଥିବା ଉଦାହରଣ ଦେଇଥିଲେ।

# କୋଟିଆରୁ ପହିଲାରେ ଶୁଭାରମ୍ଭ ହେବ ପରବ

■ ପ୍ରତି ଗ୍ରାମରୁ ଆସିବ ଜ୍ୟୋତି

■ ୧୭ରୁ ତିନିଦିନିଆ ଜିଲାସ୍ତରୀୟ ଉତ୍ସବ

**କୋରାପୁଟ,୨୦।୧୧(ସ୍ୱ.ପ୍ର.)**

ଡିସେମ୍ବର ୧ରୁ କୋଟିଆରୁ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ ଶୁଭାରମ୍ଭ ହେବ ବୋଲି ଶନିବାର ଜିଲାପାଳ ଅବଦାଲ ଏମ. ଅଖତାର ପ୍ରକାଶ କରିଛନ୍ତି। ପରବର ୨୫ ବର୍ଷ ପୂର୍ତ୍ତି ଉତ୍ସବକୁ ରାଜ୍ୟ ସରକାର ଆଡମ୍ବର ସହକାରେ ପାଳନ କରିବାକୁ ଯୋଜନା ରଖିଥିବା ଜିଲାପାଳ ସୂଚନା ଦେଇଛନ୍ତି। ପୂର୍ବରୁ ନଭେମ୍ବର ୨୦ରୁ ପରବର ଶୁଭାରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିଲା। ତେବେ ରାଜ୍ୟ ଏସ୍‌ଆର୍‌ସିଙ୍କ ଦ୍ୱାରା ନଭେମ୍ବର ପାଇଁ ଜାରି କରାଯାଇଥିବା କୋଭିଡ୍ ଗାଇଡଲାଇନରେ କୌଣସି ଜନସମାଗମ ଏବଂ ମେଳା ଆୟୋଜନ ପାଇଁ ଅନୁମତି ନ ଥିଲା। ମାତ୍ର ଶନିବାର ଏସ୍‌ଆର୍‌ସିଙ୍କ ପକ୍ଷରୁ ଡିସେମ୍ବରରେ ସମସ୍ତ ଉତ୍ସବକୁ ଅନୁମତି ମିଳିଛି। ଫଳରେ ପରବର ପ୍ରାରମ୍ଭିକ ଉତ୍ସବ ଡିସେମ୍ବର ୧କୁ ଘୁଞ୍ଚାଯାଇଛି। ଏହିଦିନ ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତରୁ ପରବ ଆରମ୍ଭ ହେବ ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଜ୍ୟୋତି ଅଣାଯିବ। ଚଳିତ ବର୍ଷ ଏହି ମହୋତ୍ସବ ପଞ୍ଚାୟତରୁ ଆରମ୍ଭ ହୋଇ ବ୍ଲକ ଓ ଜିଲା ସଦର ମହକୁମାରେ ପାଳନ ହେବ। ଡିସେମ୍ବର ୧୭,୧୮ ଓ ୧୯ରେ କୋରାପୁଟ ସରକାରୀ ମହାବିଦ୍ୟାଳୟ ପଡିଆରେ ଜିଲାସ୍ତରୀୟ ଉତ୍ସବ ହେବ। ସୂଚନାଯୋଗ୍ୟ, ପୂର୍ବରୁ କୋଟିଆ ପଞ୍ଚାୟତର ନେରେଡିବାଲାସାରୁ ଉଦ୍‌ଘାଟନୀ ଉତ୍ସବ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ ହୋଇ କୋଟିଆରେ କରାଯିବାକୁ ସ୍ଥିର ହୋଇଛି।

# ବିସ୍ଫୋରଣ ଯୋଜନା ପଣ୍ଡକଲା ବିଏସ୍‌ଏଫ୍

**ମାଓବାଦୀଙ୍କ ଟାର୍ଗେଟରେ ଯବାନ**



ଜଣେ ବିଏସ୍‌ଏଫ୍ ଯବାନ ସନ୍ଧାନୀ କୁକୁର ସହାୟତାରେ ବିସ୍ଫୋରକ ଦ୍ରବ୍ୟ ତଲାସି କରୁଛନ୍ତି।

**କୋରାପୁଟ/ବୈପାରିଗୁଡା, ୨୦।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରି ବିସ୍ଫୋରଣ ଘଟାଇବାକୁ ଲୁଚାଇ ରଖିଥିବା ବିସ୍ଫୋରକ ଦ୍ରବ୍ୟ ଶନିବାର ବିଏସ୍‌ଏଫ୍‌ର ୧୫୧ ବାଟାଲିୟନ ଯବାନମାନେ ନଷ୍ଟ କରିଦେଇଛନ୍ତି। ଗୋଇନ୍ଦା ସୂଚନାକୁ ଆଧାରକରି ବିଏସ୍‌ଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ କୋରାପୁଟ ଓ ଛତିଶଗଡ଼ ସୀମାନ୍ତ ବୈପାରିଗୁଡ଼ାର ପୂଜାରିପୁଟ ଜଙ୍ଗଲରେ ସନ୍ଧାନୀ କୁକୁର ଧରି ତଲାସି କରୁଥିବାବେଳେ ଏହି ବିସ୍ଫୋରକ ଦ୍ରବ୍ୟ ଠାବ କରିଥିଲେ। ପରେ ଖବର ପାଇ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ଏହାକୁ ନଷ୍ଟ କରି ଦେଇଥିଲେ। ଫଳରେ ମାଓବାଦୀଙ୍କ ଯୋଜନା ପଣ୍ଡ ହୋଇଯାଇଛି। ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଘଟଣାର ତଦନ୍ତ କରୁଛନ୍ତି।

# ନିୟମଗିରି ଡଙ୍ଗରିଆ ଗାଁରେ ବ୍ୟାପୁଛି ଝାଡ଼ାବାନ୍ତି

■ ଗର୍ଭବତୀଙ୍କ ସମେତ ୪ ଆକ୍ରାନ୍ତ

■ ରାସ୍ତା ଖରାପ ଯୋଗୁ ଭାରରେ ବୁହାହେଲେ

**ବିଷମକଟକ,୨୦।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ନିୟମଗିରି ପାଦଦେଶରେ ଅବସ୍ଥିତ ଡାଲିଆକୁଜି ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ବଡ଼ ଦୁଆରଗୁଡ଼ି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି। ଡଙ୍ଗରିଆ ଜନଜାତି ବସବାସ କରୁଥିବା ଏହି ଗାଁକୁ ଭଲ ରାସ୍ତା ନ ଥିବାରୁ ଆକ୍ରାନ୍ତଙ୍କୁ ଡାକ୍ତରଖାନା ନେବା ମଧ ଚିନ୍ତାର କାରଣ ହୋଇଛି। ଗାଁରେ ୪୯ ପରିବାରରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ୪ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାପରେ ଗ୍ରାମବାସୀ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୁରୁବାର ରାତିରେ ଗାଁର ତେଲାଡ଼ି ସିକକା, ଶ୍ୟାମ ସିକକା, କଚାଡ଼ି ସିକକାଏବଂ ଆମୀ ସିକକା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର ସକାଳେ ଅଙ୍ଗନୱାଡ଼ି କର୍ମୀଙ୍କ ସହଯୋଗରେ ଗ୍ରାମବାସୀ ପ୍ରଥମେ ୪ ଆକ୍ରାନ୍ତଙ୍କୁ ଭାରରେ ବୋହି ୧୩ କି.ମି. ଦୂର ଡାଲିଆକୁଜି ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତେଲାଡ଼ି ଓ ଶ୍ୟାମଙ୍କୁ ବିଷମକଟକ ଏବଂ କାଚଡ଼ି ଓ ଆମୀଙ୍କୁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆକ୍ରାନ୍ତଙ୍କ ମଧରେ ଥିବା ତେଲାଡ଼ି ୩ମାସର ଗର୍ଭବତୀ ଅଛନ୍ତି। ତେବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଶନିବାର ସ୍ଥିର ଥିବା ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଅଂଶୁପ୍ରଭା ଚୌଧୁରୀ ଏବଂ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ସଞ୍ଜୟ କୁମାର ସୂଚନା ଦେଇଛନ୍ତି।



ଜଣେ ଆକ୍ରାନ୍ତଙ୍କୁ ଭାରରେ ନିଆଯାଉଛି।

# ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା

**ଫେରାର ସ୍ୱାମୀ ଜଙ୍ଗଲରୁ ଗିରଫ**

**ବାରିପଦା ଅଫିସ,୨୦।୧୧**

ମୟୂରଭଞ୍ଜ ଜିଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ଜଗନ୍ନାଥପୁର ଗ୍ରାମରେ ଜଣେ ୮ ମାସର ଗର୍ଭବତୀ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ପରେ ଫେରାର ଥିବା ସ୍ୱାମୀ ମାଖନ ପୂର୍ତ୍ତିଙ୍କୁ ପୋଲିସ ଶନିବାର ଅପରାହ୍ନରେ ସ୍ଥାନୀୟ ଜଙ୍ଗଲରୁ ଗିରଫ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଘଟଣାକୁ ନେଇ ସମ୍ପୃକ୍ତ ଦମ୍ପତିଙ୍କ ମଧରେ କଳହ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମାଖନ ଏକ କୁରାଢ଼ିରେ ସ୍ତ୍ରୀ ମଙ୍ଗୁଳିଙ୍କ ମୁଣ୍ଡ ଓ ବେକକୁ ଆଘାତ କରିଥିଲେ। ଘଟଣାସ୍ଥଳରେ ମଙ୍ଗୁଳିଙ୍କ ମୃତ୍ୟୁ ଘଟିବା ପରେ ମାଖନ ଫେରାର ହୋଇଯାଇଥିଲେ। ଏନେଇ ମୃତା ମଙ୍ଗୁଳିଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ବେତନଟୀ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ ପୂର୍ବକ ତଦନ୍ତ ଜାରି ରଖିଛନ୍ତି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ଏନେଇ ବେତନଟୀ ଥାନାରେ ଏକ ହତ୍ୟା ମାମଲା (ନଂ.୩୦୭/୨୧) ରୁଜୁହୋଇଛି।


## PANCHAYAT SAMITI OFFICE, BINKA

ଜିଲ୍ଲା: ସୁବର୍ଣ୍ଣପୁର, ପିନ୍ – ୭୬୭୦୧୯ (ଓଡ଼ିଶା)
ଇ–ମେଲ୍: ori-binika@nic.in

No. 3739 Dated: 17.11.2021

**(SHORT TENDER CALL NOTICE)**

Sealed tenders are invited from interested reputed authorised vendors/firms/supplier, who are registered with any District Industries Centre (DIC) of Odisha and having a valid GST registration for **Implementation of Wall Painting in various Villages of Binka Block under SBM-G Phase-II**. The sealed quotations complete in all respect should reach the Office of the undersigned on or before **Dt.02.12.2021 at 05.00 P.M.** by Registered/ Speed Post only and the sealed quotations shall be opened in the Block Conference Room at **11.00 A.M. on 04.12.2021** in the presence of participants or their authorized representatives by the Tender Committee. The details of the quotation call notice is available in the district website **http://subarnapur.nic.in**.

**Note:** The undersigned reserves the right to accept or cancel any or all quotations without assigning any reason thereof. The participants are requested to go through the terms and conditions.

**Sd./- Block Development Officer, Binka**

## OFFICE OF THE MUNICIPAL COUNCIL, TITILAGARH

No. 2596 Date: 18.11.21

**"e" TENDER NOTICE**

**BID IDENTIFICATION NO.: MUN-TIG No. 007/2021-22**

No. C-1344: Bid documents consisting of work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**.

1. Name of the work : Civil construction works as mentioned in website.
2. No. of works : 42 Nos.
3. Estimated Cost : 0.89 lakhs to 17.78 lakhs
4. Period of Completion : 45 Days
5. Date & time of availability of bid documents in the portal : From 22.11.2021, 11.00 A.M. to 30.11.2021, 5.00 P.M.
6. Last date & time for receipt of bids in the portal : On 30.11.2021 at 5.00 P.M.
7. Last date & time for deposit of Fees & Documents (in sealed envelope) at Office : On 02.12.2021 at 12.00 P.M.
8. Bids received online shall be opened on : On 03.12.2021 at 11.00 A.M.
9. Name & address of the Officer Inviting Bid : Executive Officer, Titilagarh Municipality

Further details can be seen from the procurement portal i.e. **https://tendersodisha.gov.in.**

**Sd./- Executive Officer**
**Titilagarh Municipality**
OIPR-13095/11/0017/2122

GOVERNMENT OF ODISHA

## OFFICE OF THE EXECUTIVE ENGINEER NATIONAL HIGHWAY DIVISION, JHARSUGUDA

**INVITATION FOR BIDS (IFB)**

Letter No. 1188 Dated: 12.11.21

**1st Corrigendum Bid Identification No. EENH/JSG/07/2021-22**

No. b-24: The following changes are made to the works invited vide Bid Identification No. EENH/JSG/07/2021-22.

1. The Bid documents will be available in the website **www.tendersodisha.gov.in** from 10.00 A.M. of 26.11.2021 to 5.30 P.M. of 07.12.2021 for online bidding.
2. Bids shall be received only on "Online" on or before 5.30 P.M. of 07.12.2021.
3. Bids received Online shall be opened at 11.30 hours on 08.12.2021 in the Office of the Executive Engineer, N.H. Division, Jharsuguda.

All other terms and conditions remain unchanged.

**Sd./- Executive Engineer, N.H. Division, Jharsuguda**
OIPR-34020/11/0003/2122

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., SUBARNAPUR

(sonepurcso@gmail.com)

No.2121 Dated 17.11.21

**OFFICE ORDER**

No. CAD-1927:- As hoisting of e-tender requires calculation of workable rate & collection of ancillary data from field level, it is ordered that the schedule e-tender for Handling Contractor shall be done as follows.

| | | |
|---|---|---|
| 1 | Availability of tender documents in the websites on uploading by district. | 17.11.2021 |
| 2 | Pre-bid conference of tenders | 20.11.2021 |
| 3 | Last date for online submission of completed tender document with enclosures | 29.11.2021 upto 5 P.M. |
| 4 | Date of technical bid opening | 30.11.2021 at 11 A.M. |
| 5 | Date of submission of original documents by the tenders in support of scanned copies upload in the portal for verification by district office | 01.12.2021 at 11 A.M. |
| 6 | Date of opening of Financial bids (Only of technically qualified tenderers) | After Technically Evaluation |

**By order of Collector**
**Sd./- District Manager,**
**OSCSC Ltd., Subarnapur**
OIPR-07030/11/0008/2122

See Career Appointment on every Wednesday & Saturday

## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସ୍‌ଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), ସମ୍ବଲପୁର, ହୁସେନ୍ ହାଉସ୍, ଅଇଁଠାପାଲି
ସମ୍ବଲପୁର - ୭୬୮୦୦୪(ଓଡିଶା), ଇ-ମେଲ : sbi.18398@sbi.co.in,
ଲ୍ୟାଣ୍ଡ ଲାଇନ୍ ନଂ. (ଅଫିସ୍)ଫୋନ/ଫ୍ୟାକ୍ସ : ୦୬୬୩-୨୫୪୦୦୨୫

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **''ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି''** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଓ ସମୟ: ୧୦.୧୨.୨୦୨୧ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା**

| କ୍ର. ନଂ. | ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | କ) ସଂରକ୍ଷିତ ମୂଲ୍ୟ / ଖ) ଅମାନତ ଜମା / ଗ) ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ତୁଷାର ଭୂୟାଁ,** ପିତା: ସ୍ୱ ପଦ୍ମ ଲୋଚନ ଭୂୟାଁ, ଏମ୍ଆଇ-୨୧୩, ଛେଣ୍ଡ କଲୋନୀ, କଳିଙ୍ଗ ବିହାର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ପିନ୍-୭୬୯୦୧୫ / **ଆକାଉଣ୍ଟ ନଂ.: ୩୫୭୩୨୧୯୯୫୦୪** | Renault Lodgy 85 PS RXZ-08004, Regd. No.: OD-14H-1164, Engine No.: K9KR86E0008638, Chasis No.: MEEJSRKF9F8000936. | ୩୦.୧୧.୨୦୧୭ ସୁଦ୍ଧା ଟ.୧୬,୦୪,୭୫୧.୦୦ + ୦୧.୧୨.୨୦୧୭ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | କ) ଟ.୪,୫୫,୦୦୦/- ଖ) ଟ.୪୫,୫୦୦/- ଗ) ଟ.୧୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ସୁନୀଲ କୁମାର ଦେହୁରୀ,** ପିତା: ଶ୍ରୀ ଦେବରାଜ ଦେହୁରୀ, ସା/ପୋ: ଜକେଇକେଲା, ମେନ୍ ରୋଡ଼, ଥାନା: ବୋନାଇ, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୭୦୦୩୮ / **ଆକାଉଣ୍ଟ ନଂ.: ୩୫୭୩୨୧୯୯୫୦୪** | Ashok Leyland Bus with Regd. No.: OD-05A-8228, Engine No.: CVEZ411592, Chasis No.: MB1PBEJC8CEVL1874. | ୩୧.୦୩.୨୦୧୮ ସୁଦ୍ଧା ଟ.୫୨,୧୭,୨୦୬.୮୮ + ୦୧.୦୪.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | କ) ଟ.୮,୧୦,୦୦୦/- ଖ) ଟ.୮୧,୦୦୦/- ଗ) ଟ.୧୦,୦୦୦/- |
| ୩. | **ଋଣଗ୍ରହୀତା: (୧) ମେସର୍ସ ଶକ୍ତି ଟ୍ରାନ୍ସପୋର୍ଟ,** ସ୍ୱତ୍ୱାଧିକାରୀ: ଶ୍ରୀ ରାଜେନ୍ଦ୍ର କୁମାର ଜୟସ୍ୱାଲ, ସା/ପୋ: ଫ୍ଲାଟ୍ ନଂ.: ଟି୪/୨୧, ସିଭିଲ୍ ଟାଉନସିପ୍, ରାଉରକେଲା, ଥାନା: ରଘୁନାଥପାଲି, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧, **(୨) ଶ୍ରୀ ରାଜେନ୍ଦ୍ର କୁମାର ଜୟସ୍ୱାଲ,** କ୍ୱାର୍ଟର ନଂ.: ଏଚ୍‌ଏଚ୍/୮, ସିଭିଲ୍ ଟାଉନସିପ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୪, ମୋ.: ୯୪୩୭୦୪୭୮୪୬ / **ଆକାଉଣ୍ଟ ନଂ.: ୩୫୬୮୮୧୨୮୭୨୪** | Eicher 35.31K HSD BS III TC/62 Truck, Regd. No.: OD-14G-8346, Engine No.: E613CDGC073640, Chasis No.: MC2L1KRC0GC008745. | ୨୮.୦୨.୨୦୧୯ ସୁଦ୍ଧା ଟ.୩୬,୪୭,୧୨୦.୦୦ + ୦୧.୦୩.୨୦୧୯ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | କ) ଟ.୬,୧୨,୦୦୦/- ଖ) ଟ.୬୧,୨୦୦/- ଗ) ଟ.୧୦,୦୦୦/- |
| ୪. | **ଋଣଗ୍ରହୀତା: ଶ୍ରୀ ଆନନ୍ଦ କୁମାର ଦୋରା,** ପିତା: ଅଶ୍ୱିନୀ କୁମାର ଦୋରା, ସା: ପ୍ରଧାନପଡ଼ା, (ବୁରଣ ରେସିଡେନ୍ସି ସମ୍ମୁଖରେ), ବୁଢ଼ରାଜା, ସମ୍ବଲପୁର-୭୬୮୦୦୪ / **ଆକାଉଣ୍ଟ ନଂ.: ୩୫୬୨୪୮୭୫୯୩୧** | TATA LP01515 TC/55 BS-III Bus, Regd. No.: OD-15F-9014, Engine No.: 61A84281032, Chasis No.: MAT476102G0B00964. | ୨୪.୧୨.୨୦୧୮ ସୁଦ୍ଧା ଟ.୨୪,୭୯,୯୪୦.୦୧ + ୨୫.୧୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | କ) ଟ.୯,୧୨,୦୦୦/- ଖ) ଟ.୯୧,୨୦୦/- ଗ) ଟ.୧୦,୦୦୦/- |
| ୫. | **ଋଣଗ୍ରହୀତା: ଶ୍ରୀମତୀ ଜାହ୍ନବୀ ଦେହୁରୀ,** ସ୍ୱାମୀ: ଶ୍ରୀ ଭୁବନେଶ୍ୱର ଦେହୁରୀ, ସା/ପୋ: ଜକେଇକେଲା, ମେନ୍ ରୋଡ଼, ଥାନା: ବୋନାଇ, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୭୦୦୩୮ / **ଆକାଉଣ୍ଟ ନଂ.: ୩୩୫୯୦୧୭୩୬୭୭** | Ashok Leyland Bus, Regd. No.: OD-05-J-9432, Engine No.: DTEZ409511, Chasis No.: MB1PREJC2DETL5305, Make-2013. | ୩୧.୦୩.୨୦୧୮ ସୁଦ୍ଧା ଟ.୫୦,୧୯,୯୪୮.୬୬ + ୦୧.୦୪.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | କ) ଟ.୧୧,୮୧,୦୦୦/- ଖ) ଟ.୧,୧୮,୧୦୦/- ଗ) ଟ.୧୦,୦୦୦/- |

**ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୬.୧୨.୨୦୨୧ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା**

**ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ : ୦୯.୧୨.୨୦୨୧**

ଏହି ବିକ୍ରୟ ନୋଟିସ୍‌ଟି ଋଣଗ୍ରହୀତା / ଜାମିନଦାର / ବନ୍ଧକଦାତାମାନଙ୍କ ନିମନ୍ତେ ମଧ ଉଦ୍ଦିଷ୍ଟ। ସେମାନେ ନିଲାମ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ଜମା କରିବାକୁ ଜଣାଇ ଦିଆଯାଉଛି। ନିଲାମ ପରେ ଯଦି ବଳକା କିଛି ରହିଗଲା ସେମାନଙ୍କ ଠାରୁ ସୁଧ ଓ ଖର୍ଚ୍ଚ ସହ ଆଦାୟ କରାଯିବ।

ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ ଦେଖନ୍ତୁ:
**https://sbi.co.in/web/sbi-in-the-news/auction-notices/sarfaesi-and-others**

**ପାର୍କିଙ୍ଗ ସ୍ଥାନ:** କ୍ର.ନଂ. ୧ ଏବଂ ୩ ନିମନ୍ତେ : ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଆରଏସିପିସି / ଏସ୍‌ଏମଇସିସିସି ଷ୍ଟକ୍ ୟାର୍ଡ, ରାଉରକେଲା, ସେକ୍ଟର-୧୭, ରାଉରକେଲା
କ୍ର.ନଂ ୩.ନିମନ୍ତେ : ମେସର୍ସ ଏମ୍ ବି ଷ୍ଟକ୍ ୟାର୍ଡ, ଜଲ୍‌ଦା, 'ସି' ବ୍ଲକ୍, ରାଉରକେଲା-୪୩, ଶ୍ରୀ ଅଭି ସାହୁ, ମୋ : ୮୩୨୮୯୪୧୯୮୪
କ୍ର.ନଂ. ୪ ନିମନ୍ତେ : ପୁଷ୍ପନାଥ ଷ୍ଟକ୍ ୟାର୍ଡ, ଏନ୍‌ଏଚ୍-୫୩, ଚୌଧୁରୀ ଛକ, ସିନ୍ଦୁରପଙ୍କ, ସମ୍ବଲପୁର
କ୍ର.ନଂ. ୫ ରୁ ନିମନ୍ତେ :ମେସର୍ସ ସିଟି ଇନ୍‌ଭେଷ୍ଟିଗେସନ୍, ଷ୍ଟକ୍ ୟାର୍ଡ ନଂ. ୪, ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର,

ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ମୋ.: ୯୩୩୮୩୫୭୧୬୫, ମୋ.:୯୮୬୧୦୫୩୨୯୨

ତାରିଖ : ୨୦.୧୧.୨୦୨୧, ସ୍ଥାନ: ସମ୍ବଲପୁର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର

ମନୁଷ୍ୟ ବାଘ ଅପେକ୍ଷା ଅଧିକ ଭାବେ କ୍ରମବିକଶିତ ହୋଇଛି – ଏଥିରେ ସନ୍ଦେହ ନାହିଁ। କିନ୍ତୁ ବାଘ ମଣିଷଠାରୁ ଅଧିକ ବିଦ୍ୟ। ସକଳ ମନୁଷ୍ୟ ମଧ୍ୟରେ କ'ଣ ସତ୍ୟ ସହିତ ମିଥ୍ୟା ମିଶି କରି ନ ଥାଏ। –ଶ୍ରୀମା

# ସଂସ୍କାର ନୁହେଁ, ସମସ୍ୟା



ଆକାର ପଟେଲ

କୃଷି ଆଇନଗୁଡ଼ିକୁ ପ୍ରତ୍ୟାହାର କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ଦୁଇ ଗୋଷ୍ଠୀର ଲୋକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ। ପ୍ରଥମ ଗୋଷ୍ଠୀରେ ରହିଛନ୍ତି ବର୍ଷେରୁ ଅଧିକ ସମୟ ଧରି କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶର କୃଷକମାନେ। ସେମାନେ ଖୁସି ମନାଇଲେ। ସେମାନଙ୍କ ପ୍ରତିବାଦ ସେମାନଙ୍କୁ ଏକ ଐତିହାସିକ ନାଗରିକ ଅଧିକାରର ବିଜୟୀ କରିପାରିଲା। ଦ୍ୱିତୀୟ ଗୋଷ୍ଠୀ କୃଷକ ନୁହନ୍ତି। ସେମାନେ ଦେଶର ମଧ୍ୟବିତ୍ତ ଶ୍ରେଣୀ ଓ ମିଡିଆ ଏବଂ ମୋଦିଙ୍କ ନିଷ୍ପତ୍ତିକୁ ନେଇ କ୍ରୋଧ ପ୍ରକାଶ କଲେ। ସେମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମର୍ଥକ। ଏହି ଦ୍ୱିତୀୟ ଗୋଷ୍ଠୀର କୃଷି ସହ କିଛି ସମ୍ପର୍କ ନ ଥିଲା। କୃଷି ଆଇନଗୁଡ଼ିକ ବି ସେମାନଙ୍କୁ ପ୍ରତ୍ୟକ୍ଷ ଭାବେ ସ୍ପର୍ଶ କରି ନ ଥିଲା। ତେବେ ସେମାନେ ଏବଂ ସେମାନଙ୍କ ଭଳି ଅନ୍ୟମାନେ ରିଫର୍ମ ବା ସଂସ୍କାର ଶବ୍ଦର ଅର୍ଥ କିଛି ନ ବୁଝି ବ୍ୟବହାର କରୁଛନ୍ତି। ଏହି ଶବ୍ଦକୁ କୌଣସି ଘଟଣାର ସକାରାତ୍ମକ ପ୍ରଭାବକୁ ଜଣାଇବା ଲାଗି ବ୍ୟବହାର କରାଯାଏ। ଶବ୍ଦକୋଷ ଅନୁଯାୟୀ, ରିଫର୍ମ ଅର୍ଥ କୌଣସି ବିଷୟରେ ଉନ୍ନତି ଆଣିବା ଲାଗି ସେଥିରେ ଅଣାଯାଉଥିବା ପରିବର୍ତ୍ତନକୁ ବୁଝାଏ। କିନ୍ତୁ ଏହି ଘଟଣାରେ କୃଷି ଆଇନଗୁଡ଼ିକ ଶସ୍ୟ କିଣା ଓ କୃଷି ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଉଥିଲା ବୋଲି ଆନ୍ଦୋଳନରତ କୃଷକମାନଙ୍କ ମତ। ସେମାନେ ଠିକ୍ ଥିଲେ ନା ଭୁଲ୍? କୃଷି ଆଇନ ଏକ ଉତ୍ତମ ସଂସ୍କାର ଥିଲା ନା ଖରାପ ଥିଲା? ତେବେ କୃଷି ଉତ୍ପାଦ ବଜାର କମିଟି (ଏପିଏମ୍‌ସି) ସହ କେବେ ବି ଜଡ଼ିତ ନ ଥିବା କିମ୍ବା ଅଡତ୍ୟାଙ୍କୁ ସମ୍ମୁଖୀନ ହୋଇ ନ ଥିବା ଏବଂ ବାଜରା ଓ ଯଅ ମଧ୍ୟରେ ପ୍ରଭେଦ କ'ଣ କହିପାରୁ ନ ଥିବା ଲୋକଙ୍କ ପାଇଁ ଏହା ଏକ ସଂସ୍କାର ବୋଲି ଜାଣିବା କିପରି ସମ୍ଭବ। ତଥାପି ଆମ ଅଣ କୃଷକମାନେ ସଂସ୍କାର ସପକ୍ଷରେ ଯୁକ୍ତି ବାଢୁଛନ୍ତି। ଏପରିକି ଯେଉଁମାନେ କୃଷି ଆଇନ ସହ ସିଧାସଳଖ ଜଡ଼ିତ ନୁହନ୍ତି, ସେମାନେ ଅନ୍ୟ ଘଟଣାରେ କ'ଣ ସଂସ୍କାର ହୋଇଛି ତାହା ବିଚାର କରିବା ଦରକାର। ଭାରତରେ ବିଗତ ୮ ବର୍ଷ ମଧ୍ୟରେ ସଂସ୍କାରଗତ ପଦକ୍ଷେପଗୁଡ଼ିକରେ ଯୋଜନାର ଅଭାବ ରହିଛି। ୮ ନଭେମ୍ବର ୨୦୧୬ରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବା ଲାଗି କ୍ୟାବିନେଟ୍ ବୈଠକ ଡକାଯାଇଥିଲା। କିନ୍ତୁ ଆସିବା ପୂର୍ବରୁ ମୋବାଇଲ ଫୋନ୍ ବାହାରେ ରଖି ଆସିବା ପାଇଁ ମନ୍ତ୍ରୀମାନଙ୍କୁ କୁହାଯାଇଥିଲା। ବୈଠକ ପରେ ୧୦୦୦ ଓ ୫୦୦ ଟଙ୍କିଆ ନୋଟ ଚଳିବ ନାହିଁ ବୋଲି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ କହିଥିଲେ। କ୍ୟାବିନେଟ ମନ୍ତ୍ରୀମାନେ ଏହି ନିଷ୍ପତ୍ତି ନିଆଯିବ ବୋଲି ଜାଣି ନ ଥିଲେ। ଫଳରେ ସେମାନଙ୍କ ମନ୍ତ୍ରୀମାନେ ଏହା ସମ୍ପର୍କରେ ଜାଣିପାରି ନ ଥିଲେ। ଏହାର ପରିଣାମ, ବିପଦ, ସମସ୍ୟା ଏବଂ ସମାଧାନ ସମ୍ପର୍କରେ ବିଚାର କରିବାକୁ ସେମାନଙ୍କ ବିଭାଗଗୁଡ଼ିକୁ ସମୟ ମଧ୍ୟ ଦିଆଯାଇ ନ ଥିଲା। ବିମୁଦ୍ରୀକରଣ ଘୋଷଣା ପରେ ହିଁ ଏସବୁ ବିଷୟରେ ସେମାନଙ୍କୁ ଚିନ୍ତା କରିବାକୁ ପଡ଼ିଥିଲା। ବିମୁଦ୍ରୀକରଣ ପରେ କ'ଣ ଘଟିଥିଲା ତାହା ଆମମାନଙ୍କ ମଧ୍ୟରୁ ଅଧିକାଂଶ ଜାଣନ୍ତି। ଗତ ବର୍ଷ ମାର୍ଚ୍ଚ ୨୪ରେ ଜାତୀୟ ଲକ୍‌ଡାଉନ ଘୋଷଣା କରାଯାଇ ତିନି ସପ୍ତାହ ଘରେ ରହିବାକୁ କୁହାଗଲା। ଅନେକେ ବିନା ଖାଦ୍ୟ, ଟଙ୍କା ଓ କାମରେ ଘରେ ବନ୍ଦୀ ଅବସ୍ଥାରେ ରହିଲେ। ଲକ୍‌ଡାଉନ ଘୋଷଣା କରାଯିବା ପୂର୍ବରୁ କେତେଜଣ ମନ୍ତ୍ରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା ତାହା ଜାଣିବାକୁ ଚଳିତ ବର୍ଷ ମାର୍ଚ୍ଚରେ ବିବିସି ୨୪୦ ଆର୍‌ଟିଆଇ ଫାଇଲ କରିଥିଲା। ନିଷ୍ପତ୍ତି ନେବା ଓ ତାହାକୁ ଲାଗୁ କରିବା ପୂର୍ବରୁ ଜଣେ ହେଲେ ବି ମନ୍ତ୍ରୀ କିମ୍ବା ବିଶେଷଜ୍ଞଙ୍କ ସହ ଆଲୋଚନା କରାଯାଇ ନ ଥିବା ବିବିସି ଜାଣିବାକୁ ପାଇଥିଲା। ପୁନଶ୍ଚ ଏହାର ପରିଣାମ କ'ଣ ଥିଲା ତାହା ଆମେ ଅନୁଭବ କରିଛେ। ଶ୍ରୀଲଙ୍କାରେ ଲକ୍‌ଡାଉନର ଦିନକ ପୂର୍ବରୁ ସରକାର କନ୍‌ଷ୍ଟ୍ରକସନ ସାଇଟ୍‌ଗୁଡ଼ିକୁ କାମ ବନ୍ଦ କରିବା ସହ ପାଖ ଲୋକଙ୍କ ଜରିଆରେ ଖାଦ୍ୟ ବାଣ୍ଟିବା ପ୍ରକ୍ରିୟା ଚାଲୁ କରିବାକୁ କହିଥିଲେ। ଏହା ପରେ ଲକ୍‌ଡାଉନ ଲାଗୁ କରିଥିଲେ। ଭାରତରେ ଏଭଳି କିଛି ବି ହେଲା ନାହିଁ। ଏହା ଏକ ଚୁଟ୍‌କିରେ କରିଦିଆଗଲା।

ଯେଉଁ ବାଟରେ ଲଗାତର ବିଭିନ୍ନ ଘଟଣାରେ ଅଚାନକ ପରିବର୍ତ୍ତନ କରାଯାଇଛି ତାହାକୁ 'ଡିସ୍‌ରପ୍‌ସନ' କୁହାଯାଉଛି। କିନ୍ତୁ ଏକ ବ୍ୟବସ୍ଥା, ପ୍ରକ୍ରିୟା କିମ୍ବା ଘଟଣା ସ୍ୱାଭାବିକ ଭାବେ ଚାଲିବା କିମ୍ବା ଯେଭଳି ଚାଲିବାକୁ ଆଶା କରାଯାଉଥିବ, ସେଥିରେ ବାଧା ସୃଷ୍ଟି କରିବା ହିଁ ଡିସ୍‌ରପ୍‌ସନ ବୋଲି ଶବ୍ଦକୋଷରୁ ଜଣାପଡ଼େ। ମଧ୍ୟବିତ୍ତ ବର୍ଗ ଓ ମିଡିଆ ଏହି ଶବ୍ଦକୁ ସକାରାତ୍ମକ ଅର୍ଥରେ ବ୍ୟବହାର କରୁଥିବାବେଳେ ଯେଉଁମାନଙ୍କ ଜୀବନରେ ବାଧା ଆସିଛି ଓ ସେମାନଙ୍କ ପାଇଁ ଡିସ୍‌ରପ୍‌ସନର ଅର୍ଥ କ'ଣ ତାହା ବିଚାର କରିବା ଆବଶ୍ୟକ। ଆର୍ଥିକ ସହାୟତା ବାବଦରେ ମିଳୁଥିବା ଖାଦ୍ୟଶସ୍ୟ ପାଇବାକୁ ଆଧାର ବାଧ୍ୟତାମୂଳକ କରାଯିବାରୁ ବୁଝାପଡୁଛି ଯେ, ବହୁ ଗରିବ ସେମାନଙ୍କ ପ୍ରାପ୍ୟ ପାଇପାରିବେ ନାହିଁ। ଅନ୍ୟପଟେ ଯେଉଁମାନେ ଯୋଗ୍ୟ ସେମାନେ କିଭଳି ଲାଭ ପାଇବେ ତାହା ନିଶ୍ଚିତ କରିବା ପାଇଁ ଆଧାର ସଂଯୋଗ ଏକ କୁଶଳ କାର୍ଯ୍ୟ ବୋଲି ମିଡିଆ କହୁଛି। କିନ୍ତୁ ଆମେ ଯାହାକୁ ସଂସ୍କାର ବୋଲି କହୁଛୁ, ଯଦି କେହି ଠିକ୍ ଭାବେ ଏହି ପ୍ରକ୍ରିୟାକୁ ନିରୀକ୍ଷଣ କରନ୍ତି, ତେବେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହା ବାସ୍ତବ ଏବଂ କ୍ଷତିକାରକ ବୋଲି ଜାଣିପାରିବେ।

ବିମୁଦ୍ରୀକରଣ ଅର୍ଥବ୍ୟବସ୍ଥାରେ ଏକ ଅଂଶ ନଗଦ କାରବାରରେ ବାଧା ସୃଷ୍ଟି କଲା। ଆମମାନଙ୍କ ମଧ୍ୟରୁ କେତେଜଣ ଏହାକୁ ସଂସ୍କାର କହି ଖୁସି ହୋଇପାରୁ, କିନ୍ତୁ ଅନ୍ୟମାନେ ଏହାକୁ ସକାରାତ୍ମକ ବୋଲି ଦେଖିଲେ କି। ଆମେ ଯାହାକୁ ଦୃଢ, ସାହସୀ ଏବଂ ସ୍ଥାୟୀ ନିଷ୍ପତ୍ତି ବୋଲି ଭାବୁଛୁ ତାହା ସବୁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ନିଷ୍ଠୁର ଏବଂ ଅନ୍ୟମାନଙ୍କ ପାଇଁ ଅବାଞ୍ଛିତ। ଏଥିପାଇଁ କୃଷି ଆଇନଗୁଡ଼ିକରେ କ'ଣ ଘଟିଛି ତାହା ଦେଖିବାକୁ ହେବ ଓ ଆମକୁ ବିଚାର କରିବାକୁ ପଡ଼ିବ। ଯେଉଁମାନେ ବୁଝିଛନ୍ତି ଜୀବନ ଓ ଜୀବିକା ଏବଂ ପରିବାର ପାଇଁ ଆଇନଗୁଡ଼ିକର ମୂଲ୍ୟ କ'ଣ ସେମାନେ ଅବିଚଳିତ ଭାବେ ବର୍ଷେରୁ ଅଧିକ ସମୟ ଧରି ଏହା ବିରୋଧରେ ଆନ୍ଦୋଳନ ଚଳାଇଲେ ଓ ଗ୍ରହଣ କରିବାକୁ ରୋକ୍‌ଠୋକ୍ ମନାକଲେ। କେବଳ ସେହି ପ୍ରଥମ ଗୋଷ୍ଠୀ ପାଇଁ ଏହି ଆଇନଗୁଡ଼ିକ ପ୍ରତ୍ୟାହାର ହୋଇଛି।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 5 | | | | | | 2 |
| 9 | | | 6 | 3 | | 7 | | 5 |
| 6 | 3 | | | | | 8 | | |
| | | | 1 | | 6 | | | |
| | | | | | 5 | | | |
| 8 | 6 | 1 | | | | | | |
| 4 | 5 | | | | | | | 7 |
| | | | 8 | | | | | 3 |
| | | | 9 | | | 1 | | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 3 | 4 | 8 | 2 | 5 | 6 |
| 3 | 6 | 8 | 5 | 7 | 2 | 9 | 4 | 1 |
| 5 | 2 | 4 | 6 | 9 | 1 | 3 | 7 | 8 |
| 2 | 9 | 5 | 1 | 3 | 6 | 4 | 8 | 7 |
| 8 | 3 | 1 | 4 | 5 | 7 | 6 | 9 | 2 |
| 6 | 4 | 7 | 2 | 8 | 9 | 1 | 3 | 5 |
| 4 | 5 | 2 | 7 | 1 | 3 | 8 | 6 | 9 |
| 9 | 1 | 3 | 8 | 6 | 5 | 7 | 2 | 4 |
| 7 | 8 | 6 | 9 | 2 | 4 | 5 | 1 | 3 |

ଗତକାଲିର ଉତ୍ତର

# ମତ୍ସ୍ୟ ସମ୍ପଦ ଅଭିବୃଦ୍ଧି



ପ୍ରକାଶ ତ୍ରିପାଠୀ

ପୃଥିବୀରେ ଜୀବନ ସର୍ଜନା ଆରମ୍ଭରୁ ମତ୍ସ୍ୟ ସମ୍ପଦର ଉପସ୍ଥିତିକୁ ଉଭୟ ଜୀବ ବିଜ୍ଞାନୀ ଓ ଭଗବଦ୍‌ବିଶ୍ୱାସୀମାନେ ଗ୍ରହଣ କରନ୍ତି। ମାଛ ଏକ ସୁଷମ, ପୁଷ୍ଟିକର, ସହଜ ଉପଲବ୍ଧ ଓ ସ୍ୱାଦଯୁକ୍ତ ହୋଇଥିବାରୁ ଏବେ ବିଶ୍ୱରେ ମାଛ ଖାଉଥିବା ଲୋକଙ୍କ ସଂଖ୍ୟା ୧୦୦ କୋଟିରୁ ଉର୍ଦ୍ଧ୍ୱ ଓ ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ମାଛ ଖାଦ୍ୟ ଭାବେ ବ୍ୟବହୃତ ହୁଏ। ପ୍ରତ୍ୟେକ ବିକାଶଶୀଳ ଦେଶଗୁଡ଼ିକର ପ୍ରଗତି ପଛରେ ମତ୍ସ୍ୟ ସମ୍ପଦର ଭୂମିକା ଉଲ୍ଲେଖନୀୟ। ବିଶ୍ୱରେ ଆବଶ୍ୟକ ପଡୁଥିବା ପ୍ରାଣୀଜ ପ୍ରୋଟିନ୍‌ର ୨୫% କେବଳ ମାଛ ହିଁ ଭରଣା କରିଥାଏ। ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟ ସମ୍ପଦର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟ ଉତ୍ପାଦନରେ ବର୍ତ୍ତମାନ ବିଶ୍ୱରେ ଭାରତର ସ୍ଥାନ ଦ୍ୱିତୀୟ। ମତ୍ସ୍ୟ ସମ୍ପଦ ୧୪୫ ନିୟୁତ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛି। ଦେଶର ମୋଟ ଘରୋଇ ଉତ୍ପାଦନ (ଜିଡିପି)ରେ ଏହାର ଅବଦାନ ୧.୦୭% ଓ ବାର୍ଷିକ ରପ୍ତାନି ୪୦,୦୦୦ କୋଟି ଟଙ୍କାରୁ ଅଧିକ। ଭାରତୀୟ କୃଷିର ୫.୩ ଭାଗ ଅଧିକୃତ କରିଥିବା ମତ୍ସ୍ୟ ସମ୍ପଦ ଦେଶର ଖାଦ୍ୟ ନିରାପତ୍ତା ଯୋଗାଇବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବାର୍ଷିକ ୧୪ ନିୟୁତ ଟନ ମାଛ ଉତ୍ପାଦନ କରୁଥିବା ଭାରତରେ ଆଗାମୀ ଦୁଇବର୍ଷ ମଧ୍ୟରେ ଏହାକୁ ୨୦ ନିୟୁତ ଟନକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି ଓ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିପରି ଭାରତର ଅନ୍ୟତମ ଉପକୂଳ ରାଜ୍ୟ ଭାବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ମଧ୍ୟ ଏକ ଅଗ୍ରଣୀ ରାଜ୍ୟ। ୬.୮୬ ଲକ୍ଷ ହେକ୍ଟର ମଧୁର ଜଳକ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର, ୪୮୦ କିଲୋମିଟର ଉପକୂଳ କ୍ଷେତ୍ରର ଜଳ ସମ୍ପଦରୁ ବାର୍ଷିକ ୮.୭୩ ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦନ କରି ଦେଶରେ ଚତୁର୍ଥ ସ୍ଥାନରେ ରହିଛି। ବିଶ୍ୱସ୍ତରରେ ବ୍ୟକ୍ତି ପ୍ରତି ୧୬ କିଗ୍ରା ମାଛ ଖାଦ୍ୟ ରୂପେ ଗ୍ରହଣ କରୁଥିବା ବେଳେ ଭାରତରେ ଏହା ୯ କିଗ୍ରା।

ବିଶ୍ୱ ମତ୍ସ୍ୟ ଦିବସ ପ୍ରତିବର୍ଷ ନଭେମ୍ବର ୨୧ ତାରିଖରେ ପାଳନ କରାଯାଏ। କୋଟି କୋଟି ବିଶ୍ୱବାସୀଙ୍କୁ ଖାଦ୍ୟ ଯୋଗାଉଥିବା ଏକ ବିଶାଳ ଉତ୍ସ ସମୁଦ୍ରର ଗୁରୁତ୍ୱକୁ ଉପଲବ୍ଧି କରିବା ତଥା ବିଗତ ବର୍ଷର ମାଛଧରା କାର୍ଯ୍ୟକ୍ରମର ପୋଷଣୀୟ ପରିଚାଳନା କେତେଦୂର କାର୍ଯ୍ୟକାରୀ ହୋଇଛି ଓ ଆଗାମୀ ବର୍ଷ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରିବା ହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ବିଶ୍ୱ ଅର୍ଥନୀତି, ପୁଷ୍ଟିକର ଖାଦ୍ୟ, ନିଯୁକ୍ତି ଓ ସର୍ବୋପରି ପରିବେଶ ପ୍ରତି ମତ୍ସ୍ୟ ସମ୍ପଦର ଅବଦାନ ଏବଂ ଏହାର ଗୁରୁତ୍ୱ ନିଦର୍ଶନ ପାଇଁ ଏହି ଦିବସ ପାଳନ ଏକ ଯଥାର୍ଥ ପଦକ୍ଷେପ। ବିଶ୍ୱ ମତ୍ସ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବିଶ୍ୱରେ ଥିବା ପ୍ରାକୃତିକ ଜଳଉତ୍ସ ଯଥା ସମୁଦ୍ର, ମଧୁରଜଳ ଓ କ୍ଷାରିଜଳରେ ଥିବା ମତ୍ସ୍ୟ ସମ୍ପଦର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା। ବ୍ୟାପକ ମତ୍ସ୍ୟଚାଷ ସତ୍ତ୍ୱେ ବି ପ୍ରାକୃତିକ ଜଳଉତ୍ସରୁ ମାଛ ଧରାଯାଇ ଚାହିଦା ପୂରଣ କରାଯାଉଥିବାରୁ ପ୍ରାକୃତିକ ଜଳଉତ୍ସଗୁଡିକର ପୋଷଣୀୟ ପରିଚାଳନାର ଆବଶ୍ୟକତା ରହିଛି। ସମୁଦ୍ର, ନଦୀ, ହ୍ରଦ, ନଦୀମୁହାଣ, ଆର୍ଦ୍ରଭୂମି, କୋରାଲ ରିଫ ଉପରେ ଆଗାମୀ ଦିନରେ ଅଧିକ

### ବିଶ୍ୱ ମତ୍ସ୍ୟ ଦିବସ ଉପଲକ୍ଷେ

ଚାପ ରହିବ। ଏହା ଉପରେ ହିଁ ନିୟୁତ ନିୟୁତ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକା ନିର୍ଭର କରିଥାଏ। ଏହି ପ୍ରାକୃତିକ ଜଳଉତ୍ସର ନ୍ୟାୟସଙ୍ଗତ ଓ ପୋଷଣୀୟ ପରିଚାଳନା ସହ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଜୀବିକାକୁ ବିଚାର କରିବାକୁ ପଡ଼ିଥାଏ। ପ୍ରାକୃତିକ ଜଳଉତ୍ସର ମତ୍ସ୍ୟ ସମ୍ପଦର ସୁପରିଚାଳନା ତଥା ଏହାର ବଂଶ ବୃଦ୍ଧି ଓ ସାସ୍ଥ୍ୟକର ପରିବେଶ ସୃଷ୍ଟି ପାଇଁ ବର୍ତ୍ତମାନ ବିଶ୍ୱ ମତ୍ସ୍ୟ ନୀତିରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ। ଏହା ହିଁ ବିଶ୍ୱ ମତ୍ସ୍ୟ ଦିବସର ଆହ୍ୱାନ।

ବିଶ୍ୱର ପ୍ରତି ଦଶ ଜଣରେ ଜଣେ ମଣିଷ ନିଜ ପରିବାର ଭରଣପୋଷଣ ପାଇଁ ଜଳକୃଷି ତଥା ମତ୍ସ୍ୟ ସମ୍ପଦ ଉପରେ ନିର୍ଭର କରିଥାଏ। ଏହା ସହ ମତ୍ସ୍ୟକ୍ଷେତ୍ରରେ ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି, ସେମାନଙ୍କ ରୋଜଗାର ଓ ଜୀବିକା ସୁନିଶ୍ଚିତ ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଉଭୟ ପ୍ରାକୃତିକ ଜଳଉତ୍ସ, ମତ୍ସ୍ୟ ସମ୍ପଦ, ମତ୍ସ୍ୟଜୀବୀଙ୍କ ଜୀବିକା ସୁରକ୍ଷା ପାଇଁ ସଚେତନତା ତଥା ବିଶ୍ୱ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଏ। ଏହି ଦିବସ ପାଳନ କେବଳ ମତ୍ସ୍ୟ ଉତ୍ସ, ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଆଲୋକପାତ କରିବାରେ ସୀମିତ ନୁହେଁ, ମତ୍ସ୍ୟ ବିବିଧତାର ପରିମାଣ ଦ୍ୱାରା ଜଳଉତ୍ସର ମାନ ବି ନିର୍ଦ୍ଧାରଣ କରାଯିବା ଉଚିତ। ଜଳବାୟୁ ପରିବର୍ତ୍ତନ, ଜଳ ପ୍ରଦୂଷଣ ଯୋଗୁ ନଦୀ, ହ୍ରଦ ଓ ସମୁଦ୍ରରେ ମାଛଙ୍କ ଗଣମୃତ୍ୟୁ ଗତ କିଛି ବର୍ଷ ହେବ ସୂଚିତ କରେ ଯେ, ମାଛ ବସତି ଅଞ୍ଚଳଗୁଡିକର ମାନ ଠିକ୍ ନାହିଁ। ଯଦି ଏହା ପ୍ରତି ଗୁରୁତ୍ୱ ଦିଆ ନ ଯାଏ, ତେବେ ଭବିଷ୍ୟତରେ ବିଶ୍ୱ ଏକ ଗୁରୁତର ଖାଦ୍ୟସଙ୍କଟ ଦିଗକୁ ମୁହାଁଇବ। ବିଶେଷକରି ଶିଳ୍ପକ୍ଷେତ୍ର, କୃଷିକ୍ଷେତ୍ର, ଘରୋଇ ତଥା ସହରର ବର୍ଜ୍ୟଜଳ ନିଷ୍କାସନ ତଥା ତୈଳ ଓ ପ୍ଲାଷ୍ଟିକ ଯୋଗୁ ଉପକୂଳ ସମୁଦ୍ରର ଜଳ ବହୁମାତ୍ରରେ ପ୍ରଦୂଷିତ ହେଉଛି। ଏହା ମାଛବଂଶ ପ୍ରତି ସଙ୍କଟ ସୃଷ୍ଟି କରୁଛି। ମାଛ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ମତ୍ସ୍ୟଜୀବୀଙ୍କ ଜୀବିକା ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେଉଛି।

ବିଶ୍ୱର ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ସମୁଦ୍ର ଉପରେ ଚାପ ବଢିବାରେ ଲାଗିଛି। ଆବଶ୍ୟକତାଠାରୁ ଅଧିକ ମାଛ ଧରାହେଉଛି। ଜାତିସଂଘ ତଥ୍ୟ ଅନୁଯାୟୀ ସମୁଦ୍ର ଓ ଅନ୍ୟାନ୍ୟ ପ୍ରାକୃତିକ ଜଳଉତ୍ସଗୁଡ଼ିକର ଦୁଇ ତୃତୀୟାଂଶରେ ମାତ୍ରାଧିକ ମାଛ ଧରାଯାଉଛି। ଏକ ତୃତୀୟାଂଶ ଅଞ୍ଚଳରେ ପ୍ରଦୂଷଣ, ବିଶ୍ୱତାପନ ଓ ଅସ୍ୱାସ୍ଥ୍ୟକର ମାଛ ବସତି ଅଞ୍ଚଳ ଯୋଗୁ ମାଛବଂଶ ବୃଦ୍ଧି ଆଶାନୁରୂପ ହୋଇ ପାରୁନାହିଁ। ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଏସବୁ ଉପରେ ଗୁରୁତ୍ୱ ପ୍ରଦାନ ସହ ମତ୍ସ୍ୟ ବିବିଧତା, ମାଛ ବସତି ଅଞ୍ଚଳର ସୁରକ୍ଷା, ସାମୁଦ୍ରିକ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଯିବା ସହ ପ୍ରାକୃତିକ ଜଳଉତ୍ସଗୁଡ଼ିକୁ ଉତ୍ପାଦନକ୍ଷମ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ। ପ୍ରାକୃତିକ ଜଳଉତ୍ସରେ ଜୈବ ବିବିଧତାର ସୁରକ୍ଷା ଲୋଡ଼ା। ସମୁଦ୍ରରେ ମାଛବଂଶର ଅଭିବୃଦ୍ଧି ନିମନ୍ତେ ଅଧିକରୁ ଅଧିକ ମାଛଧରା ନିଷିଦ୍ଧାଞ୍ଚଳ ଘୋଷଣାର ଆବଶ୍ୟକତା ରହିଛି। ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସମୟରେ ଓ ମାଛବଂଶ ବୃଦ୍ଧି ପାଇଁ ପ୍ରଜନନ ସମୟରେ ମାଛଧରା ଉପରେ କଟକଣା ଲାଗୁ କରାଯାଏ। ଏଥିପାଇଁ କ୍ଷତି ସହୁଥିବା ମତ୍ସ୍ୟଜୀବୀଙ୍କୁ ସରକାର ଜୀବିକା ସହାୟତା ପ୍ରଦାନ କରୁଛନ୍ତି। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମାଛଧରା ନିଷିଦ୍ଧାଞ୍ଚଳ ତଥା ମତ୍ସ୍ୟ ସମ୍ବନ୍ଧୀୟ ସୂଚନା ଜାଣିବା ପାଇଁ ଓ ସରକାରଙ୍କ ପକ୍ଷରୁ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ପାଇଁ ଏକ ମୋବାଇଲ ଆପ୍ ପ୍ରସ୍ତୁତ ହୋଇଛି। ଏହା ମତ୍ସ୍ୟଜୀବୀଙ୍କ ପାଇଁ ଅତି ଉପାଦେୟ ସାବ୍ୟସ୍ତ ହୋଇପାରିଛି। ଜଳଭଣ୍ଡାରଗୁଡ଼ିକରେ ଉନ୍ନତ ମାଛ ଯାଆଁଳ ଛଡ଼ାଯିବା ସହ ମାଛ ଉତ୍ପାଦନ ବୃଦ୍ଧି ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ପରିବାରଗୁଡ଼ିକର ଆର୍ଥିକ ବିକାଶ ଉପରେ ପଦକ୍ଷେପ ନିଆଯାଉଛି। ଫଳରେ ଓଡ଼ିଶାରେ ଜଳସେଚନ ପାଇଁ ପ୍ରମୁଖ ଭୂମିକା ନେଇ ଆସୁଥିବା ୧୩୮ ଗୋଟି ଜଳଭଣ୍ଡାରର ୨ ଲକ୍ଷ ହେକ୍ଟର ପରିମିତ ଅଞ୍ଚଳରେ ମାଛ ଯାଆଁଳ ଓ ମାଛବଂଶ ବୃଦ୍ଧି ସମ୍ଭବ ହୋଇପାରିଛି। ମାଛ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଛି। ସେହିପରି ମହାନଦୀରେ ମାଛ ଯାଆଁଳ ଓ ମାଛ ବୃଦ୍ଧି କରାଯାଇ ଏହା ଉପରେ ନିର୍ଭର କରୁଥିବା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକାକୁ ସୁନିଶ୍ଚିତ ପାଇଁ ପଦକ୍ଷେପ ନିଆଯାଉଛି। ମହିଳାମାନଙ୍କ ଆର୍ଥିକ ବିକାଶ ଘଟାଇବା ସହ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ଲକ୍ଷ୍ୟରେ ରାଜ୍ୟରେ ଥିବା ଗ୍ରାମ ପଞ୍ଚାୟତ ପୋଖରୀକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଦୀର୍ଘ ମିଆଦୀ ସୂତ୍ରରେ ଲିଜ୍ ଦିଆଯାଇ ମାଛଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡିକୁ ପୁନଃକ୍ଷମ କରିବା ତଥା ଏହାର ସଭ୍ୟାସଭ୍ୟମାନଙ୍କ ଆର୍ଥିକ ବିକାଶ ଲକ୍ଷ୍ୟରେ ୨ ଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ତଥା ରାଜ୍ୟର ବିଭିନ୍ନ କଲ୍ୟାଣମୂଳକ ଯୋଜନା ମାଧ୍ୟମରେ ନୂତନ ପୋଖରୀ ଖନନ, ଭିତ୍ତିଭୂମିର ବିକାଶ, ଉନ୍ନତ ଜ୍ଞାନ କୌଶଳଯୁକ୍ତ ମାଛଚାଷ ପାଇଁ ପ୍ରୋତ୍ସାହନ ଓ ତାଲିମ ପ୍ରଦାନ, ମାଛଚାଷରେ ବ୍ୟବହୃତ ଉପକରଣ ପ୍ରଦାନ, ସେମାନଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ମେଧାବୃତ୍ତି ପ୍ରଦାନ, ମତ୍ସ୍ୟଜୀବୀ ପରିବାରକୁ ବୀମାଭୁକ୍ତ କରିବା ଆଦି କାର୍ଯ୍ୟକ୍ରମ ମାଛଚାଷ ପ୍ରତି ସାଧାରଣରେ ଆଗ୍ରହ ବୃଦ୍ଧି କରୁଛି। ଜଳସମ୍ପଦ, ମତ୍ସ୍ୟ ସମ୍ପଦ, ମତ୍ସ୍ୟ ବିବିଧତା ସୁରକ୍ଷା ସହ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷ, ସଙ୍ଗଠନ, ଉଦ୍ୟୋଗୀଙ୍କ ବିକାଶକୁ ଦୃଷ୍ଟି ଦିଆଯାଇ ପାରିଲେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଯଥାର୍ଥ ହୋଇପାରିବ।

ମୋ–୯୪୩୭୨୩୨୪୬୩

# ଆଇନ କୂଟନୀତିଜ୍ଞ

ଜାତିସଂଘ ସାଧାରଣ ସଭା ଦ୍ୱାରା ୧୯୪୭ରେ ଅନ୍ତର୍ଜାତୀୟ ଆଇନ କମିଶନ (ଆଇଏଲ୍‌ସି) ଗଠନ କରାଯାଇଥିଲା। ଅନ୍ତର୍ଜାତୀୟ ଆଇନର ପ୍ରଗତିଶୀଳ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଏହା କାର୍ଯ୍ୟ କରିଆସୁଛି। ଏବର କାର୍ଯ୍ୟକ୍ରମ ଦେଖିଲେ ଏହା ବିଭିନ୍ନ ପ୍ରକାର ଚୁକ୍ତି, ପରିବେଶ ଓ ବାତାବରଣର ସୁରକ୍ଷା, ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସମୁଦ୍ର ସ୍ତର ନିୟନ୍ତ୍ରଣ, ସାଧାରଣ ଅନ୍ତର୍ଜାତୀୟ ଆଇନ ଅଲଂଘନୀୟ ନିୟମ ଆଦି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୃଷ୍ଟିପାତ କରୁଛି। ଅନ୍ତର୍ଜାତୀୟ ଆଇନ ଉପରେ ଦକ୍ଷତା ଅର୍ଜନ କରିଥିବା ୩୪ ଜଣ ଅଭିଜ୍ଞ ବ୍ୟକ୍ତି କମିଶନର ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ଏଭଳି ଏକ ସଂସ୍ଥାକୁ ଗୁଜରାଟସ୍ଥିତ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିମଳ ପଟେଲ ପାଞ୍ଚ ବର୍ଷ ପାଇଁ ନିର୍ବାଚିତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଯେତିକି ଚର୍ଚ୍ଚିତ ହୋଇଛି, ଭାରତ ପ୍ରତି ଅନ୍ୟ ରାଷ୍ଟ୍ରଗୁଡ଼ିକର ଆସ୍ଥା ଅଧିକ ରହିଥିବା ଦେଖିବାକୁ ମିଳିଛି। କାରଣ ୧୯୨ ସଦସ୍ୟ ରାଷ୍ଟ୍ର ମଧ୍ୟରୁ ୧୬୩ ଭୋଟ ପାଇ ବିମଳ ଏଭଳି ମର୍ଯ୍ୟାଦାଜନକ ପଦ ହାସଲ କରିଛନ୍ତି।

ବ୍ୟକ୍ତିତ୍ୱ



ବିମଳ ପଟେଲ

ବିମଳଙ୍କ ଶିକ୍ଷା ଓ କ୍ୟାରିୟରକୁ ଦେଖିଲେ ଆଇନ ଉପରେ ତାଙ୍କ ବହୁ ଅଭିଜ୍ଞତା ରହିଛି। ଗୁଜରାଟ କୃଷି ବିଶ୍ୱବିଦ୍ୟାଳୟରୁ କୃଷି ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ସେ ନରୱେର ଓସ୍‌ଲୋ ବିଶ୍ୱବିଦ୍ୟାଳୟରୁ ଅନ୍ତର୍ଜାତୀୟ ସମ୍ପର୍କ ଓ ବହିର୍ବ୍ୟାପାର ନୀତି ଉପରେ ପୋଷ୍ଟ ଗ୍ରାଜୁଏଟ୍ ସମର ସ୍କୁଲ ସାର୍ଟିଫିକେଟ୍ ଗ୍ରହଣ କରିଥିଲେ। ନେଦରଲାଣ୍ଡସ୍‌ର ହେଗ୍‌ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସରୁ ପୋଷ୍ଟଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ଇଣ୍ଟରନ୍ୟାଶନାଲ ରିଲେସନ୍ସ ଆଣ୍ଡ୍ ଡେଭଲପମେଣ୍ଟ ଡିଗ୍ରୀ ଅର୍ଜନ କରିଥିବା ବିମଳ ଲେଇଡେନ୍ ବିଶ୍ୱବିଦ୍ୟାଳୟରୁ ଅନ୍ତର୍ଜାତୀୟ ଆଇନ ଉପରେ ଏଲ୍‌ଏଲ୍‌ଏମ୍ କରିଥିଲେ। ଇଣ୍ଟରନ୍ୟାଶନାଲ ଲ' ଆଣ୍ଡ୍ ଗଭର୍ନାନ୍ସରେ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରି ସେ ବିଶ୍ୱସ୍ତରରେ ଅନେକ ବଡ଼ ସଂସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ୧୯୯୫ରୁ ୨୦୦୯ ଯାଏ ହେଗ୍‌ସ୍ଥିତ ଅର୍ଗାନାଇଜେଶନ ଫର୍ ଦି ପ୍ରୋହିବିଶନ ଅଫ୍ କେମିକାଲ ୱେପନ୍ସ (ଓପିସିଡବ୍ଲ୍ୟୁ)ରେ କାର୍ଯ୍ୟ କରିଥିଲେ। ଏପରି କି ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ଆଇନ ଉପରେ ଗବେଷଣା କରିଥିଲେ। ଆଇନ ସଂକ୍ରାନ୍ତ ଅନେକ ପୁସ୍ତକ ରଚନା ସହ ସମ୍ପାଦନ କରିଥିବା ବିମଳ ବହୁ ଅନ୍ତର୍ଜାତୀୟ ଜର୍ନାଲରେ ଗବେଷଣାତ୍ମକ ଲେଖା ପ୍ରକାଶ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଜାତିସଂଘର ବିଭିନ୍ନ ଶାଖା ସହ ବିଶ୍ୱର ଅନେକ ସରକାରୀ ସଂସ୍ଥା ଲାଗି ଆଇନ ସମ୍ବନ୍ଧୀୟ ଶିକ୍ଷାଗତ ତଥା ଗବେଷଣାତ୍ମକ ପ୍ରକଳ୍ପ ସକାଶେ ଡିଜାଇନ୍ ଦେବା ସହ ତାହାର କାର୍ଯ୍ୟକାରିତାରେ ସଫଳ ଯୋଗଦାନ କରିଆସିଛନ୍ତି। ଅନ୍ତର୍ଜାତୀୟ ଆଇନ ଓ କୂଟନୀତି ଗବେଷକ ଭାବେ ବିମଳଙ୍କୁ ବିଭିନ୍ନ ସମୟରେ ଆଇସିଜେ, ଇଣ୍ଟରନ୍ୟାଶନାଲ ଟ୍ରିବ୍ୟୁନାଲ ଫର୍ ଦି ଲ' ଅଫ୍ ଦି ସି (ଆଇଟିଏଲ୍‌ଓଏସ୍), ଇଣ୍ଟରନ୍ୟାଶନାଲ କ୍ରିମିନାଲ ଟ୍ରିବ୍ୟୁନାଲ ଫର୍ ଫର୍ମର ଯୁଗୋସ୍ଲୋଭିଆ (ଆଇସିଟିୱାଇ) ଏବଂ ଇଣ୍ଟରନ୍ୟାଶନାଲ ଲେବର ଅର୍ଗାନାଇଜେଶନ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (ଜେନେଭା)ରେ ପ୍ରମୁଖ ଭୂମିକା ନିର୍ବାହ କରିବାର ସୁଯୋଗ ମିଳିଥିଲା।

ସ୍ୱଦେଶରେ ଆଇନ କ୍ଷେତ୍ରକୁ ବିମଳଙ୍କ ଅବଦାନ ମଧ୍ୟ ଅନସ୍ୱୀକାର୍ଯ୍ୟ। ସେ ଗୁଜରାଟ ଆଇନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଥିଲେ। ୨୧ତମ ଭାରତୀୟ ଆଇନ କମିଶନ ଓ ନ୍ୟାଶନାଲ ସିକ୍ୟୁରିଟି ଆଡ୍‌ଭାଇଜରି ବୋର୍ଡ ଅଫ୍ ଇଣ୍ଡିଆର ସଦସ୍ୟ ରହିଛନ୍ତି। ଜାତିସଂଘ ନିରାପତ୍ତା ପରିଷଦ ୨୦୨୧–୨୨ ଅବଧି ପାଇଁ ଭାରତର ସଦସ୍ୟତା ଲାଗି ଭାରତ ପକ୍ଷରୁ କରାଯାଉଥିବା କାର୍ଯ୍ୟକୁ ମାର୍ଗଦର୍ଶନ ଦେବାରେ ସେ ଅନ୍ୟତମ ଶିକ୍ଷା ସମ୍ବନ୍ଧୀୟ ଉପଦେଷ୍ଟା ଅଛନ୍ତି। ଏଥିସହିତ ବିମଳ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଆର୍ଥିକ ଓ ବହିର୍ବ୍ୟାପାର ସଂକ୍ରାନ୍ତ ସଂସ୍ଥାରେ ଆଇନ ପରାମର୍ଶ ଦେଇ ଜଣେ ଆଇନ କୂଟନୀତିଜ୍ଞ ହୋଇପାରିଛନ୍ତି। ଏବେ ଅନ୍ତର୍ଜାତୀୟ ଆଇନ କମିଶନରେ ସେ ସ୍ଥାନ ପାଇଥିବାରୁ ଭାରତର ସ୍ୱର ବିଶ୍ୱ ମଞ୍ଚରେ ଠିକ୍ ଭାବେ ପହଞ୍ଚିପାରିବ ବୋଲି କୁହାଯାଉଛି। ଏଥିସହିତ ଅନ୍ତର୍ଜାତୀୟ ଆଇନ ଉପରେ ତାଙ୍କର ଅଗାଧ ଦକ୍ଷତା ଆଇଏଲ୍‌ସିକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଶା କରାଯାଉଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମଲିହାବାଦ୍‌ର ଏକ ଆମ୍ବବଗିଚା ଦେଇ ସକାଳେ କିମ୍ବା ସନ୍ଧ୍ୟାବେଳେ ଯିବା ସମୟରେ ବକ୍ସରଙ୍କ ପଞ୍ଚିଂ ଶବ୍ଦ ଶୁଣିପାରିବେ। ଏହି ବଗିଚାର ମାଲିକ ହେଉଛନ୍ତି ମହମ୍ମଦ ସୈଫ ଖାନ୍। ପେସାରେ ସେ ଜଣେ ଆମ୍ବଚାଷୀ ଓ ଭଲ ବକ୍ସର। ଏବେ ସୈଫଙ୍କ ବୟସ ୪୭। ତାଙ୍କର ୨ ଏକର ବିଶିଷ୍ଟ ଆମ୍ବବଗିଚାକୁ ସେ ବକ୍ସିଂ ପ୍ରଶିକ୍ଷଣ କେନ୍ଦ୍ର କରିଛନ୍ତି। ଆମ୍ବଗଛରେ ଝୁଲୁଥିବା ବ୍ୟାଗ୍‌କୁ ପିଲାମାନେ ପଞ୍ଚିଂ କରନ୍ତି। ୨୦୦୬ରୁ ସେ ଏଯାବତ ୮୭ ଜଣ ଝିଅ ଓ ୧୮ ପୁଅଙ୍କୁ ବକ୍ସିଂ ଶିକ୍ଷା ଦେଇ ସାରିଲେଣି। ସେମାନଙ୍କ ମଧ୍ୟରୁ କେତେକ ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି। କଲେଜରେ ପଢ଼ିବାବେଳେ ସୈଫ ଲକ୍ଷ୍ନୌରେ ଜଣେ ଜାତୀୟ କୋଚ୍‌ଙ୍କଠାରୁ ବକ୍ସିଂ ଶିକ୍ଷା ନେଇ ଜିଲା ଏବଂ ରାଜ୍ୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ସେହି ଅଭିଜ୍ଞତାକୁ ଆଧାର କରି ସେ ମାଗଣାରେ ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ଓ ବକ୍ସିଂ ଶିକ୍ଷା ଦେଉଛନ୍ତି। ୧୫ ବର୍ଷ ହେବ ସେ ଏହି କାର୍ଯ୍ୟ କରି ଆସୁଛନ୍ତି ଏବଂ ଆମ୍ବବଗିଚାର ଆୟରୁ ପିଲାମାନଙ୍କ କିଟ୍, ଖାଇବା ଖର୍ଚ୍ଚ ତୁଲାଉଛନ୍ତି। ଏଥିପାଇଁ ସେ 'ଜୋଶ ଏକାଡେମୀ ସମିତି' ମଧ୍ୟ ଗଠନ କରିଛନ୍ତି। ସୈଫ ଏବେ ଏକ ଆଧୁନିକ ପ୍ରଶିକ୍ଷଣ କେନ୍ଦ୍ର କରିବା ଲାଗି ଜାଗା ଠିକ୍ କରିଛନ୍ତି ଓ ଏଥିପାଇଁ ତାଙ୍କୁ ତିନୋଟି ଏନ୍‌ଜିଓ ସହଯୋଗର ହାତ ବଢ଼ାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ନଭେମ୍ବର ୧୯୯୬

- ଆମେରିକାର ଇଲିନୟ ପଶ୍ଚିମାଞ୍ଚଳ କୁଇନ୍‌ସି ଉପକଣ୍ଠ ବାଲ୍‌ଡୱିନ୍ ବିମାନବନ୍ଦର ରନ୍‌ୱେରେ ଏକ ଘରୋଇ ବିମାନ ସହ ଅନ୍ୟ ଏକ ବିମାନ ମୁହାଁମୁହିଁ ଧକ୍କା ଲାଗିବା ଫଳରେ ୧୩ ମୃତ।
- ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ରାଜ୍ୟ ସଭାରେ ମିଳିତ ସାମ୍ମୁଖ୍ୟ ସଂସଦୀୟ ଦଳର ନେତା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

କେଉଁ ମାଟିତଳ ଶୁଖିଲା ବାଲି ରୋଧିଲା ଚାଲି
କେଉଁ ପାଷାଣ ସେ ରକତ ଲୋଡ଼ିଲା ହେବାକୁ ନାଲି।
କେଉଁଠାରୁ ଆଉ ନ ଚଳିଲା ପାଦ ରହିଲା ସ୍ଥିର
ହେ ମୋର ଦେଶର ପରମ ଯୋଦ୍ଧା ଯୁଧିଷ୍ଠିର!
(ରକ୍ତ–ସ୍ରୋତ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଧଳାଜହର ଚେର ଭିତରକୁ ଗଲାଣି

ମହାଶୟ,

ଉତ୍ତର ଓଡ଼ିଶା ଧଳାଜହର ବା ହେରୋଇନ୍‌ର ପେଣ୍ଠସ୍ଥଳ ପାଲଟିଥିବା ବେଳେ ରାଜ୍ୟର ସମସ୍ତ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ କାୟାବିସ୍ତାର କରି ଏବେ ଆଭ୍ୟନ୍ତରୀଣ ଓଡ଼ିଶା ଆଡ଼କୁ ଅଗ୍ରସର ହେଉଛି। ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କାର ମାଲ ଜବତ କଥା ପୋଲିସ କହୁଥିଲେ ହେଁ କଥାଟି ଅର୍ଦ୍ଧସତ୍ୟ। ପଞ୍ଜାବ ଭଳି ଓଡ଼ିଶାରେ ସେତେ ପରିମାଣର ଧନାଢ୍ୟ ନିଶାଡ଼ି ନାହାନ୍ତି। ସହରାଞ୍ଚଳରେ ନିଶାଡିମାନେ ଲୋକଙ୍କ ଘରବାଡ଼ି ଓ ବ୍ୟବସାୟ ପ୍ରତିଷ୍ଠାନରୁ ଲୁହାଲକଡ଼ ଆଉ ଏସି ପଛପଟେ ଥିବା ତମ୍ବାତାର ଚୋରି କରି କବାଡ଼ିଆଙ୍କୁ ବିକି ନିଶା ଖର୍ଚ୍ଚ ଉଠାଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ପୋଲିସ ହାବୁଡ଼ରେ ପଡୁଛନ୍ତି। ପୋଲିସ ଗରାଖ ସାଜି ନିଶା ବେପାରୀମାନଙ୍କୁ ମଧ୍ୟ କାବୁ କରୁଛି। ଚରସ ହେରୋଇନ ଭଳି କ୍ଷତିକାରକ ନିଶାପାଲରେ ପଡ଼ି ଅନେକଙ୍କ ଘର ସଂସାର ଉଜୁଡ଼ି ଗଲାଣି। ଘରର ମହିଳା ଓ ଶିଶୁ କଷଣ ସହୁଛନ୍ତି। ଅନେକ କଲେଜ ଛାତ୍ର ଆଗେ ନିଶାଡ଼ି ପରେ ବେପାରୀ ସାଜିବା ଚିନ୍ତାଜନକ ବିଷୟ। ପୋଲିସ ଯେତେବେଳେ ଯେଉଁ ଅଞ୍ଚଳରେ ଧରପଗଡ଼ ଜୋରଦାର କରୁଛି, ସେହି ଅଞ୍ଚଳରେ ବ୍ଲାକ୍‌ରେ ବିକ୍ରି ହେଉଥିବା ଧଳାଜହର ଚେର ଭିତରକୁ ଚାଲିଯାଇଥିବା ଦେଖାଯାଉଛି। ଅଣଓଡ଼ିଆ ମହିଳାମାନେ ରାଜ୍ୟ ଭିତରକୁ ଧଳାଜହର ପ୍ରବେଶ କରାଉ ଥିବାରୁ ତାହାର ମୁକାବିଲା କରିବା ଏବେ ପୋଲିସ ପାଇଁ କାଠିକର ପାଠ।

– ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# LEGAL NOTICE

**ନୋଟିସ**

ମାନ୍ୟବର ଅତିରିକ୍ତ କମିଶନର ନଂ.– ୩ ଇଜିଲାସ, ଚତୁର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର ଓ.ଏସ.ଏସ ନଂ.– ୧୨୫୨/୨୦୧୮, ଓ. ଏସ.ଏସ ନଂ.– ୧୨୫୩/୨୦୧୮, ଓ ଏସ.ଏସ. ନଂ.– ୧୨୫୪/୨୦୧୮, ଓ.ଏସ.ଏସ. ନଂ.– ୧୨୫୫/୨୦୧୮

ସୌମ୍ୟ ରଞ୍ଜନ ବିଶ୍ୱାଳ ......ବାଦୀ

**ବନାମ**

ତହସିଲଦାର, ଭୁବନେଶ୍ୱର, ଓଗେର ......ପ୍ରତିବାଦୀ

**ନୋଟିସ ଅର୍ଡର–୫ ରୁଲ–୨୦ C.P.C. ମୁତାବକ**

୧. ବାଇନ ମହାପାତ୍ର, ପିତା– ଭ୍ରମର ମହାପାତ୍ର, ସା– ପଥରଗଡ଼ିଆ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। ୨. କାଞ୍ଚନ ବେହେରା, ସ୍ୱାମୀ– ଧରମୁଁ ବେହେରା, ସା– ବେନୋଗଡ଼ିଆ, ପୋ– କଲ୍ୟାଣପୁର, ଥାନା– ନନ୍ଦନକାନନ, ଜିଲ୍ଲା– ଖୋର୍ଦ୍ଧା। ୩. ରାଧାମଣୀ ଦାସ, ସ୍ୱାମୀ– ବାଇଧର ଦାସ, ପିତା– ଭ୍ରମର ମହାପାତ୍ର, ସା/ପୋ– ଭୋଳା, ଥାନା–ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। ୪. ରାଧୁ ବେହେରା, ପି– ଭୋବନି ବେହେରା। ୫. ଶୈଳବାଳା ବେହେରା, ସ୍ୱାମୀ– ମଧୁ ବେହେରା। ୬. ରେଣୁବାଳା ବେହେରା। ୭. ମହିମା ବେହେରା। ୮. ରଞ୍ଜନ ବେହେରା, କ୍ରମିକ ନଂ. ୬ରୁ ୮ ପିତା– ମଧୁ ବେହେରା, ସା–ପଥରଗଡ଼ିଆ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। ୯. ପ୍ରମିଳା ବେହେରା, ସ୍ୱାମୀ– କେଲୁ ବେହେରା, ମାତା ଓ ପିତା– ବାଉରୀ ବେୱା ଓ ଗୋଲଖ ବେହେରା, କ୍ରମିକ ନଂ.– ୪ରୁ ୯ ସା– ପଥରଗଡ଼ିଆ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। ୧୦. ଦିଗାମ୍ବର ମଲ୍ଲ, ପିତା– କୃଷ୍ଣଚନ୍ଦ୍ର ମଲ୍ଲ, ସା–ବଲ୍ଲବପୁର, ଥାନା– ସାଲେପୁର, ଜିଲ୍ଲା– କଟକ

ଏତଦ୍ୱାରା ଉପରୋକ୍ତ ସମସ୍ତ କେସ୍‌ରେ ପ୍ରତିବାଦୀ ନଂ.–୬ରୁ ୮, ୧୦ ରୁ ୧୪, ୧୬ ଓ ୧୭ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.–୩ ଇଜିଲାସ ଚତୁର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା. ୧୧।୦୧।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

**ଜମିର ବିବରଣୀ (ଓ.ଏସ.ଏସ. ନଂ.– ୧୨୫୨/୨୦୧୮)**

ମୌଜା– ପଥରଗଡ଼ିଆ, ତହସିଲ– ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ସାବିକ ଖାତା ନଂ.– ୨୪୭, ସାବିକ ପ୍ଲଟ୍ ନଂ.–୧୩୯୧, ଏରିଆ– ଏ୧.୦୫୦ ଡିସିମିଲ ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ– ଏ୦.୦୪୪ ଡିସିମିଲ ହାଲ ଖାତା ନଂ.–୧୩୪୪, ହାଲ ପ୍ଲଟ୍ ନଂ.–୬୩୦୩, ଏରିଆ– ଏ୦.୧୪୦ ଡିସିମିଲ।

**ଜମିର ବିବରଣୀ (ଓ.ଏସ.ଏସ ନଂ.–୧୨୫୩/୨୦୧୮)**

ମୌଜା– ପଥରଗଡ଼ିଆ, ତହସିଲ–ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ସାବିକ ଖାତା ନଂ.–୨୪୭, ସାବିକ ପ୍ଲଟ୍ ନଂ.–୧୩୯୧, ଏରିଆ– ଏ୧.୦୫୦ ଡିସିମିଲ ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ– ଏ୦.୦୪୪ ଡିସିମିଲ ହାଲ ଖାତା ନଂ.– ୧୩୪୪, ହାଲ ପ୍ଲଟ୍ ନଂ.–୬୩୦୩, ଏରିଆ– ଏ୦.୧୪୦ ଡିସିମିଲ।

**ଜମିର ବିବରଣୀ (ଓ. ଏସ.ଏସ. ନଂ.–୧୨୫୪/୨୦୧୮)**

ମୌଜା– ପଥରଗଡ଼ିଆ, ତହସିଲ–ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ସାବିକ ଖାତା ନଂ.–୨୪୭, ସାବିକ ପ୍ଲଟ୍ ନଂ.–୧୩୯୧, ଏରିଆ– ଏ୧.୦୫୦ ଡିସିମିଲ ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ– ଏ୦.୦୪୪ ଡିସିମିଲ ହାଲ ଖାତା ନଂ.– ୧୩୪୪, ହାଲ ପ୍ଲଟ୍ ନଂ.– ୬୩୦୩, ଏରିଆ– ଏ୦.୧୪୦ ଡିସିମିଲ।

**ଜମିର ବିବରଣୀ (ଓ.ଏସ.ଏସ. ନଂ.– ୧୨୫୫/୨୦୧୮)**

ମୌଜା– ପଥରଗଡ଼ିଆ, ତହସିଲ– ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା ସାବିକ ଖାତା ନଂ.–୨୪୭, ସାବିକ ପ୍ଲଟ୍ ନଂ.– ୧୩୯୧, ଏରିଆ–ଏ୧.୦୫୦ ଡିସିମିଲ ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ– ଏ୦.୧୩୦ ଡିସିମିଲ ହାଲ ଖାତା ନଂ.– ୧୩୪୪, ହାଲ ପ୍ଲଟ୍ ନଂ.– ୬୩୦୫, ଏରିଆ– ଏ୦.୦୭୦ ଡିସିମିଲ ହାଲ ପ୍ଲଟ୍ ନଂ.–୬୩୦୬, ଏରିଆ– ଏ୦.୧୦୦ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./– ସହକାରୀ ଅଧିକାରୀ
ଧ–୭୧୬୦୩

**ନୋଟିସ**

ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ, ଚତୁର୍ଥ ମହଲା ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର ଓ.ଏସ.ଏସ. ନଂ. ୧୨୫୬/୨୦୧୮

ଐଶ୍ୱରିୟା ବିଶ୍ୱାଳ ....ବାଦୀ

**ବନାମ**

ତହସିଲଦାର,ଭୁବନେଶ୍ୱର, ଓଗେର .....ପ୍ରତିବାଦୀ

**ନୋଟିସ ଅର୍ଡର–୫ ରୁଲ୍–୨୦ C.P.C. ମୁତାବକ**

୧. ବାଇନ ମହାପାତ୍ର, ପିତା– ଭ୍ରମର ମହାପାତ୍ର, ସା– ପଥରଗଡ଼ିଆ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। ୨. କାଞ୍ଚନ ବେହେରା, ସ୍ୱାମୀ– ଧରମୁଁ ବେହେରା, ସା– ବେନୋଗଡ଼ିଆ, ପୋ– କଲ୍ୟାଣପୁର, ଥାନା– ନନ୍ଦନକାନନ, ଜିଲ୍ଲା– ଖୋର୍ଦ୍ଧା। ୩. ରାଧାମଣୀ ଦାସ, ସ୍ୱାମୀ– ବାଇଧର ଦାସ, ପିତା– ଭ୍ରମର ମହାପାତ୍ର, ସା/ପୋ– ଭୋଳା, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। ୪. ରାଧୁ ବେହେରା, ପି– ଭୋବନି ବେହେରା। ୫. ଶୈଳବାଳା ବେହେରା, ସ୍ୱାମୀ– ମଧୁ ବେହେରା। ୬. ରେଣୁବାଳା ବେହେରା। ୭. ମହିମା ବେହେରା। ୮. ରଞ୍ଜନ ବେହେରା, କ୍ରମିକ ନଂ.– ୬ରୁ ୮ ପିତା– ମଧୁ ବେହେରା, ସା– ପଥରଗଡ଼ିଆ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। ୯. ପ୍ରମିଳା ବେହେରା, ସ୍ୱାମୀ– କେଲୁ ବେହେରା, ମାତା ଓ ପିତା– ବାଉରୀ ବେୱା ଓ ଗୋଲଖ ବେହେରା, କ୍ରମିକ ନଂ.– ୪ରୁ ୯ ସା– ପଥରଗଡ଼ିଆ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା। ୧୦. ଦିଗାମ୍ବର ମଲ୍ଲ, ପିତା– କୃଷ୍ଣ ଚନ୍ଦ୍ର ମଲ୍ଲ, ସା– ବଲ୍ଲବପୁର, ଥାନା– ସାଲେପୁର, ଜିଲ୍ଲା– କଟକ

ଏତଦ୍ୱାରା ଉପରୋକ୍ତ ସମସ୍ତ କେସ୍‌ରେ ପ୍ରତିବାଦୀ ନଂ.– ୬ରୁ ୮, ୧୦ରୁ୧୪, ୧୬ ଓ ୧୭ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.– ୩ ଇଜିଲାସ ଚତୁର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା. ୧୧।୦୧।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

**ଜମିର ବିବରଣୀ**

ମୌଜା– ପଥରଗଡ଼ିଆ, ତହସିଲ– ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ସାବିକ ଖାତା ନଂ.– ୨୪୭, ସାବିକ ପ୍ଲଟ୍ ନଂ.– ୧୩୯୧, ଏରିଆ– ଏ୧.୦୫୦ ଡିସିମିଲ ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ– ଏ୦.୦୪୪ ଡିସିମିଲ, ହାଲ ଖାତା ନଂ.–୧୩୪୪, ହାଲ ପ୍ଲଟ୍ ନଂ.– ୬୩୦୫, ଏରିଆ– ଏ୦.୦୭୦ ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./– ସହକାରୀ ଅଧିକାରୀ
ଧ–୭୧୬୦୨

# ଜେକେଏଲ୍‌ଏସ୍ ପ୍ଲାଟିନମ ସୁପ୍ରିମୋର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧୧




ଦେଶର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଜେକେ ଲକ୍ଷ୍ମୀ ସିମେଣ୍ଟ ଲିମିଟେଡ୍ (ଜେକେଏଲ୍‌ଏସ୍) ପକ୍ଷରୁ ଶନିବାର ଏକ ନୂତନ ପ୍ରଡକ୍ଟର ଶୁଭାରମ୍ଭ ହୋଇଛି। କମ୍ପାନୀର ପ୍ରିମିୟମ ସିମେଣ୍ଟ ପ୍ଲାଟିନମ ସୁପ୍ରିମୋର ବଜାର ପ୍ରବେଶ ସହ ଏକ ଡିଲର ମିଟ୍ କାର୍ଯ୍ୟକ୍ରମ ସ୍ଥାନୀୟ ଖଣ୍ଡଗିରିସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଅଲମ୍ପିଆନ୍ ଭାରତୀୟ ବକ୍ସର ବିଜେନ୍ଦର ସିଂ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ମୁଁ ନିଜକୁ ଗର୍ବ ଅନୁଭବ କରୁଛି ଯେ ଏଭଳି ଏକ ମର୍ଯ୍ୟାଦାଜନକ କମ୍ପାନୀର ଜଣେ ସହଯୋଗୀ ହୋଇପାରିଛି। ଜଣେ ବକ୍ସର ଯେଭଳି ଅନ୍ୟ ଜଣେ ବକ୍ସର ସହ ଲଢ଼େଇ ପାଇଁ ଆବଶ୍ୟକ ନୀତିନିୟମକୁ ପାଳନ କରିଥାଏ, ଠିକ ସେହିଭଳି ଜଣେ ଲୋକ ତା' ମୁଣ୍ଡ ଉପରେ ଏକ ଶକ୍ତ ଛାତ କରିବା ପାଇଁ ଜେକେ ଲକ୍ଷ୍ମୀର ଏହି ନୂତନ ପ୍ରଡକ୍ଟ ପ୍ଲାଟିନମ ସୁପ୍ରିମୋର ବ୍ୟବହାର କରିବା ଆବଶ୍ୟକ ବୋଲି ବିଜେନ୍ଦର ମତବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀର ସଭାପତି ଅରୁଣ ଶୁକ୍ଳା କହିଛନ୍ତି, ଜଣେ ଲୋକ କେତେ ପରିଶ୍ରମ କରି ତା'ର ସଞ୍ଚିତ ଅର୍ଥରେ ଏକ ଶକ୍ତ ଘର କରିବାର ସ୍ୱପ୍ନ ଦେଖିଥାଏ, ହେଲେ ଯଦି ଘର ପାଇଁ ଆବଶ୍ୟକ ସାମଗ୍ରୀ ଠିକ୍ ନ ମିଳେ ଅବା ଗୁଣବତ୍ତା ସାମଗ୍ରୀରେ ଘର ନ କରେ ତା' ହେଲେ ତା'ର ଅର୍ଥ ବେକାର ଯିବ। ସେଥିପାଇଁ କମ୍ପାନୀ ସର୍ବଦା ଗୁଣାତ୍ମକ ସାମଗ୍ରୀ ସାଙ୍ଗକୁ ନୂତନ ପ୍ରଡକ୍ଟ ବଜାରକୁ ବିକ୍ରୟ ପାଇଁ ଛାଡ଼ିଥାଏ। ବିଶେଷକରି ଓଡ଼ିଶା ବଜାର ପାଇଁ କମ୍ପାନୀ ଏହି ନୂତନ ପ୍ରଡକ୍ଟର ବଜାର ପ୍ରବେଶ କରାଇବା ସହ ଗ୍ରାହକଙ୍କଠାରୁ ପୂର୍ବ ଭଳି ଭଲ ପାଇବା ଓ ବଜାର ଚାହିଦା ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ସ୍ୱରୂପ କମ୍ପାନୀ କଟକଠାରେ ଏକ ନୂତନ ପ୍ଲାଣ୍ଟର ଲୋକାର୍ପଣ କରିଛି। କମ୍ପାନୀର ଉକ୍ତ ପ୍ଲାଣ୍ଟରୁ ପ୍ଲାଟିନମ ସୁପ୍ରିମୋର ଉତ୍ପାଦ ଗ୍ରାହକଙ୍କ ଚାହିଦା ପୂରଣରେ ବେଶ୍ ସହାୟକ ହେବ ବୋଲି ଅରୁଣ ସୂଚନା ଦେଇଛନ୍ତି। ସେହିପରି କମ୍ପାନୀର ଏହି ନୂତନ ପ୍ରଡକ୍ଟ ଓ ଡିଲର ମିଟ୍ ସମ୍ପର୍କରେ ଜେକେ ଲକ୍ଷ୍ମୀର ଓଡ଼ିଶା ମୁଖ୍ୟ ଲଲାଟେନ୍ଦୁ ମିଶ୍ର ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ପ୍ଲାଣ୍ଟ ହେଡ୍ ଓଡ଼ିଶା ଗିରୀଶ ତିୱାରୀ,ଜେକେ ଲକ୍ଷ୍ମୀର ବରିଷ୍ଠ ଉପସଭାପତି ସୁନୀଲ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କମ୍ପାନୀର କର୍ମଚାରୀ ଏବଂ ପ୍ରାୟ ୧୫୦ ଡିଲର ଉକ୍ତ କାର୍ଯ୍ୟକ୍ରମର ସାମିଲ ହୋଇଥିଲେ।

## ସେଣ୍ଟର ଅଫ୍ ଏକ୍ସିଲେନ୍ସ ଲାଗି ଭିଆଇଟିର ପଦକ୍ଷେପ

ଅମରାବତୀ, ୨୦।୧୧

ଭିଆଇଟି ଏପି ୟୁନିଭର୍ସିଟି ପକ୍ଷରୁ ଇଣ୍ଟରନେଟ ଅଫ୍ ଥିଙ୍ଗସ(ଆଇଓଟି) ବର୍ଗରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍ଥାପନ କରାଯିବ। ଏଥିଲାଗି ଅନୁଷ୍ଠାନ ପକ୍ଷରୁ ଇଣ୍ଟେଲ ଏବଂ ବୋଷ୍ଟନ ଆଇଟି ସଲ୍ୟୁଶନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ନାମକ ୨ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଭିଆଇଟି ଏପି ୟୁନିଭର୍ସିଟି ଭାଇସ ଚାନ୍‌ସେଲର ଡ.ଏସ୍.ଭି.କୋଟା ରେଡ଼ି, ଇଣ୍ଟେଲ ଇଣ୍ଡିଆର ସପ୍ଲାଇ ଚେନ୍ କଣ୍ଟ୍ରି ମ୍ୟାନେଜର ଜିତେନ୍ଦ୍ର ଚଢ଼ାଙ୍କ ଉପସ୍ଥିତିରେ ପ୍ରଥମ ଚୁକ୍ତି ସ୍ୱାକ୍ଷର କରାଯାଇଛି। ସେହିଭଳି ଭାଇସ ଚାନ୍‌ସେଲର କୋଟାରେଡି ଏବଂ ଏଆଇ ଏଜୁକେଶନ ଏବଂ ସଲ୍ୟୁଶନର ଗ୍ଲୋବାଲ ମୁଖ୍ୟ ଲକ୍ଷ୍ମୀ ନାଗେଶ୍ୱରୀଙ୍କ ମଧ୍ୟରେ ଦ୍ୱିତୀୟ ଚୁକ୍ତି ହୋଇଛି। ଶିଳ୍ପ ଏବଂ ଏକାଡେମିକ ମଧ୍ୟରେ ରହିଥିବା ପାର୍ଥକ୍ୟ ଦୂରକରିବା ଲାଗି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ନୂଆ ସେଣ୍ଟର ସ୍ଥାପନ ଦ୍ୱାରା ଉଭୟ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଆଇଓଟି କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ଗବେଷଣା ଏବଂ ଉନ୍ନତୀକରଣ ଭଳି କାର୍ଯ୍ୟରେ ମନୋନିବେଶ କରିପାରିବେ।

# ରୁଚି ପକ୍ଷରୁ ଝୋଟି ପ୍ରତିଯୋଗିତା




ଭୁବନେଶ୍ୱର,୨୦।୧୧

ଚଳିତ ବର୍ଷର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରୁଚି ଉଦ୍ୟୋଗ ପକ୍ଷରୁ ଝୋଟି ଓ ମୁରୁଜ ପ୍ରତିଯୋଗିତା ସ୍ଥାନୀୟ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ଶ୍ରୀଲକ୍ଷେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓପିଏସ୍‌ସିର ସଦସ୍ୟା ପ୍ରଫେସର ସଙ୍ଗୀତା ରଥ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡକ୍ଟର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ସମେତ ରୁଚି ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଏବଂ ରୁଚିର ମୁଖ୍ୟ ପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କଟକ ଖାନନଗରର ସସ୍ମିତା ସାହୁ ପ୍ରଥମ, ଭୁବନେଶ୍ୱର ପୋଖରୀପୁଟର ପ୍ରିୟାଶା ପଟ୍ଟନାୟକ ଦ୍ୱିତୀୟ ଏବଂ କଟକ କଲ୍ୟାଣୀନଗରର ଅନ୍ନପୂର୍ଣ୍ଣା ଦାସ ତୃତୀୟ ସ୍ଥାନ ଅଧିକାର କରି ମାନପତ୍ର ଓ ଅର୍ଥରାଶି ସହ ଅନ୍ୟ ୧୦ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଗତ ପଞ୍ଚକ ପାଞ୍ଚଦିନ ଯାକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ମଧ୍ୟ ରୁଚି ପକ୍ଷରୁ ସୁନ୍ଦର ଉପହାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରୁଚିର ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ସହକାରୀ ମହାପ୍ରବନ୍ଧକ ଲକ୍ଷ୍ମୀଧର ସାହୁ ଏବଂ କମ୍ପାନୀର ଲୋକ ସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସେହିପରି କମ୍ପାନୀର ବରିଷ୍ଠ ସୂଚନା ଅଧିକାରୀ ନିହାର ରଞ୍ଜନ ସାହୁ ପରିଶେଷରେ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ଆର୍‌ଟିଆଇ,ଏଲ୍‌ସିଆଇ ସପ୍ତାହ ପାଳିତ




ଭୁବନେଶ୍ୱର, ୨୦।୧୧

ରାଉଣ୍ଡ ଟେବୁଲ ଇଣ୍ଡିଆ (ଆର୍‌ଟିଆଇ) ଏବଂ ଲେଡିଜ ସର୍କଲ ଇଣ୍ଡିଆ(ଏଲ୍‌ସିଆଇ) ୱିକ ପାଳିତ ହୋଇଯାଇଛି। ସୁସ୍ଥ ଜୀବନଶୈଳୀ ଏବଂ ସ୍ୱଚ୍ଛ ପରିବେଶକୁ ଗୁରୁତ୍ୱ ରଖି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ସପ୍ତାହ ପାଳନ ଅବସରରେ ରାଉଣ୍ଡ ଟେବୁଲ ଇଣ୍ଡିଆ ଏବଂ ଲେଡିଜ ସର୍କଲ ଇଣ୍ଡିଆ ବିଭିନ୍ନ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନେଇଛି। ଅନଗ୍ରସର ଅଞ୍ଚଳରେ ଜୁସ୍ ବଣ୍ଟନ, ବିଏମ୍‌ସି କର୍ମଚାରୀଙ୍କୁ ମାସ୍କ ଏବଂ ସାନିଟାଇଜର ବଣ୍ଟନ, ଅନଗ୍ରସର ପିଲାଙ୍କୁ ଶପିଂ, ରକ୍ତଦାନ ଶିବିର ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଦି କରାଯାଇଛି। ଆର୍ଥିକ ଅନଗ୍ରସର ପିଲାଙ୍କୁ ଭୁବନେଶ୍ୱର ଆଇନକ୍ସରେ ସିନେମା ଦେଖିବାର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ୬୦ ଜଣ ପିଲାଙ୍କୁ ଡମଣାସ୍ଥିତ ମାକ୍ସ ଷ୍ଟୋରରେ ଶପିଂ କରିବାର ସୁଯୋଗ ପ୍ରଦାନ କରାଯାଇଥିଲା।

ଫୁର୍‌ସତ୍

# ସୂଚନାର ମାଧ୍ୟମ ପାଲଟିଛି ଟିଭି



**ପ**ରିବର୍ତ୍ତିତ ପୃଥିବୀ ସହିତ ସୂଚନା ଏବଂ ମନୋରଞ୍ଜନ ମାଧ୍ୟମ ପରିବର୍ତ୍ତନ ହେବାରେ ଲାଗିଛି। ଏପରିସ୍ଥଳେ ସାମ୍ପ୍ରତିକ ସମାଜରେ ଟେଲିଭିଜନ ଘରେ ଘରେ ସୂଚନା ପହଞ୍ଚାଇବା ସହିତ ସହଜ ମନୋରଞ୍ଜନର ଏକ ମାଧ୍ୟମ ପାଲଟିଛି। ଟେଲିଭିଜନର

**ବିଶ୍ୱ ଟେଲିଭିଜନ ଦିବସ**

ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୨୧ରେ ବିଶ୍ୱ ଟେଲିଭିଜନ ଦିବସ ପାଳନ କରାଯାଇଆସୁଛି।

୧୯୯୬ ନଭେମ୍ବର ୨୧ରେ ମିଳିତ ଜାତିସଂଘ ପକ୍ଷରୁ ପ୍ରଥମ ବିଶ୍ୱ ଟେଲିଭିଜନ ଫୋରମ ଅନୁଷ୍ଠିତ ହୋଇଥିଲା। ସେବେଠାରୁ ସମାଜରେ ଟେଲିଭିଜନର ଗୁରୁତ୍ୱ ଉପଲବ୍ଧି କରାଇବା ଲାଗି ବିଶ୍ୱ ଟେଲିଭିଜନ ଦିବସ ପାଳିତ ହୋଇ ଆସୁଅଛି। ସୂଚନା, ଚ୍ୟାନେଲିଂ ଏବଂ ଜନମତକୁ ପ୍ରଭାବିତ କରିବାରେ ଟେଲିଭିଜନ ହେଉଛି ଏକ ପ୍ରମୁଖ ସ୍ୱୀକୃତିପ୍ରାପ୍ତ ମାଧ୍ୟମ। ତେବେ କିଭଳି ନକାରାତ୍ମକ ଅଥବା ଭ୍ରାନ୍ତ ସୂଚନା ଦ୍ୱାରା ସମାଜକୁ ବାଟବଣା ନ କରାଯିବ, ତାହା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ସତ୍ୟ ଆଧାରିତ ସୂଚନା ପ୍ରସାରଣ ଉପରେ ଏହି ଦିବସ ପାଳନ ଅବସରରେ ଗୁରୁତ୍ୱାରୋପ କରାଯାଇଥାଏ।

# କେବଳ ଝିଅ ଜନ୍ମ ହେଉଥିବା ଗାଁ

**ୱାର୍ସ:** ଏପରି ଏକ ଗାଁ ଅଛି, ଯେଉଁଠାରେ ଅନେକ ବର୍ଷ ଧରି ପ୍ରତ୍ୟେକ ପରିବାରରେ କେବଳ ଝିଅ ଜନ୍ମ ହେଉଛନ୍ତି। ଏହି ରହସ୍ୟର ରହସ୍ୟ ଏପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ପୋଲାଣ୍ଡରେ ଥିବା ଏହି ଗାଁର ନାମ ହେଉଛି ମିଜେସ୍କେ ଓଡ୍ରାଇସ୍କି। ପ୍ରାୟ ୧୧ ବର୍ଷ ଧରି ଏହି ଗାଁରେ କୌଣସି ପୁଅ ଜନ୍ମ ହୋଇନାହାଁନ୍ତି। କୁହାଯାଏ ଯେ ୨୦୧୦ ମସିହାରେ, ଶେଷ ଥର ପାଇଁ ଏହି ଗାଁରେ ଏକ ପୁଅ ଜନ୍ମ ହୋଇଥିଲା। କିନ୍ତୁ ପରେ ସେହି ପରିବାର ଗାଁ ଛାଡି ଚାଲିଯାଇଥିଲେ। କେତେକ ରିପୋର୍ଟ ଅନୁଯାୟୀ, ଏହି ଗାଁର ଜନସଂଖ୍ୟା ୩୦୦ରୁ ଅଧିକ। ସେଥିରୁ ଅଧିକାଂଶ ମହିଳା ଥିବାବେଳେ ପୁରୁଷଙ୍କ ସଂଖ୍ୟା ଖୁବ କମ। ଗାଁର ଏଭଳି ଅବସ୍ଥା ଦେଖି ପୁଅ ଜନ୍ମ କରୁଥିବା ମହିଳାମାନେ ପୁରସ୍କୃତ ହେବେ ବୋଲି ମେୟର ଘୋଷଣା କରିଥିଲେ।

**Birthday Wish**





Smruti Swapna
Address : GGP Colony, Rasulgarh Bhubaneswar, Odisha
Happy Birthday Hope you have a great day and the year ahead is full of many blessings.
D-22325

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



ଆଜି ଶ୍ରୀ ଶିବାଶିଷ ନନ୍ଦ (ଗୁଡ୍ଡୁନ୍)(ଓଁମ୍)ର ଶୁଭ ଜନ୍ମଦିନ ଉପଲକ୍ଷେ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ତାଙ୍କୁ ଦୀର୍ଘାୟୁ କରନ୍ତୁ ଓ ତା'ର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ:** ମାମା: (ଅର୍ଚ୍ଚିତା ମିଶ୍ର), ମାଉସୀ: (ବିନି), ଅଜା ଓ ଆଈ ତଥା ମିଶ୍ର ପରିବାର ।
ସାରଦାଶ୍ରୀ, ୯୦୪–ଶାସ୍ତ୍ରୀନଗର, ଭୁବନେଶ୍ୱର
9861375760
ଧ–୨୨୩୨୯

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ



୰ ହର୍ଷମଣି ମହାନ୍ତି
N6/D-230, Jaydev Vihar
ଗ୍ରା- ଦଳକଷୋଟି, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା
ଧରାବତରଣ : ୦୭-୧୦-୧୯୩୯
ସ୍ୱର୍ଗାରୋହଣ : ୧୧-୧୧-୨୦୨୧
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି । ଆପଣଙ୍କ କର୍ମମୟ ଜୀବନଧାରା, ତ୍ୟାଗ ଓ ସ୍ନେହ ଆମ୍ଭମାନଙ୍କ ହୃଦୟକୁ ସର୍ବଦା ଉଦବୁଦ୍ଧ କରିଆସିଛି । ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରହନ୍ତୁ। ଆଜି ଏକାଦଶାହ ପାଳନ ଅବସରରେ ଆପଣଙ୍କ ମହାନ ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ପରିବାର ବର୍ଗ
ଧ–୨୨୩୨୭

# ସଫେଇ କର୍ମଚାରୀ ଥିଲେ ସୁନୀଲ ସେଟ୍ଟୀଙ୍କ ବାପା



**ମୁମ୍ବାଇ:** 'ଇଣ୍ଡିଆଜ ବେଷ୍ଟ ଡ୍ୟାନ୍ସର୍ ୨'ରେ ନିଜ ବ୍ୟକ୍ତିଗତ ଜୀବନ ବାବଦରେ କିଛି କଥା ସମସ୍ତଙ୍କ ସାମ୍ନାକୁ ଆଣିଛନ୍ତି ସୁନୀଲ ସେଟ୍ଟୀ। କରିସ୍ମା କପୁରର ଏହି ଶୋ'ରେ ଯୋଗଦେବାବେଳେ ସୁନୀଲ ତାଙ୍କ ବାପାଙ୍କ କଥା କହି ଭାବପ୍ରବଣ ହୋଇଯାଇଥିଲେ। ପୁରୁଣା ସ୍ମୃତି ମନେପକାଇ ସୁନୀଲ କହିଥିଲେ, ବାପା ବିରପା ସେଟ୍ଟୀ ପରିବାର ଚଳାଇବା ପାଇଁ ବହୁ ସଂଘର୍ଷ କରିଥିଲେ। ଯେତେବେଳେ କେହି ତାଙ୍କୁ ପଚାରନ୍ତି ଯେ ତୁମ ହିରୋ କିଏ, ସେ ସବୁବେଳେ ତାଙ୍କ ବାପାଙ୍କ କଥା ହିଁ କହିଥାନ୍ତି। ବାପାଙ୍କୁ ସେ ସବୁବେଳେ ତାଙ୍କ ଆଦର୍ଶ ବୋଲି ଭାବନ୍ତି ଏବଂ ତାଙ୍କ ପାଇଁ ସେ ଗର୍ବିତ ବୋଲି ସୁନୀଲ କହିଥିଲେ। ତାଙ୍କୁ ଏବଂ ପରିବାରକୁ ଚଳାଇବା ପାଇଁ ତାଙ୍କ ବାପା ସଫେଇ କାମ କରୁଥିଲେ। କିନ୍ତୁ ସେ କେବେ ବାପାଙ୍କ କାମକୁ ନେଇ ଲଜ୍ଜିତ ହୋଇନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ଏହା ଯେ ସୁନୀଲଙ୍କ ବାପା ଯେଉଁ ବିଲ୍ଡିଂରେ ସଫେଇ କାମ କରୁଥିଲେ ସେଇ ବିଲ୍ଡିଂର ଦିନେ ମ୍ୟାନେଜର ହୋଇପାରିଥିଲେ। ପରେ ପୁରା ବିଲ୍ଡିଂକୁ ସେ କିଣିବାରେ ସମର୍ଥ ହୋଇଥିଲେ ବୋଲି ସୁନୀଲ କହିଛନ୍ତି।

**CLASSIFIED DISPLAY**
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






ଓଡ଼ିଶାରେ ଜୁନିୟର ହକି ବିଶ୍ୱକପ୍ ଖେଳିବା ଲାଗି ଭୁବନେଶ୍ୱରରେ ପହଞ୍ଚିଛନ୍ତି ପାକିସ୍ତାନ ଓ କୋରିଆ ଦଳ।

# ଏକତା ହେଉଛି ଆମର ବଳ: ପ୍ରସାଦ

**ଭୁବନେଶ୍ୱର,୨୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଜୁନିୟର ହକି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ। ଗତଥରର ଚାମ୍ପିୟନ ଭାରତୀୟ ଦଳର ନେତୃତ୍ୱ ନେବେ ୨୧ ବର୍ଷୀୟ ବିବେକ ସାଗର ପ୍ରସାଦ। ଭାରତୀୟ ସିନିୟର ଦଳ ପାଇଁ ପ୍ରତିନିଧିତ୍ୱ କରି ସେ ଗତ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

**ଜୁନିୟର ହକି ବିଶ୍ୱକପ୍**



ଭାରତୀୟ ଅଧିନାୟକ ବିବେକ ସାଗର ପ୍ରସାଦ

ତାଙ୍କ ନେତୃତ୍ୱରେ ଭାରତ ଏଥର ମଧ୍ୟ ଘରୋଇ ପରିବେଶର ଫାଇଦା ଉଠାଇ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଏହି ମେଗା ଇଭେଣ୍ଟରେ ଭାରତର ପ୍ରଦର୍ଶନ ନେଇ ପ୍ରସାଦ ବେଶ୍ ଆଶାବାଦୀ ଅଛନ୍ତି। ଟିମ୍ ବଣ୍ଡିଂ ଓ ଏକତା ଆମର ହେଉଛି ବଳ ଓ ମୁଖ୍ୟ ଅସ୍ତ୍ର ବୋଲି ପ୍ରସାଦ କହିଛନ୍ତି।

୨୦୧୭ରେ ମଧ୍ୟ ସେ ଜୁନିୟର ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସମୟ କ୍ରମେ ଭାରତର ପ୍ରଦର୍ଶନ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ପ୍ରସାଦ କହିଛନ୍ତି। ଦଳ ୨୦୧୮, ୨୦୧୯ ଓ ୨୦୨୦ରେ ଭଲ ପ୍ରଦର୍ଶନ କରିଆସିଛି। ଅବଶ୍ୟ କୋଭିଡ୍ ପିରିୟଡରେ ସବୁ ଦଳ ଓ ଖେଳାଳିଙ୍କୁ ସଂଘର୍ଷ କରିବାକୁ ପଡିଥିଲା। ଖେଳାଳିମାନେ ଏକାଠି ହେଇ ଟ୍ରେନିଂ ଜାରିରଖିବାକୁ ପ୍ରୟାସ କରିଥିଲେ। ସମସ୍ତଙ୍କର ଲକ୍ଷ୍ୟ ହେଉଛି ବିଶ୍ୱକପ୍ ଟାଇଟଲ ଜିତିବା। ଏକତା ଓ ଦଳର ସଦସ୍ୟଙ୍କ ମଧ୍ୟରେ ଥିବା ପରସ୍ପର ପ୍ରତି ଆସ୍ଥା ଓ ବିଶ୍ୱାସ ଆମର ସବୁଠାରୁ ବଡ଼ ଅସ୍ତ୍ର। ଦଳର ସଂରଚନାରେ ଯଥେଷ୍ଟ ଉନ୍ନତି ହୋଇଛି। ବିଶ୍ୱକପ୍ ପାଇଁ ଆମର ଟ୍ରେନିଂ ଓ ପ୍ରସ୍ତୁତି ଠିକ୍ ବାଟରେ ରହିଛି। ତେଣୁ ଭଲ ପ୍ରଦର୍ଶନ ନେଇ ଆମେ ଆଶାବାଦୀ ଅଛୁ ବୋଲି ପ୍ରସାଦ କହିଛନ୍ତି।

ଟୁର୍ନାମେଣ୍ଟର ପ୍ରଥମ ଦିନରେ ଭାରତ ଫ୍ରାନ୍ସ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଦଳ ପାଇଁ ମନିନ୍ଦର ସିଂ, ରାହୁଲ ରାଜବର ଓ ସଞ୍ଜୟଙ୍କ ଭଳି ଖେଳାଳି ମୁଖ୍ୟ ଅସ୍ତ୍ର ହେବେ। ଟୁର୍ନାମେଣ୍ଟରେ ଦଳର ପ୍ରଦର୍ଶନ ନେଇ ମୋର ଆଶା ଓ ବିଶ୍ୱାସ ରହିଛି। ୨୦୧୭ରେ ପ୍ରସାଦ ଭାରତୀୟ ପୁରୁଷ ଜୁନିୟର ଦଳର ନେତୃତ୍ୱ ନେଇଥିଲେ ଓ ମାଲେସିଆରେ ଅନୁଷ୍ଠିତ ସୁଲତାନ ଜୋହର କପ୍‌ରେ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। କ୍ରମାଗତ ସ୍ଥିର ପ୍ରଦର୍ଶନ କରି ସେ 'ୟଙ୍ଗ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ' ବିବେଚିତ ହୋଇଥିଲେ। ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରସାଦଙ୍କୁ ୨୦୧୮ରେ ସିନିୟର ଦଳରେ ସାମିଲ କରାଯାଇଥିଲା।

୨୦୧୩ରେ ମଧ୍ୟପ୍ରଦେଶର ଇଟାର୍ଶୀ ଜିଲ୍ଲା ସ୍ଥିତ ଆମ ଗାଁରେ ଏକ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଅଶୋକ ଧ୍ୟାନଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ମୋତେ ନେଇ ଏକାଡେମୀରେ ଯୋଗ ଦେବାର ସୁଯୋଗ ପ୍ରଦାନ କରିଥିଲେ। ଜଣେ ବଡ଼ ଖେଳାଳି ତାଙ୍କ ଏକାଡେମୀରେ ସାମିଲ କରିବା ପାଇଁ ଡାକିବା ମୋତେ ସେତେବେଳେ ଆଶ୍ଚର୍ଯ୍ୟ କରିଥିଲା। ଏହାକୁ ବିଶ୍ୱାସ କରିପାରି ନ ଥିଲି ବୋଲି ପୂର୍ବକଥା ମନେପକାଇ ପ୍ରସାଦ କହିଛନ୍ତି। ଏହାର ଠିକ୍ ଦୁଇବର୍ଷ ପରେ ଭାରତୀୟ ଜୁନିୟର କ୍ୟାମ୍ପରେ ଯୋଗ ଦେଇଥିଲି। କିନ୍ତୁ ଦୁର୍ଭାଗ୍ୟବଶତଃ ସେତେବେଳେ ୩୩ ଜଣିଆ କୋର୍ ଗ୍ରୁପ୍ ପାଇଁ ଚୟନ ହୋଇ ନ ଥିଲି। ଗୋଟିଏ ସପ୍ତାହ ପରେ ପୁଣି ଏକାଡେମୀକୁ ଚାଲିଯାଇଥିଲି। କାନ୍ଧର ହାଡ ଭାଙ୍ଗିଯିବା କାରଣରୁ ଇଞ୍ଜୁରିର ଶିକାର ହୋଇଥିଲି। ଅସ୍ତ୍ରୋପଚାର ପରେ ଠିକ୍ ହେବା ପାଇଁ ୫ ମାସ ସମୟ ଲାଗିଥିଲା।

ପ୍ରତ୍ୟାବର୍ତ୍ତନ ପରେ ପୁଣିଥରେ ଇଞ୍ଜୁରିର ଶିକାର ହେଲି। ଏହା ଗୁରୁତର ଥିଲା। ଠିକ୍ ହେବାର ସମ୍ଭାବନା କମ୍ ଅଛି ବୋଲି ଡାକ୍ତରମାନେ ମୋ ମାତାପିତାଙ୍କୁ କହିଥିଲେ। ତେବେ ଏଥିରେ ହତୋତ୍ସାହ ହୋଇ ନ ଥିଲି ଓ ଏକାଗ୍ରତା ମଧ୍ୟ ହରାଇ ନ ଥିଲି। ମୋ ପରିବାର ଓ ବନ୍ଧୁ ମୋତେ ଏହି ଖରାପ ସମୟରେ ସାହାଯ୍ୟ, ସମର୍ଥନ କରିଥିଲେ ବୋଲି ପ୍ରସାଦ କହିଛନ୍ତି।



ଜଣେ ଖେଳାଳିଙ୍କ କୋଭିଡ୍ ଟେଷ୍ଟ କରାଯାଉଛି।

## ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର,୨୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଉଗାଣ୍ଡାର କାମ୍ପାଲାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଟୋକିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସିଙ୍ଗଲ୍ସ ସଂଘର୍ଷ ପୂର୍ଣ୍ଣ ଏସ୍‌ଏଲ୍-୩ ସେମିଫାଇନାଲ ମ୍ୟାଚ୍‌ରେ ପ୍ରମୋଦ ନିଜ ଦେଶର ବିକ୍ରମ କୁମାରଙ୍କୁ ୭-୨୧, ୨୧-୧୫, ୨୨-୨୦ରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପ୍ରମୋଦ ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ସେଟ୍‌ରେ ବାଜି ମାରିଥିଲେ।

**ଡବଲ୍ସ ଫାଇନାଲରେ ପ୍ରମୋଦ-ମନୋଜ**

ସିଙ୍ଗଲ୍ସ ପରେ ପୁରୁଷ ଡବଲ୍ସ ଫାଇନାଲରେ ମଧ୍ୟ ପ୍ରମୋଦ ଭଗତ ପ୍ରବେଶ କରିଛନ୍ତି। ସେ ଓ ଅନ୍ୟତମ ଭାରତୀୟ ଖେଳାଳି ମନୋଜ ସରକାର ରବିବାର ଫାଇନାଲ ମ୍ୟାଚ୍‌ରେ ଅନ୍ୟତମ ଓଡ଼ିଆ ଖେଳାଳି ଦୀପ ରଞ୍ଜନ ବିଶୋଇ ଓ ଅର୍ବାଜ ଅନସାରୀଙ୍କୁ ଭେଟିବେ। ପ୍ରମୋଦ- ମନୋଜ ୧୬-୨୧, ୨୧-୧୩, ୨୧-୭ରେ ନିଜ ଦେଶର ବିକ୍ରମ କୁମାର ଓ ପ୍ରେମ କୁମାର ଇଜଲଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ସେହିପରି ଅନ୍ୟଏକ ସେମିଫାଇନାଲରେ ରଞ୍ଜନ ଓ ଅର୍ବାଜ ୧୪-୨୧, ୨୪-୨୨, ୨୧-୧୫ରେ ନିଜ ଦେଶର ସୁକାନ୍ତ କଦମ ଓ ନୀତେଶ କୁମାରଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

## ପୂରା ଦମ୍‌ରେ ଚାଲିଛି ଟେଷ୍ଟିଂ, ଟ୍ରାକିଂ

**ଭୁବନେଶ୍ୱର,୨୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଆଉ ୩ ଦିନ ପରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜୁନିୟର ହକି ବିଶ୍ୱକପ୍ ଆରମ୍ଭ ହେବ। ପର୍ଯ୍ୟାୟ କ୍ରମେ ଦଳଗୁଡିକ ଏଠାରେ ଆସି ପହଞ୍ଚିବାରେ ଲାଗିଛନ୍ତି। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ଖେଳାଳିମାନଙ୍କର ପ୍ରସ୍ତୁତି, ଟ୍ରେନିଂ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଉଛି। ଯେପରି ଖେଳାଳିମାନେ ଏଠାରୁ ଭଲ ଅଭିଜ୍ଞତା ନେଇ ଫେରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା କହିଛନ୍ତି। ବିଶ୍ୱକପ ଯେପରି ସୁରକ୍ଷିତ ହେବ ଓ ବିନା ସମସ୍ୟାରେ ଏହି ମେଗା ଇଭେଣ୍ଟ ଆୟୋଜନ ହେବ ସେ ନେଇ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।

ପ୍ରତ୍ୟେକ ଦିନ ହାରାହାରି ୫୦୦ ଟେଷ୍ଟ କରାଯାଉଛି ଏବଂ ସେହିଦିନ ରିଜିଓନାଲ ମେଡିକାଲ ସେଣ୍ଟରରୁ ରିପୋର୍ଟ ମଧ୍ୟ ହସ୍ତଗତ ହେଉଛି। ପ୍ରତ୍ୟେକ ୭୨ ଘଣ୍ଟାରେ ବିଶ୍ୱକପ୍ ସହିତ ଜଡିତ ଥିବା ପ୍ରତ୍ୟେକ ବ୍ୟକ୍ତି ଯଥା ଖେଳାଳି, ଅଫିସିଆଲ, ହୋଟେଲ ଷ୍ଟାଫ ଓ ଆସୋସିଏଟମାନଙ୍କର ପୁନଃ ଟେଷ୍ଟ କରାଯାଉଛି। କ୍ରୀଡ଼ା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଅଫିସିଆଲମାନେ ଏ ନେଇ ତଦାରଖ ଦାୟିତ୍ୱରେ ରହିଛନ୍ତି। ଏହି କାର୍ଯ୍ୟକ୍ରମରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି ସେ ନେଇ ବିଶେଷ ଭାବେ ପ୍ରୟତ୍ନ କରାଯାଉଛି ବୋଲି ସେ କହିଛନ୍ତି। ତେବେ ଟେଷ୍ଟିଂ ଓ ଟ୍ରାକିଂ ପ୍ରକ୍ରିୟା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ ମଧ୍ୟ ଏହା ସୁରୁଖୁରୁରେ ଚାଲିଛି। ନଭେମ୍ବର ୮ରେ ଭାରତୀୟ ଜୁନିୟର ଦଳ ଏଠାରେ ପହଞ୍ଚିଥିଲା। ୧୫ ତାରିଖରୁ ଟେଷ୍ଟିଂ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦଳଗୁଡିକ ପହଞ୍ଚିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୨ ୟୁନିଟ୍‌ରେ ବିଭକ୍ତ ମେଡିକାଲ କର୍ମଚାରୀମାନେ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ଶତପ୍ରତିଶତ ଟିକାକରଣ ହୋଇଛି। କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି ଓ ଏଠାରେ ପହଞ୍ଚିବା ପରେ ସେମାନଙ୍କର ଆରଟିପିସିଆର ଟେଷ୍ଟ କରାଯାଉଛି ବୋଲି କୁହାଯାଇଛି।

## ଭୁବନେଶ୍ୱର-ବି ଓ ଏ, ରାଉରକେଲା ବିଜୟୀ

**ଭୁବନେଶ୍ୱର,୨୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

୧୬ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଜୁନିୟର ବାଳକ ଟୁର୍ନାମେଣ୍ଟରେ ଶନିବାର ଭୁବନେଶ୍ୱର ବି' ୨୦୪ ରନରେ କେନ୍ଦୁଝରକୁ ପରାସ୍ତ କରିଛି। ସେହିପର ଅନ୍ୟ ଏକ ମ୍ୟାଚ୍‌ରେ ରାଉରକେଲା ୧୦୪ ରନରେ ଅବଶିଷ୍ଟ ଓଡ଼ିଶା-୧କୁ ହରାଇଛି। ଆଉ ଏକ ମ୍ୟାଚ୍‌ରେ ଭୁବନେଶ୍ୱର ଏ' ୧୩୯ ରନରେ ସୁନ୍ଦରଗଡ଼କୁ ହରାଇଛି। ସେହିପରି ଅବଶିଷ୍ଟ ଓଡ଼ିଶା-୨ ଅନ୍ତିମ ତଥା ଚତୁର୍ଥ ମ୍ୟାଚ୍‌ରେ ୧୫୨ ରନରେ ଅନୁଗୋଳକୁ ହରାଇଛି।



ଭୁବନେଶ୍ୱରରେ ଦକ୍ଷିଣ ଆଫ୍ରିକା ଜୁନିୟର ହକି ଦଳ।

# କଳିଙ୍ଗରେ ଖେଳିବାକୁ ଆମେ ଉତ୍ସାହିତ: ଦକ୍ଷିଣ ଆଫ୍ରିକା କୋଚ୍

**ଭୁବନେଶ୍ୱର,୨୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଜୁନିୟର ହକି ବିଶ୍ୱକପ୍ ଖେଳିବାକୁ ଶନିବାର ସକାଳେ ଦକ୍ଷିଣ ଆଫ୍ରିକା, ଅପରାହ୍ନରେ କୋରିଆ ଓ ରାତିରେ ପାକିସ୍ତାନ ଦଳ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବେଲଜିୟମ, ଚିଲି ଓ ମାଲେସିଆ ସହ ଦକ୍ଷିଣ ଆଫ୍ରିକା ପୁଲ୍-ଏ'ରେ ସ୍ଥାନ ପାଇଛି। ତେଣୁ ଦକ୍ଷିଣ ଆଫ୍ରିକା ପାଇଁ ଆଗକୁ କଡ଼ା ଚ୍ୟାଲେଞ୍ଜ ରହିଛି। କରୋନା ମହାମାରୀ ପାଇଁ ଦୁଇବର୍ଷ ହେବ ଆମ ପାଇଁ କଷ୍ଟକର ସମୟ ଥିଲା। ତେବେ ବିଶ୍ୱକପ୍ ପାଇଁ ଆମେ ପାରୁପର୍ଯ୍ୟନ୍ତ ପ୍ରସ୍ତୁତି କରିଛୁ ବୋଲି ଦକ୍ଷିଣ ଆଫ୍ରିକା ମୁଖ୍ୟ କୋଚ୍ ସିଲେ ଏନ୍‌ଟୁଲି କହିଛନ୍ତି। କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ଓ ଏଠାରେ ଆମେ ଖେଳିବାର ସୁଯୋଗ ପାଇଥିବାରୁ ଭାଗ୍ୟବାନ ମନେ କରୁଛୁ। ଖେଳିବା ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ ବୋଲି ସେ କହିଛନ୍ତି।

**ଆମେ ପ୍ରସ୍ତୁତ: କୋରିଆ ଅଧିନାୟକ**

ବିଶ୍ୱକପ୍ ପାଇଁ ଆମେ ଡୋଙ୍ଘାଇରେ ପ୍ରଶିକ୍ଷଣ ଓ ପ୍ରସ୍ତୁତି କରିଛୁ ବୋଲି କୋରିଆ ଅଧିନାୟକ ସୋଉଙ୍ଗ ମିନ ବାଏ କହିଛନ୍ତି। ଏଥିପାଇଁ ଆମେ ଜାତୀୟ ପ୍ରଶିକ୍ଷଣ ଶିବିରର ଆୟୋଜନ କରିଥିଲୁ। ଅତି କମ୍‌ରେ ଆମେ ୧୦ଟି ମ୍ୟାଚ୍ ଖେଳି ପ୍ରସ୍ତୁତି ଜୋରଦାର କରିଛୁ। କଳିଙ୍ଗ ଭଳି ଏତେବଡ଼ ଷ୍ଟାଡିୟମରେ ଅନ୍ୟ ଦଳର ଖେଳାଳିଙ୍କ ଭଳି ଆମ ଖେଳାଳିମାନଙ୍କର ସେତେଟା ଅଭିଜ୍ଞତା ନାହିଁ। ତେବେ ଟୁର୍ନାମେଣ୍ଟ ଆରମ୍ଭ ହେଲେ ସମୟ କ୍ରମେ ଆମେ ଭଲ ଖେଳିବୁ। ୨୪ ତାରିଖର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ବେଲଜିୟମ ମୁହାଁମୁହିଁ ହେବେ। ସେହିପରି ନେଦରଲାଣ୍ଡସ, ସ୍ପେନ, ଆମେରିକା ସହ କୋରିଆ ଗ୍ରୁପ୍ ସି'ରେ ସ୍ଥାନ ପାଇଛି।

# ନଗେଶ ଟ୍ରଫି: ଓଡ଼ିଶାର କ୍ରମାଗତ ଚତୁର୍ଥ ବିଜୟ

**ଭୁବନେଶ୍ୱର,୨୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ନୂଆଦିଲ୍ଲୀରେ ଚାଲିଥିବା ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଦିଲ୍ଲୀର ସିରିଫର୍ଟ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୪୪ ରନରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୧୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ପଙ୍କଜ ଭୁଏ ଅପରାଜିତ ୯୯ ଓ ସୁଖରାମ ମାଝି ୭୦ ରନ ସଂଗ୍ରହ କରିଥିଲେ। ଜବାବରେ ଉତ୍ତରପ୍ରଦେଶ ୯ ଉଇକେଟ ହରାଇ ୧୬୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଓଡ଼ିଶା ତରଫରୁ ବୋଲିଂରେ ନକୁଳ, ପଙ୍କଜ, ଲିଙ୍ଗରାଜ ଓ କାଳିଆ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦମ୍‌ଦାର ପ୍ରଦର୍ଶନ ପାଇଁ ପଙ୍କଜ ଭୁଏ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ରବିବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ସାକେତ ଗ୍ରାଉଣ୍ଡରେ ହରିୟାଣାକୁ ଭେଟିବ। ପୁଲ୍ ବି'ରେ ଉଭୟ ଦଳ ଶୀର୍ଷ ସ୍ଥାନ ପାଇଁ ମୁକାବିଲାରେ ଅବତୀର୍ଣ୍ଣ ହେବେ।




ପ୍ଲେୟର ଅଫ ଦି ମ୍ୟାଚ୍ ପଙ୍କଜ ଭୁଏ ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ନଭେମ୍ବର ୨୧/୨୦୨୧ (୮+୮=୧୬ ପୃଷ୍ଠା) | Berhampur, Sunday, November 21/2021 | ପୃଷ୍ଠା-୧



**ନାଲ୍‌କାଣ୍ଡେଙ୍କ ଚମତ୍କାର ବୋଲିଂ**
କର୍ଣ୍ଣାଟକ ବିପକ୍ଷ ସୟଦ ମୁସ୍ତାକ ଅଲୀ ଟି୨୦ ଟ୍ରଫି ମ୍ୟାଚରେ ୪ଟି ବଲରୁ ୪ଉଇକେଟ ହାସଲ କରିଛନ୍ତି ବିଦର୍ଭ ଦ୍ରୁତ ବୋଲର ଦର୍ଶନ ନାଲ୍‌କାଣ୍ଡେ।
୦୮

୦୨
**'ଅନ୍ତିମ'ର ପ୍ରମୋଶନ କରିବେନି ସଲମାନ**
'ଅନ୍ତିମ: ଦ ଫାଇନାଲ ଟ୍ରୁଥ' ଫିଲ୍ମର ନିର୍ମାଣ ସହ ଏଥିରେ ଅଭିନୟ କରିଥିଲେ ହେଁ ସଲମାନ୍ ଖାନ୍ ଏହାର ପ୍ରମୋଶନ କରିବେ ନାହିଁ ବୋଲି କହିଛନ୍ତି।



# ଯାତ୍ରା, ନାଟକ, ମେଲୋଡିକୁ ଅନୁମତି

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**

କଳାକାରଙ୍କ ପାଇଁ ଖୁସି ଖବର। ଏଣିକି ସେମାନେ ମଞ୍ଚ ଉପରେ ଅଭିନୟର ଯାଦୁ ଦେଖାଇବେ। ଆଉ ରୋଜଗାର ପାଇବେ। କରୋନା ସଂକ୍ରମଣ କମିଥିବାରୁ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ କଟକଣା କୋହଳ କରିଛନ୍ତି ରାଜ୍ୟ ସରକାର। ଯାତ୍ରା, ଥିଏଟର, ମେଲୋଡ଼ି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକୁ ଅନୁମତି ଦେଇଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ଶନିବାର ନୂଆ ଗାଇଡ୍‌ଲାଇନ ଜାରି କରିବା ସହ ତତ୍କାଳ ଲାଗୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ନୂଆ ଗାଇଡ୍‌ଲାଇନ ଅନୁସାରେ, ଖୋଲା ପଡ଼ିଆରେ ସର୍ବାଧିକ ୨ହଜାର ଦର୍ଶକଙ୍କୁ ଅନୁମତି ରହିଛି। ବନ୍ଦ କୋଠରି କିମ୍ବା ଇନ୍‌ଡୋର୍ ହଲ୍‌ରେ ୫୦ ପ୍ରତିଶତ ସ୍ଥାନରେ ଦର୍ଶକ ବସିପାରିବେ। ମୋଟ ସିଟ୍‌ର ୫୦%ରୁ ଅଧିକ ଦର୍ଶକ ବସିପାରିବେ ନାହିଁ। ସେହିଭଳି ୫୦% ଦର୍ଶକଙ୍କୁ ନେଇ ସିନେମା ହଲ୍ ଖୋଲିବା ପାଇଁ ଅନୁମତି ରହିଛି। ସ୍ଥାନୀୟ ପରିସ୍ଥିତିକୁ ଦେଖି କର୍ତ୍ତୃପକ୍ଷଙ୍କୁ ମଧ୍ୟ ସଂଖ୍ୟା ନିର୍ଦ୍ଧାରଣ କ୍ଷମତା ଦିଆଯାଇଛି। ଅର୍ଥାତ୍ ଜିଲାପାଳ କିମ୍ବା ସ୍ଥାନୀୟ ପ୍ରଶାସନ ଚାହିଁଲେ ପରିସ୍ଥିତିକୁ ଦେଖି କଟକଣା କୋହଳ କିମ୍ବା କଡ଼ାକଡ଼ି କରିପାରିବେ ବୋଲି ଏସ୍‌ଆର୍‌ସି ସ୍ପଷ୍ଟ କରିଛନ୍ତି। ତେବେ ଦର୍ଶକମାନେ ୨ଟି ଡୋଜ୍ ଟିକା ନେଇଥିବା ବାଧ୍ୟତାମୂଳକ କରାଯାଇଥିବାବେଳେ ୭୨ ଘଣ୍ଟା ପୂର୍ବରୁ ଆର୍‌ଟିପିସିଆର ନେଗେଟିଭ ରିପୋର୍ଟ ଦେଖାଇବାକୁ ପଡ଼ିବ। ସମସ୍ତେ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବେ। ସାମାଜିକ ଦୂରତା ରକ୍ଷା ସହ ମାସ୍କ ପିନ୍ଧିବା ଜରୁରୀ। ଜ୍ୱର, ଥଣ୍ଡା, କାଶ ଭଳି ଲକ୍ଷଣ ଥିଲେ ଦର୍ଶକଙ୍କୁ ମନା କରାଯାଇଥିବାବେଳେ ଏକାଧିକ ରୋଗ ଥିବା ୬୫ ବର୍ଷରୁ ଅଧିକ ☞ ପୃଷ୍ଠା-୬

**ଦର୍ଶକଙ୍କ ପାଇଁ ୨ ଡୋଜ୍ ଟିକା ବାଧ୍ୟତାମୂଳକ**



- ଖୋଲାପଡ଼ିଆରେ ବସିପାରିବେ ୨ହଜାର ଦର୍ଶକ
- ବନ୍ଦ କୋଠରିରେ ମୋଟ ସିଟ୍‌ର ୫୦ ପ୍ରତିଶତ
- ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି, ଅଧିକ କାଉଣ୍ଟର ପରାମର୍ଶ

# ଦେଢ଼କୋଟିର ସାପ ବିଷ ଜବତ, ୨ ଗିରଫ

**ଭୁବନେଶ୍ୱର(ବ୍ୟୁରୋ)/ରିଆମାଳ/ଦେବଗଡ଼, ୨୦।୧୧ (ଡି.ଏନ.ଏ.)**

ଦେବଗଡ଼ ଜିଲା ରିଆମାଳ ଥାନା ପୋଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଶନିବାର ଏକ ସାପ ବିଷ ର୍‌ୟାକେଟକୁ ଧରିଛି। ର୍‌ୟାକେଟରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧ କେଜିରୁ ଅଧିକ ଓଜନର ନାଗସାପ ଗରଳ (ବିଷ) ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା ସଦର ଥାନା ସିନ୍ଦୂରପଙ୍କର କୈଳାସ ସାହୁ (୩୬) ଓ ଧନୁପାଲି ଥାନା ସାକ୍ଷୀପଡାର ରଞ୍ଜନ କୁମାର ପାଢ଼ୀ (୪୨)। ଜବତ ସାପ ବିଷର ମୂଲ୍ୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଅଭିଯୁକ୍ତଙ୍କୁ ପଚରାଉଚରା ସହ ମୋବାଇଲ୍ କଲ୍ ଡିଟେଲ୍ସରୁ ର୍‌ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁଯାୟୀ, ରିଆମାଳ ଥାନା ଅନ୍ତର୍ଗତ ତାରଙ୍ଗ ଗ୍ରାମଠାରେ ସାପ ବିଷ ବିକ୍ରି ପାଇଁ ମୂଲଚାଲ ହେଉଥିବା ନେଇ ରିଆମାଳ ପୋଲିସ ଖବର ପାଇଥିଲା। ଏହାପରେ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଏହା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ସୂଚନା ଆଧାରରେ ସ୍କ୍ୱାଡ୍‌ର ଜଣେ ଅଧିକାରୀ ଗ୍ରାହକ ହୋଇ ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲା। ଏହାପରେ ସ୍ୱତନ୍ତ୍ର ସ୍କ୍ୱାଡ୍ ☞ ପୃଷ୍ଠା-୬

# 'ସୁସ୍ଥ ରୁହ, ପରିବାରର ଉନ୍ନତି କର'



ଅନୁଗୋଳ ଜିଲାର ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରୁଛନ୍ତି।

**ଅନୁଗୋଳ/ଢେଙ୍କାନାଳ ଅଫିସ, ୨୦।୧୧**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲ୍‌ଥ କାର୍ଡରେ ଯୋଡ଼ି ହୋଇଛି ଅନୁଗୋଳ ଓ ଢେଙ୍କାନାଳ ଜିଲା। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ ଜିଲା ଗସ୍ତ କରି ହିତାଧିକାରୀମାନଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିବା ସହିତ ସୁସ୍ଥ ରହିବା ସହ ପରିବାରର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଅନୁଗୋଳ ଷ୍ଟାଡିୟମରେ ପହଞ୍ଚି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲାର ୫ ଜଣ ହିତାଧିକାରୀ ସସ୍ମିତା ଲୁହାର, ପ୍ରେମଲତା ସାହୁ, ସଙ୍ଗୀତା ରାଣୀ ସାହୁ, ସବିତା ସାହୁ ଓ ମିନତି ପ୍ରଧାନଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରିବା ପରେ ଜିଲା ପାଇଁ ମୋଟ ୧ ହଜାର ୧୭୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଉଦ୍‌ବୋଧନ ରଖି ମୁଖ୍ୟମନ୍ତ୍ରୀ ବାଜି ରାଉତ ଛାତ୍ରାବାସ ସହ ସ୍ୱାଧୀନତା ସଂଗ୍ରାମୀ ☞ ପୃଷ୍ଠା-୬

- ମୁଖ୍ୟମନ୍ତ୍ରୀଙ୍କ ଅନୁଗୋଳ ଓ ଢେଙ୍କାନାଳ ଗସ୍ତ
- ହିତାଧିକାରୀଙ୍କୁ ବାଣ୍ଟିଲେ ସ୍ମାର୍ଟ ହେଲ୍‌ଥ କାର୍ଡ
- ୨ ଜିଲାରେ ପ୍ରାୟ ୨ ହଜାର କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

# ଝାଡ଼ଖଣ୍ଡରେ ରେଳଲାଇନ ଉଡ଼ାଇଦେଲେ ମାଓବାଦୀ

**ଲାଟେହାର, ୨୦।୧୧**



ଝାଡ଼ଖଣ୍ଡର ଲାଟେହାର ଏବଂ ପଶ୍ଚିମ ସିଂହଭୂମ ଜିଲା ମଧ୍ୟରେ ରହିଥିବା ରେଳଲାଇନର କିଛି ଅଂଶକୁ ମାଓବାଦୀମାନେ ଶୁକ୍ରବାର ବିଳମ୍ବିତ ରାତିରେ ଉଡ଼ାଇ ଦେଇଛନ୍ତି। ଫଳରେ ବାର୍କାକାନା-ଗରୱା ଏବଂ ହାୱଡ଼ା-ମୁମ୍ବାଇ ରୁଟ୍‌ରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ରେଳୱେର ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ସୋନୁଆ ଓ ଲୋଟପାହାଡ଼ ମଧ୍ୟରେ ଥିବା ରେଳ ଟ୍ରାକ୍‌ରେ ବିସ୍ଫୋରଣ ଯୋଗୁ ଏହା କ୍ଷତିଗ୍ରସ୍ତ ହୋଇଛି। ହାଓଡ଼ା-ମୁମ୍ବାଇ ରୁଟ୍‌ରେ ଦୀର୍ଘ ସମୟ ଟ୍ରେନ ବନ୍ଦ ରହିବା ପରେ ଶନିବାର ଦିନ ୧୦ଟା ପରେ ଚଳାଚଳ ସ୍ୱାଭାବିକ ହୋଇଛି। ମାଓବାଦୀମାନଙ୍କ ଶୀର୍ଷ ନେତା ପ୍ରଶାନ୍ତ ବୋଷ ଓରଫ କିଷନ ଦା'ଙ୍କୁ ଗିରଫ ପ୍ରତିବାଦରେ ଉକ୍ତ ସଂଗଠନ ପକ୍ଷରୁ ଶନିବାର ବନ୍ଦ ଡାକରା ଦିଆଯାଇଥିଲା। କିଷନଙ୍କୁ ଧରାଇଦେଲେ ୧ କୋଟି ଟଙ୍କା ପୁରସ୍କାର ମିଳିବ ବୋଲି ପୂର୍ବରୁ ଝାଡ଼ଖଣ୍ଡ ପୋଲିସ ଘୋଷଣା କରିଥିଲା। ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ଶତାଧିକ ଆକ୍ରମଣ ଓ ପୋଡ଼ାଜଳା ପଛର ମାଷ୍ଟର ମାଇଣ୍ଡ ହେଉଛନ୍ତି କିଷନ।

ସେହିପରି ଲାଟେହାରର ରିଚୁଘୁଟା ଓ ଡେମୁ ଷ୍ଟେଶନ ମଧ୍ୟରେ ଶୁକ୍ରବାର ରାତି ସାଢ଼େ ୧୨ଟାରେ ଆଉ ଏକ ବିସ୍ଫୋରଣ ହୋଇଥିଲା। ଫଳରେ ବାର୍କାକାନା-ଗରୱା ରୁଟ୍‌ରେ ଟ୍ରେନ ଚଳାଚଳ ବନ୍ଦ ରହିଛି। କେତେକ ଟ୍ରେନ୍ ଅନ୍ୟ ☞ ପୃଷ୍ଠା-୬




# କୃଷକଙ୍କ ଏମ୍‌ଏସ୍‌ପି ଦାବି ଗ୍ରହଣ କର


ବରୁଣ ଗାନ୍ଧୀ

- ପ୍ରଧାନମନ୍ତ୍ରୀଙ୍କୁ ବରୁଣ ଗାନ୍ଧୀଙ୍କ ଆହ୍ୱାନ
- ମନ୍ତ୍ରୀ ଅଜୟ ମିଶ୍ରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ନୂଆଦିଲ୍ଲୀ, ୨୦।୧୧**

ଦୀର୍ଘଦିନର ଆନ୍ଦୋଳନ ପରେ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଲାଗି ଚାଷୀମାନଙ୍କ ଦାବିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ରହଣ କରିନେବା ଲାଗି ଭାଜପା ଏମ୍‌ପି ବରୁଣ ଗାନ୍ଧୀ ଶନିବାର ଅନୁରୋଧ କରିଛନ୍ତି। ଏଥିସହିତ ଲଖିମ୍‌ପୁର ଖେରି ହିଂସା ଘଟଣାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ଚାଷୀମାନଙ୍କ ଉପରୋକ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନର ଶେଷ ହେବ ନାହିଁ ବୋଲି ପିଲିଭିଟ୍ ଏମ୍‌ପି ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି।

ବିବାଦୀୟ କୃଷି ଆଇନ ରଦ୍ଦ ନିଷ୍ପତ୍ତିକୁ ଆନ୍ଦୋଳନରତ କୃଷକ ସଂଗଠନଗୁଡ଼ିକ ସ୍ୱାଗତ କରିଛନ୍ତି। ତେବେ ପାର୍ଲାମେଣ୍ଟରେ ଏହା ରଦ୍ଦ ହେବା ଏବଂ ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଆଇନ ପ୍ରତ୍ୟାହାର ନିଷ୍ପତ୍ତି ଲାଗି ବରୁଣ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ନିଷ୍ପତ୍ତି ନେବାରେ ବିଳମ୍ବ ଯୋଗୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଉଥିବା ୭୦୦ରୁ ଊର୍ଦ୍ଧ୍ୱ କୃଷକ ଭାଇଭଉଣୀଙ୍କର ଜୀବନ ଗଲା। ଆଇନ ପ୍ରତ୍ୟାହାର ନିଷ୍ପତ୍ତି ପୂର୍ବରୁ ହୋଇଥିଲେ ଏହି ନିରୀହ ଲୋକମାନଙ୍କ ଜୀବନ ରକ୍ଷା ହୋଇପାରିଥାନ୍ତା ବୋଲି ବରୁଣ କହିଛନ୍ତି। ବରୁଣ ଟୁଇଟରରେ ପୋଷ୍ଟ କରିଥିବା ପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି, ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ଲାଗି ଚାଷୀମାନଙ୍କୁ ଦାବିକୁ ଗ୍ରହଣ କରାଯିବା ଆବଶ୍ୟକ। ☞ ପୃଷ୍ଠା-୬

## ପାର୍ଲାମେଣ୍ଟକୁ ଟ୍ରାକ୍ଟର ରାଲି ନିଷ୍ପତ୍ତିରୁ ଓହରି ନାହାନ୍ତି ଚାଷୀ

**ନୂଆଦିଲ୍ଲୀ, ୨୦।୧୧**

ବିବାଦୀୟ କୃଷି ଆଇନ ରଦ୍ଦ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିବା ସତ୍ତ୍ୱେ ଆଗାମୀ ଶୀତ ଅଧିବେଶନ ବେଳେ ପାର୍ଲାମେଣ୍ଟକୁ ଟ୍ରାକ୍ଟର ରାଲି କରିବା ଲାଗି ନେଇଥିବା ନିଷ୍ପତ୍ତିରୁ ଓହରି ନାହାନ୍ତି। ଆସନ୍ତା ୨୯ ତାରିଖରୁ ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ପ୍ରତିଦିନ ୫୦୦ ଚାଷୀ ସଂସଦ ଭବନ ଅଭିମୁଖେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯିବେ ବୋଲି ପୂର୍ବରୁ କୃଷକ ୟୁନିୟନଗୁଡ଼ିକର ସର୍ବୋଚ୍ଚ ସଂଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଘୋଷଣା କରିଥିଲା। ରବିବାର ସିଙ୍ଘୁ ସୀମାରେ କୃଷକ ସଂଗଠନଗୁଡ଼ିକର ବୈଠକ ବସି ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଶନିବାର ଏସ୍‌କେଏମ୍ କୋର୍ କମିଟି ସଦସ୍ୟ ଦର୍ଶନ ପାଲ୍ ସୂଚନା ଦେଇଛନ୍ତି। କୃଷି ଆଇନ ପ୍ରତ୍ୟାହାର ଲାଗି ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଏସ୍‌କେଏମ୍ ସ୍ୱାଗତ କରିଛି। ☞ ପୃଷ୍ଠା-୬



**ନୌସେନାରେ ଆଜି ସାମିଲ ହେବ ଆଇଏନ୍ଏସ୍ ବିଶାଖାପଟନମ୍**

ପ୍ରୋଜେକ୍ଟ ୧୫ବି'ର ପ୍ରଥମ ଯୁଦ୍ଧଜାହାଜ ଆଇଏନ୍ଏସ୍ ବିଶାଖାପଟନମ୍ ରବିବାର ଭାରତୀୟ ନୌସେନାରେ ସାମିଲ ହେବାକୁ ଯାଉଛି। ମୁମ୍ବାଇର ନାଭାଲ ଡକ୍‌ୟାର୍ଡରେ ହେବାକୁ ଥିବା ଏହି ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ନୌସେନାର ଏହି ଶ୍ରେଣୀର ବିଧ୍ୱଂସୀ ଯୁଦ୍ଧଜାହାଜର ନେତୃତ୍ୱ ନେବ ବିଶାଖାପଟନମ୍। ଏହାବ୍ୟତୀତ ନଭେମ୍ବର ୨୮ରେ ବୁଡ଼ାଜାହାଜ ଭେଲା ନୌସେନାରେ ସାମିଲ ହେବାକୁ ଥିବାବେଳେ ଏଥିରେ ନାଭାଲ ଷ୍ଟାଫ୍ ମୁଖ୍ୟ ଆଡମିରାଲ କରମବୀର ସିଂ ମୁଖ୍ୟ ଅତିଥି ହେବେ।



## ସଂକ୍ଷେପରେ

### ସୀମା ଦଖଲ ଉଦ୍ୟମ କଲେ ଠିକଣା ଜବାବ ଦିଆଯିବ: ରାଜନାଥ



**ପିଥୋରାଗଡ଼, ୨୦।୧୧(ପି.ଟି.):** ଭାରତ ଏହାର ପଡୋଶୀଙ୍କ ସହ ଉତ୍ତମ ସମ୍ପର୍କ ରଖିବାକୁ ଚାହେଁ। ବିଶ୍ୱର କୌଣସି ଦେଶ ଭାରତର ଗୋଟିଏ ଇଞ୍ଚ ଭୂମି ଯଦି ଦଖଲ କରିବାକୁ ଉଦ୍ୟମ କରେ ତେବେ ଠିକଣା ଜବାବ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ବିଧାନସଭା ନିର୍ବାଚନ ହେବାକୁ ଥିବା ଉତ୍ତରାଖଣ୍ଡକୁ ଶହୀଦ ସମ୍ମାନ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବାକୁ ଯାଇଥିବା ଅବସରରେ ରାଜନାଥ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି ଯାତ୍ରା ପିଥୋରାଗଡ଼ ଜିଲାର ଝୌଲଖେତ୍ ମୁନାକୋଟ୍‌ରୁ ଆରମ୍ଭ ହେବ। ଭାରତ କେବେ କୌଣସି ଦେଶ ଉପରେ ଆକ୍ରମଣ କରେନାହିଁ କିମ୍ବା ବିଦେଶୀ ଅଞ୍ଚଳକୁ ଦଖଲ କରେନାହିଁ। ପଡୋଶୀଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା ଭାରତୀୟ ସଂସ୍କୃତି। ତେବେ କେତେଜଣ ଏହାକୁ ବୁଝନ୍ତି ନାହିଁ। ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟ ଜରିଆରେ ଭାରତରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ ଜାରି ରଖିଛି। ଏଥିପାଇଁ ଉକ୍ତ ଦେଶକୁ କଡ଼ା ବାର୍ତ୍ତା ଦିଆଯାଇଛି। ଯଦି ଏହା ସୀମା ଲଂଘନ କରେ ଆମେ କେବଳ ସୀମାରେ ଠିକଣା ଜବାବ ଦେବୁନାହିଁ, ଭିତରେ ପଶି ସର୍ଜିକାଲ ଷ୍ଟ୍ରାଇକ୍ ଓ ଏୟାର ଷ୍ଟ୍ରାଇକ୍ କରିବୁ ବୋଲି ରାଜନାଥ କହିଛନ୍ତି। ଚାଇନାର ନାଁ ନ ନେଇ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, ଆଉ ଏକ ପଡୋଶୀ ସମ୍ପର୍କର ମାନେ ବୁଝେ ନାହିଁ। ନେପାଳ ସୀମାରେ ମଧ ଲିପୁଲେଖ ପାସ୍‌ରୁ ମାନସରୋବର ରାସ୍ତାକୁ ନେଇ ବିବାଦ ସୃଷ୍ଟି କରାଯାଉଛି। ଏହା ନେପାଳ ସହ ଭାରତର ସାଂସ୍କୃତି ସମ୍ପର୍କକୁ ପ୍ରଭାବିତ କରିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

### ଟିଏମ୍‌ସିରେ ଯୋଗଦେଲେ ପୂର୍ବତନ ଭାଜପା ବିଧାୟକ

**ପଣଜୀ, ୨୦।୧୧:** ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ଭାଜପା ବିଧାୟକ କିରନ କଣ୍ଡୋଲକର ଶନିବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଛନ୍ତି। ସେ ଗତ ମାସରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଦୁର୍ଗାଙ୍କ ସହ ତୁଳନା କରିଥିଲେ। ଗୋଆ ଫରୱାର୍ଡ ପାର୍ଟିର କାର୍ଯ୍ୟକାରୀ ସଭାପତି ଥିବା କଣ୍ଡୋଲକର ଲୋକ ସଭା ସଦସ୍ୟ ପଣଜୀଠାରେ ମହୁଆ ମୈତ୍ରଙ୍କ ଉପସ୍ଥିତିରେ ଟିଏମ୍‌ସିରେ ସାମିଲ ହୋଇଛନ୍ତି। ଗୋଆରୁ ଭାଜପାକୁ ହଟାଇବାକୁ ହେବ। ଏଥିପାଇଁ ତୃଣମୂଳ କଂଗ୍ରେସ ଏକମାତ୍ର ବିକଳ୍ପ ବୋଲି ସେ କହିଛନ୍ତି।



କିରନ କଣ୍ଡୋଲକର

## 'ଅନ୍ତିମ'ର ପ୍ରମୋଶନ କରିବେନି ସଲମାନ



ବଲିଉଡ ଦବଙ୍ଗ ସଲମାନ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ଅନ୍ତିମ: ଦ ଫାଇନାଲ ଟ୍ରୁଥ' ନଭେମ୍ବର ୨୬ରେ ରିଲିଜ ହେବ। ଏଥିରେ ଅଭିନୟ ପାଇଁ ସଲମାନ ଖୁବ ପରିଶ୍ରମ କରିଥିଲେ ବି ଏବେ ସେ ଏହାର ପ୍ରମୋଶନ କରିବେ ନାହିଁ ବୋଲି କହିଛନ୍ତି । ଫିଲ୍ମରେ ସଲମାନଙ୍କ ସହ ତାଙ୍କ ଭିଣୋଇ ଆୟୁଷ ଶର୍ମା ଓ ମହିମା ମକୱାନାଙ୍କୁ ଦେଖିବାକୁ ମିଳିବ। ନିକଟରେ ସଲମାନ ଏକ ଟୁଇଟ କରି କହିଛନ୍ତି ଫିଲ୍ମର ପ୍ରମୋଶନ ଦାୟିତ୍ୱ ସେ ପ୍ରଶଂସକଙ୍କୁ ଦେଇଛନ୍ତି। ତେଣୁ ସେ ନିଜେ ଏହାର ପ୍ରଚାର କରିବେ ନାହିଁ। ଏହା ଦେଖିବା ପରେ ତାଙ୍କ ପ୍ରଶଂସକମାନେ ଉତ୍ସାହିତ ହୋଇ ଫିଲ୍ମର ପ୍ରମୋଶନରେ ଲାଗି ପଡିଛନ୍ତି । ଚଳଚ୍ଚିତ୍ରଟି ମହେଶ ମାଞ୍ଜେରେକରଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବା ବେଳେ ସଲମାନ ଖାନ୍ ଏହାର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ସଲମାନ ଖାନ୍ ଫିଲ୍ମସ ଦ୍ୱାରା ଏହା ପ୍ରସ୍ତୁତ କରାଯାଉଛି। ତେବେ ଫିଲ୍ମର ପ୍ରମୋଶନ ପାଇଁ ଖୁବଶୀଘ୍ର ସଲମାନ ଦ କପିଲ ଶର୍ମା ଶୋ'କୁ ଆସିବାକୁ ପ୍ରସ୍ତୁତ ଥିବା ଚର୍ଚ୍ଚା ହେଉଛି।

## 'କଙ୍ଗନାଙ୍କୁ ପାଗଳଖାନା ପଠାଯାଉ'



ସୋସିଆଲ ମିଡିଆରେ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ 'ଦେଶଦ୍ରୋହ' ମନ୍ତବ୍ୟ ଦେଉଥିବା ଅଭିଯୋଗ କରି ଇଣ୍ଡିଆନ ୟୁଥ୍ କଂଗ୍ରେସ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ସଙ୍ଗଠନର ରାଷ୍ଟ୍ରୀୟ ସଚିବ ଅମରେଶ ରଞ୍ଜନ ପାଣ୍ଡେ ଏବଂ ଅମ୍ବୁଜ ଦୀକ୍ଷିତ ଦିଲ୍ଲୀର ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଅଭିଯୋଗ କରିଛନ୍ତି। ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ମ୍ୟାନେଜମେଣ୍ଟ କମିଟି ଅଧକ୍ଷ ମଜିନ୍ଦର ସିଂ ସିର୍‌ସା ମଧ କଙ୍ଗନାଙ୍କୁ ଟାର୍ଗେଟ କରିଛନ୍ତି। କଙ୍ଗନାଙ୍କ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତାଙ୍କୁ ପାଗଳଖାନା ପଠାଯାଉ ନଚେତ୍ ଜେଲରେ ରଖାଯାଉ ବୋଲି ମଜିନ୍ଦର କହିଛନ୍ତି। ସୂଚନାଯୋଗ୍ୟ, ୩ କୃଷି ଆଇନ ପ୍ରତ୍ୟାହାର କରିବାକୁ ନେଇ କଙ୍ଗନା ଏକ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ କହିଛନ୍ତି, 'ଯଦି ରାସ୍ତାରେ ଲୋକେ ଆଇନ ତିଆରି କରିବା ଆରମ୍ଭ କରନ୍ତି ଏବଂ ସରକାର ସଂସଦରେ ତାହା କରନ୍ତି ନାହିଁ, ତେବେ ଏହା ଏକ ଜିହାଦୀ ରାଷ୍ଟ୍ର। ଏହାକୁ ପସନ୍ଦ କରୁଥିବା ବ୍ୟକ୍ତିଙ୍କୁ ଅଭିନନ୍ଦନ'।

# ମୋଦିଙ୍କ ବିବାଦୀୟ ନୀତି

**ନୂଆଦିଲ୍ଲୀ, ୨୦।୧୧**



- ଆନ୍ଦୋଳନ ପରେ କୃଷି ଆଇନ ପ୍ରତ୍ୟାହାର ନିଷ୍ପତ୍ତି
- ବିମୁଦ୍ରୀକରଣ ଥିଲା ସବୁଠୁ ବିବାଦୀୟ ନୀତି
- ନାଗରିକତ୍ୱ ଆଇନ ଭାରତର ଧର୍ମନିରପେକ୍ଷ ନୀତିର ଉଲ୍ଲଂଘନ କହି ବିରୋଧୀ ସମାଲୋଚନା କରିଥିଲେ

୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ବିପୁଳ ଜନାଦେଶ ପାଇ କ୍ଷମତାକୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇତିମଧ୍ୟରେ ଅନେକ ବିବାଦୀୟ ନୀତି କାର୍ଯ୍ୟକାରୀ କରିବା ସହ କେତେକକୁ ପ୍ରତ୍ୟାହାର କରିବାକୁ ବାଧ ହୋଇଛନ୍ତି। ୩ କୃଷି ଆଇନ ସେଥିରୁ ଅନ୍ୟତମ। ଭାରତର ବିଶାଳ କୃଷି ସେକ୍ଟରକୁ ଘରୋଇ ପୁଞ୍ଜିନିବେଶ ଆକର୍ଷଣ କରିବା ଲକ୍ଷ୍ୟରେ ମୋଦି ୨୦୨୦ରେ ୩ କୃଷି ଆଇନ ଆଣିଥିଲେ। ଏହାକୁ ନେଇ ବର୍ଷେରୁ ଉର୍ଦ୍ଧ୍ୱ ସମୟ ଧରି ଚାଷୀ ଆନ୍ଦୋଳନ ଜାରି ରହିଥିଲା। କୃଷକ ପ୍ରତିନିଧିମାନଙ୍କ ସହ ସରକାରଙ୍କର ଏକାଧିକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ସମାଧାନର ସୂତ୍ର ବାହାରି ପାରି ନ ଥିଲା। ଆଇନ ପ୍ରତ୍ୟାହାର ଦାବିରେ କୃଷକ ନେତାମାନେ ଅଡ଼ି ବସିଥିଲେ। ଆଗକୁ ପଞ୍ଜାବ, ଉତ୍ତରପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଶୁକ୍ରବାର ଗୁରୁ ନାନକଙ୍କ ଜନ୍ମବାର୍ଷିକୀରେ ବିବାଦୀୟ କୃଷି ଆଇନ ରଦ୍ଦ କରିବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।

ମୋଦିଙ୍କ ଅନ୍ୟ ବିବାଦୀୟ ନିଷ୍ପତ୍ତି ମଧ୍ୟରେ ରହିଛି ନାଗରିକତ୍ୱ ଆଇନରେ ପକ୍ଷପାତ ନୀତି। ୨୦୧୯ ଶେଷ ଭାଗରେ ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ସରକାର ଆଣିଥିବା ନାଗରିକତ୍ୱ ଆଇନକୁ ପାର୍ଲାମେଣ୍ଟର ଅନୁମୋଦନ ମିଳିଥିଲା। ଏଥିରେ ପଡୋଶୀ ଦେଶରୁ ଆସିଥିବା ମୁସଲମାନ ଶରଣାର୍ଥୀଙ୍କୁ ବାଦ୍ ଦିଆଯାଇଥିବାରୁ ଏହା ଭାରତର ଧର୍ମନିରପେକ୍ଷ ନୀତିର ଉଲ୍ଲଂଘନ ବୋଲି ବିରୋଧୀ ସମାଲୋଚନା କରିଥିଲେ। ଉକ୍ତ ଆଇନ ଅନୁଯାୟୀ ୨୦୧୫ ପୂର୍ବରୁ ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରୁ ପଳାଇ ଆସିଥିବା ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ, ଜୈନ, ପାରସ୍ୟ ଓ ଶିଖ୍ ଧର୍ମାବଲମ୍ବୀମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ଏହାକୁ ବିରୋଧ କରି ସାରା ଦେଶରେ ବିକ୍ଷୋଭ ପ୍ରତିବାଦ କରାଯାଇଥିଲା। ଏହା ବାସ୍ତବରେ ପକ୍ଷପାତିତା ବୋଲି ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।

୨୦୧୯ରେ ମୋଦି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ପୁନର୍ବାର କ୍ଷମତାକୁ ଆସିବା ପରେ ଜମ୍ମୁ-କଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଏହା ବିରୋଧରେ ଆନ୍ଦୋଳନକୁ ଚପାଇ ଦେବା ଲାଗି ବହୁସଂଖ୍ୟାରେ କଶ୍ମୀର ନେତାଙ୍କୁ ଗୃହବନ୍ଦୀ କରି ରଖାଯାଇଥିଲା ଏବଂ ହଜାର ହଜାର ସୈନ୍ୟ ଓ ଅର୍ଦ୍ଧସାମରିକ ଯବାନ ପଠାଯାଇ ଜମ୍ମୁ-କଶ୍ମୀରକୁ ଏକପ୍ରକାର ସେନା ଛାଉଣିରେ ପରିଣତ କରାଯାଇଥିଲା।

ଜମି ଅଧିଗ୍ରହଣ ବିଧେୟକ ଉପରେ ବିରୋଧୀ ଦଳଗୁଡ଼ିକର ସମର୍ଥନ ପାଇବାରେ ବିଫଳ ହେବା ପରେ ଜମି କିଣାବିକାକୁ ସହଜ କରିବା ଲାଗି ମୋଦି ୨୦୧୫ରେ ଏକ ଅଧ୍ୟାଦେଶ ଆଣିଥିଲେ। ଅଧ୍ୟାଦେଶ ଅନୁଯାୟୀ ପ୍ରତିରକ୍ଷା ପ୍ରକଳ୍ପ, ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ, ଗ୍ରାମାଞ୍ଚଳ ଗୃହନିର୍ମାଣ ଓ ଶିଳ୍ପ କରିଡର ପାଇଁ ଜମି ଅଧିଗ୍ରହଣ କରିବାରେ ପ୍ରଭାବିତ ଜମି ମାଲିକଙ୍କ ମଧ୍ୟରୁ ୮୦ ପ୍ରତିଶତଙ୍କ ସହମତି ଆବଶ୍ୟକ ହେବ। ଏହାକୁ ଚାଷୀ ଓ ବିରୋଧୀ ଦଳଗୁଡ଼ିକ ବିରୋଧ କରିଥିଲେ।

ମୋଦିଙ୍କର ସବୁଠୁ ବିବାଦୀୟ ନିଷ୍ପତ୍ତି ଥିଲା ବିମୁଦ୍ରୀକରଣ। ଦେଶରେ ପ୍ରଚଳିତ ସମସ୍ତ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ରଦ୍ଦ ହେଲା ବୋଲି ୨୦୧୬ ନଭେମ୍ବର ୮ ରାତିରେ ମୋଦି ହଠାତ୍ ଘୋଷଣା କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲେ। କଳାଧନ ଓ ଜାଲ୍ ନୋଟ ପ୍ରସାରଣ ରୋକିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା କୁହାଗଲା। ଏଭଳି ନିଷ୍ପତ୍ତି ଯୋଗୁ ଦେଶବାସୀ ନାହିଁ ନ ଥିବା ହୀନସ୍ତା ହୋଇଥିଲେ। ନଗଦ ଅର୍ଥ କାରବାର ଉପରେ ନିର୍ଭରଶୀଳ ଅନେକ ବ୍ୟବସାୟ ଭୁଶୁଡ଼ି ପଡ଼ିଥିଲା। ନୋଟବନ୍ଦୀ ନିଷ୍ପତ୍ତି ଯୋଗୁ ଦେଶର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଥିଲା। ନୋଟବନ୍ଦୀ ଜନିତ ବିପର୍ଯ୍ୟୟରୁ ଅର୍ଥନୀତି ସୁଧୁରି ଆସୁଥିବାବେଳେ ଆରମ୍ଭ ହୋଇଗଲା କୋଭିଡ୍-୧୯ ମହାମାରୀ, ଯାହା ପୁଣିଥରେ ଅର୍ଥନୀତିକୁ ସଙ୍କଟ ମଧ୍ୟକୁ ନେଇଗଲା।

### 'ଭାଜପା ଶାସନରେ କ୍ୟାବିନେଟ ମଞ୍ଜୁରୀ ବିନା ଆଇନ ତିଆରି ଓ ରଦ୍ଦ ହେଉଛି'



ପି. ଚିଦାମ୍ବରମ୍

**ନୂଆଦିଲ୍ଲୀ, ୨୦।୧୧**

ଭାଜପା ନେତୃତ୍ୱାଧୀନ ସରକାରରେ କ୍ୟାବିନେଟର ଅନୁମୋଦନ ବିନା ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରସ୍ତୁତ ହେଉଛି ଓ ରଦ୍ଦ ହେଉଛି। କୃଷି ଆଇନ ପ୍ରତ୍ୟାହାର ପାଇଁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିବା ପରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍ ଏହା କହିଛନ୍ତି। କ୍ୟାବିନେଟ ମଞ୍ଜୁରୀ ବିନା ପ୍ରଧାନମନ୍ତ୍ରୀ ଏତେବଡ଼ ଘୋଷଣା କରିଥିବାରୁ ସେ ଏହାର ସମାଲୋଚନା କରିଛନ୍ତି। କେବଳ ଭାଜପା ସରକାରରେ ଏହା ସମ୍ଭବ ହେଉଛି ବୋଲି ଚିଦାମ୍ବରମ କହିଛନ୍ତି। ଶୁକ୍ରବାର ମୋଦିଙ୍କ ଟେଲିଭିଜନ ଭାଷଣ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଏହା ଉପରେ କରିଥିବା ଟୁଇଟ୍ ପାଇଁ ଚିଦାମ୍ବରମ ସେମାନଙ୍କୁ ସମାଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ମୋଦି କୃଷି ଆଇନ ରଦ୍ଦ ସମ୍ପର୍କରେ ଘୋଷଣା କରିବା ପରେ ଏହା ତାଙ୍କର ଉଲ୍ଲେଖନୀୟ ରାଷ୍ଟ୍ରନାୟକତ୍ୱକୁ ପ୍ରତିପାଦିତ କରୁଛି ବୋଲି ଶାହା କହିଥିଲେ। ସେହିପରି ନଡ୍ଡା କହିଥିଲେ, ଚାଷୀଙ୍କ ପ୍ରତି ପ୍ରଧାନମନ୍ତ୍ରୀ ସର୍ବାଧିକ ଧ୍ୟାନ ଦେଉଛନ୍ତି। ଚାଷୀଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ରାଜନାଥ କହିଥିଲେ। ତେବେ ଗତ ୧୫ ମାସ ହେଲା ଏହି ନେତା ଓ ସେମାନଙ୍କ ବିଜ୍ଞ ଉପଦେଶ କେଉଁଠି ଥିଲା ବୋଲି ଚିଦାମ୍ବରମ ପ୍ରଶ୍ନ କରିଛନ୍ତି।



ଶନିବାର ସୁରଟର ତାପି ନଦୀ ଉପରେ ଉଡୁଥିବା ସାଇବେରିଆର ସିଗୁଲ୍‌ମାନଙ୍କୁ ଲୋକେ ଖାଦ୍ୟ ଦେଉଛନ୍ତି।

## ଇମ୍ରାନଙ୍କୁ ବଡ଼ଭାଇ କହିଲେ ସିଦ୍ଧୁ

**ନୂଆଦିଲ୍ଲୀ, ୨୦।୧୧**



ପାକିସ୍ତାନର କର୍ତ୍ତାରପୁର ସାହିବ ଭ୍ରମଣରେ ଯାଇଥିବା ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁ ପୁଣି ଥରେ ବିବାଦ ଘେରକୁ ଆସିଛନ୍ତି। ସେ ସେଠାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ବଡ଼ଭାଇ ସମ୍ବୋଧନ କରିଥିବା ଭିଡିଓ ପ୍ରସାରିତ ହୋଇଛି। ଏହାକୁ ନେଇ ଭାଜପା କଂଗ୍ରେସକୁ ସମାଲୋଚନା କରିଛି। ବିରୋଧୀ ଦଳ ହିନ୍ଦୁତ୍ୱ ମଧ୍ୟରେ ଆଇଏସ୍ ଏବଂ ବୋକୋ ହାରାମ ଭଳି ଆତଙ୍କବାଦୀ ଗୋଷ୍ଠୀଙ୍କୁ ଦେଖୁଥିଲାବେଳେ ଖାନ୍‌ଙ୍କଠାରେ ଭାଇଜାନ୍ ଦେଖୁଛି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ୍ ମାଲବ୍ୟ ଉକ୍ତ ଭିଡିଓ ଶେୟାର କରିବା ସହ ରାହୁଲ ଗାନ୍ଧୀଙ୍କ ପ୍ରିୟ ସିଦ୍ଧୁ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ବଡ଼ଭାଇ ଡାକୁଥିବା ଟୁଇଟ୍ କରିଛନ୍ତି। ପୂର୍ବରୁ ସିଦ୍ଧୁ ପାକିସ୍ତାନ ସେନାମୁଖ୍ୟ ଜେନେରାଲ ବାଜୱାଙ୍କୁ ଆଲିଙ୍ଗନ କରିବା ସହ ତାଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଅମରିନ୍ଦରଙ୍କୁ ହଟାଇବା ପାଇଁ ଗାନ୍ଧୀ ଭାଇଭଉଣୀ ପାକିସ୍ତାନ ପ୍ରେମୀ ସିଦ୍ଧୁଙ୍କୁ ବାଛିଛନ୍ତି। ଏହା ଭାରତୀୟଙ୍କ ପାଇଁ ଗୁରୁତର ଚିନ୍ତାର ବିଷୟ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି। ଏହା ପଛରେ ବଡ଼ ଷଡ଼ଯନ୍ତ୍ର ରହିଛି। ରାହୁଲଙ୍କ ସମେତ ଅନେକ କଂଗ୍ରେସ ନେତା ହିନ୍ଦୁତ୍ୱକୁ ସମାଲୋଚନା କରୁଥିବାବେଳେ ସିଦ୍ଧୁଙ୍କ ମନ୍ତବ୍ୟ ସହ ସେମାନଙ୍କର ସମ୍ପୃକ୍ତି ଥିବା ସମ୍ବିତ୍ ଅଭିଯୋଗ କରିଛନ୍ତି। ସୀମାନ୍ତ ରାଜ୍ୟ ପଞ୍ଜାବରେ ପାକିସ୍ତାନ ସମସ୍ୟା ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ସେଠାରେ ଜଣେ ପରିପକ୍ୱ ଓ ଦେଶଭକ୍ତ ନେତୃତ୍ୱର ଆବଶ୍ୟକତା ରହିଥିବା ସମ୍ବିତ୍ କହିଛନ୍ତି।

### ଆନ୍ଧ୍ରପ୍ରଦେଶ ବର୍ଷା ମୃତ୍ୟୁସଂଖ୍ୟା ୨୩କୁ ବୃଦ୍ଧି



ଆକାଶମାର୍ଗରୁ ବନ୍ୟାଞ୍ଚଳ ଦେଖୁଛନ୍ତି ଜଗନ୍‌ମୋହନ।

**ବିଜୟୱାଡ଼ା, ୨୦।୧୧**

ଆନ୍ଧ୍ରପ୍ରଦେଶର କଡ଼ପ୍ପା ଏବଂ ଅନନ୍ତପୁର ଜିଲାରେ ଆଉ ୪ ଜଣଙ୍କ ମୃତ୍ୟୁ ପରେ ରାଜ୍ୟରେ ବର୍ଷାଜନିତ ମୃତ୍ୟୁସଂଖ୍ୟା ୨୩କୁ ବୃଦ୍ଧି ପାଇଛି। ଅନନ୍ତପୁର ଜିଲାର କାଦିରି ସହରରେ ପ୍ରବଳ ବର୍ଷା ଯୋଗୁ ଦୁଇଟି କୋଠା ଭୁଶୁଡ଼ି ୨ ଶିଶୁଙ୍କ ସମେତ ୩ ଜଣଙ୍କ ଜୀବନ ଯାଇଛି। ଭଗ୍ନାବଶେଷ ତଳେ ଅନ୍ୟୁନ ୧୫ ଜଣ ପୋତିହୋଇ ପଡ଼ିଥିବା ଆଶଙ୍କା କରାଯାଉଛି। କଡପ୍ପା ଜିଲାର ଅନ୍ନାମିଆ ପ୍ରୋଜେକ୍ଟ ବନ୍ଧ ଭାଙ୍ଗି ଆସିଥିବା ବନ୍ୟାରେ ଭାସିଯାଇ ଅନ୍ୟ ଜଣକ ମୃତ୍ୟୁ ଘଟିଛି। ପ୍ରବଳ ବର୍ଷା ଯୋଗୁ ଆନ୍ଧ୍ରପ୍ରଦେଶର ୪ ଜିଲା କ୍ଷତିଗ୍ରସ୍ତ ହୋଇଛି। ଅନେକ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ରାସ୍ତାଘାଟ ପାଣିରେ ବୁଡ଼ି ରହିଛି। ସୋମାସିଲାଠାରେ ରାସ୍ତା ବିଚ୍ଛିନ୍ନ ହୋଇଯାଇଥିବାରୁ ଅନେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ପେନ୍ନା ନଦୀରେ ବଡ଼ ବନ୍ୟା ଆସିବା ନେଇ ନେଲୋର ଜିଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ତିରୁପତିର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ରହିଛି। ଘାଟ ରୋଡ୍‌ରୁ ତିରୁମାଲାକୁ ଦୁଇଚକିଆ ଯାନ ମଧ ଛଡ଼ାଯାଉନାହିଁ। ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀ ଆକାଶମାର୍ଗରୁ କଡପ୍ପା, ନେଲୋର ଏବଂ ଚିତ୍ତୋର ଜିଲାର ବନ୍ୟା କ୍ଷୟକ୍ଷତି ଦେଖିଛନ୍ତି।

## ଇନ୍ଦୋର ସବୁଠୁ ସ୍ୱଚ୍ଛ

**ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧**

**ଇନ୍ଦୋର, ୨୦।୧୧**

କେନ୍ଦ୍ର ସରକାରଙ୍କ ପକ୍ଷରୁ ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ ୧ଲକ୍ଷରୁ ଅଧିକ ଲୋକ ବାସ କରୁଥିବା ସହର ମଧ୍ୟରୁ ମଧ୍ୟପ୍ରଦେଶର ଇନ୍ଦୋର କ୍ରମାଗତ ୫ମ ଥର ପାଇଁ ସବୁଠୁ ସ୍ୱଚ୍ଛ ସହର ହୋଇଛି। ମୋଟ ୬୦୦୦ରୁ ଇନ୍ଦୋରକୁ ୫୬୧୮.୧୪ ନମ୍ବର ମିଳିଛି। ଗୁଜରାଟର ସୁରଟ ୫୫୫୯.୨୧ ନମ୍ବର ପାଇ ଦ୍ୱିତୀୟ ସ୍ଥାନରେ ଓ ଆନ୍ଧ୍ରପ୍ରଦେଶର ବିଜୟୱାଡା ତୃତୀୟରେ ରହିଛି। ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ଏହି ସର୍ଭେର ପୁରସ୍କାର ପ୍ରଦାନ ନିମନ୍ତେ ଦିଲ୍ଲୀରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେଇ ସ୍ୱଚ୍ଛ ସହର ପୁରସ୍କାର ପ୍ରଦାନ କରିଛନ୍ତି।

ଏହି ତାଲିକାରେ ନଭି ମୁମ୍ବାଇ ଚତୁର୍ଥ, ଦିଲ୍ଲୀ ପଞ୍ଚମ, ଷଷ୍ଠରେ ଅମ୍ବିକାପୁର ରହିଛି। ତିରୁପତି, ନୋଏଡା, ପୁଣେ, ଉଜ୍ଜୟିନୀ ଯଥାକ୍ରମେ ୭ମ, ୮ମ, ୯ମ ଏବଂ ୧୦ମ ସ୍ଥାନରେ ରହିଛନ୍ତି। ସେହିପରି ୧ ଲକ୍ଷରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ମହାରାଷ୍ଟ୍ରର ଭିଟା ସବୁଠାରୁ ପରିମଳ। ଏହା ତଳକୁ ଲୋନାୱାଲା ଏବଂ ସାସ୍‌ଭଦ ରହିଛି। ମୋଟ ୪,୩୨୦ ସହରକୁ ନେଇ ୨୮ ଦିନରେ ଏହି ସର୍ଭେ କରାଯାଇଥିଲା। ଏଥିରେ ୪.୨ କୋଟି ଲୋକଙ୍କ ମତାମତ ସଂଗ୍ରହ ହୋଇଥିଲା। ସ୍ୱଚ୍ଛ ସହର ବ୍ୟତୀତ ଇନ୍ଦୋର 'ସଫାଇ ମିତ୍ର ସୁରକ୍ଷା ଚ୍ୟାଲେଞ୍ଜ' ପୁରସ୍କାର ମଧ ହାସଲ କରିଛି। ସେହିପରି ଶତାଧିକ ପୌରସଂସ୍ଥା ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଛତିଶଗଡ଼ ସ୍ୱଚ୍ଛ ତାଲିକାର ଶୀର୍ଷରେ ରହିଛି। ଏହା ତଳକୁ ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ ରହିଛି। ଶହେରୁ କମ୍ ମ୍ୟୁନିସିପାଲିଟି ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଝାଡ଼ଖଣ୍ଡ ସବୁଠାରୁ ସ୍ୱଚ୍ଛ ଏବଂ ଏହା ତଳକୁ ହରିୟାଣା ଓ ଗୋଆ ରହିଛି। ୧ରୁ ୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନ୍‌ସିଲ ୧ ନମ୍ବର ର୍‍ୟାଙ୍କ୍ ପାଇଛି। ୩ରୁ ୧୦ ଲକ୍ଷ ଲୋକ ଥିବା ସହର ମଧ୍ୟରେ ନଭି ମୁମ୍ବାଇ ସବୁଠାରୁ ସ୍ୱଚ୍ଛ ଭାବେ ତାଲିକାର ଶୀର୍ଷରେ ରହିଛି।

## ବିବାଦରେ କାଇଲ୍‌ଙ୍କୁ ଦୋଷମୁକ୍ତ ରାୟ

**ୱାଶିଂଟନ୍, ୨୦।୧୧**



କାଇଲ୍ ରିଟେନ୍‌ହାଉସ୍

- ୨ ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ
- ବାଇଡେନ୍ ଅସନ୍ତୁଷ୍ଟ, ସ୍ୱାଗତ କଲେ ଟ୍ରମ୍ପ୍

ଆମେରିକାର ଜଣେ କିଶୋର କାଇଲ୍ ରିଟେନ୍‌ହାଉସ୍‌ଙ୍କୁ ଏକ ହତ୍ୟା ମାମଲାରେ ଦୋଷମୁକ୍ତ କରାଯିବା ରାୟକୁ ନେଇ ବିବାଦ ଦେଖାଦେଇଛି। ଗତ ବର୍ଷ ଅଗଷ୍ଟରେ ୱିସ୍‌କନ୍‌ସିନ୍‌ରେ ବର୍ଣ୍ଣବୈଷମ୍ୟ ହିଂସାବେଳେ ୧୮ ବର୍ଷୀୟ କାଇଲ୍ ୨ ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ। ତେବେ ତାହା ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା କହି କୋର୍ଟ ତାଙ୍କୁ ମୁକ୍ତ କରିଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ କୋର୍ଟଙ୍କ ଏହି ରାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ତାହା ଚିନ୍ତାଜନକ ବୋଲି ମତ ଦେଇଛନ୍ତି। ତେବେ ପୂର୍ବତନ ରାଷ୍ଟ୍ରପତି ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

ରିଟେନହାଉସ୍ ଗତ ବର୍ଷ ଅଗଷ୍ଟ ୨୫ରେ ତାଙ୍କ ଇଲିନୋଇସ୍ ଘରଠାରୁ ପ୍ରାୟ ୩୨ କିଲୋମିଟର ଦୂର କେନୋଶା ଯାଇଥିଲେ। ସେଠାରେ ଜଣେ ଶ୍ୱେତାଙ୍ଗ ପୋଲିସ ଅଧିକାରୀଙ୍କ ଗୁଳିରେ ଜ୍ୟାକବ୍ ବ୍ଲାକ୍ ଗୁରୁତର ହୋଇଥିଲେ। ଏହାର ପ୍ରତିବାଦରେ ସେଠାରେ ଜୋରଦାର ବିକ୍ଷୋଭ ହୋଇଥିଲା। ସେହି ସମୟରେ ରିଟେନ୍‌ହାଉସ୍ ୩୬ ବର୍ଷୀୟ ଜୋସେଫ ରୋଜନବାମ୍ ଏବଂ ୨୬ ବର୍ଷୀୟ ଆଣ୍ଟୋନୀ ହବରଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏଥିସହ ଗେଜ୍ ଗ୍ରୋସ୍‌କ୍ରେୟୁଜ୍ ଗୁରୁତର ହୋଇଥିଲେ। ଏହି ଘଟଣାର ଭିଡିଓ ମଧ ଭାଇରାଲ ହୋଇଥିଲା। ଦଙ୍ଗା ଭଳି ପରିସ୍ଥିତିବେଳେ ସେ ଆତ୍ମରକ୍ଷା ପାଇଁ ଏଭଳି କରିଥିବା ରିଟେନହାଉସ୍ କହିଥିଲେ। ତାଙ୍କଠାରୁ ବନ୍ଧୁକ ଛଡ଼ାଇବାକୁ ଚେଷ୍ଟା କରୁଥିବାବେଳେ ସେ ଗୁଳି କରିଥିଲେ ବୋଲି ସଫେଇ ଦେଇଥିଲେ। ଏପରି ରାୟକୁ ବାଇଡେନ୍ ଚିନ୍ତାଜନକ କହିଛନ୍ତି। ଏହା ଦ୍ୱାରା ଆମେରିକାବାସୀଙ୍କ ମଧ୍ୟରେ କ୍ରୋଧ ଏବଂ ଉଦ୍‌ବେଗ ପ୍ରକାଶ ପାଇବ। ସମସ୍ତଙ୍କୁ ସମାନତା, ନ୍ୟାୟ ଏବଂ ସମ୍ମାନ ଦେବାକୁ ନିଶ୍ଚିତ କରିବାକୁ ସେ ପ୍ରତିବଦ୍ଧ। ତେବେ ନ୍ୟାୟ ବ୍ୟବସ୍ଥା ଏହି ରାୟ ଦେଇଥିବାରୁ ସେ ତାହାକୁ ସମ୍ମାନ ଦେବେ ବୋଲି କହିଛନ୍ତି। ଗତ ରାଷ୍ଟ୍ରପତି ନିର୍ବାଚନବେଳେ ଏହି ଘଟଣାକୁ ବାଇଡେନ ହ୍ୱାଇଟ୍ ସୁପ୍ରିମିଷ୍ଟ ସଙ୍ଗଠନ ସହ ଜଡ଼ିତ ବୋଲି କହି ଏକ ଟୁଇଟ୍ କରିଥିଲେ।

> "କୌଣସି ରାୟ୍ ଆଣ୍ଟୋନି ହବର ଏବଂ ଜୋସେଫ ରୋଜେନବମ୍‌ଙ୍କ ଜୀବନ ଫେରାଇ ଆଣିପାରିବ ନାହିଁ। କିଛି ନିଷ୍ପତ୍ତି ୱିସ୍‌କନ୍‌ସିନ୍‌ରେ ବାସ୍ତବତାକୁ ବଦଳାଇପାରିବ ନାହିଁ। ସମାନତା, ନ୍ୟାୟ୍ ପ୍ରଦାନ ପାଇଁ ଆମକୁ କାମ କରିବାକୁ ପଡ଼ିବ।
> **-ଟୋନି ଏଭର୍ସ, ୱିସ୍‌କନ୍‌ସିନ୍ ଗଭର୍ନର**

> "ଏହି ରାୟର ଅର୍ଥ ହତ୍ୟା କରିଥିବା ବ୍ୟକ୍ତିଙ୍କ ନିମନ୍ତେ କାହାର କୌଣସି ଉତ୍ତରଦାୟିତ୍ୱ ନାହିଁ। ଅସ୍ତ୍ର ଧରି ଯେ କେହି ହିଂସା ଭିଆଇପାରିବେ ବୋଲି ଏହା ବାର୍ତ୍ତା ଦେଉଛି। ପରେ ତାହାକୁ ଯଥାର୍ଥ ବୋଲି ସେମାନେ ପ୍ରମାଣିତ କରିପାରିବେ। ସଭ୍ୟ ବ୍ୟକ୍ତିମାନେ ଏଭଳି ରାୟ୍‌କୁ ପ୍ରତ୍ୟାଖ୍ୟାନ କରି ଆଇନ, ଅଧିକାରୀ ଏବଂ ନ୍ୟାୟ୍ ବ୍ୟବସ୍ଥାକୁ ଦୃଢ଼ କରିବା ନିମନ୍ତେ ଆମ ସହ ଯୋଡ଼ିହେବେ ବୋଲି ଆଶା।
> **-ଆଣ୍ଟୋନି ହବରଙ୍କ ପରିବାର**

## ସଂକ୍ଷେପରେ

### ସହରାଞ୍ଚଳ ଉନ୍ନତୀକରଣ ପାଇଁ ୫୦୦ କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ): ବର୍ଷା ଯୋଗୁ ସାରା ରାଜ୍ୟରେ ବିଭିନ୍ନ ସହରାଞ୍ଚଳର କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ରାସ୍ତାଘାଟ, ନର୍ଦ୍ଦମା ଓ ଫୁଟପାଥ ଆଦିର ମରାମତି ତଥା ଉନ୍ନତି କରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୫୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସହିତ ଆଗାମୀ ମୌସୁମୀ ଋତୁ ପୂର୍ବରୁ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଜଙ୍ଗଲରୁ ଭାଲୁ କଙ୍କାଳ ଉଦ୍ଧାର



ବୌଦ୍ଧ/ବଘିଆପଡା, ୨୦।୧୧ (ସ୍ୱ.ପ୍ର./ଡି.ଏନ.ଏ.): ବୌଦ୍ଧ ଜିଲାରେ ଏବେ ଅବାଧରେ ଚାଲିଛି ବନ୍ୟପ୍ରାଣୀ ଶିକାର। ଶନିବାର ବନ ବିଭାଗ ପକ୍ଷରୁ ବୌଦ୍ଧ ବ୍ଲକ ବଘିଆପଡାର ଗଡଡଦେଇ ଜଙ୍ଗଲରୁ ଏକ ବଡଭାଲୁର କଙ୍କାଳ ଜବତ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ଅତିରିକ୍ତ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ, ବୌଦ୍ଧ ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ବେହେରା ଓ ଫରେଷ୍ଟର ଏମ ପ୍ରସାଦ ରାଓ ଓ ଅଭିମନ୍ୟୁ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଭାଲୁର କଙ୍କାଳ ଜବତ କରିଥିଲେ। ପ୍ରାଣୀ ଚିକିତ୍ସାଧିକାରୀ ଡା.ପ୍ରିୟବ୍ରତ ବେହେରାଙ୍କ ଜରିଆରେ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ମୃତ ଭାଲୁ ବୟସ୍କ ବୋଲି ଜବତ ହାଡରୁ ଜଣାପଡୁଥିବା ପ୍ରାଣୀ ଚିକିତ୍ସକ ଡା. ବେହେରା ପ୍ରକାଶ କରିଛନ୍ତି।

# ମନ୍ତ୍ରୀଙ୍କ ସହଯୋଗୀଙ୍କ କଲ୍ ରେକର୍ଡ ମାଗିଲେ କୋର୍ଟ

**ମାହାଙ୍ଗା ଡବଲ ମର୍ଡର ଘଟଣା**

ନିଶ୍ଚିନ୍ତକୋଇଲି,୨୦।୧୧(ସ୍ୱ.ପ୍ର.)

ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାନି ତଦନ୍ତ ରିପୋର୍ଟ ଦାଖଲ କରିବାରେ ବିଳମ୍ବକୁ ନେଇ ସାଲେପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍‌ଏଫ୍‌ସି) ଶନିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରି କି ଏହି ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିବାରୁ ମନ୍ତ୍ରୀଙ୍କ ୨ସହଯୋଗୀଙ୍କ କଲ୍ ରେକର୍ଡ ଏବଂ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ସିଡିଆର୍ ତୁରନ୍ତ ଦାଖଲ କରିବାକୁ କୋର୍ଟ ମାହାଙ୍ଗା ଥାନାଧିକାରୀଙ୍କୁ ପୁଣି ଥରେ ନିର୍ଦ୍ଦେଶ ଦେଇଛନ୍ତି।

ମାହାଙ୍ଗା ଥାନା ଅଧିନ ନୃତ୍ତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ କୁଳମଣୀ ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ଗତ ଜାନୁଆରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ଏପରିକି ପୋଲିସ ରୁଜୁ କରିଥିବା ମାମଲାରେ ମନ୍ତ୍ରୀ ଜେନାଙ୍କ ନାମ ୧୩ ନମ୍ବରରେ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟରୁ କାଟି ଦେଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣୀଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ ଦାୟର କରିଥିଲେ। ଯାହାକି ନମ୍ବର ୨୧୭/୨୦୨୧ରେ ପଞ୍ଜିକୃତ ହୋଇଥିଲା। ଉକ୍ତ ମାମଲାର ଶୁଣାଣି କରି ଗତ ଅଗଷ୍ଟ ୨୬ରେ ଘଟଣାର ସାନି ତଦନ୍ତ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ଉକ୍ତ ଘଟଣାରେ ଜଡିତ ଥିବା ମନ୍ତ୍ରୀ ଜେନାଙ୍କ ପିଏ ଉମାକାନ୍ତ ବିଶ୍ୱାଳ (ବାପି), ମାହାଙ୍ଗା ବ୍ଲକ ଅଧକ୍ଷ ଶରତ ଚନ୍ଦ୍ର ନାୟକଙ୍କ କଲ୍ ରେକର୍ଡ ସମେତ ଘଟଣାରେ ମୁଖ୍ୟଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସିଡିଆର ଦାଖଲ କରିବା ପାଇଁ ରମାକାନ୍ତଙ୍କ ଓକିଲ କୋର୍ଟକୁ ପ୍ରାର୍ଥନା କରିଥିଲେ। ମାନ୍ୟବର କୋର୍ଟ ୧୮।୧୧।୨୦୨୧ରେ ମାହାଙ୍ଗା ଥାନା ଅଧିକାରୀଙ୍କୁ ତୁରନ୍ତ ୨ଜଣଙ୍କ କଲ୍ ରେକର୍ଡ ଓ ମୃତ ପ୍ରଫୁଲ୍ଲଙ୍କ ସିଡିଆର ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏକ ବର୍ଷ ଭିତରେ ଯଦି ଡକୁମେଣ୍ଟ ସଂରକ୍ଷଣ କରା ନ ଯାଏ ତେବେ ମାମଲା ଦିଗହରା ହେବାର ସମ୍ଭାବନା ରହିଥିବା ଅନୁଭବ କରି ରମାକାନ୍ତଙ୍କ ଓକିଲ ଯୁକ୍ତି ବାଢିଥିଲେ।

ପ୍ରକାଶ ଯେ, ନୃତ୍ତାଙ୍ଗ ପଞ୍ଚାୟତର କୁଳମଣୀ ଓ ସହଯୋଗୀ ଦିବ୍ୟସିଂ ଘଟଣା ରାତିରେ ବାଇକ୍‌ରେ ଘରକୁ ଆସୁଥିବା ବେଳେ ଜଆଁକୋଟି ନିକଟରେ ସେମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରାଯାଇଥିଲା। ଘଟଣାସ୍ଥଳରେ କୁଳମଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଦିବ୍ୟସିଂଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ମାହାଙ୍ଗା ଥାନରେ ରାମାକାନ୍ତ ଅଭିଯୋଗ କରିଥିଲେ। ଏହାକୁ ଭିତି କରି ମାମଲା(ନମ୍ବର ୫/୨୧) ରୁଜୁକରାଯାଇଥିଲା। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ ବିଶ୍ୱାଳଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିଲା। ଅନ୍ୟତମ ଅଭିଯୁକ୍ତ ବିଜୟ କୁମାର ବରାଳ ଏବେବି ଫେରାର ଅଛନ୍ତି। ଏନେଇ ସମଗ୍ର ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଥିଲା। ଭାଜପା ଓ କଂଗ୍ରେସ ପକ୍ଷରୁ ମନ୍ତ୍ରୀ ଜେନାଙ୍କ ଗିରଫ ଦାବି କରାଯାଇ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରତିବାଦ ସଭା କରାଯାଇଥିଲା। ପରମୁହୂର୍ତ୍ତରେ ବିଜେଡି ନେତା ଭିକାରୀ ସ୍ୱାଇଁଙ୍କୁ ଜିଲା ବାହାରୁ ପୋଲିସ ଗିରଫ କରିଥିଲା। ଶେଷରେ ମାହାଙ୍ଗା ପୋଲିସ କୌଶଳତାର ସହ ମନ୍ତ୍ରୀଙ୍କ ନାମକୁ ଚାର୍ଜଶିଟରୁ କାଟି ଦେଇଥିବା ଜଣାପଡ଼ିବା ପରେ ମୃତ କୁଳମଣୀଙ୍କ ପୁଅ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ରମାକାନ୍ତ ବରାଳ କୁହନ୍ତି କୋର୍ଟ ଉକ୍ତ ମାମଲାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ତାଙ୍କର ନ୍ୟାୟ ପାଳିକା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି। ସେ କୋର୍ଟରୁ ହିଁ ନ୍ୟାୟ ପାଇବେ। ଆଇନ୍‌ଜୀବୀ ପ୍ରବିଣ କାନୁଗୋ କୁହନ୍ତି ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଚାର୍ଜଶିଟରେ କଟିଯାଇଥିବାରୁ ଆମେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲୁ। କୋର୍ଟ ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଘଟଣାକୁ ଏକବର୍ଷ ପୁରିବାକୁ ବସିଥିବାରୁ ଘଟଣାରେ ଜଡିତ ଥିବା ମନ୍ତ୍ରୀଙ୍କ ପିଏ ବାପି ବିଶ୍ୱାଳ, ବ୍ଲକ ଅଧକ୍ଷ ଶରତ ନାୟକ ଓ ମୃତ ପ୍ରଫୁଲ ବିଶ୍ୱାଳଙ୍କ କେସ୍‌ଡାଏରୀ ମଗାଯିବା ସହ ମୋବାଇଲ କଲ୍ ରେକର୍ଡକୁ ସଂଗ୍ରହ କରି ସୁରକ୍ଷିତ ରଖିବା ଆବଶ୍ୟକ ଥିବାରୁ ନ୍ୟାୟାଳୟରେ ଆବେଦନ କରିଥିଲୁ। ଆଜି ଆବେଦନର ଶୁଣାଣି ହୋଇଛି। ମାହାଙ୍ଗା ଆଇଆଇସିଙ୍କୁ ତୁରନ୍ତ କଲରେକର୍ଡ ଓ ସିଡିଆର କଲଫରକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି କୁହନ୍ତି କୋର୍ଟଙ୍କ ଆଦେଶ ହସ୍ତଗତ ହୋଇନି। ଏହା ମିଳିଲେ ଆମେ ପଦକ୍ଷେପ ନେବୁ।

# ମାଣିକପାଟଣାରେ ଆନ୍ଧ୍ରର ଯୋଜନା ପୋଷ୍ଟର

**ଗଜପତିରେ ପୁଣି ଆନ୍ଧ୍ରର ଦାଦାଗିରି**



ଜଣଙ୍କର ଘର କାନ୍ଥରେ ଆନ୍ଧ୍ର ପୋଷ୍ଟର ମରାଯାଇଛି।

ପାରଳାଖେମୁଣ୍ଡି, ୨୦।୧୧(ଡି.ଏନ୍.ଏ.)

ଗଜପତି ଜିଲାରେ ପୁଣି ଆନ୍ଧ୍ରପ୍ରଦେଶର ଦାଦାଗିରି ଦେଖିବାକୁ ମିଳିଛି। ରାୟଗଡ଼ ବ୍ଲକ ଅନ୍ତର୍ଗତ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଗ୍ରାମରେ ଶନିବାର ଆନ୍ଧ୍ର ୨୦ରୁ ୩୦ଟି ପୋଷ୍ଟର ମାରିଛି। ଏଥିରେ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ପଞ୍ଚାୟତରେ ସବୁବେଳେ ଆନ୍ଧ୍ର ଅନୁପ୍ରବେଶ କରୁଛି। ଉକ୍ତ ଗ୍ରାମଟି ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ବୋଲି ସର୍ଭେରୁ ଚିହ୍ନଟ ହୋଇଥିଲେ ମଧ ଆନ୍ଧ୍ର ଅଧିକାରୀମାନେ ଆସି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲୋକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରୁଛନ୍ତି।

ଗଙ୍ଗାବାଡ଼ ପଞ୍ଚାୟତର ଗୁଡ଼ିଖୁଡି ଗାଁ ଆନ୍ଧ୍ର ସୀମାରେ ରହିଛି। ଏହି ଗାଁ ଗଜପତି, ଗଞ୍ଜାମ ଜିଲା ଓ ଆନ୍ଧ୍ର ରାଜ୍ୟର ମଞ୍ଜୁସା ସୀମାରେ ରହିଥିବାରୁ ତିନୋଟି ରାଜସ୍ୱ ମଣ୍ଡଳରେ ବିଭିନ୍ନ ନାଁରେ ରହିଛି। ସେଥିପାଇଁ ଗାଁ ଲୋକେ ଓଡ଼ିଶା ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଫଳରେ ସେମାନେ ଆନ୍ଧ୍ର ଆଡ଼କୁ ମୁହାଁଉଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ। ଗତ କିଛିଦିନ ତଳେ ଗଞ୍ଜାମ ଜିଲାର ପାତ୍ରପୁର ଉପରେ ଆନ୍ଧ୍ର ତା'ର ଲୋଲୁପ ଦୃଷ୍ଟି ପକାଇଥିଲା। ପାତ୍ରପୁର ବ୍ଲକ ବୁରାଡାଲ ପଞ୍ଚାୟତର ଗୁଡିଖଳା ଗ୍ରାମର ଘରଗୁଡ଼ିକରେ ଆନ୍ଧ୍ର ପୋଷ୍ଟର ମାରିଥିଲା।




ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ କ୍ୟାମ୍ପସ ପରିସରରେ ଶନିବାର ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘ (ତୃତୀୟ ଶ୍ରେଣୀ)ର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି।

# ଜୀବଜଗତ ଭବିଷ୍ୟତକୁ ନେଇ ସନ୍ଦେହ

**୨୨ତମ ଓଡ଼ିଶା ବିଜ୍ଞାନ ପରିବେଶ କଂଗ୍ରେସ**

କଟକ ଅଫିସ,୨୦।୧୧

ବିଜ୍ଞାନ ଓ ପ୍ରଯୁକ୍ତିର ପ୍ରୟୋଗ ଦାରିଦ୍ର୍ୟ, କୁପୋଷଣ, ମାତୃ ଓ ଶିଶୁ ମୃତ୍ୟୁହାର ଏବଂ କୁସଂସ୍କାର ଦୂରୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ହେଉଛି ଆଜିର ଆବଶ୍ୟକତା। ସମାଜରୁ ବିବିଧ ସାମାଜିକ, ଅର୍ଥନୈତିକ ଏବଂ ଲିଙ୍ଗଗତ ବୈଷମ୍ୟ ଦୂରହେବା ସହ ପରିବେଶୀୟ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ସମସ୍ୟାର ସମାଧାନ ନିମନ୍ତେ ବୈଜ୍ଞାନିକ, ପ୍ରଶାସନିକ ଏବଂ ରାଜନୈତିକ ପ୍ରତିବଦ୍ଧତାର ପ୍ରକାଶ ଅତ୍ୟନ୍ତ ବାଞ୍ଛନୀୟ। ସେହିପରି ବିଭିନ୍ନ କ୍ଷେତ୍ରରେ ଅବିଶ୍ୱସନୀୟ ଅଗ୍ରଗତି ଓ ଅର୍ଥନୈତିକ ସମୃଦ୍ଧି ଜୀବଜଗତର ଭବିଷ୍ୟତକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି ବୋଲି ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଦ୍ମଶ୍ରୀ ଅଜୟ ପରିଡା ମତବ୍ୟକ୍ତ କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଏନ୍‌ଭାଇରନ୍‌ମେଣ୍ଟାଲ ସୋସାଇଟି ପକ୍ଷରୁ ସେଭେନ ପିଲାର ଆପି ଉଇସ୍‌ଡମ ସମିଳନୀ କକ୍ଷରେ ୨୨ତମ ଓଡିଶା ବିଜ୍ଞାନ ଓ ପରିବେଶ କଂଗ୍ରେସରେ ମୁଖ୍ୟ ବକ୍ତାଭାବେ ପ୍ରଫେସର ଶୁଦ୍ଧାସତ୍ୱ ବସୁ ଯୋଗଦେଇ ଅତୀତର କାର୍ଯ୍ୟକଳାପରୁ ଉତ୍ପନ୍ନ ସାମଗ୍ରିକ ଅଭିଜ୍ଞତା ଓ ଜ୍ଞାନକୁ ଉପଯୁକ୍ତ ଭାବରେ ପ୍ରୟୋଗ କରି ଜାତିସଂଘ ଦ୍ୱାରା ସ୍ଥିର ହୋଇଥିବା ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଅଧିକ ସ୍ପଷ୍ଟ ଭାବରେ ଏକ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀରେ କାର୍ଯ୍ୟକ୍ରମ ଗ୍ରହଣ କରିବାର ସମୟ ଆସିଛି ବୋଲି କହିଥିଲେ। ସେହିପରି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଯୋଗଦେଇ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବୌଦ୍ଧିକ ବ୍ୟବହାର ହିଁ ମାନବଜାତି ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜକୁ ଦୂର କରିବା ଏବଂ ଭବିଷ୍ୟତକୁ ଉନ୍ନତ କରିବାର ଏକ ଚାବି ଧାରଣ କରିଥାଏ ବୋଲି କହିଥିଲେ। ଏଥିସହ ଓଡିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୨ତମ ଅଧିବେଶନ ଏହି ସମସ୍ୟାର ସମାଧାନ ନିମନ୍ତେ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ସମସ୍ତ ଦିଗ ଉପରେ ଆଲୋକପାତ କରିବାକୁ ଏକ ପ୍ରୟାସ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଦୁଇଦିନର ଏହି କର୍ମଶାଳାର ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କୁ ନେଇ ଜଳବାୟୁ ପରିବର୍ତ୍ତନ ଜୈବ ବିବିଧତା ଏବଂ କୃଷି ଉପରେ ପ୍ରଭାବ, କରୋନା ମହାମାରୀ ଶିଖାଇଥିବା ଶିକ୍ଷା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ରାଜ୍ୟର ପାଞ୍ଚ ଜଣ ବରିଷ୍ଠ ବୈଜ୍ଞାନିକ, ବମ୍ବେ ଆଇଆଇଟିର ପୂର୍ବତନ ପ୍ରଫେସର କୃଷ୍ଣଚନ୍ଦ୍ର ସାହୁ, ଭୁବନେଶ୍ୱର ଆଇଆଇଟିର ପୂର୍ବତନ ଉପନିର୍ଦ୍ଦେଶକ ପ୍ରଫେସର ଗଣପତି ପଣ୍ଡା, ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ସଂଘମିତ୍ରା ପତି ଏବଂ ମୁଖ୍ୟ ଅତିଥି ପରିଡାଙ୍କୁ ଜୀବନବ୍ୟାପୀ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷା ପ୍ରଫେସର ଅସୀମା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଆବାହକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଓ ଆୟୋଜକ ସମ୍ପାଦକ ପ୍ରଫେସର ଲୁନା ସାମନ୍ତ, ବିଜୟ କେତନ ପଟ୍ଟନାୟକ, କ୍ଷୀରୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଟେଲକୁ ଆସି ଫସିଗଲେ ୩ ଅପରାଧୀ

- ସାଦା ପୋଷାକରେ କାବୁ କଲା ସ୍ପେଶାଲ ସ୍କ୍ୱାଡ୍
- ବନ୍ଧୁକ ଓ ବାଇକ୍ ଜବତ, ଜଣେ ଫେରାର
- ଅପରାଧୀ ଓ ପୋଲିସ ଧସ୍ତାଧସ୍ତି

ଖୋର୍ଦ୍ଧା ଅଫିସ,୨୦।୧୧

ଖୋର୍ଦ୍ଧାରେ ଅପରାଧ ଦମନ ପାଇଁ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ଏହିକ୍ରମରେ ଶନିବାର ଖୋର୍ଦ୍ଧା କଣ୍ଟା ଛକସ୍ଥିତ ଏକ ହୋଟେଲକୁ ଖାଇବାକୁ ଆସିଥିବା ୩ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ସ୍ପେଶାଲ ସ୍କ୍ୱାଡ୍‌ର ଏକ ଟିମ୍ କାବୁ କରିଛି। ଏମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୨ଟି ବାଇକ୍ ଜବତ ହୋଇଛି। ତେବେ ଅନ୍ୟ ଜଣେ ଅପରାଧୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ଏସ୍‌ପି ରାଜକିଶୋର ଦୋରା, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ପହଞ୍ଚିଥିଲେ। ଏଥିସହ ଘଟଣାସ୍ଥଳରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା।

ସୂଚନା ମୁତାବକ, ଶନିବାର ଅପରାହ୍ନ ପ୍ରାୟ ୧ଟାରେ ୪ଜଣ ଦୁର୍ଦ୍ଦାନ୍ତ ଅପରାଧୀ ଦୁଇଟି ବାଇକ୍‌ରେ କଣ୍ଟା ଛକ ସ୍ଥିତ ଏକ ହୋଟେଲକୁ ଖାଇବାକୁ ଆସିଥିଲେ। ସେଠାରେ ଦହିବରା, ମିଠା ଖାଇଥିଲେ। ପୂର୍ବରୁ ଏମାନଙ୍କ ଗତିବିଧି ଉପରେ ନଜର ରଖିଥିବା ସ୍ପେଶାଲ ସ୍କ୍ୱାଡ୍‌ର ଏକ ଟିମ୍ ହୋଟେଲ ବାହାରେ ସାଦା ପୋଷାକରେ ଛପି ରହିଥିଲେ। କେତେଜଣ ବାହାରେ ରହିଥିବା ବେଳେ ୨ଜଣ ଖାଇବା ବାହାନାରେ ହୋଟେଲ ଭିତରକୁ ଯାଇଥିଲେ। ଏହି ସମୟରେ ହୋଟେଲରେ ଅନ୍ୟ ଗ୍ରାହକମାନେ ଖାଉଥିଲେ। ଖାଇବା ପରେ ଜଣେ ଅପରାଧୀ ବାହାରକୁ ଆସିଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍‌ର ଜଣେ ପୋଲିସ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ଅନ୍ୟ ଅପରାଧୀମାନେ ପହଞ୍ଚିବା ବେଳକୁ ସ୍କ୍ୱାଡ୍ ଟିମ୍ ସେମାନଙ୍କ ଚାରିପଟେ ଘେରି ଯାଇଥିଲେ। ଅପରାଧୀଙ୍କ ମଧ୍ୟରୁ ଜଣେ ବନ୍ଧୁକ ବାହାର କରିଥିଲେ। ସ୍କ୍ୱାଡ୍ ଟିମ୍‌ର ଜଣେ ପୋଲିସ ମଧ ବନ୍ଧୁକ ଦେଖାଇଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାର ସୁଯୋଗରେ ଜଣେ ଅପରାଧୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବରପାଇ ଟାଉନ ଥାନା ପକ୍ଷରୁ ପୋଲିସ ଟିମ୍ ପହଞ୍ଚିଥିଲା। ବନ୍ଧୁକ ଦେଖି ହୋଟେଲରେ ଥିବା କେତେଜଣ ଗ୍ରାହକ ଭୟଭୀତ ହୋଇ ଦୌଡ଼ିଥିଲେ। ଅଘଟଣକୁ ଏଡ଼ାଇବା ପାଇଁ ପୋଲିସ ଧରାପଡ଼ିଥିବା ୩ ଅପରାଧୀଙ୍କୁ କାବୁ କରି ହୋଟେଲର ଏକ ଟେବୁଲରେ ବସାଇଥିଲେ। ଗ୍ରାହକ ପଳାଇଯିବା ପରେ ଏମାନଙ୍କୁ ଧରି ଟାଉନ ଥାନାକୁ ଆଣିଥିଲେ। ଧରାପଡ଼ିଥିବା ଅପରାଧୀଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା ରହିଛି। ଏମାନଙ୍କୁ ପଚରାଉଚୁରା କରାଯାଉଛି। ଆଗକୁ ଅପରାଧୀଙ୍କୁ ଧରିବା ପାଇଁ ଏହି ଅଭିଯାନ ଜାରିରହିବ ବୋଲି ଏସ୍‌ପି ଦୋରା କହିଛନ୍ତି।



୩ ଅପରାଧୀଙ୍କୁ ସାଦା ପୋଷାକରେ ସ୍ପେଶାଲ ସ୍କ୍ୱାଡ୍ ଧରିଛନ୍ତି।

# ଶିକାର ହେଲେ ଦୁଇ ଶିକାରୀ

- ବାର୍‌ହା ଶିକାର କରିବା ମହଙ୍ଗା ପଡ଼ିଲା
- ବିଦ୍ୟୁତ୍ ତାର ବିଛା ଯାଇଥିଲା

ବୌଦ୍ଧ/ବଘିଆପଡା, ୨୦।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ବାର୍‌ହା ଶିକାର କରିବାକୁ ଯାଇ ଦୁଇ ଶିକାରୀ ନିଜେ ଶିକାର ହୋଇଛନ୍ତି। ବାର୍‌ହା ପାଇଁ ବିଛାଯାଇ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉଭୟଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ବୌଦ୍ଧ ବ୍ଲକରେ ଘଟିଛି।

ଜିଲାରେ ବର୍ତ୍ତମାନ ବାର୍‌ହା ଶିକାର ବହୁ ମାତ୍ରାରେ ଚାଲିଛି। ଶିକାରୀମାନେ ବିଭିନ୍ନ ଉପାୟରେ ଶିକାର କରୁଥିବା ଦେଖିବାକୁ ମିଳୁଛି। ଏପରି କି ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବ୍ୟବହାର କରାଯାଉଛି। ଶୁକ୍ରବାର ରାତିରେ ବୌଦ୍ଧ ରେଞ୍ଜ ଗଣ୍ଡିସର ସେକ୍ସନର ପିପଳମୁଣ୍ଡା ଜଙ୍ଗଲକୁ ବାର୍‌ହା ଶିକାର ପାଇଁ କୁରୁକୁଜ ଗ୍ରାମର ବଶ୍ୟନନ୍ଦ ଦେହୁରୀ ଓ ରାମ୍ପିକଟା ଗ୍ରାମର କଇରା ବାଘ ଯାଇଥିଲେ। ସେମାନେ ବାର୍‌ହା ଶିକାର ପାଇଁ ଜଙ୍ଗଲ ମଧ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସହ ଏକ ଜିଆଇ ତାର ସଂଯୋଗ କରି ବିଛାଇଥିଲେ। କିନ୍ତୁ କୌଣସି କାରଣରୁ ଉଭୟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଲାଗି ଯାଇଥିଲେ। ଫଳରେ ବଶ୍ୟନନ୍ଦ ଓ କଇରା ପୋଡିଯାଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଶନିବାର ସ୍ଥାନୀୟ ଲୋକେ ଜଙ୍ଗଲକୁ କାଠ କାଟିବାକୁ ଯାଇଥିବା ବେଳେ ଉଭୟଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ବନ ବିଭାଗ ଓ ଥାନା କର୍ମଚାରୀଙ୍କୁ ଜଣାଯାଇଥିଲା। ଘଟଣାସ୍ଥଳରେ ବନ କର୍ମଚାରୀ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ପକ୍ଷରୁ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଯାଇଛି। ପ୍ରକାଶଥାଉ କି ଶୁକ୍ରବାର ବଘିଆପଡ଼ା ଗୌଡଦେଇ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ବାର୍‌ହା ଶିକାର ପାଇଁ ୨ ଜଣଙ୍କ ଜୀବନ ଯାଇଛି।

# ସୋନପୁର ହସ୍ପିଟାଲରୁ ଶିଶୁ ଚୋରି

**ସିସିଟିଭି ଫୁଟେଜ୍‌କୁ ଆଧାର କରି ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ**



ସିସିଟିଭି ଫୁଟେଜ୍‌ରେ ଶିଶୁଙ୍କୁ ଚୋରି କରି ନେଉଥିବା ମହିଳା।

ସୋନପୁର,୨୦।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ୱାର୍ଡରୁ ଏକ ନବଜାତ ଶିଶୁ କନ୍ୟା ଶନିବାର ସକାଳେ ଚୋରି ହୋଇଛି। ଆଈଙ୍କ କୋଳରେ ଥିବାବେଳେ ଜଣେ ଅଚିହ୍ନା ମହିଳା ଶିଶୁଙ୍କୁ ଧରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ପରିବାର ବର୍ଗ ଓ ପୋଲିସ ପିଲା ଚୋରି କରିଥିବା ମହିଳା ଓ ଶିଶୁଙ୍କୁ ଖୋଜି ନୟାନ୍ତ ହେଲେଣି। ଜିଲାର କୌଣସି ଚିକିତ୍ସାଳୟରୁ ଶିଶୁ ଚୋରି ହେବା ପ୍ରଥମ ଘଟଣା ହୋଇଥିବାରୁ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି।

ବୀରମହାରାଜପୁର ବ୍ଲକ ଷଣ୍ଢୀ ଗ୍ରାମର ଗଜେନ୍ଦ୍ର ତାଣ୍ଡିଆ(୨୪)ଙ୍କ ସ୍ତ୍ରୀ ସନ୍ତୋଷିନୀ(୨୧)ଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ଗୁରୁବାର ସକାଳେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ୱାର୍ଡରେ ଭର୍ତ୍ତି କରିଥିଲେ। ରାତି ୯ଟା୧୫ରେ ସନ୍ତୋଷିନୀ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲେ। ଚିକିତ୍ସାଳୟରେ ଶଯ୍ୟା ଅଭାବରୁ ପ୍ରସୂତି ଓ ନବଜାତକ ବାରଣ୍ଡାରେ ଶୋଇ ରହି ଚିକିତ୍ସିତ ହେଉଥିଲେ। ଶନିବାର ସକାଳେ ସନ୍ତୋଷିନୀ ନିଜ ମା ବୌଦ୍ଧ ଜିଲା ରକ୍ଷିବନ୍ଧ ଗ୍ରାମର ପନ୍ତି ଜାଲଙ୍କ କୋଳରେ ଶିଶୁକନ୍ୟାକୁ ଦେଇ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଜଣେ ଅଚିହ୍ନା ମହିଳା ଶିଶୁଙ୍କୁ ଚୋରି କରି ନେଇଯାଇଥିବା କଥା ପ୍ରଘଟ ହୋଇଥିଲା। ଘଟଣା ସମ୍ପର୍କରେ ପନ୍ତି କୁହନ୍ତି, ଜଣେ ଅଚିହ୍ନ ମହିଳା ତାଙ୍କ ନିକଟକୁ ଆସି ଶିଶୁକନ୍ୟାକୁ ଧରିବ ବୋଲି ଅଳି କରିଥଲେ। କଥା ଭାଙ୍ଗି ନ ପାରି ଶିଶୁକୁ ତାଙ୍କୁ ଦେବା ପରେ ସେ ନିମିଷକ ମଧ୍ୟରେ କୁଆଡେ ଚାଲି ଯାଇଥିଲେ। ଘଟଣା ଜଣାପଡିବା ପରେ ସନ୍ତୋଷିନୀ, ତାଙ୍କ ସ୍ୱାମୀ ଗଜେନ୍ଦ୍ର ଓ ମା ପନ୍ତି ସମ୍ପୃକ୍ତା ମହିଳାଙ୍କୁ ବହୁ ଖୋଜାଖୋଜି କରିଥିଲେ। ମାତ୍ର ସେମାନେ ସମ୍ପୃକ୍ତ ମହିଳା ଓ ନବଜାତକକୁ ପାଇ ନଥିଲେ। ଚିକିତ୍ସାଳୟ ପରିସରରେ ପରିବାର ବର୍ଗଙ୍କ କାନ୍ଦ ବୋବାଳି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲା। ସନ୍ତୋଷିନୀ ଏ ସମ୍ପର୍କରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ସନ୍ତୋଷିନୀଙ୍କୁ ବାରଣ୍ଡାରୁ ନେଇ ପ୍ରସୂତି ୱାର୍ଡରେ ରଖିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ତନାଘନା ଜାରି ରଖିଛି।

### ଆଈଙ୍କ ସମ୍ପୃକ୍ତି ସନ୍ଦେହ

ଜନ୍ମଦାତ୍ରୀ ମା'ଙ୍କ ନିକଟରୁ ମାତ୍ର ୧୨ଘଣ୍ଟାର ଶିଶୁକନ୍ୟା ଚୋରି ହେବା ଆଲୋଡନ ସୃଷ୍ଟି କରିଛି। ଶିଶୁଚୋରି ଘଟଣାରେ ଆଈ ପନ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। କାରଣ ସିସିଟିଭି ଫୁଟେଜ୍‌ରେ ସେ ହିଁ ଶିଶୁକୁ ଅନ୍ୟ ଜଣେ ମହିଳାଙ୍କୁ ଦେଇଥିବା ସ୍ପଷ୍ଟ ହୋଇଛି। ଉକ୍ତ ମହିଳା ଶୁକ୍ରବାରଠାରୁ ଚିକିତ୍ସାଳୟକୁ ଆସି ପନ୍ତିଙ୍କ ସହ କଥା ହେବା ଚିକିତ୍ସିତ ହେଉଥିବା ରୋଗୀଙ୍କ ପରିଜନ ଓ ଚିକିତ୍ସାଳୟର କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଶିଶୁ ଚୋରି ଘଟଣାରେ ପନ୍ତିଙ୍କ ହାତ ଥିବା ତାଙ୍କ ସମୁଦି ତଥା ଶିଶୁର ଜେଜେ ମା ସୁରଭି ଓ ଜେଜେବାପା ଗିରିଜା ତାଣ୍ଡିଆ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଶିଶୁଚୋରି ଘଟଣାରୁ ପରଦା ହଟିବ ବୋଲି ସୋନପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପୁଷ୍ପାଞ୍ଜଳି ନିଙ୍ଗି କହିଛନ୍ତି।

## ଫସଲ କ୍ଷତିପୂରଣ ଲାଗି ଦାବିପତ୍ର

ବେଗୁନିଆପଡା,(ଡି.ଏନ୍.ଏ.): ଲଘୁଚାପଜନିତ ଲଗାଣ ବର୍ଷାରେ କ୍ଷତି ହୋଇଥିବା ଧାନ ଫସଲର କ୍ଷତିପୂରଣ ପ୍ରଦାନ ଦାବିରେ ଶନିବାର ସୁମଣ୍ଡଳ ପଞ୍ଚାୟତର ଶତାଧିକ ଚାଷୀ କୋଦଳା ତହସିଲଦାର ସସ୍ମିତା ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଫସଲ ବୀମା ପ୍ରଦାନ କରାଯାଉ ବୋଲି ସମସ୍ତ ଚାଷୀ ବେଗୁନିଆପଡା ବ୍ଲକରେ ପହଞ୍ଚି ଅତିରିକ୍ତ ବିଡିଓ ନିରଞ୍ଜନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ପନିପରିବା ଚାଷ ନଷ୍ଟ ହେବା ନେଇ ଉଦ୍ୟାନ କୃଷି ବିଭାଗକୁ ଅବଗତ କରିଥିଲେ।

### ସଂକ୍ଷେପରେ

## ରକ୍ଷକ ପ୍ରକଳ୍ପ ତରଫରୁ ଚିକିତ୍ସା ଶିବିର

**କାଶୀନଗର,୨୦।୧୧(ଡି.ଏନ୍.ଏ.):** ଓଡ଼ିଶା ସରକାରଙ୍କ ରକ୍ଷକ ପ୍ରକଳ୍ପ ଆନୁକୂଲ୍ୟରେ କାଶୀନଗର ବିଜୁ କଲ୍ୟାଣ ମଣ୍ଡପଠାରେ ଶନିବାର ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଓଡ଼ିଶା ସରକାରଙ୍କ ରାଜ୍ୟ ପରିବହନ ବିଭାଗ ତଥା ରେଡକ୍ରସର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିଷେକ ସିଂ, ଡାକ୍ତର ରତିରଞ୍ଜନ ନାଥ, ଜେଆରସି ପରାମର୍ଶଦାତା ପଞ୍ଚାନନ ପାଣିଗ୍ରାହୀ ଏବଂ ୱାଇଆରସି ପରାମର୍ଶଦାତା ପି. ଭେଙ୍କଟ ରାଓ ପ୍ରଶିକ୍ଷଣ ଦେଇଥିଲେ। କାଶୀନଗର ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଏମ୍‌ଭିଆଇ ସେଠୀ, ବରିଷ୍ଠ ଖବରଦାତା ହୃଷୀକେଶ ଗୌଡ଼ ଅତିଥି ରୂପେ ଯୋଗଦେଇଥିଲେ। କାଶୀନଗର ବ୍ଲକ ଅଧୀନ ବିଭିନ୍ନ ଗ୍ରାମରୁ ତିରିଶରୁ ଅଧିକ ଜନସାଧାରଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଲଡ଼ାର ସଂଗଣକ ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ରେ ଗଞ୍ଜାମ ଆସିବେ ଜାତୀୟ ଜଳଜୀବନ ମିଶନ ଟିମ୍

**ଛତ୍ରପୁର,୨୦।୧୧(ଡି.ଏନ୍.ଏ.):** ଆସନ୍ତା ୨୫ ତାରିଖରେ ଜାତୀୟ ଜଳ ଜୀବନ ମିଶନ ଟିମ୍ ଗଞ୍ଜାମ ଜିଲା ଗସ୍ତରେ ଆସିବା ନେଇ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ୨ ସଦସ୍ୟ ବିଶିଷ୍ଟ ଟିମ୍ ଜିଲାରେ ଚାଲିଥିବା ଜଳ ଜୀବନ ମିଶନର କାର୍ଯ୍ୟକାରିତା ଅନୁଧ୍ୟାନ କରିବେ। ଏଥିସହ ଜିଲାପାଳ, ପଞ୍ଚାୟତିରାଜ ପ୍ରତିନିଧି, ଜନସାଧାରଣଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ସହ ଏହି ମିଶନର କାର୍ଯ୍ୟକାରିତା ଉପରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ମିଶନରେ କରାଯାଉଥିବା କାର୍ଯ୍ୟର ଡିପିଆର ଓ ଗାଁ ଆକ୍ସନ ପ୍ଲାନ୍ ଦିଆଯିବ।

## ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟ ବୈଠକ

**ଦାରିଙ୍ଗବାଡି,୨୦।୧୧(ଡି.ଏନ୍.ଏ) :** ଦାରିଙ୍ଗବାଡି ହିଲ୍‌ଭ୍ୟୁ ପାର୍କ ପରିସରରେ ଶନିବାର ଦାରିଙ୍ଗବାଡି ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟର ବୈଠକ ଟ୍ରଷ୍ଟର ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇ ପାର୍କର ବିକାଶ ଦିଗରେ ଆଲୋଚନା କରିଥିଲେ। ତହସିଲଦାର ଚାର୍ଲସ ନାୟକ, ଆଇଆଇସି କୌଶିକ ମାଝୀ, ପାର୍କ ଦାୟିତ୍ୱରେ ଥିବା ଜାଗୃତିର ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ବନାଞ୍ଚଳ ଅଧିକାରୀ ସତିଶ ଧାରୁଆ, ବଣିକ ସଂଘ ସଭାପତି ଅରୁଣ ସାହୁ, ପତିତପାବନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଦାରିଙ୍ଗବାଡ଼ିକୁ ଏବେ ପର୍ଯ୍ୟଟକଙ୍କ ଭିଡ ଜମୁଥିବା ବେଳେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନ ହେଲେ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଏ ନେଇ ଟ୍ରଷ୍ଟର କିଛି ସଦସ୍ୟ ସ୍ଥାନୀୟ ପ୍ରଶାସନର ନଜରକୁ ଆଣିଥିଲେ। ଏଥିପାଇଁ ବିଡିଓ ବୈଠକ ଡକାଇ ପର୍ଯ୍ୟଟନକ୍ଷେତ୍ରର ବିକାଶ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି।

## ଆଧାତ୍ମିକ ଚିତ୍ର ପ୍ରଦର୍ଶନୀ

**କବିସୂର୍ଯ୍ୟନଗର,୨୦।୧୧(ଡି.ଏନ.ଏ.):** ସିଦ୍ଧେଶ୍ୱର ପୀଠରେ ସ୍ଥାନୀୟ ଶାଖା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ଏକ ଆଧାତ୍ମିକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ପର୍ଯ୍ୟଟନ ସ୍ଥଳର ମାନ୍ୟତା ସରକାର ଘୋଷଣା କରିବାକୁ ବିଭିନ୍ନ ଦାବି ହୋଇଆସୁଥିଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ନ ଦେବା ଅଞ୍ଚଳବାସୀଙ୍କ ଲାଗି ଦୁଃଖଦାୟକ। ପ୍ରତିଦିନ ଏଠି ବହୁ ଭକ୍ତଙ୍କ ସମାଗମ ହୁଏ। ଶନିଶ୍ଚର ମନ୍ଦିର, ପାରଦ ଲିଙ୍ଗ, ଜଗନ୍ନାଥ ମନ୍ଦିର, ମା ଲକ୍ଷ୍ମୀ ଆଦି ମନ୍ଦିର ଶୋଭାପାଏ। ସ୍ଥାନୀୟ ଓମ୍ ଶାନ୍ତି ପକ୍ଷରୁ ଚିତ୍ର ମାଧମରେ ଭକ୍ତଙ୍କୁ ବିଭିନ୍ନ ପୁରାଣ ଶାସ୍ତ୍ର ବର୍ଣ୍ଣିତ ବିଷୟ ବସ୍ତୁକୁ ବୁଝାଇ ସଚେତନ କରିବା ସହ ଆଧାତ୍ମିକତା ପ୍ରଦାନ କରିଥାନ୍ତି। ବ୍ରହ୍ମାକୁମାରୀ ସୁଜ୍ଞାନୀ, ନିରୁପମା, ଅନୁରାଧା ଓ ବ୍ରହ୍ମାକୁମାର ଚରଣ, ବଳରାମ, ସନ୍ତୋଷ ପ୍ରମୁଖ ଯୋଗଦେଇଥିଲେ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ରାମଗିରି, ୨୦।୧୧(ଡି.ଏନ୍.ଏ.):** ରାମଗିରିସ୍ଥିତ ମହେନ୍ଦ୍ରଗିରି ମହାବିଦ୍ୟାଳୟ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ ଭୋଟର ସଚେତନତା ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇବାକୁ କହିଥିଲେ। ପରେ ଛାତ୍ରୀଛାତ୍ର ଓ ମହାବିଦ୍ୟାଳୟର କର୍ମଚାରୀ ଭୋଟର ସଚେତନତା ବିଷୟରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲା ପ୍ରଶାସନ ଦ୍ୱାରସ୍ଥ ଏସ୍‌ଏଚ୍‌ଜି, ଗ୍ରାମ୍ୟ କମିଟି

### ମଦ ଦୋକାନ ଖୋଲିବା ବିଜ୍ଞପ୍ତିକୁ ବିରୋଧ

**ଛତ୍ରପୁର,୨୦।୧୧(ଡି.ଏନ୍.ଏ.)**

କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବରିଡା ଗ୍ରାମରେ ପୁଣି ବିଦେଶୀ ଓ ଦେଶୀମଦ ଦୋକାନ ଖୋଲିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଗ୍ରାମରୁ ମଦ କାରବାରକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ସେମାନେ ଶନିବାର ଗଞ୍ଜାମ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଗତ ଏକ ବର୍ଷ ତଳେ ମଦ ବିକ୍ରି ହେଉଥିବାରୁ ମହିଳାମାନେ ଗ୍ରାମରେ ଥିବା ମଦ ଭାଟିକୁ ପୋଡି ଦେଇଥିଲେ। ମଦ ଦୋକାନ ନିକଟରେ ସବୁ ସମୟରେ କିଛି ଅସାଧୁ ଲୋକ ଜମା ହେଉଥିଲେ। ଅନ୍ୟପକ୍ଷରେ ମଦ ଦୋକାନଟି ଗ୍ରାମର ଏକ ସ୍କୁଲ ପଛ ପାର୍ଶ୍ୱରେ ରହିଛି। ବାଘୁଆ ନଦୀ ସଡ଼କ ଉପରେ ଥିବା ଯୋଗୁ ସେହି ରାସ୍ତା ଦେଇ ବିଦ୍ୟାଳୟକୁ ଆସୁଥିବା କୋମଳମତି ପିଲାମାନେ ସୁରକ୍ଷିତ ମନେକରୁନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ମଦ ଦୋକାନକୁ ନ ଖୋଲିବା ନିମନ୍ତେ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଗୁହାରି କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଗ୍ରାମର ଗ୍ରାମବାସୀ, ବୁଦ୍ଧିଜିବୀ, ଶିକ୍ଷାବିତ୍, ଛାତ୍ରୀଛାତ୍ର, ଯୁବ ଗୋଷ୍ଠୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଉକ୍ତ ଦାବିପତ୍ରରେ ଦର୍ଶାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ବହୁ ମହିଳା ଗୋଷ୍ଠୀର ସଦସ୍ୟା ଏବଂ ଗ୍ରାମ୍ୟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।



ସ୍ମାରକପତ୍ର ଦେଇ ଫେରୁଛନ୍ତି ।

# କୁଇ ସମାଜ ସମନ୍ୱୟ ସମିତିର ସମାବେଶ




କୁଇ ସମାଜ କର୍ମକର୍ତ୍ତାମାନେ ରାଲିରେ ଯାଉଛନ୍ତି।

**ଫୁଲବାଣୀ ଅଫିସ, ୨୦।୧୧**

କନ୍ଧମାଳ ଜିଲା କୁଇ ସମାଜ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ ଉପଲକ୍ଷେ ବାର୍ଷିକ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଉପଲକ୍ଷେ କୁଇ ସମାଜ କାର୍ଯ୍ୟାଳୟରୁ ଏକ ରାଲି ବାହାରି ସହର ପରିକ୍ରମା କରିଥିଲା। ଆଦିବାସୀମାନେ ପାରମ୍ପରିକ ନୃତ୍ୟବାଦ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କୁଇ ସମାଜର କର୍ମକର୍ତ୍ତା ଯୋଗଦେଇ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ସରକାର କେତେକ ଦାବି ମାନିଛନ୍ତି। ସେହି ଅନୁସାରେ କାର୍ଯ୍ୟ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମଧ ସେମାନେ କରୁନାହାନ୍ତି । ଜିଲାରେ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ବହୁ ଚାକିରି ହାତେଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଉ ନାହିଁ । ଅନୁସୂଚିତ ଜନଜାତି ଅଞ୍ଚଳରେ ପେସା ଆଇନ କଡାକଡି ଭାବେ ପାଳନ କରିବାକୁ କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର ଦାବି କରିଥିଲେ । ସେହିପରି ଜମିଜମା ସଂକ୍ରାନ୍ତ ବିବାଦର ତୁରନ୍ତ ସମାଧାନ, ଆଦିବାସୀଙ୍କୁ ସେମାନଙ୍କ ଜମି ପ୍ରଦାନ, ଜିଲାରେ ଅଧୋପତନମୁଖୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଜିଲାରେ ଗଞ୍ଜେଇ ଚାଷକୁ ଆଇନ ସମ୍ମତ କରି ଚାଷୀଙ୍କୁ ଲାଇସେନ୍ସ ପ୍ରଦାନ କରିବାକୁ ଦାବି କରାଯାଇଥିଲା । ପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା ।

# ମଦଭାଟି ନିର୍ମାଣକୁ ବିରୋଧ



ମଦଭାଟି ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ ।

**କାଶୀନାଗର,୨୦।୧୧(ଡି.ଏନ୍.ଏ.)**

କାଶୀନଗର ବ୍ଲକ ହାଡୁବାଙ୍ଗି ପଞ୍ଚାୟତ ଅଧୀନ କଣ୍ଟୁରୁ ଗ୍ରାମଠାରେ ନୂତନ ଭାବେ ଦେଶୀ ରନ୍ଧା ମଦଭାଟି ନିର୍ମାଣକୁ କଣ୍ଟୁରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗତ ୧୮ରେ ଏହାକୁ ବନ୍ଦ କରିବା ପାଇଁ ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ଗ୍ରାମବାସୀ। ଉକ୍ତ ପତ୍ରରେ ଉଲ୍ଲେଖ ଅଛି ଯେ, କାରଖାନା ନିର୍ମାଣ ହେଲେ ଗ୍ରାମର ବହୁ ଲୋକ ମଦ୍ୟପାନ କରି ବିଶୃଙ୍ଖଳା ସୃଷ୍ଟି କରିବେ ଏବଂ ବହୁ ପରିବାର ଉଜୁଡିଯିବ। କାରଖାନାରୁ ବାହାରୁଥିବା ଦୁର୍ଗନ୍ଧ ଓ ବାୟୁ ପ୍ରଦୂଷଣ ହେତୁ ବିଭିନ୍ନ ରୋଗରେ ପୀଡିତ ହେବାର ସମ୍ଭାବନା ରହିଛି ବୋଲି ଗ୍ରାମର ବାଲାକ୍ରିଷ୍ଣା ଶବର, ଏସ୍. ଧନେଶ୍ୱର ରାଓ, ରାମାରାଓ ଶବର, କୁରୁମ୍ମା ରାଓ ଶବର, ଏସ୍. ମାଲି, ସବିତା ଶବର ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ପ୍ରଶାସନ ବନ୍ଦ ନ କଲେ ଆନ୍ଦୋଳନ କରିବୁ ବୋଲି ଗ୍ରାମବାସୀ କହିଛନ୍ତି।

# ତେଲଙ୍ଗାନାରୁ ଆସିଲା ୩,୫୦୦ ବାଲଟ ବାକ୍ସ

### ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି

**ଛତ୍ରପୁର,୨୦।୧୧(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ତେଲଙ୍ଗାନା ରାଜ୍ୟର ୩ଟି ଜିଲାରୁ ଶନିବାର ୩,୫୦୦ଟି ଖାଲି ବାଲଟ ବାକ୍ସ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମରେ ତାହାକୁ ରଖାଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଏହାର ଅନୁଧ୍ୟାନ କରିଥିଲେ । ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ, ସିନିୟର ରେଭନ୍ୟୁ ଆସିଷ୍ଟାଣ୍ଟ ସଦାଶିବ ପ୍ରଧାନ, ଅମରେଶ ସାବତ, ସତ୍ୟ ପ୍ରଧାନ, ଏଷ୍ଟାବ୍ଲିଶମେଣ୍ଟ ଅଫିସର ରାମ ତରାଇ, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବାଲଟ ବାକ୍ସଗୁଡ଼ିକ ଆବଶ୍ୟକ ଥିବା ବ୍ଲକ କାର୍ଯ୍ୟାଳୟଗୁଡିକୁ ପଠାଯିବ ବୋଲି ସୂଚନା ଦିଆଯାଇଛି। ଜିଲାର ୬୯ ଜିଲା ପରିଷଦ ସଭ୍ୟ, ୫୦୩ ଲେଖାଏ ସରପଞ୍ଚ ଓ ସମିତିସଭ୍ୟ ଏବଂ ୭୦୯୯ ୱାର୍ଡମେମ୍ବର ପଦବୀ ପାଇଁ ନିର୍ବାଚନ ହେବ ।




ବାଲଟ ବାକ୍ସ ନିଆଯାଉଛି ।

# ପୌରାଞ୍ଚଳ ସଂରକ୍ଷଣ ପରିବର୍ତ୍ତନ ଆପତ୍ତି ଅଭିଯୋଗ ଦାଖଲ

**ଛତ୍ରପୁର,୨୦।୧୧(ଡି.ଏନ.ଏ)**

ଆଗାମୀ ପୌର ନିର୍ବାଚନ ଲାଗି ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ସମେତ ୧୬ ଏନ୍‌ଏସି କାଉନସିଲର ପଦବୀ ପାଇଁ ସଂରକ୍ଷଣ ଚିଠା ତାଲିକା ଉପରେ ଆପତ୍ତି ଅଭିଯୋଗର ସମୟ ଶେଷ ହୋଇଛି । ଜିଲାର ୧୭ ସହରାଞ୍ଚଳ ମଧ୍ୟରୁ ୮ଟି ସହରାଞ୍ଚଳରୁ ୫୯ଟି ଆପତ୍ତି ଅଭିଯୋଗ ପ୍ରଶାସନ ନିକଟରେ ଦାଖଲ ହୋଇଛି । କବିସୂର୍ଯ୍ୟନଗର ଏନ୍‌ଏସିର ସର୍ବାଧିକ ୪୦ଟି ଆପତ୍ତି ଅଭିଯୋଗ ପଡିଥିବା ବେଳେ ଛତ୍ରପୁର ଏନଏସିର ୩, ଭଞ୍ଜନଗରରୁ ୪, ଆସିକାରୁ ୪, ପୋଲସରାରୁ ୨, ଦିଗପହଣ୍ଡିରୁ ୧, ରମ୍ଭାରୁ ୩ ଏବଂ ବେଲଗୁଣ୍ଠାରୁ ୨ଟି ଆପତ୍ତି ଅଭିଯୋଗ ରହିଛି । ଜିଲାର ୧୭ ସହରାଞ୍ଚଳର ୨୪୦ଟି ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ କାଉନସିଲର ମାନଙ୍କ ସଂରକ୍ଷଣ ଚିଠା ତାଲିକା ଗତ ୯ ତାରିଖରେ ପ୍ରକାଶ ପାଇଥିଲା । ୧୮ ତାରିଖ ପର୍ଯ୍ୟନ୍ତ ଜିଲାପାଳଙ୍କ ନିକଟରେ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଦିନ ଧାର୍ଯ୍ୟ ରହିଥିଲା। ଜିଲାପାଳ ଏହାର ଶୁଣାଣି କରି ୨୯ରେ ସୀମା ର୍ନିଦ୍ଧାରଣ ଓ ସ୍ଥାନ ସଂରକ୍ଷଣ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ କରିବେ ବୋଲି ଧାର୍ଯ୍ୟ ରହିଛି ।

# ସମବାୟ କର୍ମଚାରୀଙ୍କ ଧାରଣା

**ଫୁଲବାଣୀ ଅଫିସ,୨୦।୧୧**

ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ କନ୍ଧମାଳ ଶାଖା ପକ୍ଷରୁ ୫ ଦଫା ଦାବି ନେଇ ଧାରଣା ଦିଆଯାଇଛି । ଏ ସଂକ୍ରାନ୍ତରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ଏବଂ ରାଜ୍ୟ ସମବାୟ ସମିତି ସମୂହ ନିବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦୀର୍ଘ ଦିନ ଧରି ସମବାୟ କର୍ମଚାରୀମାନଙ୍କ ବିଭିନ୍ନ ଦାବି ସଂକ୍ରାନ୍ତରେ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ତାହା ଶୁଣାଯାଉ ନାହିଁ। ସମବାୟ ବିଭାଗ ନିବନ୍ଧକ, ଭୁବନେଶ୍ୱରଙ୍କ ପତ୍ର ପ୍ରକାରେ ମୁଖ୍ୟ କାର୍ଯ୍ୟନିର୍ବାହୀ ନିଯୁକ୍ତିକୁ ରଦ୍ଦ କରିବା, ରାଜ୍ୟର ସମସ୍ତ ୨୭୦୮ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସରେ କାର୍ଯ୍ୟରତ କର୍ମଚାରୀଙ୍କୁ ରାଜ୍ୟ ସରକାରୀ କର୍ମଚାରୀ ଭାବେ ମାନ୍ୟତା ଦେବା, ୭ମ ବେତନ କମିଶନଙ୍କ ସୁପାରିସ ପ୍ରକାରେ ସମସ୍ତ ବର୍ଗର କର୍ମଚାରୀଙ୍କୁ ଦରମା ପ୍ରଦାନ, ଆସନ୍ତା ସମବାୟ ବଜେଟରେ ସମସ୍ତ କର୍ମଚାରୀଙ୍କ ନିମନ୍ତେ ଦରମା ଓ ଭତ୍ତା ଲାଗି ଏକ ହଜାର କୋଟି ଟଙ୍କାର ବଜେଟ ମଞ୍ଜୁର କରିବା, କରୋନାରେ ମୃତ୍ୟୁ ଘଟିଥିବା କର୍ମଚାରୀଙ୍କ ନିମନ୍ତେ ୫୦ ଲକ୍ଷର କ୍ଷତି ପୂରଣ ଦେବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି ।

# ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ତାଲିମ

**ରାଇକିଆ,୨୦।୧୧(ଡି.ଏନ.ଏ)**

ରାଇକିଆ ବ୍ଲକ ଗମାଣ୍ଡି ଗ୍ରାମରେ କୃଷି ବିଭାଗ ପକ୍ଷରୁ ରବିବାର ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ୫୦ ଜଣ ଉଭୟ ପୁରୁଷ ଓ ମହିଳା ଚାଷୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ କୃଷି ବିଭାଗରୁ ଜିଲା କୃଷି ଅଧିକାରୀ ଅଜୟ କୁମାର ପରିଡ଼ା, ଅତିରିକ୍ତ କୃଷି ଅଧିକାରୀ ସୁନିତା ମିଶ୍ର, ବ୍ଲକ କୃଷି ଅଧିକାରୀ ଉପେନ୍ଦ୍ର ପାରହି, ଅତିରିକ୍ତ କୃଷି ଅଧିକାରୀ ସୁଦିପ୍ତା ପ୍ରଧାନ ଏବଂ ଲକ୍ଷ୍ମୀନାରାୟଣ ସାହୁ ଯୋଗ ଦେଇ ମାଟିର ସୁସ୍ଥତା ନିମନ୍ତେ ମାଟି ପରୀକ୍ଷା କରିବା, ଜୈବିକ ସାର ବ୍ୟବହାର କରି ଉର୍ବରତା ବୃଦ୍ଧି ଉପରେ ବୈଜ୍ଞାନିକ କାରଣ ଦର୍ଶାଇ ତାଲିମ ପ୍ରଦାନ କରିଥିଲେ। ସରପଞ୍ଚ ପଞ୍ଚୁ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଥିଲେ। ଚାଷୀମାନଙ୍କ ପକ୍ଷରୁ ପୁରନ୍ଦର ଦିଗାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସଂହତି ଦିବସ

**ଫୁଲବାଣୀ ଅଫିସ, ୨୦।୧୧**

ଫୁଲବାଣୀ ବ୍ଲକ ଗୁମାଗଡ ପଞ୍ଚାୟତ କେନପାଙ୍କୁ ଠାରେ ନେହେରୁ ଯୁବ କେନ୍ଦ୍ର ଓ ପ୍ରଗତି ସଂଘର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ସଂହତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଚାଣକ୍ୟ କହଁର ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ୱାର୍ଡମେମ୍ବର ପବିତ୍ର କହଁର, ୱାର୍ଡମେମ୍ବର ଶୁଭ କୁମାରୀ ଦିଗାଲ, ଦିଲୀପ କୁମାର ଡିଗାଲ, ନେହେରୁ ଯୁବକେନ୍ଦ୍ର ସହକର୍ମୀ ସତ୍ୟବାନ ଦଲବେହେରା, ସ୍ୱେଚ୍ଛାସେବୀ ଶିବେନ୍ଦ୍ର ଡିଗାଲ, କମଳଲୋଚନ ଦେହୁରୀ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନ ପରିପ୍ରେକ୍ଷୀରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଏକ ସଂଗୀତ ପ୍ରତିଯୋଗିତାର କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଗତି ଯୁବକ ସଂଘ ସଭାପତି ରଞ୍ଜିତ କହଁର ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଉପ ସଭାପତି ମନୋଜ ଡିଗାଲ ଧନ୍ୟବାଦ ଦେଇଥିଲେ ।

# ବିଜେଡିର ମିଶ୍ରଣ ପର୍ବ




ମିଶ୍ରଣ ପର୍ବରେ କର୍ମୀଙ୍କ ଗହଣରେ ବିଧାୟିକା।

**ଆସିକା,୨୦।୧୧(ଡି.ଏନ୍.ଏ)**

ଆସିକା ବ୍ଲକ ଗଙ୍ଗାପୁର ପଞ୍ଚାୟତ ଅନ୍ତର୍ଗତ ସାହାସପୁର ଗ୍ରାମରେ ଶନିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂପୃକ୍ତ ପଞ୍ଚାୟତର କେତେକ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ପରିବାର ବିଭିନ୍ନ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲା ବିଜେଡି ଉପସଭାପତି ଦିଲୀପ ପାଣିଗ୍ରାହୀ, ଅନିମା ପରିଡା, ଅଭିମନ୍ୟୁ ନାହାକ, ରାଜେଶ ପଟ୍ଟନାୟକ, ମନୋଜ କୁମାର ଦୋରା, ଶିବଶଙ୍କର ମହାନ୍ତି, ଜିତେନ୍ଦ୍ର ବିଷୋୟୀଙ୍କ ସମେତ ବହୁ ଆଗଧାଡିର ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ଆର.ଉଦୟଗିରି,୨୦।୧୧(ଡି.ଏନ.ଏ.)**

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିକାଶ ଓଡ଼ିଆ ସରକାରଙ୍କ ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ନୂଆଗଡ଼ ବ୍ଲକ ଖଜୁରୀପଦା ବାବା ସାହେବ ଆମ୍ବେଦକର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଓର୍ମସ୍. ଡିଆର୍‌ଡିଏ ଦକ୍ଷତା ବୃଦ୍ଧି ଜିଲା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ସ୍ଥାନୀୟ ବିଡ଼ିଓ ଲାବନ୍ୟେନ୍ଦୁ ମହାନ୍ତି, ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିବେଦିତା ସାହୁ, ଡଃ ସତ୍ତ୍ୱ ସ୍ୱରୂପ ତ୍ରିପାଠୀ ଯୋଗଦାନ କରିଥିଲେ। କାର୍ଯ୍ୟକର୍ମକୁ ଓଡ଼ିଶା ଜୀବିକା ମିଶନ ବିପିଏମ୍ ସମୀର କୁମାର ପାଢି ପରିଚାଳନା କରିଥିଲେ।

## ଏଡ୍‌ସ ସଂକ୍ରମିତ ଯୁବକଙ୍କୁ ଭେଟିଲେ ଉପଜିଲାପାଳ

**ଦିଗପହଣ୍ଡି,୨୦।୧୧(ଡି.ଏନ.ଏ.)**

ବ୍ରହ୍ମପୁର ଉପଜିଲାପାଳ ଭି .କିର୍ତ୍ତୀ ଭାସନ ଶନିବାର ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକର ଜଣେ ଏଡ୍‌ସ ସଂକ୍ରମିତ ଯୁବକଙ୍କୁ ଭେଟି ଆବଶ୍ୟକ ସରକାରୀ ସହାୟତା ସହ ସମସ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବାସହୀନ ଯୁବକଙ୍କୁ ଶୀଘ୍ର ବିଜୁ ପକ୍କାଘର ଯୋଗାଇଦେବାକୁ ସେ ଉପସ୍ଥିତ ଥିବା ସ୍ଥାନୀୟ ବିଡିଓ ଗାୟତ୍ରୀ ଦତ୍ତ ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ରୋଗାକ୍ରାନ୍ତ ଯୁବକଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଏପରିକି ତାଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଚିକିତ୍ସା ନିମନ୍ତେ ଖୁବଶୀଘ୍ର ଆନୁସଙ୍ଗିକ ସରକାରୀ ସହାୟତା ଓ ବାସଗୃହ ଯୋଗାଇବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଉପଜିଲାପାଳଙ୍କ ସହ ସାନଖେମୁଣ୍ଡି ତହସିଲଦାର ଡା. ଶ୍ରୀନିବାସ ବେହେରା, ସାନଖେମୁଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ଖଳିଙ୍ଗି ରାଜସ୍ୱ ସର୍କଲର ରାଜସ୍ୱ ନୀରିକ୍ଷକ ଭଗବାନ ପାତ୍ର ପ୍ରମୁଖ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଅଟୋ- ବାଇକ୍ ଧକ୍କା: ୫ ଆହତ

**ଖଲ୍ଲିକୋଟ,୨୦।୧୧(ଡି.ଏନ.ଏ.)**

ଖଲ୍ଲିକୋଟ ଆର୍‌ସିଏମ୍ କଲେଜ ନିକଟରେ ଅଟୋ, ବୁଲେଟ ଓ ଏକ ବାଇକ୍ ମଧ୍ୟରେ ଶନିବାର ଧକ୍କା ହେବାରୁ ୫ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଧକ୍କାବାଲି ଗ୍ରାମର ସୁରେଶ ଦାସ, ବରଗାଁ ଗ୍ରାମର ଲବ ସେଠୀ, ନିରଞ୍ଜନ ସେଠୀ, ରୋହନ ମୁନୀ। ଅନ୍ୟ ଜଣଙ୍କ ପରିଚୟ ମିଳିନାହିଁ। ଖଲ୍ଲିକୋରୁ କୋଦଳା ଅଭିମୁଖେ ଯାଉଥିବା ଏକ ଅଟୋ ବସକୁ ଓଭରଟେକ କରି ଯାଉଥିବା ସମୟରେ ବିପରିତ ପଟୁ ଆସୁଥିବା ବାଇକ୍ ସହିତ ଆର୍‌ସିଏମ୍ କଲେଜ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସେହି ସମୟରେ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ଅନ୍ୟ ଏକ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସମସ୍ତ ଆହତଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଖଲ୍ଲିକୋଟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଅଟୋ ଚାଳକଙ୍କୁ ଅଟକ ରଖିଛି।

## ଆମ ପୋଲିସ ସମିତି ବୈଠକ

**ଭଞ୍ଜନଗର/ ପୋଲସରା, ୨୦।୧୧(ଡି.ଏନ୍.ଏ)**

ବେଲଗୁଣ୍ଠା ଥାନା ଆମ ପୋଲିସ ସମିତିର ବୈଠକ ଶନିବାର କଲ୍ୟାଣପୁର ଏବଂ ବଙ୍କାଠାରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପ୍ରକାଶ ସାହୁ ଏଥିରେ ଅଧକ୍ଷତା କରି ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ, ଅନ୍‌ଲାଇନ ଠକେଇ, ନାବାଳିକା ବିବାହ, ଘରୋଇ ହିଂସା ଆଦି ରୋକିବା ସମ୍ପର୍କରେ କହିଥିଲେ। ସଚେତନତା ବଢ଼ିଲେ ବିଭିନ୍ନ ଠକେଇରୁ ରକ୍ଷା ପାଇପାରିବେ ବୋଲି ସେ ଉପସ୍ଥିତ ଗ୍ରାମବାସୀଙ୍କୁ କହିଥିଲେ ।

ସେହିପରି ପୋଲସରା ବ୍ଲକ ଲକ୍ଷ୍ମଣପଲି ଗ୍ରାମରେ ଶନିବାର ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲ୍ୟବିବାହ ରୋକିବା, ଗାଁରେ କୌଣସି ଦୁର୍ଘଟଣା ଘଟିଲେ ପୋଲିସକୁ ଜଣାଇବା, ପରିବେଶକୁ ସଫା ରଖିବା ଆଦି ଉପରେ ଆଲୋଚନା ହୋଇଥିଲା। ଏସଆଇ ବାବୁଲାଲ ରାଉଳ, ଏସଆଇ ପୁରୁଷୋତ୍ତମ ମାଝୀଙ୍କ ସମେତ ଲକ୍ଷ୍ମଣପଲି ଗ୍ରାମର ଲୁଲୁ ପ୍ରଧାନ, ନାରାୟଣ ସାହୁ, ସୁଶାନ୍ତ କୁମାର ପ୍ରଧାନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନୂତନ ଭୋଟରଙ୍କ ପଞ୍ଜୀକରଣ ରାଲି

**ପାରଳାଖେମୁଣ୍ଡି,୨୦।୧୧(ଡି.ଏନ୍.ଏ)**

ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟ ତରଫରୁ ଶନିବାର ନୂତନ ଭୋଟରଙ୍କ ନାମ ପଞ୍ଜୀକରଣର ସଚେତନତା ପାଇଁ ଏକ ରାଲିର ଆୟୋଜନ କରାଯାଇଥିଲା। ଜିଲା ପ୍ରଶାସନ ତରଫରୁ ଡେପୁଟି କଲେକ୍ଟର ରାଜେନ୍ଦ୍ର କୁମାର ଭୂୟାଁ ଏବଂ ଅଧକ୍ଷା ଡ. ରୀନା ସାହୁ ମିଳିତ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଛାତ୍ରୀମାନେ ଭୋଟ ସଚେତନତା ପାଇଁ ମହିଳା ମହାବିଦ୍ୟାଳୟ ପରିସରରୁ ବାହାରି ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତା ଦେଇ ସହର ପରିକ୍ରମା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଡ. ଭାରତୀ ପାଣିଗ୍ରାହୀ ଓ ସୁଶ୍ରୀ ମଧୁସ୍ମିତା ପ୍ରଧାନ ପରିଚାଳନା କରିଥିଲେ। ଏହି ରାଲିରେ ଅଧାପିକା ବରଦା ଆଚାର୍ଯ୍ୟ, ସିଏଚ୍ ନିର୍ମଳା, ଏଲ୍ ଦୁର୍ଯ୍ୟୋଧନ, ଲାଲି ଖଡ଼ଗରାୟ, କେ. ଦୁର୍ଯ୍ୟୋଧନ ପ୍ରମୁଖ ସହଯୋଗ କରିଥିଲେ।

**୨ ଯୁବକଙ୍କ ଉନ୍ମତ୍ତକାଣ୍ଡ, ୬ ଆହତ**

ପୋଲସରା,(ଡି.ଏନ.ଏ.): ପୋଲସରା ଥାନା ଅଧୀନ କୋଙ୍କରଡା ଗ୍ରାମରେ ଦୁଇ ନିଶାସକ୍ତ ଯୁବକଙ୍କ ପଥର ମାଡ଼ରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ଦୁଇ ମଦ୍ୟପ ଯୁବକଙ୍କୁ ଧରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଘୁମ୍ ପିଟିଛନ୍ତି। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ରାତିରେ ଚୈତନ୍ୟ ମହାପ୍ରଭୁଙ୍କ ଗ୍ରାମ ଭ୍ରମଣ ହେଉଥିଲା। ସେହି ସମୟରେ ଦୁଇ ଯୁବକ ଗହଳିରେ ଅତର୍କିତ ଭାବେ ପଥର ମାଡ଼ କରିଥିଲେ। ଏଥିରେ ଦୁଇ ଶିଶୁ ସମେତ ୪ ଜଣ ବୟସ୍କ ଆହତ ହୋଇଥିଲେ। ଏହାକୁ ନେଇ ଶନିବାର କୋଙ୍କରଡା ଗ୍ରାମରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲସରା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି।

# ରାଜନୈତିକ ଚର୍ଚ୍ଚାରେ ଗଞ୍ଜାମ ଜିଲା କଂଗ୍ରେସ

- ସଂଗଠନ କ୍ଷେତ୍ରରେ ପଛୁଆ
- ୫ ନିର୍ବାଚନରେ ଜିତିଛନ୍ତି ୪ ବିଧାୟକ
- ମାଡ଼ି ଚାଲିଛି ବିଜେଡି
- ମେଣ୍ଟ ଭାଙ୍ଗିବାରୁ କ୍ଷତିରେ ଭାଜପା

ବ୍ରହ୍ମପୁର ଅଫିସ,୨୦।୧୧

ଗଞ୍ଜାମ ଜିଲାରେ କଂଗ୍ରେସର ସ୍ଥିତି ଦୋହଲି ଯାଇଛି। ଆଞ୍ଚଳିକ ଦଳ ବିଜେଡି ଗଠନ ପରେ ସର୍ବପୁରାତନ ଦଳ କଂଗ୍ରେସ ଏହି ଜିଲାରେ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ବିଧାନସଭା ନିର୍ବାଚନରେ ଏହି ଜିଲାରୁ ମାତ୍ର ୪ କଂଗ୍ରେସ ବିଧାୟିକା ଓ ବିଧାୟକ ହୋଇଛନ୍ତି। ଅତୀତରେ ଏହା ଜିଲା କଂଗ୍ରେସ ଦୁର୍ଗ ଥିଲା ଓ ସେତେବେଳେ ବାମପନ୍ଥୀ କମ୍ୟୁନିଷ୍ଟ ସହ ଭୋଟ ଲଢ଼େଇ ହେଉଥିଲା। ଇତିମଧ୍ୟରେ କମ୍ୟୁନିଷ୍ଟ ପାର୍ଟି ମଧ୍ୟ ସମାନ ଅବସ୍ଥାରେ ଅଛି। ବିଜେଡି ମାଡ଼ି ଚାଲିଛି। ଅପରପକ୍ଷରେ ବିଜେଡି ସହ ମେଣ୍ଟ ଭାଙ୍ଗିବା ପରେ ଭାଜପା ମଧ୍ୟ କ୍ଷତିରେ ପଡ଼ିଛି।

ନିର୍ବାଚନ ତଥ୍ୟାନୁସାରେ ୨୦୦୦ ନିର୍ବାଚନରେ ସୋରଡ଼ା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗୀୟା ଉଷାରାଣୀ ପଣ୍ଡା ନିର୍ବାଚିତ ହୋଇଥିଲେ। ୨୦୦୪ରେ ଗୋପାଳପୁର ଆସନରୁ ତ୍ରିନାଥ ବେହେରା, ୨୦୦୯ରେ ନବଗଠିତ ସାନଖେମୁଣ୍ଡି ଆସନରୁ ରମେଶ ଜେନା କଂଗ୍ରେସ ବିଧାୟକ ହୋଇଥିଲେ। ପରବର୍ତ୍ତୀ ୨୦୧୪ ନିର୍ବାଚନରେ ଜିଲାର ୧୩ ନିର୍ବାଚନ ମଣ୍ଡଳୀରେ ବିଜେଡି ବାଜିମାତ କରିଥିଲା ଏବଂ କଂଗ୍ରେସ ଖାତା ଖୋଲି ନ ଥିଲା। ୨୦୧୯ ନିର୍ବାଚନରେ ସାନଖେମୁଣ୍ଡିରୁ ପୁଣି ରମେଶ ଜିତିଛନ୍ତି। ତେଣୁ କଂଗ୍ରେସ ୪ରେ ସୀମିତ ରହିଛି। ସେହିପରି ୨୦୦୪ ନିର୍ବାଚନରେ ସୋରଡ଼ାରେ ବିଜେଡି ପ୍ରାର୍ଥୀ ନ ଦେଇ ମେଣ୍ଟ ରାଜନୀତିରେ ଭାଜପାକୁ ଛାଡ଼ି ଦେଇଥିଲା। ଫଳରେ ଧରାକୋଟ ରାଜା ସ୍ୱର୍ଗତ କିଶୋର ଚନ୍ଦ୍ର ସିଂହଦେଓ ନିର୍ବାଚିତ ହୋଇଥିଲେ। ମେଣ୍ଟ ଭାଙ୍ଗିବା ପରେ ଜିଲାରେ ଭାଜପା କ୍ଷତିରେ ପଡ଼ିଛି।

କଂଗ୍ରେସର ଗୋଡଟଣା ନୀତି ଓ ଗୋଷ୍ଠୀ ବିବାଦ ଦଳକୁ ମହଙ୍ଗା ପଡ଼ିଛି। ନେତୃତ୍ୱ ସଙ୍କଟ ଆଉ ଏକ କାରଣ ହୋଇଥିବା ରାଜନୀତି ବିଶ୍ଳେଷକ ମତ ରଖିଛନ୍ତି। ବର୍ଷକ ତଳେ ରମେଶ ଜେନାଙ୍କୁ ଦଳର ଜିଲା ସଭାପତି କରାଯାଇଛି। ସଂଗଠନ ଶକ୍ତିଶାଳୀ ହେବାର ଯେଉଁ ଆଶା କରାଯାଇଥିଲା ତାହା ସ୍ୱପ୍ନରେ ରହିଯାଇଛି। ନୂଆ ଚେହେରାକୁ ନେଇ ଜିଲା କମିଟି କର୍ମକର୍ତ୍ତା କରାଯାଇଛି। ଜିଲାର ସମସ୍ୟା ନେଇ ଦଳ ପାଟି ଖୋଲୁ ନ ଥିବା ବେଳେ ବ୍ରହ୍ମପୁରରେ ଛାମୁଆ ସଂଗଠନ ଆଇଏନ୍‌ଟିୟୁସି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଛି। ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମକୁ ଚକାଚକ୍ କରାଯାଇଛି। ତେବେ ଜିଲା ସଭାପତିଙ୍କ ଗୃହ ପ୍ରବେଶ ହୋଇପାରୁନଥିବା କର୍ମୀଙ୍କ ପକ୍ଷରୁ ସୂଚନା ମିଳିଛି। ଅଧିକାଂଶ ସମୟ ବାପୁଜୀ ଆଶ୍ରମରେ ତାଲା ପଡ଼ିରହୁଛି।

ଆଗାମୀ ଦିନରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଗୁଲ ବାଜିଛି। ଶାସକ ଦଳ ପକ୍ଷରୁ ପ୍ରସ୍ତୁତି ପର୍ବ ଜୋରଦାର କରାଯାଇଛି। ବ୍ଲକ ଓ ସହରାଞ୍ଚଳରେ ସାଙ୍ଗଠନିକ ପ୍ରକ୍ରିୟା ଚାଲିଛି। ବିଧାୟିକା ଓ ବିଧାୟକମାନେ ନିଜ ଅଞ୍ଚଳରେ କର୍ମୀଙ୍କୁ ଏକାଠି କରି ରଣନୀତି ନେଇ ମନ୍ତ୍ର ଫୁଙ୍କୁଛନ୍ତି। ପର୍ଯ୍ୟବେକ୍ଷକ ଥିବା ମନ୍ତ୍ରୀ ଓ ଜିଲା ସଭାପତି ଘାଇଁ ଘାଇଁ ଗସ୍ତ କରୁଛନ୍ତି। ମହିଳା, ଯୁବ ଓ ଛାତ୍ର ସଂଗଠନକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଭାଜପାର ଦୁଇ ସାଙ୍ଗଠନିକ ଜିଲାରେ ଅନୁରୂପ କାର୍ଯ୍ୟ ଚାଲିଛି। ଏଭଳି ସ୍ଥିତିରେ କଂଗ୍ରେସ ପଛରେ ପଡ଼ିଯାଇଛି। ମମିତା ମେହେର ହତ୍ୟା ପ୍ରତିବାଦରେ ଗତ ୧୨ ତାରିଖରେ ରାଜ୍ୟସାରା କଂଗ୍ରେସ ହରତାଳ ପାଳନ କରିଥିବା ବେଳେ ଗଞ୍ଜାମ ଜିଲାରେ ପ୍ରତିବାଦ ଆନ୍ଦୋଳନ ହୋଇନଥିଲା। ପଞ୍ଚାୟତ ନିର୍ବାଚନ ପାଇଁ ତତ୍ପରତା ପ୍ରକାଶ ପାଉ ନ ଥିବା ବିଭିନ୍ନ ଅଞ୍ଚଳ କର୍ମୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେଣୁ ବିଜେଡି ଓ ଭାଜପାକୁ କଂଗ୍ରେସ କିଭଳି ଟକ୍କର ଦେବ ତାହା ରାଜନୈତିକ ଚର୍ଚ୍ଚାକୁ ଆସିଯାଇଛି।

## ସଂକ୍ଷେପରେ

### ରାହାସ ଯାତ୍ରା ଉଦ୍‌ଯାପିତ



ଆସିକା,୨୦।୧୧(ଡି.ଏନ୍.ଏ): ଆସିକା ଏନ୍‌ଏସି ସୁନାମ୍ଧ ବ୍ରାହ୍ମଣ ସାହିରେ ଗତ ସୋମବାରଠାରୁ ଚାଲିଥିବା ଗୋପୀନାଥ ସ୍ୱାମୀଙ୍କ ରାହାସ ଯାତ୍ରା ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଥିଲା। ଶନିବାର ଠାକୁରଙ୍କ ବିଜେ ପ୍ରତିମାକୁ ନଗର ପରିକ୍ରମା କରାଯାଇଥିଲା। ପ୍ରତି ବାରବର୍ଷରେ ଥରେ ଏହି ଯାତ୍ରା ହେଉଛି। ସୋମବାରଠାରୁ ୫ଦିନ ପ୍ରତ୍ୟହ ସନ୍ଧ୍ୟାରେ ମନ୍ଦିର ପରିସରରେ ଏକ ଅସ୍ଥାୟୀ ମଣ୍ଡପରେ ଗୋପୀନାଥ ଓ ରାଧାରାଣୀଙ୍କ ବିଜେ ପ୍ରତିମାଙ୍କୁ ଦୋଳିରେ ବିଜେ କରାଇ ନାମ ସଂକୀର୍ତ୍ତନ ମଧ୍ୟରେ ପୂଜାର୍ଚ୍ଚନା କରାଯାଉଥିଲା। ଚଳିତବର୍ଷ କୋଭିଡ କଟକଣା ଯୋଗୁ କେବଳ ମନ୍ଦିର ବେଢ଼ାରେ ଏହି ଯାତ୍ରା ସୀମିତ ରଖାଯାଇଥିଲା।

### ନିଖୋଜ ୨ ଛାତ୍ରୀ କେରଳରୁ ଉଦ୍ଧାର

ଗଞ୍ଜାମ,୨୦।୧୧(ଡି.ଏନ.ଏ.): ଗଞ୍ଜାମ ଥାନା ଅଞ୍ଚଳରୁ ନିଖୋଜ ହୋଇଥିବା ୨ ଜଣ ଛାତ୍ରୀଙ୍କୁ କେରଳରୁ ଉଦ୍ଧାର କରାଯାଇଛି। ଉଭୟଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗତ ୧୨ ତାରିଖରେ ଛାତ୍ରୀ ଦ୍ୱୟ ନିଖୋଜ ହୋଇଥିବା ଗଞ୍ଜାମ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ ୨୦୧/୨୧ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଦୁଇ ଜଣ ଛାତ୍ରୀ କେରଳର ଥ୍ରିସୁର ଅଞ୍ଚଳରେ ଥିବା ପୋଲିସ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲା। ଏ ନେଇ ଗଞ୍ଜାମ ଥାନାର ୪ ପୋଲିସ କର୍ମଚାରୀ ଛାତ୍ରୀ ଦ୍ୱୟଙ୍କୁ ଉଦ୍ଧାର କରିବାକୁ ଟ୍ରେନ ଯୋଗେ କେରଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରାଯାଇଥିବା ଆଇଆଇସି ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ସୁନାଗହଣା ଜବତ, ୨ ଗିରଫ

ପୁରୁଷୋତ୍ତମପୁର,୨୦।୧୧(ଡି.ଏନ.ଏ.): ପୁରୁଷୋତ୍ତମପୁର ସହରର କଂସାରୀ ସାହିରେ ସନାତନ ସାହୁଙ୍କ ଘରେ ପଶି ସୁନା, ରୁପା ଗହଣା ଓ ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ଶନିବାର ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଚୋରି ଅଳଙ୍କାର ଗୁଡ଼ିକୁ ଜବତ କରିଛି। ଅଭିଯୁକ୍ତମାନେ ହେଲେ ପୁରୁଷୋତ୍ତମପୁର କଂସାରୀ ସାହିର ଶିବରାମ ସାହୁ ଓ ତେଜେନ୍ଦ୍ର ସାହୁ। ଏ ନେଇ ନଂ. ୫୮୦/୨୧ରେ ମାମଲା ରୁଜୁ ହୋଇଛି।

### ନାବାଳିକା ଉଦ୍ଧାର, ପରିବାରକୁ ହସ୍ତାନ୍ତର

ହିଞ୍ଜିଳିକାଟୁ,୨୧।୧୧(ଡି.ଏନ୍.ଏ): ହିଞ୍ଜିଳି ଥାନା ଶ୍ୟାମଳାଇ ଛକଠାରେ ଶନିବାର କାନ୍ଦୁଥିବା ଜଣେ ୭ବର୍ଷୀୟ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ନାବାଳିକା ଜଣକ ଠିକ ଭାବେ ନିଜ ପରିଚୟ କହି ପାରୁ ନଥିଲେ। ଫଳରେ ନାବାଳିକାଙ୍କୁ ପୋଲିସ ପକ୍ଷରୁ ବ୍ରହ୍ମପୁର ଚାଇଲ୍ଡ ଲାଇନ ସହ ଯୋଗାଯୋଗ କରାଯାଇଥିଲା। ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମର ପରିବାର ଲୋକ ଥାନାରେ ପହଞ୍ଚିଥିଲେ। ନାବାଳିକା ଜଣକ ଆଶା ପ୍ରଧାନ ବୋଲି ସ୍ପଷ୍ଟ ହେବା ପରେ ଚାଇଲ୍ଡ ଲାଇନ ଉପସ୍ଥିତିରେ ତାଙ୍କୁ ତାଙ୍କର ଜେଜେବାପା ବିଶ୍ୱନାଥ ପ୍ରଧାନଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

### ଗଞ୍ଜେଇ ଗଛ ନଷ୍ଟ



ଆର.ଉଦୟଗିରି,୨୦।୧୧(ଡି.ଏନ.ଏ.): ମୋହନା ଥାନାର ବାଘମାରୀ ପଞ୍ଚାୟତର ଶିଙ୍ଗୁଲିପଦର ଅଞ୍ଚଳର ନଗରଙ୍ଗି ଗ୍ରାମ ଜଙ୍ଗଲରୁ ଅବକାରୀ, ପୋଲିସ, ବନବିଭାଗ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ୧୧୨ ଏକର ଜମିରେ ଲଗାଯାଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ଚଢ଼ାଉରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଭାତ କୁମାର ସେଠୀ, ଇନ୍‌ସପେକ୍ଟର ବାଳକୃଷ୍ଣ ପରିଡା, ପ୍ରକାଶ ସାହୁ, ଆର.ଉଦୟଗିରି ଥାନାଧିକାରୀ ସୁଜିତ କୁମାର ନାୟକ, ଅବକାରୀ ଓଆଇସି ବିଙ୍ଗରାଜ ଦାମି, ସ୍ଥାନୀୟ ବନ ବିଭାଗ, ରାଜସ୍ୱ ବିଭାଗ ଅବକାରୀ ଓ ସ୍ଥାନୀୟ ତହସିଲଦାର ଉପସ୍ଥିତ ଥିଲେ। ଏ ନେଇ ମୋହନା ଥାନାରେ ନଂ. ୨୨୫/୨୧ ରେ ମାମଲା ରୁଜୁ ହୋଇଛି।

## ଦୁଇମାସ ପରେ ବି ମିଳୁନି ସୁରାକ
### ଡାକ୍ତର ଦମ୍ପତିଙ୍କ ଘରୁ ଚୋରି ଘଟଣା

ବ୍ରହ୍ମପୁର ଅଫିସ,୨୦।୧୧

ବୈଦ୍ୟନାଥପୁର ଥାନା ନୂଆ ବସ୍‌ଷ୍ଟାଣ୍ଡ ନିକଟ ଦଣ୍ଡକାଳୀ ମନ୍ଦିର ପାଖରେ ରହୁଥିବା ଏକ ଡାକ୍ତର ଦମ୍ପତିଙ୍କ ଘରୁ ଲୁଟ୍ ଘଟଣାର ଦୁଇ ମାସ ପରେ ବି ପୋଲିସକୁ କିଛି ସୁରାକ ମିଳିପାରି ନାହିଁ। ଲୁଟେରାଙ୍କୁ ଧରିବା ପାଇଁ ଗଠିତ ପ୍ରପେଟି ଅଫେନ୍ସ, ପ୍ରିଭେନସନ ଆଣ୍ଡ ଡିଟେକସନ ଟିମ ଚିରାଚରିତ ଢଙ୍ଗରେ ତଦନ୍ତ ଚଳାଇଛି। ଚୋରଙ୍କ ସୁରାକ ପାଇବା ପାଇଁ ଉକ୍ତ ପୋଲିସ ଟିମ ଏବେ ଅନ୍ଧାରରେ ବାଡ଼ି ବୁଲାଉଛି। ଦଣ୍ଡକାଳୀ ମନ୍ଦିର ନିକଟ ଲିଙ୍ଗରାଜ ନଗରରେ ରହୁଥିବା ଡାକ୍ତର ସତୀଶ ମହାପାତ୍ର ଛତ୍ରପୁର ମେଡିକାଲରେ କାମ କରୁଛନ୍ତି। ତାଙ୍କ ସ୍ତ୍ରୀ ଡା. ଶୁଭଶ୍ରୀ ରଥ ଏମ୍‌କେସିଜି ମେଡିକାଲରେ କାମ କରନ୍ତି। ଡା. ଶୁଭଶ୍ରୀ ୨ ମାସ ପୂର୍ବେ ତାଙ୍କ ବାପଘରକୁ ଯାଇ କିଛିଦିନ ରହିଥିଲେ। ସେ ସମୟରେ ଡା. ସତୀଶ ମଧ୍ୟ ଛତ୍ରପୁରରେ ରହିଥିଲେ। ତେଣୁ ଘରେ ତାଲା ପଡ଼ିଥିଲା। ଏହାର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ତାଲା ଭାଙ୍ଗି ଘରେ ପଶି ଚୋରି କରିଥିଲେ। ଗତ ସେପ୍ଟେମ୍ବର ୨୦ ତାରିଖ ସନ୍ଧ୍ୟାରେ ଡା. ସତୀଶ ଘରକୁ ଆସିବା ପରେ ଆଲମିରା ଭଙ୍ଗା ଯାଇଥିବା ଓ ସେଥିରେ ଥିବା ୧୫ ଭରି ଓଜନର ସୁନା ଗହଣା, ୨୦ ହଜାର ଟଙ୍କା ଏବଂ ଘରୁ ଏକ ଏଲ୍‌ଇଡି ଟିଭି ଚୋରି ହୋଇଥିବା ଦେଖିଥିଲେ। ସେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ଚୋରମାନଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଥିଲା। କିନ୍ତୁ ଅଦ୍ୟାବଧି ଚୋରମାନଙ୍କୁ ଚିହ୍ନଟ କରିପାରି ନାହିଁ, ଯାହାକି ପୋଲିସର କାର୍ଯ୍ୟଶୈଳୀ ଉପରେ ସାଧାରଣରେ ପ୍ରଶ୍ନ ଉପୁଜୁଛି।

# ସମବାୟ କର୍ମଚାରୀ ମହାସଂଘର ଧାରଣା



ଧାରଣାରତ କର୍ମଚାରୀମାନେ।

ବ୍ରହ୍ମପୁର ଅଫିସ,୨୦।୧୧

ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ଓ ଗଞ୍ଜାମ ଜିଲା ସମିତି କର୍ମଚାରୀ ମହାସଂଘର ମିଳିତ ଡାକରାକ୍ରମେ ଶନିବାର ବ୍ରହ୍ମପୁରସ୍ଥିତ ଉପନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ୧୪ ଦଫା ଦାବି ସମୂହକୁ ନେଇ ଧାରଣା ଦିଆଯାଇଥିଲା। ମୁଖ୍ୟ କାର୍ଯ୍ୟନିର୍ବାହୀ ନିଯୁକ୍ତି ପ୍ରସ୍ତାବକୁ ରଦ୍ଦ କରିବା, ସମିତିରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଭାବେ ସ୍ୱୀକୃତି, ସପ୍ତମ ବେତନ କମିଶନଙ୍କ ସୁପାରିସ କ୍ରମେ ସମସ୍ତ ବର୍ଗ କର୍ମଚାରୀଙ୍କୁ ଦରମା ଓ ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ମହଙ୍ଗା ଭତ୍ତା ୧୮୯% ପ୍ରଦାନ, ଏଚ୍ଆର ପଲିସି ୨୦୧୧ ଅନୁଯାୟୀ ପ୍ରାଥମିକ ସମିତିର କର୍ମଚାରୀଙ୍କୁ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟରେ ନିଯୁକ୍ତି, ସମିତି ସଭ୍ୟଙ୍କଠାରୁ ଆଦାୟ ହେଉଥିବା ଅଂଶଧନର ୫୦% ସମିତିରେ ଜମା ରଖି ଅବଶିଷ୍ଟ ୫୦% କେନ୍ଦ୍ର ସମବାୟ ବ୍ୟାଙ୍କରେ ଜମା ରଖିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ହୋଇଛି। ଏଭଳି ଅନ୍ୟାନ୍ୟ ଦାବି ନେଇ ଧାରଣା ଦିଆଯାଇଥିଲା। ସଂଘର ସଭାପତି ସୀତାରାମ ପ୍ରଧାନ, ସଂପାଦକ ନବ କୁମାର ପାଢ଼ୀ, କାମନା ସେଠୀ, ଅଶୋକ ପ୍ରଧାନ, ସାହେବ ପଣ୍ଡା, ବୁଲୁ ଡାକୁଆ, ସୁଶୀଳ ସାହୁ, ପଦ୍ମ ଗୌଡ଼, ଡମ୍ବରୁ ସାସ୍ମଲ, ବିନୋଦ ସାହୁ, ଚତୁର୍ଭୁଜ ସ୍ୱାଇଁ, ପି.ରାଜେଶ, କେ.ଲୋକେଶଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଧାରଣା ଦେଇଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣରେ ହିଞ୍ଜିଳିକାଟୁ ରାଜ୍ୟରେ ପ୍ରଥମ

ହିଞ୍ଜିଳିକାଟୁ, ୨୧।୧୧(ଡି.ଏନ୍.ଏ)

ସ୍ୱଚ୍ଛ ସର୍ବେକ୍ଷଣ ୨୦୨୧ର ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ୨୫ ହଜାର ଜନସଂଖ୍ୟାରୁ କମ ସହରାଞ୍ଚଳ ମଧ୍ୟରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ପୂର୍ବାଞ୍ଚଳ ରାଜ୍ୟ ମଧ୍ୟରେ ହିଞ୍ଜିଳିକାଟୁ ୯ମ ସ୍ଥାନରେ ରହିଛି। ୨୫ ହଜାରରୁ କମ୍ ଜନସଂଖ୍ୟା ସହରାଞ୍ଚଳ ମଧ୍ୟରେ ସର୍ବଭାରତୀୟ ସ୍ତରରେ ସ୍ଥାନ ୧୧୦ ରହିଛି। ସର୍ବ ଭାରତୀୟ ସ୍ତରରେ ସମସ୍ତ ସହରାଞ୍ଚଳ ମଧ୍ୟରେ ସର୍ଭେରେ ୪୦୪ ସ୍ଥାନରେ ହିଞ୍ଜିଳିକାଟୁ ସହରାଞ୍ଚଳ ସ୍ଥାନ ପାଇଛି। ଏହି ସହରାଞ୍ଚଳ ୩୪୧୪.୩୫ ସ୍କୋର ହାସଲ କରିଛି। କେବଳ ବ୍ରହ୍ମପୁର ମହାନଗର ୩୭୫୧.୦୯ ସ୍କୋର ହାସଲ କରି ସର୍ବ ଭାରତୀୟ ସ୍ତରରେ ୨୨୧ ସ୍ଥାନରେ ଓ ରାଉରକେଲା ଟାଉନ ୩୭୨୩ ସ୍କୋର ପାଇ ସର୍ବ ଭାରତୀୟ ସ୍ତରରେ ୨୨୭ ସ୍ଥାନରେ ରହି ରାଜ୍ୟରେ ହିଞ୍ଜିଳିକାଟୁଠାରୁ ଅଧିକ ସ୍କୋର ପାଇଛନ୍ତି। ଏହି କୃତିତ୍ୱ ସହରାଞ୍ଚଳବାସୀଙ୍କ ସ୍ୱଚ୍ଛତା ପ୍ରତି ଆଗ୍ରହ ଓ ପ୍ରତିବଦ୍ଧତା ହେତୁ ସମ୍ଭବ ହୋଇ ପାରିଛି ବୋଲି ହିଞ୍ଜିଳିକାଟୁ ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ ମନୋରଞ୍ଜନ ସାହୁ କହିଛନ୍ତି। ଅନ୍ୟ ପକ୍ଷରେ ସଫେଇ କର୍ମଚାରୀଙ୍କ ପରିଶ୍ରମକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶଂସା କରିଛନ୍ତି। ହିଞ୍ଜିଳିକାଟୁ ବିକାଶ ମଞ୍ଚ ସଭାପତି ପ୍ରମୋଦ କୁମାର ପଣ୍ଡା, ବିଜେଡି ସଭାପତି ଭୀମସେନ ବେହେରା, ବରିଷ୍ଠ ଭାଜପା ନେତା ଦେବାନନ୍ଦ ମହାପାତ୍ର , ହିଞ୍ଜିଳିକାଟୁ ବ୍ୟବସାୟୀ ସଂଘ ସମ୍ପାଦକ ବିଶ୍ୱମ୍ବର ସାହୁ ପ୍ରମୁଖ ମ୍ୟୁନିସିପାଲଟିରେ ଇଓ ସମେତ ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୭ ଜୁଆଡ଼ି ଗିରଫ

ହିଞ୍ଜିଳିକାଟୁ,୨୦।୧୧(ଡି.ଏନ୍.ଏ.)

ହିଞ୍ଜିଳି ଥାନା ପିତଳ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଶନିବାର ଚଢ଼ାଉ କରି ୭ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୭୧ ହଜାର ୭୯୦ ଟଙ୍କା ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୬୨୦/୨୧ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

# ବିଏମ୍‌ସିକୁ ବେଷ୍ଟ ମିଡିୟମ ସିଟି ପୁରସ୍କାର



ଜିଲାପାଳ ଓ ବିଏମସି କମିଶନର ପୁରସ୍କାର ଗ୍ରହଣ କରୁଛନ୍ତି।

ବ୍ରହ୍ମପୁର ଅଫିସ,୨୦।୧୧

ଦିଲ୍ଲୀଠାରେ ଅନୁଷ୍ଠିତ ସ୍ୱଚ୍ଛ ଅମୃତ ମହୋତ୍ସବରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପୁରସ୍କୃତ ହୋଇଛି। ଏ ନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ ଯୋଗେ ସୂଚନା ଦିଆଯାଇଛି। ସ୍ୱଚ୍ଛ ଅମୃତ ମହୋତ୍ସବରେ ବିଏମ୍‌ସିକୁ ବେଷ୍ଟ ମିଡିୟମ୍ ସିଟି ଇନ୍ ଇନୋଭେସନ୍ ଓ ୩ରୁ ୪ ଲକ୍ଷ ଜନସଂଖ୍ୟା ମଧ୍ୟରେ ବ୍ରହ୍ମପୁରକୁ ବେଷ୍ଟ ପ୍ରାକ୍ଟିସେସ୍ ଜାତୀୟ ଆୱାର୍ଡରେ ପୁରସ୍କୃତ କରାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ପୁରସ୍କାର ଗ୍ରହଣ କରିଛନ୍ତି। ଏ ନେଇ ବିଏମ୍‌ସି ପକ୍ଷରୁ ବ୍ରହ୍ମପୁର ସହରବାସୀଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଯାଇଛି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ




ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବ୍ରହ୍ମପୁର ଅଫିସ,୨୦।୧୧

ସମଗ୍ର ଶିକ୍ଷା ଗଞ୍ଜାମ ପକ୍ଷରୁ ସରକାରୀ କୁଇନ ମିଶନ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି- ୨୦୨୧' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ତଥା ପୁରୁଷୋତ୍ତମପୁର ବିଇଓ ହରେକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ଯୋଗଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାସ ମୁଖ୍ୟବକ୍ତା, ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଶିଶୁଙ୍କୁ ନିଜ ପ୍ରତିଭା ଏବଂ ରୁଚି ଅନୁଯାୟୀ ଆଗକୁ ବଢ଼ିବା ନିମନ୍ତେ ପ୍ରବର୍ତ୍ତାଇଥିଲେ। ମହୋତ୍ସବରେ ଜିଲାର ୨୨ଟି ବ୍ଲକରୁ ୭୫ ଜଣ ଛାତ୍ରୀଛାତ୍ର ଭାଗନେଇ ଏକକ ଗୀତ, ସାମୂହିକ ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରତିଯୋଗୀ ହୋଇଥିଲେ। ଏକକ ଗୀତରେ ରାଜଶ୍ରୀ ଦାସ, ଲିଜା ପ୍ରଧାନ, ସୋନାଲି ସେଠୀ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବକ୍ତୃତାରେ ସୁଭାଷିଣ ପାଣିଗ୍ରାହୀ, ଅର୍ପିତା ପାତ୍ର, ଜସ୍ମିନ ପାଣିଗ୍ରାହୀ, ଚିତ୍ରାଙ୍କନରେ ଯୁଏଲ ସାହୁ, ଆର.ଚିତ୍ରାଂଶୁ, ଅଙ୍କିତା ଦେବୀ, ପ୍ରବନ୍ଧରେ ଦିପିକା ଗୌଡ଼, ଲିପ୍ସା ରାଣୀ ସାମଲ, ସତ୍ୟପ୍ରିୟ ପ୍ରଧାନ ଓ ସାମୂହିକ ନୃତ୍ୟରେ ବାଲାଜୀ ବିଦ୍ୟାପୀଠ କନିଷ୍ଠି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁସୁମୀ ଏବଂ ଖଲ୍ଲିକୋଟ ହରିହର ଦେବ ବିଦ୍ୟାପୀଠ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଙ୍ଗେଇଲୁଣ୍ଡା ବିଇଓ ଡ.ପ୍ରଭାତୀ ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଛତ୍ରପୁର ବିଇଓ ଅବିନାଶ ଶତପଥୀ, କବିସୂର୍ଯ୍ୟନଗର ବିଇଓ ଶାନ୍ତିଲତା ମୁନି ପ୍ରମୁଖ ଉପସ୍ଥିତ ଥିଲେ। ସମଗ୍ର ଶିକ୍ଷା ପ୍ରକଳ୍ପ ଅଧିକାରୀ ସରୋଜ ମୋହନ ପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମିଶନ ରାଣୀଙ୍କ ପର୍ବ ଆରମ୍ଭ

ବ୍ରହ୍ମପୁର ଅଫିସ,୨୦।୧୧

ବ୍ରହ୍ମପୁର ସହରରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମିଶନ ରାଣୀ ପର୍ବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଶନିବାର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ କୁଇନ୍ ମିଶନ୍ କାଥୋଲିକ୍ ଚର୍ଚ୍ଚରେ ଏହା ପାଳନ କରାଯାଇଛି। ଏଥିରେ ମୁଖ୍ୟ ପୁରୋହିତ ଭାବେ ଯାଜକ ମାଥ୍ୟୁ ନାୟକ ଦିବ୍ୟଯଜ୍ଞ ଉତ୍ସର୍ଗ କରିଥିଲେ। ବ୍ରହ୍ମପୁର ମିଶନରାଣୀ ମହାଦେବାଳୟର ମୁଖ୍ୟ ଯାଜକ ସଞ୍ଜିବ କୁମାର ନାୟକ, ସହକାରୀ ଯାଜକ ପ୍ରଭୁଦାସ ନାୟକ ଓ ଯାଜକ ସୁରେଶ ନାୟକ ଯୋଗ ଦେଇ କରୋନା ଦୂର ପାଇଁ ପ୍ରାର୍ଥନା କରିଥିଲେ। ଗୋପାଳପୁର ଖ୍ରୀଷ୍ଟ ଧର୍ମାଞ୍ଚଳ ସଂଘ କର୍ମକର୍ତ୍ତା, ହଳଦିଆପଦର, ବିଜିପୁର, ଅମ୍ବିକା ନଗର, ତୋଟା ସାହି ଓ ହିଲପାଟଣା ଅଞ୍ଚଳର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨୬ ତାରିଖରେ ଏହି ପର୍ବ ସରିବ। ୨୭ରେ କ୍ୟାଣ୍ଡେଲ ପର୍ବ ହେବ ବୋଲି ଚର୍ଚ୍ଚ ପକ୍ଷରୁ କୁହାଯାଇଛି।

## ମହାନଗର ବିଜେଡିର ସମ୍ବର୍ଦ୍ଧନା ସମାରୋହ

ବ୍ରହ୍ମପୁର ଅଫିସ,୨୦।୧୧

ବ୍ରହ୍ମପୁର ମହାନଗର ବିଜେଡିର ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆ କର୍ମକର୍ତ୍ତା, କାର୍ଯ୍ୟକାରୀ କମିଟିର ସଦସ୍ୟା,ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ପୂର୍ବଭଳି ଦଳକୁ ଯେଭଳି ପୂର୍ଣ୍ଣ ସଫଳତା ମିଳିବ ସେଥିପାଇଁ କର୍ମକର୍ତ୍ତା ଓ କର୍ମୀମାନେ ଏବେଠୁ ନିଷ୍ଠାପର ପ୍ରୟାସ ଚଳାଇବାକୁ ଏମ୍‌ପି ଓ ବିଧାୟକ ପରାମର୍ଶ ଦେଇଥିଲେ। ବିଏମସି ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ପୂର୍ବ ପୌରପାଳିକାର ନଗରପାଳ ପି.ଭୀମୁଡୁଙ୍କ ସମେତ ମହାନଗର ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଓ ଅନ୍ୟମାନଙ୍କୁ ଦଳ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିଲା। ବିଏମସି ପୂର୍ବ ମେୟର କେ.ମାଧବୀ, ପୌର ପରିଷଦର ପୂର୍ବତନ ନଗରପାଳିକା ସୁଲୋଚନା ସ୍ୱାଇଁ, ପୂର୍ବତନ ଡେପୁଟି ମେୟର ସଂଯୁକ୍ତା ସାମଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମହାନଗର ସଭାପତି ବିଜୟ ଚନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିଲେ। ଯୁବ, ଛାତ୍ର ଓ ମହିଳା ସଂଗଠନର ଅନେକ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ନବନିଯୁକ୍ତ ଉପସଭାପତି କେ.ଅନୀଲ କୁମାର, କର୍ମକର୍ତ୍ତା ଜ୍ୟୋତି ସୁବୁଦ୍ଧି କାର୍ଯ୍ୟକ୍ରମରେ ଯୋଗ ନଦେଇ ଚର୍ଚ୍ଚାର ପରିସରକୁ ଆସିଥିଲେ। ଏହି ଅବସରରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ଆସନ୍ତା ୨୪ ତାରିଖରେ ଦକ୍ଷିଣାଞ୍ଚଳ ଆରଡିସି ଅଫିସ ଆଗରେ ହେବାକୁ ଥିବା ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଶାଳିଆ ବନ୍ଧ ବସ୍ତି ଉଚ୍ଛେଦକୁ ବିରୋଧ

**ସରକାରୀ ଜମିର ପଟ୍ଟା ଦେବା ପାଇଁ ଦାବି**

ବ୍ରହ୍ମପୁର ଅଫିସ,୨୦।୧୧

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅଫିସ ଆଗରେ ଶନିବାର ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସମାବେଶ ହୋଇଥିଲା। ଗୋଷାଣି ନୂଆଗାଁ ଶାଳିଆବନ୍ଧ ନିକଟରେ ଥିବା ସରକାରୀ ଜାଗାରେ ୫୦ ବର୍ଷରୁ ଅଧିକ ସମୟ ଧରି ଘର କରି ରହୁଥିବା ଗରିବ ଓ ଶ୍ରମିକ ପରିବାରକୁ ଉଚ୍ଛେଦ ପାଇଁ ନିଗମ ପକ୍ଷରୁ ଦିଆଯାଇଥିବା ନୋଟିସ ବିରୋଧରେ ଏହି ଆନ୍ଦୋଳନ କରାଯାଇଥିଲା। ଘର ନ ଭାଙ୍ଗି ସେହି ଜାଗାର ପଟ୍ଟା ଦେବାକୁ ଦାବି କରାଯାଇଥିଲା। ବାସିନ୍ଦାମାନେ ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ପାଖରେ ଏକାଠି ହୋଇଥିଲେ। ସେଠାରୁ ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ବଜାର, ଅର୍ବାନ ବ୍ୟାଙ୍କ ରୋଡ ଦେଇ ନିଗମର ମୁଖ୍ୟ ଫାଟକ ଆଗରେ ପହଞ୍ଚିଥିଲେ। ମଞ୍ଚ ଆବାହକ ଆଇନଜୀବୀ ପୀତବାସ ପଣ୍ଡା ନେତୃତ୍ୱ ନେଇଥିବା ବେଳେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନେତା ପ୍ରମୋଦ ଜେନା, ଭୋକାଲି ସେଠୀ, ସାଇରାମ ପାତ୍ର, ପ୍ରଶାନ୍ତ ସାହୁ, ଉଦୟ ପାଣିଗ୍ରାହୀଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

ବିକ୍ଷୋଭ ସ୍ଥଳରେ ମଞ୍ଚ ଆବାହକ ପଣ୍ଡା ଓ ବାସିନ୍ଦାମାନେ କହିଛନ୍ତି ଶାଳିଆ ବନ୍ଧହୁଡ଼ାରେ କେତେକ ଲୋକ ବେଆଇନ ଜବରଦଖଲ କରିଛନ୍ତି। ସେମାନଙ୍କୁ ହଟାଇବାରେ ଆମେ ବିରୋଧ କରୁନାହୁଁ। ମାତ୍ର ବନ୍ଧ ନିକଟସ୍ଥ ସରକାରୀ ଜାଗାରେ ପୁରୁଷାନୁକ୍ରମେ ଘର କରି ରହିଛୁ। ତେଣୁ ଉଚ୍ଛେଦ ଲାଗି ଜାରି ନୋଟିସର ପ୍ରତିବାଦ କରୁଛି। ନୋଟିସ ବିରୋଧରେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ମାମଲା ରୁଜୁ ହେବାରୁ କୋର୍ଟ ସ୍ଥଗିତାଦେଶ ଦେବା ସହ ବନ୍ଧହୁଡ଼ାରୁ ଉଚ୍ଛେଦ ନିମନ୍ତେ ଆଦେଶରେ ସ୍ପଷ୍ଟ କରି ଦେଇଛନ୍ତି। ଅପରପକ୍ଷରେ ଆମେ ରହୁଥିବା ବସ୍ତିରେ ବିଏମ୍‌ସି ପକ୍ଷରୁ ରାସ୍ତା, ଡ୍ରେନ ଓ ଶୌଚାଳୟ ନିର୍ମିତ ହୋଇଛି। ତେଣୁ ଜବରଦଖଲର ପ୍ରଶ୍ନ ନଥିବା କୁହାଯାଇଛି। ଉପରୋକ୍ତ ଦାବି ସମ୍ବଳିତ ସ୍ମାରକପତ୍ର ନିଗମ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ଉପଯୁକ୍ତ ବିଚାର କରାଯିବ ବୋଲି ଆଶ୍ୱାସନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




ବିଏମ୍‌ସି କାର୍ଯ୍ୟାଳୟ ଆଗରେ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପ୍ରଥମ ପୃଷ୍ଠାରୁ

## ଯାତ୍ରା, ନାଟକ,...

ବୟସ୍କଙ୍କୁ ମଧ୍ୟ ବାରଣ ରହିଛି। ସେହିଭଳି କାର୍ଯ୍ୟକ୍ରମ ସ୍ଥଳରେ ପାନଛେପ ପକାଇବାକୁ ବାରଣ କରାଯାଇଛି। ନିୟମିତ ହାତ ଧୋଇବା ପାଇଁ ଆୟୋଜକ ବ୍ୟବସ୍ଥା କରିବେ। ସବୁ ଜିଲାପାଳ, ଏସ୍‌ପି ଓ ମହାନଗର କମିଶନରଙ୍କଠାରୁ ଯାତ୍ରା, ଅପେରା କିମ୍ବା ଡ୍ରାମା ପାଇଁ ଅନୁମତି ନେବା ଜରୁରୀ ବୋଲି ଏସ୍‌ଆର୍‌ସି କହିଛନ୍ତି। ଅନ୍ୟପଟେ ଯାତ୍ରା କିମ୍ବା ଅପେରା ପାଇଁ ଅନଲାଇନ୍‌ରେ ଟିକେଟ୍ ବିକ୍ରି କରିବାକୁ ପରାମର୍ଶ ଦିଆଯାଇଛି। ନଚେତ୍ ଟିକେଟ୍ ବିକ୍ରି ପାଇଁ ଅଧିକରୁ ଅଧିକ ଟିକେଟ୍ କାଉଣ୍ଟର ବ୍ୟବସ୍ଥା କରିବାକୁ କୁହାଯାଇଛି।

### ଦ୍ୱନ୍ଦ୍ୱ, ଚିନ୍ତାରେ ଯାତ୍ରାପାର୍ଟି ମାଲିକ

ବହୁଦିନ ଧରି ଯାତ୍ରା ବନ୍ଦ ପଡ଼ିଥିବାବେଳେ ଏବେ ଅନୁମତି ମିଳିଥିବାରୁ ଖୁସି ହେବେ କି ଦୁଃଖୀ ହେବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ଯାତ୍ରା କଳାକାର ଓ ପାର୍ଟି ମାଲିକ। ନାଇଟ୍ କର୍ଫ୍ୟୁ କଟକଣା ବଳବତ୍ତର ଥିବାରୁ ଯାତ୍ରା କିପରି ହେବ ତାକୁ ନେଇ ଏବେ ଚିନ୍ତାରେ ପଡ଼ି ଯାଇଛନ୍ତି। ସହରାଞ୍ଚଳରେ ଏବେ ବି ନାଇଟ୍ କର୍ଫ୍ୟୁ ରାତି ୧୦ରୁ ସକାଳ ୫ ଯାଏ ବଳବତ୍ତର ରହିଛି। ତେଣୁ ଦିନରେ ଯାତ୍ରା କରିବାକୁ ପଡ଼ିବ। ଏସବୁର ଅନୁସରଣ ଗାଇଡ୍‌ଲାଇନ୍‌କୁ ମାନିଲେ ଯାତ୍ରା କିପରି ଜମିବ, ଆଉ ଯଦି ହୁଏ, ଦର୍ଶକ ଆସିବେ ନା ନାହିଁ, ଏହାକୁ ନେଇ ସେମାନେ ଚିନ୍ତାରେ ରହିଛନ୍ତି।

## ଦେଢ଼କୋଟିର ସାପ ବିଷ...

ସମ୍ବଲପୁର ଜିଲା ସିନ୍ଦୂରପଙ୍କ ଅଞ୍ଚଳରେ ପହଞ୍ଚିଥିଲା। ସେଠାରେ କୈଳାସ ଓ ରଞ୍ଜନ ଏକ କାଚ ପାତ୍ରରେ ଥିବା ଏକ କେଜି ଓଜନର କୋବ୍ରା ଭେନାମ (ନାଗ ସାପ ବିଷ) ଦେଖାଇଥିଲେ। ଗ୍ରାହକ ସାଜିଥିବା ସ୍ୱତନ୍ତ୍ର ସ୍କ୍ୱାଡ୍ ଅଧିକାରୀଙ୍କୁ ସେମାନେ ଦେଢ଼ କୋଟି ଟଙ୍କା ଦାବି କରିଥିଲେ। ଏହି ସମୟରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଉଭୟଙ୍କୁ କାବୁ କରି ନେଇଥିଲା। ସେମାନଙ୍କ ବିରୋଧରେ ରିଆମାଳ ଥାନାରେ ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୫୩/୨୧) ରୁଜୁ ହୋଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଗୋପବନ୍ଧୁ ବେହେରା ପ୍ରକାଶ କରିଛନ୍ତି।

ସେପଟେ ସାପ ବିଷ ର୍ୟାକେଟ ଧରିବାରେ ସ୍ଥାନୀୟ ପୋଲିସ ଯଦିଓ ପ୍ରାରମ୍ଭିକ ସଫଳତା ଲାଭ କରିଛି, କିନ୍ତୁ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ର କୌଣସି ଦଫା ଲଗା ଯାଇ ନ ଥିବାରୁ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ଆଶ୍ଚର୍ଯ୍ୟ କରିଛି। ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ନାଗ ସାପର ବିଷ ଜବତ ହୋଇଛି ଅର୍ଥାତ୍ ନାଗ ସାପକୁ ଧରି ତା'ର ବିଷ ବାହାର କରାଯାଇଛି ଏବଂ କାରବାର କରାଯାଇଛି। ନାଗ ସାପକୁ ବିନା ଅନୁମତିରେ ଧରିବା ଦ୍ୱାରା ବନ୍ୟପ୍ରାଣୀ ଆଇନ-୧୯୭୨ର ଧାରା ୯ (ପ୍ରୋହିବେଶନ ଅଫ୍ ହଣ୍ଟିଙ୍ଗ) ଉଲ୍ଲଂଘନ ହୋଇଛି। ବିନା ଅନୁମତିରେ ସାପ ବିଷ ବାହାର କରିଥିବାରୁ ଧାରା ୧୨(ଇ) ଭଙ୍ଗ ହୋଇଛି। ବନ୍ୟପ୍ରାଣୀଠାରୁ ଜାତ ଦ୍ରବ୍ୟର କିଣାବିକା କରୁଥିବା ଯୋଗୁ ଧାରା ୩୯(ବି) ଉଲ୍ଲଂଘନ ହୋଇଛି। ଏହିସବୁ ଦଫା ଲାଗୁହେବା ଦ୍ୱାରା ଅଭିଯୁକ୍ତମାନଙ୍କୁ ସହଜରେ ଜାମିନ ମିଳେ ନାହିଁ। ସବୁଠାରୁ ବଡ଼ କଥା ହେଲା, ବନ୍ୟପ୍ରାଣୀ ଆଇନରେ ଧାରା ୫୭ରେ ଯଦି ମାମଲା ରୁଜୁ ହୋଇଥାନ୍ତା, ତେବେ ବର୍ଡନ ଅଫ୍ ପ୍ରୁଫ୍ ଅଭିଯୁକ୍ତଙ୍କ ଉପରେ ପଡ଼ିଥାନ୍ତା। ଏହି ଧାରା ଅନୁସାରେ ମାମଲା ରୁଜୁ ହୋଇଥିଲେ ଜବତ ପଦାର୍ଥ ପ୍ରକୃତରେ ସାପ ବିଷ କି ନୁହେଁ ତାହା ପ୍ରମାଣ କରିବା ଦାୟିତ୍ୱ କ୍ଷତିଗ୍ରସ୍ତ ଅଭିଯୁକ୍ତଙ୍କ ଉପରେ ନ୍ୟସ୍ତ ହୋଇଥାନ୍ତା। ତେଣୁ ବନ୍ୟପ୍ରାଣୀ ଅପରାଧକୁ ରୋକିବା ପାଇଁ ଉଭୟ ଆଇପିସି ଏବଂ ବନ୍ୟପ୍ରାଣୀ ଆଇନର ଦଫା ଲଗାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

## 'ସୁସ୍ଥ ରୁହ,...

ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସଂକଳ୍ପ, ତ୍ୟାଗକୁ ସ୍ମରଣ କରିଥିଲେ। ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲାରେ ମିଲେଟ ମିଶନ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଥିବା ଯୋଗୁ ଖୁସି ପ୍ରକଟ କରିଥିଲେ। ପ୍ରତିଟି ଜୀବନ ମୂଲ୍ୟବାନ ହୋଇଥିବାରୁ ଟଙ୍କା ପାଇଁ ଚିକିତ୍ସା ସୁବିଧାରୁ କେହି ବଞ୍ଚିତ ନ ହୁଅନ୍ତୁ। ସ୍ମାର୍ଟ ହେଲ୍ଥ କାର୍ଡ ଦ୍ୱାରା ଚିକିତ୍ସା ସୁବିଧା ସହ ସମସ୍ତେ ସୁସ୍ଥ ରହି ପରିବାର ଓ ରାଜ୍ୟର ଉନ୍ନତି ପାଇଁ କାର୍ଯ୍ୟ କରନ୍ତୁ ବୋଲି କହିଥିଲେ। ଜିଲାର ୧୦ ଲକ୍ଷ ଲୋକ ଏହାଦ୍ୱାରା ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ମୁଦୁଲି, ବିଧାୟକ ରଜନୀକାନ୍ତ ସିଂହ, ବ୍ରଜ କିଶୋର ପ୍ରଧାନ, ସୁଶାନ୍ତ କୁମାର ବେହେରା, ରମେଶ ଚନ୍ଦ୍ର ସାଏ, ମୁକେଶ କୁମାର ପାଲ, ୫-ଟି ସଚିବ ଭି.କେ. ପାଣ୍ଡିଆନ ମଞ୍ଚାସୀନ ଥିଲେ। ଜିଲାପାଳ ବିଶାଖ ଶଙ୍କର ସ୍ୱାଗତ, ଏସ୍‌ପି ଜଗମୋହନ ମୀନା, ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀମାନେ ସଭାସ୍ଥଳରେ ଉପସ୍ଥିତ ଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲା ଗସ୍ତରେ ଯାଇ ମଧ୍ୟାହ୍ନ ୧୨ଟାରେ ମିନିଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲାର ସାମଗ୍ରିକ ବିକାଶ ଲାଗି ମୁଖ୍ୟମନ୍ତ୍ରୀ ୮୭୬କୋଟି ୨୨ଲକ୍ଷ ଟଙ୍କାର ୧୯୫ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଢେଙ୍କାନାଳ ହେଉଛି ବୀର ବାଜି ରାଉତ ଏବଂ ସାରଙ୍ଗଧର ଦାସଙ୍କ ମାଟି। ଏଠାକାର ଜନସାଧାରଣ ଅନ୍ୟାୟ ବିରୋଧରେ ସବୁବେଳେ ସଂଗ୍ରାମ କରିଛନ୍ତି। ପ୍ରଜାମଣ୍ଡଳ ଆନ୍ଦୋଳନ ଏହାର ଉଦାହରଣ। ସ୍ମାର୍ଟ ହେଲ୍ଥ କାର୍ଡ ଯୋଜନାରେ ଜିଲାର ୨ଲକ୍ଷ ୯୪ହଜାର ୪୫୫ ପରିବାରର ୯ ଲକ୍ଷ ୭୨ହଜାର ୨୭୪ ହିତାଧିକାରୀ ଉପକୃତ ହେବେ। ୨୦୦ ବଡ଼ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ମିଳିପାରିବ। ପୁରୁଷଙ୍କ ପାଇଁ ୫ଲକ୍ଷ ଏବଂ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ରହିଛି। ଏଭଳି ସେବା ପ୍ରଦାନରେ ଓଡ଼ିଶା ଦେଶରେ ପ୍ରଥମ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ପରେ ଆବେଦା ବିବି, ପ୍ରିୟମ୍ବଦା ସାହୁ, ଗୌରୀ ସିଂ, ସିକ୍ସସ୍ମିତା ବିଶୋଇ, ପୁଷ୍ପଲତା ପଟ୍ଟନାୟକ ପ୍ରମୁଖ ୫ଜଣଙ୍କୁ ସ୍ମାର୍ଟକାର୍ଡ ପ୍ରଦାନ କରାଯାଇଥିଲା। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର ସାମଲ, ଡା. ନୃସିଂହ ଚରଣ ସାହୁ, ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। '୫-ଟି' ସଚିବଙ୍କ ସମେତ ଜିଲାପାଳ ସରୋଜ ସେଠୀ, ଏସ୍‌ପି କେ. ଶିବା ସୁବ୍ରମଣି, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡ଼ଖଣ୍ଡରେ...

ରୁଟ୍‌ରେ ଚଳାଚଳ କରୁଥିବାବେଳେ ଅନ୍ୟ କେତେକକୁ ବାତିଲ କରିଦିଆଯାଇଛି। ବିସ୍ଫୋରଣରେ ଡିଜେଲ ଇଞ୍ଜିନର ଏକ ଟ୍ରଲି କ୍ଷତିଗ୍ରସ୍ତ ହୋଇଥିବା ଇସିଆର୍ ରେଲୱେର ମୁଖପାତ୍ର କହିଛନ୍ତି। ପାଲାମୁ, ଗରୱା ଏବଂ ଲାଟେହାରରେ ଥିବା ସମସ୍ତ ଥାନାକୁ ହାଇ ଆଲର୍ଟରେ ରଖାଯାଇଛି।

## କୃଷକଙ୍କ...

ତାହା ନ ହେଲେ ସେମାନଙ୍କ ଅସନ୍ତୋଷ ଓ କ୍ରୋଧ ଜାରି ରହିବ ଯାହା ଅନ୍ୟ ଉପାୟରେ ପ୍ରକାଶ ପାଇବ ବୋଲି ଭାଜପା ଏମ୍‌ପି ସତର୍କ କରିଦେଇଛନ୍ତି। ଏମ୍‌ଏସ୍‌ପିକୁ ଗ୍ୟାରେଣ୍ଟି ମିଳିଲେ, ଚାଷୀମାନଙ୍କୁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀକୁ ଏହା ସଶକ୍ତୀକରଣ କରିପାରିବ ବୋଲି ବରୁଣ କହିଛନ୍ତି।

## ପାର୍ଲାମେଣ୍ଟକୁ...

ତେବେ ପାର୍ଲାମେଣ୍ଟରେ ଏହା କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଚାଷୀମାନେ ଅପେକ୍ଷା କରିବେ। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ବୈଧାନିକ ଗ୍ୟାରେଣ୍ଟି ଏବଂ ବିଦ୍ୟୁତ ସଂଶୋଧନ ବିଲ୍ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ପାର୍ଲାମେଣ୍ଟରେ ୩ ବିବାଦୀୟ କୃଷି ଆଇନ ରଦ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶୁକ୍ରବାର ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାଏତ୍ କହିଥିଲେ। ଏହା ବ୍ୟତୀତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଚାଷୀଙ୍କ ସହିତ ସରକାର ଆଲୋଚନା କରିବା ସହ ଏମ୍‌ଏସ୍‌ପି ଉପରେ ଗ୍ୟାରେଣ୍ଟି ଦେବାକୁ ଟିକାଏତ୍ ଆହ୍ୱାନ ଦେଇଥିଲେ।

# ଆମେରିକାରେ ଝିଅ ବିକ୍ରି



■ ନାବାଳିକାଙ୍କୁ ଯୁବକଙ୍କ ହାତରେ ଟେକିଦେଲେ ମା'
■ ଘରେ ବାହାଘର ପାର୍ଟି ରଖିଲେ

**ଫର୍ଟ ୱେନେ, ୨୦।୧୧:** ଆମେରିକା ଭଳି ବିକଶିତ ଦେଶରେ ମଧ୍ୟ ପିଲା ବିକ୍ରି କରିଦେବା ଭଳି ଘଟଣା ଘଟୁଛି। ଇଣ୍ଡିଆନା ପ୍ରଦେଶର ଜଣେ ମହିଳା ତାଙ୍କ ୧୩ ବର୍ଷୀୟା ଝିଅଙ୍କୁ ଜଣେ ୨୭ ବର୍ଷୀୟ ଯୁବକଙ୍କ ସହ ଜୋରଜବରଦସ୍ତି ବିବାହ କରି ଦେଇଥିବା ଖବର ସାମ୍ନାକୁ ଆସିଛି। ବିବାହ ବଦଳରେ ମହିଳା ଜଣଙ୍କ ତାଙ୍କଠାରୁ ଟଙ୍କା ଏବଂ ସମ୍ପତ୍ତି ନେଇଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏ ନେଇ ସମ୍ପୃକ୍ତ ଯୁବକ ଜି କିଦେ ୟା ଏବଂ ମହିଳାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

କୋର୍ଟ ରେକର୍ଡ ଅନୁସାରେ, ଗତ ଡିସେମ୍ବରରେ ଏହି ଘଟଣା ଘଟିଛି। ମହିଳା ଜଣଙ୍କ ନିଜ ଝିଅକୁ ଜି କିଦେ ନାମକ ଜଣେ ଯୁବକଙ୍କୁ ବିକ୍ରି କରିବା ପୂର୍ବରୁ ଏକ ବାହାଘର ପାର୍ଟି ଦେଇଥିଲେ। ବାଳିକାଙ୍କ ଜଣେ ସାଙ୍ଗ ଫର୍ଟ ୱେନେ ପୋଲିସକୁ ଏ ବାବଦରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସେଠାରେ ବିବାହ ପାର୍ଟିର କିଛି ଚିତ୍ର କାନ୍ଥରେ ପେଣ୍ଟିଂ କରାଯାଇଥିବା ଦେଖିବାକୁ ପାଇଥିଲା। ତେବେ ତାହା କେବଳ ଏକ ନିର୍ବନ୍ଧ ପାର୍ଟି ଥିଲା ବୋଲି ପୋଲିସକୁ କୁହାଯାଇଥିଲା। ସମ୍ପୃକ୍ତ ବାଳିକାଙ୍କୁ ଅଫିସରମାନେ ଏକାନ୍ତ ସ୍ଥାନକୁ ନେଇ ପଚରାଉଚରା କରିବା ପରେ ତାଙ୍କ ଘର ଲୋକ ଉକ୍ତ ଯୁବକଙ୍କ ସହ ଡିଲ୍ କରି ବିବାହ କରାଇଥିବା ଜଣାଇଥିଲେ। ଝିଅ ବଦଳରେ ଯୁବକ ଜଣକ ନାବାଳିକାଙ୍କୁ ସୁନା ବ୍ରେସ୍‌ଲେଟ୍, ନେକ୍‌ଲେସ୍ ସହ ୨ ହଜାର ଡଲାର ଦେଇଥିଲେ। ନାବାଳିକାଙ୍କଠାରୁ ସେସବୁକୁ ତାଙ୍କ ଘର ଲୋକେ ନେଇଯାଇଥିଲେ। ବିବାହ ପରେ ଯୁବକ ଜଣକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲେ ହେଁ ନାବାଳିକା ପାଟି କରି ତାଙ୍କୁ ଦୂରେଇ ରହିବାକୁ କହିଥିଲେ ବୋଲି ଅଭିଯୁକ୍ତ କୋର୍ଟକୁ କହିଛନ୍ତି। ତେବେ ପୋଲିସ ଏବଂ ଚାଇଲ୍ଡ ସର୍ଭିସ ଡିପାର୍ଟମେଣ୍ଟ ତରଫରୁ ଏହି ବାହାଘରକୁ ନିଷିଦ୍ଧ କରିଦିଆଯାଇଛି। ଯୁବକଙ୍କଠାରୁ ନେଇଥିବା ଅର୍ଥ ବିବାହ ପାର୍ଟି ଏବଂ ଖାଦ୍ୟପେୟରେ ଖର୍ଚ୍ଚ କରାଯାଇଥିବା ନାବାଳିକାଙ୍କ ମା' କହିଛନ୍ତି। କେବଳ ନିର୍ବନ୍ଧ ହୋଇଛି ଏବଂ ଝିଅକୁ ୧୮ ବର୍ଷ ହେବା ପରେ ବିବାହ ହୋଇଥାନ୍ତା ବୋଲି ମହିଳା ଜଣକ କୋର୍ଟକୁ କହିଛନ୍ତି। ଏଥିସହ ଟଙ୍କା କାରବାରରେ ତାଙ୍କ ସ୍ୱାମୀ ମଧ୍ୟ ସାମିଲ ଥିବା ସମ୍ପୃକ୍ତ ମହିଳା ଅଭିଯୋଗ ଆଣିଛନ୍ତି। ତେବେ ନାବାଳିକାଙ୍କ ବାପାଙ୍କ ବିରୋଧରେ କୌଣସି ଚାର୍ଜ ଲଗାଯାଇନାହିଁ। ଉଭୟ ମହିଳା ଏବଂ ସମ୍ପୃକ୍ତ ଯୁବକଙ୍କ ପାଇଁ ଗିରଫ ପରୱାନା ଜାରି ହୋଇଥିବା ଜଣାପଡ଼ିଛି।

## ସାଇନିଂ କ୍ୟାଲେଣ୍ଡର ଅଡିଶନ

**ଭୁବନେଶ୍ୱର,୨୦।୧୧:** ସାଇନିଂ ଗ୍ରୁପ୍ ଅଫ୍ କମ୍ପାନୀ ପକ୍ଷରୁ ଚଳିତ ବର୍ଷର କ୍ୟାଲେଣ୍ଡର ଅଡିସନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଓ ଗ୍ଲାମ୍ ସାଇନ୍ ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟର ମିଳିତ ସହଯୋଗରେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଛା ବଛା ମଡେଲଙ୍କୁ ନେଇ ଆସନ୍ତା ମାସରେ ସାଇନିଂ କ୍ୟାଲେଣ୍ଡର ଉନ୍ମୋଚନ କରିବାକୁ ଯାଉଛି। ଏ ସମ୍ପର୍କରେ ସାଇନିଂ ଗ୍ରୁପ୍ ଅଫ୍ କମ୍ପାନୀର ନିର୍ଦ୍ଦେଶକ ପୱନ କୁମାର କହିଛନ୍ତି, ମଡେଲ, ମେକ୍‌ଅପ୍ ଆର୍ଟିଷ୍ଟ, ଫଟୋଗ୍ରାଫର, ଡିଜାଇନରଙ୍କୁ ନୂତନ ପ୍ଲାଟ୍‌ଫର୍ମ ଯୋଗାଇଦେବା ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ । ଚଳିତବର୍ଷ ହାଇ ଫ୍ୟାଶନକୁ ନେଇ କ୍ୟାଲେଣ୍ଡର ଉନ୍ମୋଚନ କରାଯିବ। ଏହା ପୂର୍ବରୁ ଅନ୍‌ଲାଇନ ଅଡିସନ କରାଯାଇଥିଲା ଯେଉଁଥିରେ ୧୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରୁ ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ଅଡିସନ ଦେବା ପାଇଁ ଚୟନ କରାଯାଇଛି।

# 'ଅଦ୍ୱିକା'ରେ ଯୋଡ଼ିହେବେ କିଶୋର

ରାଜ୍ୟସ୍ତରୀୟ ସମ୍ମିଳନୀ
■ ବର୍ଷକରେ ୧୦ ଲକ୍ଷ କିଶୋରୀ ସାମିଲ
■ ନିୟୋଜିତ ହେବେ 'ସଖା-ବନ୍ଧୁ'

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**

ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା 'ଅଦ୍ୱିକା' କାର୍ଯ୍ୟକ୍ରମ ଇତିମଧ୍ୟରେ ଏକବର୍ଷ ପୂରଣ କରିଛି। ଏହି ପରିପ୍ରେକ୍ଷୀରେ ଶନିବାର ଶିଶୁ ଅଧିକାର ସପ୍ତାହର ଶେଷ ଦିନରେ ଅଙ୍ଗନୱାଡ଼ି ସେବାରେ ଯୋଡ଼ି ହୋଇଥିବା କିଶୋରୀଙ୍କ ନିମନ୍ତେ ରାଜ୍ୟସ୍ତରୀୟ 'ଅଦ୍ୱିକା' ସମ୍ମିଳନୀ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଲେ, ପ୍ରତ୍ୟେକ ଝିଅ ଆମ ପାଇଁ ଅଦ୍ୱିତୀୟ। 'ଅଦ୍ୱିକା' କାର୍ଯ୍ୟକ୍ରମ ଆମ ରାଜ୍ୟର ଝିଅଙ୍କୁ ସଶକ୍ତ ଏବଂ ସମର୍ଥ କରିବା ଦିଗରେ ଏକ ବଳିଷ୍ଠ ପ୍ରୟାସ। ମୁଖ୍ୟତଃ ବାଲ୍ୟବିବାହ ରୋକିବା, ବାଳିକାଙ୍କୁ ନିର୍ଯାତନା ତଥା ଘରୋଇ ହିଂସାରୁ ସୁରକ୍ଷା ଦେବା, ଡ୍ରପ୍ ଆଉଟ୍ ହ୍ରାସ, କିଶୋରୀଙ୍କ ପୁଷ୍ଟିସାଧନ, ସ୍ୱଚ୍ଛତା ଏବଂ ଶାରୀରିକ ତଥା ମାନସିକ ପ୍ରସଙ୍ଗଗୁଡ଼ିକରେ ସଚେତନତା ସୃଷ୍ଟି ପାଇଁ ୟୁନିସେଫ୍ ଏବଂ ୟୁଏନ୍‌ଏଫ୍‌ପିଏର ସହଯୋଗରେ ୨୦୨୦ରେ 'ଅଦ୍ୱିକା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏକ ବର୍ଷ ମଧ୍ୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ କିଶୋରୀ ସାମିଲ ହୋଇଥିବାବେଳେ ୬୦୦ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପ୍ରତ୍ୟେକ କିଶୋରୀ ଗ୍ରୁପ୍‌ରେ ସଚେତନତା ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ 'ସଖୀ-ସହେଲି'ଙ୍କୁ ଚିହ୍ନଟ କରାଯାଇଛି। ତୃଣମୂଳ ସ୍ତରରେ କିଶୋରବାଳିକାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କ୍ଷେତ୍ରରେ ଆଖିଦୃଶିଆ ରୂପାନ୍ତରଣ ଦେଖିବାକୁ ମିଳିଛି। ଏହି ସଫଳତାକୁ ଆହୁରି ଉଚ୍ଚତର ପର୍ଯ୍ୟାୟକୁ ନେବା ନିମନ୍ତେ ଏଣିକି କିଶୋରବାଳକଙ୍କୁ ମଧ୍ୟ ଏଥିରେ ପ୍ରତ୍ୟକ୍ଷ ଭାବେ ସାମିଲ କରାଯିବ। ସେମାନଙ୍କ ମଧ୍ୟରୁ 'ସଖା-ବନ୍ଧୁ'ମାନଙ୍କୁ ନିୟୋଜିତ କରାଯିବ। ଏହି କ୍ରମରେ ଶନିବାରଠାରୁ 'ଅଦ୍ୱିକା'ରେ ଯୋଡ଼ି ହୋଇଛି ଏକ ନୂତନ ଫର୍ଦ୍ଦ 'ସଖା-ବନ୍ଧୁ'। ତେବେ ଯେଉଁମାନେ କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ସବୁସ୍ତରରେ ପହଞ୍ଚାଇବା ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବେ ସେହି ସଖୀ-ସହେଲି, ସଖା-ବନ୍ଧୁ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯିବ ବୋଲି ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଲେ, ସଚେତନତା ସୃଷ୍ଟି ଦିଗରେ କେବଳ କିଶୋରୀବାଳିକା ନୁହେଁ, ବାଳକଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ସଚେତନ ହେଲେ ଅନେକଗୁଡ଼ିଏ ସାମାଜିକ ପରିବର୍ତ୍ତନ ଆଣିବାରେ କ୍ରିୟାଶୀଳ ଭୂମିକା ନିର୍ବାହ କରିପାରିବେ। ସମନ୍ୱିତ ଶିଶୁ ବିକାଶ ଏବଂ ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ୍, ୟୁନିସେଫ୍, ଓଡ଼ିଶାର ଚିଫ ଫିଲ୍ଡ ଅଫିସର, ମୋନିକା ନେଲସନ୍ ଏବଂ ୟୁଏନ୍‌ଏଫ୍‌ପିଏର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ମହମ୍ମଦ ନଦିମ୍ ନୁର, ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ବିଭାଗର ଉପଦେଷ୍ଟା ସୁଲତା ଦେଓ ପ୍ରମୁଖ ଯୋଗଦେଇଥିଲେ।


**OFFICE OF THE NOTIFIED AREA COUNCIL, KHALLIKOTE, GANJAM**

Letter No. 1749 Date: 18.11.2021

**"e" Procurement Notice"**

**TENDER REFERENCE No. KIT-NAC-03/2021-22**

No. C-1339: Bid documents consisting of Work, Estimated Cost, Cost of Tender Paper, EMD and time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Civil construction works as mentioned in DTCN
2. No. of works : 9 Nos.
3. Estimated Cost : Rs.7.06 lakhs to Rs.24.48 lakhs
4. Period of Completion : 45 days
5. Date & time of Bidding : Dt.19.11.2021 at 6.00 P.M. to Dt.29.11.2021 at 6.00 P.M.
6. Last date & time for receipt of bids in the portal : Dt.29.11.2021 at 6.00 P.M.
7. Bids received online shall be opened on : Dt.02.12.2021 at 11.00 A.M.
8. Name and address of the Officer Inviting Bid : Executive Officer, NAC, Khallikote

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer, N.A.C., Khallikote**
**OIPR-13110/11/0003/2122**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA, ODISHA - 766105**

**E-mail: cdmocumdmdnuapada@gmail.com, Phone: (06678) 223346**

**No. 737** **NOTICE INVITING BID** **Date: 18.11.2021**

No. E-653: Sealed tenders are invited from eligible transporters to transport **Khusi - Sanitary - Napkins** from the Block Warehouses of **Nuapada** District to different Govt. Schools under the Blocks. The bid document with all information relating to the bidding process including cost of bid document, EMD, eligibility criteria and terms & conditions are available in the website **www.nuapada.nic.in**. Interested eligible bidder can submit the bid on or before **08.12.2021 by 5 P.M.** through Regd. Post/Speed Post only. The authority reserves the right to accept/reject any part thereof or all the bids without assigning any reason thereof.

**Sd./- CDM & PHO, Nuapada**
**OIPR-10055/11/0023/2122**

**OFFICE OF THE MUNICIPAL COUNCIL, BHAWANIPATNA**

**No. 3819** **Dated: 15.11.2021**

**CORRIGENDUM**

No. C-1345: The Expression of Interest (EOI) of this office published in the Odiya and English daily Dharitri, Samaya and Times of India and uploading in the district web portal vide Notice No. 3738 Dtd.02.11.2021. But delay receipt of the EOI from the interested bidders due to COVID-19 the following changes has been made.

1. The last date of receipt of EOI is 03.12.2021 upto 5.00 P.M. instead of 16.11.2021.
2. The interested bidders are to submit their EOI through Registered Post/Speed Post and dropping in the specific tender box in this office by person. The other terms and conditons remain unchanged.

**Sd./- Executive Officer**
**Bhawanipatna Municipality**
**OIPR-13100/11/0011/2122**

**OFFICE OF THE MUNICIPAL COUNCIL, SUNDARGARH**

**No. 5874** **Date: 18.11.2021**

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**Bid Reference No. SNGM-22/2021-22 / Dt.18.11.2021**

No. C-1343: On behalf of the Sundargarh Municipality, Online e-tender **Percentage Rate Bids** are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice in **Single Cover Bid System i.e. Technical Bid & Financial Bid** for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which tenders invited : 06 Nos.
2. Place of Execution : Inside of Sundargarh Municipality
3. Estimated Cost of work : Rs.6,53,144/- to Rs.17,69,630/-
4. Eligible Class of Contractors : Registered Contractors of **Class- 'D' to Class- 'C'** as indicated against the work mentioned in the Tender Call Notice.
5. Intending bidders have to participate through **"Online"** bidding only. The website for online bidding is **https://www.tendersodisha.gov.in**.
6. The bid documents will be available in the above website from **11 A.M. on 19.11.2021 to 5 P.M. on 28.11.2021** for online bidding.
7. Bids received online will be opened at **11 A.M. on 29.11.2021**.
8. The bidder must possess valid and compatible **Digital Signature Certificate (DSC)**.
9. The DTCN for bid shall be available in the e-procurement portal **https://www.tendersodisha.gov.in** for Online bidding.

**Sd./- Executive Officer, Sundargarh Municipality**
**OIPR-13130/11/0043/2122**

**DIRECTORATE OF LEGAL METROLOGY**
**FOOD SUPPLIES & CONSUMER WELFARE DEPARTMENT**
**GOVERNMENT OF ODISHA, KHANDAGIRI, BHUBANESWAR**

**Tender Notice No. 02/2021-22/DLM, BBSR, dtd. 18.11.2021**

**TENDER CALL NOTICE**

No.H-42;- Sealed tenders are invited from reputed registered Service Providers for outsourcing of man power support of 17 (Seventeen) numbers of Security Guard (Non-Armed) on monthly basis for watch & ward duty at the Directorate / District / Unit offices under the Directorate of Legal Metrology. The tender documents containing detailed terms and conditions can be obtained from the website https://dlm.pdsodisha.gov.in & www.foododisha.in. The last date and time of submission of tender document is 4.12.2021 by 5 P.M.

The Controller Legal Metrology, Odisha reserves the rights to accept or reject any or all tenders without assigning any reason thereof.

**Sd./- Controller Legal Metrology, Odisha**
OIPR-07003/11/0003/2122

**GOVERNMENT OF ODISHA** **No. A-637**

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**

**Ph. No. 06724-220038, E-mail: eejspurirr@gmail.com**

**"e" Procurement Notice No. JSD-09 of 2021-22**

| | | | |
|---|---|---|---|
| 1 | Total No. of Works | : | 30 (Thirty) Nos. |
| 2 | Tender Cost (Approx.) | : | Rs.13.10 lakh to Rs.43.79 lakh |
| 3 | Tender Paper Cost | : | Rs.6,000/- (Online Payment) (Non-refundable) |
| 4 | Class of Contractor | : | Sl. No. 01 to 07 'B' & 'A' and Sl. No. 08 to 16 'C' & 'B' and Sl. No. 17 to 30 'D' & 'C' Class Contractor |

5. Other details are as follows:

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal | Date & Time of Opening of Bid | Place of Opening Bid |
|---|---|---|---|---|---|---|
| | | From | To | | | |
| Superintending Engineer, Jagatsinghpur Irr. Division, Jagatsinghpur | JSD-09/ 2021-22 | 22.11.2021 at 10.00 hours | 02.12.2021 at 17.00 hours | From 24.11.2021 10.00 A.M. to 30.11.2021 upto 5.00 P.M. during office hours | 03.12.2021 at 11.00 hours | O/o. the Superintending Engineer, Jagatsinghpur Irr. Division, Jagatsinghpur |

Further details can be seen from the Govt. website **"https://tendersodisha.gov.in"**.

**Sd./- Superintending Engineer, Jagatsinghpur Irrigation Division, Jagatsinghpur**
**OIPR-32050/11/0002/2122**

**PANCHAYAT SAMITI OFFICE, BELPADA**

**Letter No. 2518** **Date: 16.11.2021**

**INVITATION TENDER CALL NOTICE**

**DETAIL TENDER CALL NOTICE No. 02/Belpada/2021-22**

No. i-216: The Block Development Officer, Belpada on behalf of Governor of Odisha invites percentage rate bids in sealed cover system for the work(s) as detialed below, from eligible contractors registered with the State Government and Contractors of equivalent Grade/Class Registered with Central Government/MES/Railways or other Licensing Authorities for execution of Civil works on production of definite proof from the appropriate authority.

| Sl. No. | Name of Work | Approximate Value of Work (Rs.) | Bid Security 1% EMD (Rs.) | Cost of Document (Rs.) | Class of Contractor | Period of Completion (Calendar Months) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day Care Sub-Centre Building at Kapani under Belpada Block (Civil + El + PH Composite Tender) | 22,94,113.00 | Bid Security Declaration as per Annexure-V | 6,000/- | C & B | 6 (Six) |

**Terms & Conditions**

1. **Cost of Tender Paper:** Tender documents can be obtained from the Office of the Block Development Officer, Belpada/ DRDA, Balangir on payment towards the cost of tender papers as mentioned above (Non-refundable) in shape of Bank Draft/Bankers Cheque drawn in favour of Block Development Officer, Puintala payable at SBI, Balangir Main Branch on any working days.
2. **Sale & Receipt of Tender Paper:** The sale and receipt of the Bid document shall start from **Dt.22.11.2021 to 5 P.M. of Dt.06.12.2021 during office hour in Panchayat Samiti, Belpada and DRDA, Balangir**. Bid documents can be downloaded from official website of Government of Odisha **(http://www.balangir.nic.in)**.
3. **Mode of Submission of Tender Papers:** The tenderers have to submit sealed tender papers in complete shape either by Dropping in Drop Box at Office of the Block Development Officer, Puintala/DRDA, Balangir or in shape of Registered Post/ Speed Post only addressed to Block Development Officer, Puintala, District - Balangir on or before **06.12.2021 (5.00 P.M.)**. The tenderers must super scribe the name of the work on the top of the sealed envelopes.
4. The bids will be opened on the **Dt.07.12.2021 at 11.00 A.M.** in the Office of the undersigned.
5. The authority reserves the right to cancel any or all the bids without assigning any reason thereof.
6. Any addendum/corrigendum/cancellation of above tender will be published in the website: **www.balangir.nic.in** only.

**OIPR-19110/11/0002/2122** **Sd./- Block Development Officer, Belpada**

**ବ୍ୟାସନଗର ତହସିଲ କାର୍ଯ୍ୟାଳୟ, ଯାଜପୁର ରୋଡ**

ସଂଖ୍ୟା: ୬୮୦୯ ତା:୨୦।୧୧।୨୦୨୧

**ସର୍ବସାଧାରଣ ନୋଟିସ୍**

No. F-222: ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନାଲୁ ଦାସ, ଗୁରୁ-ରାମ ସ୍ୱରୂପ ଦାସଙ୍କ ନାମରେ ଥିବା ନିମ୍ନ ତଫସିଲଭୁକ୍ତ ଜମିକୁ ସରକାରୀ ଖାତାକୁ ନେବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଅଛି। ଯଦି ଉକ୍ତ ଜମିର କେହି ଦାବିଦାର/ଆଇନତଃ ଉତ୍ତରାଧିକାରୀ ଥାଆନ୍ତି, ତେବେ ଉକ୍ତ ନୋଟିସ୍ ଖବରକାଗଜରେ ପ୍ରକାଶନ ହେବାର ୧୫ଦିନ ମଧ୍ୟରେ ସମସ୍ତ ତଥ୍ୟ ପ୍ରମାଣ ସହିତ ଦାବି ଉପସ୍ଥାପନ କରିପାରିବେ।

ନିର୍ଦ୍ଧାରିତ ସମୟ ପରେ କୌଣସି ଦାବି ଗ୍ରହଣୀୟ ହେବ ନାହିଁ।

**ତଫସିଲ**

**ମୌଜା: ୟୁନିଟ୍ ନଂ. ୧୦ - କୋପଣ୍ଡ, ଖାତା ନଂ. ୨୪୪**

| ପ୍ଲଟ ନଂ. | କିସମ | ରକବା (ଏକରରେ) | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୪୮୯ | ଘରବାରି-୨ | ୦.୦୬୦ | ୫୦୭ | ଶାରଦ-୨ | ୦.୨୫୦ |
| ୪୯୩ | ଶାରଦ-୨ | ୦.୪୫୦ | ୫୦୮ | ଶାରଦ-୨ | ୧.୧୨୦ |
| ୪୯୪ | ଶାରଦ-୨ | ୦.୨୩୫ | ୪୯୬ | ଶାରଦ-୨ | ୦.୫୮୫ |
| ୪୯୫ | ଶାରଦ-୨ | ୦.୭୬୫ | ୪୯୭ | ଶାରଦ-୨ | ୭.୬୦୦ |
| ୫୦୫ | ଶାରଦ-୨ | ୦.୫୮୦ | ୪୯୮ | ଶାରଦ-୨ | ୦.୬୮୫ |
| ୫୦୪/୧୮୭୮ | ବିଆଳି | ୦.୧୪୦ | ୫୦୦ | ଶାରଦ-୨ | ୦.୮୭୦ |
| ୫୦୪/୧୮୭୯ | ବିଆଳି | ୦.୩୦୦ | ୫୦୧ | ଶାରଦ-୨ | ୧.୧୪୫ |
| ୪୮୧/୨୪୩୮ | ବିଆଳି | ୦.୨୫୦ | ୪୯୯ | ଶାରଦ-୨ | ୦.୮୧୫ |

ମୋଟ: ୧୬ ପ୍ଲଟ, ଏ.୧୫.୮୫୦

ସ୍ୱା./- ତହସିଲଦାର, ବ୍ୟାସନଗର
OIPR-24047/11/0003/2122

**OFFICE OF THE DEAN & PRINCIPAL**
**BHIMA BHOI MEDICAL COLLEGE & HOSPITAL, BALANGIR**
**At/P.O./Dist.- Balangir, Pin- 767002 (Odisha)**
**E-mail: gmcbalangir@gmail.com, Tel. 06652- 236001, Fax: 06652- 236002**
**[FORMERLY KNOWN AS GOVERNMENT MEDICAL COLLEGE & HOSPITAL, BALANGIR]**

**No.3773 /** **Date: 17.11.2021**

**TENDER CALL NOTICE**

No.E-649:- Sealed tenders are invited from the registered firms for supply of Medical Books for 2021-22 session and Medical Journals (Indian & Foreign) for the year 2022 in two bid system (Technical & Financial) so as to reach the office of the undersigned on or before 07.12.2021 5.00 P.M. Bidder can participate either for books or journals/ both. Bidders who are interested to participate both for books and journals are to submit separate documents for each in separate envelopes superscribed as required for each i.e. Books / Journals. The detailed tender paper, Terms & conditions and list of Books & Journals can be downloaded from the website: www.dmetodisha.gov.in / www.http://bbmchbalangir.nic.in / www.balangir.nic.in. The undersigned reserves the right to cancel the tenders either of them or both and in full or parts at any time without assigning any reason thereof.

**Sd./- Dean & Principal**
**Bhima Bhoi Medical College & Hospital, Balangir**
OIPR-10141/11/0007/2122

# ପିକ୍‌ନିକ୍ ପ୍ଲାନିଂ

**ଆସିଗଲା ପିକ୍‌ନିକ୍ ସିଜନ୍। ସାଙ୍ଗସାଥୀଙ୍କ ସହ ଥଣ୍ଡାଥଣ୍ଡା ପାଗରେ ନୂଆ ଜାଗା ବୁଲିଯିବା, ମଜାମସ୍ତିରେ ଭୋଜି କରି ଖାଇବା ସହ କିଛି ସୁନ୍ଦର ଅନୁଭୂତି ସାଉଁଟିବାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଉତ୍କଣ୍ଠା କହିଲେ ନ ସରେ। କିଏ କିଏ ଯିବେ, କେବେ ଏବଂ କେଉଁଠି ପିକ୍‌ନିକ୍ କରିବେ, ବଜେଟ କେତେ, ଖାଇବାକୁ କ'ଣ ସବୁ ଆଇଟମ୍ ରହିବ ଏବଂ ସର୍ବୋପରି କିଭଳି ପିକ୍‌ନିକ୍‌କୁ ସ୍ପେଶାଲ କରିବେ ତା'କୁ ନେଇ ଏବେଠୁ ଆରମ୍ଭ ହେଲାଣି ପ୍ଲାନିଂ...**

**ମେମ୍ବର ଲିଷ୍ଟ, ବଜେଟ ପ୍ଲାନିଂ:** ପିକ୍‌ନିକ୍‌ର ମଜା ନେବାକୁ ସଭିଏଁ ପସନ୍ଦ କରନ୍ତି। ହେଲେ ଏଥିପାଇଁ ପ୍ରଥମେ ଠିକ୍ ପ୍ଲାନିଂ ଆବଶ୍ୟକ। ଅର୍ଥାତ୍ ରାନ୍ଧି ଖାଇବା କିମ୍ବା ହୋଟେଲ ଆଦି ସମ୍ପର୍କରେ ଭଲ ଭାବେ ଜାଣିବା ଦରକାର। କେତେ ଜଣ ମେମ୍ବର ଯିବାକୁ ଇଚ୍ଛୁକ, ସେମାନଙ୍କ ଲିଷ୍ଟ କରିବା ସହ ସମସ୍ତ ଖର୍ଚ୍ଚର ଏକ ଆନୁମାନିକ ବଜେଟ ପୂର୍ବରୁ ହିଁ ପ୍ରସ୍ତୁତ କରିନେବା ଦରକାର।

**ସ୍ପଟ୍ ସିଲେକ୍ସନ୍:** ସ୍ପଟ୍ ସିଲେକ୍ସନ୍ କରିବା ପୂର୍ବରୁ ସେଠାକାର ଦୂରତା, ଗମନାଗମନ ବ୍ୟବସ୍ଥା ଏବଂ କେଉଁ ଗାଡ଼ି ନେବା ସୁବିଧା ହେବ, ଡ୍ରାଇଭର ଉକ୍ତ ରାସ୍ତା ସହ ପରିଚିତ କି ନୁହେଁ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ପିକ୍‌ନିକ୍‌ରେ ସାଧାରଣତଃ ଜଙ୍ଗଲ ଏବଂ ପାହାଡ଼ିଆ ସ୍ଥାନକୁ ଯିବାକୁ ସମସ୍ତେ ପସନ୍ଦ କରିଥା'ନ୍ତି। ତେଣୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜଙ୍ଗଲ ସହ ଘାଟି ରାସ୍ତାର ମନୋରମ ଦୃଶ୍ୟ ଉପଭୋଗ କରିଥା'ନ୍ତି। ହିଲ୍ ଷ୍ଟେଶନ୍‌କୁ ପିକ୍‌ନିକ୍ ପାଇଁ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ ଝରଣା ପାଣିରେ ଗାଧୋଇବା, ପାହାଡ଼ ଚଢ଼ିବା, ଜଙ୍ଗଲ ଭିତରକୁ ଯିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। କୌଣସି ନୂଆ ଜାଗାକୁ ଯାଉଥିଲେ ସର୍ବଦା ସାଙ୍ଗରେ ଗାଇଡ୍ ବା ସେ ସ୍ଥାନ ସମ୍ପର୍କରେ ଭଲଭାବେ ଜାଣିଥିବା ଲୋକଙ୍କୁ ନେବା ଭଲ।

**ମେନୁ ସିଲେକ୍ସନ୍:** ସମସ୍ତଙ୍କ ଖାଦ୍ୟରୁଚି ଭିନ୍ନଭିନ୍ନ। ହେଲେ ପିକ୍‌ନିକ୍ ସ୍ଥଳରେ ସଭିଙ୍କ ପସନ୍ଦ ଅନୁଯାୟୀ ଅଲଗା ଅଲଗା ରୋଷେଇ କରିବା ସମ୍ଭବ ନୁହେଁ। ତେଣୁ ଏଭଳି ମେନୁ ସିଲେକ୍ଟ କରନ୍ତୁ, ଯାହାକୁ ଖାଇବାର ମଜା ସଭିଏଁ ନେଇପାରିବେ।

**ଏକାଠି ରାନ୍ଧିବାର ମଜା ଅଲଗା:** ଅଧିକାଂଶ ପିକ୍‌ନିକ୍‌ରେ ବୁଲାବୁଲିର ମଜା ନେବା ଲାଗି ସାଙ୍ଗରେ ରୋଷେୟାଙ୍କୁ ନିଅନ୍ତୁ। ଯଦି ଅଳ୍ପ ସମୟରେ ଅଧିକ ସ୍ଥାନ ବୁଲିବାର ପ୍ଲାନିଂ ଥାଏ, ତେବେ ରୋଷେୟାଙ୍କୁ ନେବା କିମ୍ବା ହୋଟେଲ୍‌ରେ ଖାଇବାର ଆଇଡିଆ ବେଷ୍ଟ। ହେଲେ ଯଦି ଗୋଟିଏ ସ୍ଥାନରେ ମଜାମସ୍ତି କରିବାର ପ୍ଲାନିଂ ଥାଏ, ତେବେ ସମସ୍ତେ ଏକାଠି ରାନ୍ଧି ଖାଇବାର ମଜା ଅଲଗା। ମନେରଖନ୍ତୁ, ଯଦି ପିକ୍‌ନିକ୍ ସ୍ଥଳରେ କାଠଚୁଲାରେ ରୋଷେଇ କରିବାର ପ୍ଲାନିଂ ଥାଏ, ତେବେ ରୋଷେଇ ସରିବା ପରେ ଅଧାଜଳା କାଠକୁ ପାଣି ପକାଇ ଲିଭାଇବାକୁ ଆଦୌ ଭୁଲନ୍ତୁ ନାହିଁ। ନଚେତ୍ ପିକ୍‌ନିକ୍‌ର ମଜା ନେବା ଆଳରେ ଆପଣ କରୁଥିବା ଏହି ସାମାନ୍ୟ ଅବହେଳା ଯୋଗୁ ଅଗ୍ନିକାଣ୍ଡ ଘଟି କୌଣସି ବଡ଼ ବିପଦ ସୃଷ୍ଟି କରିପାରେ।

**ମଜା ଦେବ ଡିଫରେଣ୍ଟ ଗେମ୍:** ଏକାଠି ପିକ୍‌ନିକ୍ ସ୍ପଟ୍‌ରେ ବସି ଗପସପ ହେବା ସହ, ଅନ୍ତାକ୍ଷରୀ, ମ୍ୟୁଜିକ୍ ଚେୟାର୍ କିମ୍ବା ଅନ୍ୟାନ୍ୟ ଗେମ୍ ପିକ୍‌ନିକ୍‌କୁ ଆହୁରି ମଜାଦାର କରିପାରିବ। ତେଣୁ ନିଜ ପିକ୍‌ନିକ୍ ପ୍ଲାନିଂରେ ଏହାକୁ ସାମିଲ୍ କରବାକୁ ଭୁଲନ୍ତୁ ନାହିଁ।

**ଡ୍ରେସ୍ କୋଡ୍ ଲାଗିବ କ୍ଲାସି:** ପିକ୍‌ନିକ୍ ସିଜନ୍‌ରେ ପ୍ରତ୍ୟେକ ପିକ୍‌ନିକ୍ ସ୍ପଟ୍‌ରେ ଅନେକ ଦଳ ଆସିଥିବାରୁ ସେମାନଙ୍କ ମଧ୍ୟରୁ ନିଜ ଟିମ୍‌କୁ ଡିଫରେଣ୍ଟ ଲୁକ୍ ଦେବା ଲାଗି ଡ୍ରେସ୍ କୋଡ୍ ବ୍ୟବହାର କରିପାରିବେ। ଏହା ଦ୍ୱାରା ଦୂରରୁ ସହଜରେ ବାରି ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ପାରିବେ। ତା'ଛଡ଼ା ଡ୍ରେସ୍‌କୋଡ୍‌ରେ ଗ୍ରୁପ୍ ଫଟୋ ଏବଂ ଭିଡିଓ ମଧ୍ୟ ସମ୍ପୂର୍ଣ୍ଣ କ୍ଲାସି ଓ ଟ୍ରେଣ୍ଡି ଲାଗିବ।

**ରୁହନ୍ତୁ ସତର୍କ:** ଏବେବି ଆମେ ସମ୍ପୂର୍ଣ୍ଣ କରୋନାମୁକ୍ତ ନୋହୁଁ। ତେଣୁ ପିକ୍‌ନିକ୍ ଯାଉଥିଲେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫଟୋ ଏବଂ ଭିଡିଓ ନେବା ବେଳେ ବର୍ତ୍ତମାନ ଅନେକ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି, ତେଣୁ ଏଥିପ୍ରତି ସତର୍କ ରହିବା ଦରକାର।








## କ'ଣ କୁହନ୍ତି ଏମାନେ...



**ପ୍ରତ୍ୟୁଷା ନାୟକ** (ଜଗତ୍‌ସିଂହପୁର)- ଶୀତଦିନ ଆସିଲାମାତ୍ରେ ପ୍ରଥମେ ମୁଣ୍ଡକୁ ଆସେ ପିକ୍‌ନିକ୍ କଥା। ଆଉ ସାଙ୍ଗମାନଙ୍କ ସହ ମିଶି ପ୍ଲାନିଂ ଆରମ୍ଭ ହୋଇଯାଏ। ମୁଖ୍ୟତଃ ପାହାଡ଼, ଝରଣା ଥିବା ସ୍ଥାନକୁ ଆମେ ପିକ୍‌ନିକ୍ ପାଇଁ ଯାଉ। ଯିବା ବେଳେ ପ୍ଲାନିଂ ଅନୁଯାୟୀ ଭୋଜି ପାଇଁ ଆବଶ୍ୟକ ସବୁ ସାମଗ୍ରୀ ସହ କିଛି ଶୁଖିଲା ଖାଦ୍ୟ, ଶୀତବସ୍ତ୍ର ଏବଂ କିଛି ଜରୁରିକାଳୀନ ମେଡିସିନ୍ ନେବାକୁ ଭୁଲି ନ ଥାଉ। ସବୁ ସାଙ୍ଗ ଏକାଠି ଭୋଜି କରିବାର ଖୁସି କହିଲେ ନ ସରେ। ତେବେ ଏକାଠି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ପୋଷ୍ଟ କରିବାର ମଉକା ହାତଛଡ଼ା କରୁନାହୁଁ। ଏବର୍ଷ ପାଇଁ ମଧ୍ୟ ଏବେଠୁ ପ୍ଲାନିଂ ଆରମ୍ଭ ହୋଇଗଲାଣି।



**ବିଶ୍ୱରୂପା ପ୍ରିୟଦର୍ଶିନୀ** (ପୁରୀ)- ଏହି ସମୟରେ ମାଉଣ୍ଟେନ୍ କ୍ଲାଇମ୍ବିଂ ଏବଂ ହାଇକିଂର ମଜା ଅଲଗା। ଯଦିଓ କୁହୁଡ଼ି ପାଇଁ ଏହା ବିପଜ୍ଜନକ, ତଥାପି ଆବଶ୍ୟକ ସତର୍କତା ଅବଲମ୍ବନ ପୂର୍ବକ ସାଙ୍ଗମାନେ ଏହାର ଭରପୂର ମଜାନେଉ। ପାହାଡ଼ ଉପରକୁ ଯାଇ ବହୁତ ସମୟ ନିଆଁପୋଇଁ ନାନା ପ୍ରକାର ଖୁସିଗପ କରିବାର ଚାର୍ମ ଅଲଗା। ଗତବର୍ଷ ମୁଁ ପରିବାର ସହ ସମ୍ବଲପୁରର ଗୁଦଗୁଦା ଜଳପ୍ରପାତ ବୁଲିବାକୁ ଯାଇଥିଲି। ଶୀତଦିନିଆ ପାଗକୁ ଜଙ୍ଗଲ ଭିତରେ ବଣଭୋଜି ପାଇଁ ପରିବେଶ ଅତି ଚମତ୍କାର ରହିଥିଲା। କରୋନା ସତର୍କତା ମାନିବା ସହ ଆମେ ସମସ୍ତେ ନିଜ ସ୍ୱାସ୍ଥ୍ୟର ଧ୍ୟାନ ରଖିଥିଲୁ। ଏଥର ବି ସାଙ୍ଗସାଥୀ ଏବଂ ପରିବାର ସହ ଭିନ୍ନ ଭିନ୍ନ ସ୍ଥାନରେ ପିକ୍‌ନିକ୍ କରିବାର ଯୋଜନା ରହିଛି।



**ସ୍ୱରୂପ ମୋହନ** (ଛାତ୍ର, ଟ୍ରାଇଡେଣ୍ଟ କଲେଜ, ଭୁବନେଶ୍ୱର)- ପ୍ରତିବର୍ଷ ଶୀତଦିନେ ସାଙ୍ଗମାନଙ୍କ ସହ ହେଉ ଅବା ପରିବାର ସହ ୩-୪ ଥର ପିକ୍‌ନିକ୍ ନିଶ୍ଚୟ ଯାଏ। ନନ୍ଦନକାନନ ଘରଠାରୁ ପାଖ ହୋଇଥିବାରୁ ସେଠାରେ ପରିବାର ସହ ଭୋଜି କରିବା ସହଜ ହୁଏ। ହେଲେ ସାଙ୍ଗମାନଙ୍କ ସହ ପିକ୍‌ନିକ୍ ପାଇଁ ନୂଆ ସ୍ପଟ୍ ବାଛେ। କାରଣ ନୂଆ ଜାଗା ବିଷୟରେ ଜାଣିବାକୁ ମନରେ ଆଗ୍ରହ ଯେତିକି ଥାଏ, ଉତ୍କଣ୍ଠା ବି ସେତିକି ଥାଏ। ଆଉ ବୁଲିବା ବେଳର ପ୍ରତିଟି ମୁହୂର୍ତ୍ତକୁ କ୍ୟାମେରାରେ ସାଇତି ରଖେ। ନୂଆ ସ୍ଥାନକୁ ଯାଉଥିବାରୁ ପ୍ରତ୍ୟେକଟି କାର୍ଯ୍ୟକୁ ମୁଁ ସତର୍କତାର ସହ କରିଥାଏ। ଏବର୍ଷ କୌଣସି ନୂଆ ସ୍ଥାନରେ ପିକ୍‌ନିକ୍ କରିବାକୁ ନେଇ ଏକ୍ସାଇଟେଡ୍ ଅଛି।



**ମନୋରଞ୍ଜନ ଜେନା** (ବାଲେଶ୍ୱର)- ଶୀତଦିନେ ପିକ୍‌ନିକ୍ ବହୁତ ଭଲଲାଗେ। ଆମେ ସାଙ୍ଗମାନେ ଏହି ସମୟରେ ନଦୀକୂଳରେ ଭୋଜି କରିବାକୁ ପସନ୍ଦ କରୁ। ଆମେ ସାଧାରଣତଃ ବଡ଼ ଗାଡ଼ି ନ ନେଇ ବାଇକ୍‌ରେ ଲଙ୍ଗ୍ ଡ୍ରାଇଭର ମଜା ନେବାକୁ ବେଶି ଭଲପାଉ। ଥଣ୍ଡା ପାଇଁ ଜ୍ୟାକେଟ୍ କ୍ୟାରି କରିଥାଉ। ମଝିରେ ମଝିରେ ରାସ୍ତା କଡ଼ ଟି ଷ୍ଟଲ୍‌ର ଉଷୁମ ବାସ୍ନା ଆମକୁ ମତୁଆଲା କରିଦିଏ। ଏଥର ବି କେଉଁ ଡେଟ୍‌ରେ, କେଉଁ ସ୍ପଟ୍‌ରେ ପିକ୍‌ନିକ୍ କରିବୁ ପ୍ଲାନିଂ ଆରମ୍ଭ କରିସାରିଛୁ।

## ଏ ସପ୍ତାହର ପ୍ରଶ୍ନ

୧- ହାସେ ଚିତ୍ର ଶୈଳୀ.........................ରାଜ୍ୟର ପାରମ୍ପରିକ ଚିତ୍ରକଳା ?
୨- ................. ଅନୁଷ୍ଠାନ ପକ୍ଷରୁ ରିଟେଲ୍ ଡାଇରେକ୍ଟ ସ୍କିମ୍ ଏବଂ ଇଣ୍ଟିଗ୍ରେଟେଡ୍ ଅମ୍ବୁସ୍‌ମ୍ୟାନ୍ ସ୍କିମ୍ ଆରମ୍ଭ କରାଯାଇଛି ?
୩- ନ୍ୟାଶନାଲ୍ ଆଚିଭ୍‌ମେଣ୍ଟ ସର୍ଭେ ............. ବର୍ଷରେ ଥରେ କରାଯାଇଥାଏ ?
୪- ଭାରତର ପ୍ରଥମ ଇଞ୍ଜିନ୍‌ବିହୀନ ଟ୍ରେନ୍‌ର ନାମ.............................. ?
୫- ଅମର୍ତ୍ତ୍ୟ ସେନ୍ ................ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ?

## ଗତ ଥରର ଉତ୍ତର

୧ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ
୨ ଚାଇନା
୩ ଓଡ଼ିଶା
୪ କୀଟ ଜିଆଣ୍ଟ ଉଡ୍ ମଥ୍
୫ ଇଂଲଣ୍ଡ

## ଉତ୍ତରଦାତା


ପ୍ରଶାନ୍ତ କର, ପୁରୀ


ସଚିତ ସାଗର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଅଜବ ଶପିଂ ମଲ୍

୧- ଦୁବାଇ ମଲ୍ .................................................. ଦୁବାଇ
୨- ସିଆମ୍ ପାରାଗନ୍.................................. ବ୍ୟାଙ୍କକ୍, ଥାଇଲାଣ୍ଡ
୩- ବେର୍ଜାୟା ଟାଇମ୍ସ ସ୍କୋୟାର୍...................... କୁଆଲାଲମ୍ପୁର, ମାଲେସିଆ
୪- ୱେଷ୍ଟ ଏଡ୍‌ମଣ୍ଟନ୍ ମଲ୍ ........................................ କାନାଡ଼ା
୫- ଟୋକିଓ ମିଡ୍‌ଟାଉନ୍................................... ଟୋକିଓ, ଜାପାନ
୬- ମଲ୍ ଅଫ୍ ଆମେରିକା........................................ ବ୍ଲୁମିଂଟନ୍
୭- ଜିପିଓ ମେଲ୍‌ବର୍ନ............................................ ଅଷ୍ଟ୍ରେଲିଆ
୮- ମଲ୍ ଅଫ୍ ଏମିରେଟ୍ସ............................................. ଦୁବାଇ
୯- ଓଖୋନୀ ର୍ୟାଡ୍ ....................................... ମସ୍କୋ, ରୁଷିଆ
୧୦- ଆଲା ମୋଆନା ଶପିଂ ସେଣ୍ଟର.................................. ହାୱାଇ




## ଯୁଥ୍ ଆଲର୍ଟ

# ପାଦ ଗନ୍ଧ ହେଉଥିଲେ...

*ଶୀତଦିନେ ପାଦ ଥଣ୍ଡା ନ ଲାଗିବା ଲାଗି ଅନେକେ ଫୁଲ୍ ଜୋତା ପିନ୍ଧିବାକୁ ପସନ୍ଦ କରନ୍ତି। ହେଲେ ଅଧିକ ସମୟ ଏଭଳି ଜୋତା ପିନ୍ଧିବା ଯୋଗୁ କେତେକଙ୍କଠାରେ ପାଦରେ ଝାଳ ହେବା ଏବଂ ତାହା ଭଲ ଭାବେ ନ ଶୁଖି ପାରି ଗନ୍ଧ ହେବା ସମସ୍ୟା ଦେଖାଦେଇଥାଏ। ଯଦି ଆପଣ ଏଭଳି ସମସ୍ୟା ଦେଇ ଗତି କରୁଛନ୍ତି, ତେବେ କେତୋଟି ଘରୋଇ ଉପାୟ ଆପଣାଇ ଏଥିରୁ ମୁକ୍ତି ପାଇପାରିବେ...*

➤ପ୍ରଥମ କଥା ହେଉଛି ଅଳସୁଆମି ନ କରି ପ୍ରତିଦିନ ଶୋଇବା ପୂର୍ବରୁ ପାଦକୁ ନଖ ଉଷୁମ ପାଣିରେ ଭଲ ଭାବେ ଧୁଅନ୍ତୁ। କାରଣ ଏହା ଦ୍ୱାରା ଝାଳ ଯୋଗୁ ହେଉଥିବା ବ୍ୟାକ୍ଟେରିଆ ଇନ୍‌ଫେକ୍ସନ୍ ଦୂର ହେବ ଏବଂ ପାଦରୁ ବାହାରୁଥିବା ଗନ୍ଧ ଦୂର ହେବ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ କୌଣସି ଆଣ୍ଟିବ୍ୟାକ୍ଟେରିଆଲ୍ ସାବୁନ ବ୍ୟବହାର କରିପାରିବେ।

➤ଗରମ ପାଣିରେ ଭିନେଗାର କିମ୍ବା ବେକିଂ ପାଉଡର ପକାଇ ୩୦ ମିନିଟ୍ ପର୍ଯ୍ୟନ୍ତ ପାଦକୁ ବୁଡାଇ ରଖିଲେ ଏହି ସମସ୍ୟା ଦୂର ହୋଇପାରିବ। କାରଣ ଏହା ଝାଳରେ ଥିବା ପିଏଚ୍ ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ ଏବଂ ବ୍ୟାକ୍ଟେରିଆ ଦୂର କରି ଝାଳ ଗନ୍ଧ ହେବାକୁ ଦିଏ ନାହିଁ।

➤ଗରମ ପାଣିରେ ଫିଟିକିରି ପକାଇ ପାଦ ଧୋଇଲେ ଏଥିରେ ଥିବା ଆଣ୍ଟିସେପ୍ଟିକ





ଗୁଣ ଝାଳରେ ଗନ୍ଧ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିଦେଇଥାଏ।

➤ଜୋତା ପିନ୍ଧିବା ପୂର୍ବରୁ ପାଦରେ ଟାଲ୍‌କମ୍ ପାଉଡର କିମ୍ବା ଫୁଟ୍ ସ୍ପ୍ରେ ପକାନ୍ତୁ। ଏହା ଦ୍ୱାରା ଝାଳ କମ୍ ବାହାରିବା ସହ ଗନ୍ଧ ମଧ୍ୟ ହେବ ନାହିଁ।

➤ଏଦିନେ କେବଳ କଟନ୍ ସକ୍ସ ପିନ୍ଧନ୍ତୁ। ପ୍ରତିଦିନ ଏହାକୁ ସଫା କରନ୍ତୁ ଏବଂ ଜୋତାକୁ ମଝିରେ ମଝିରେ ଖରାରେ ରଖନ୍ତୁ।

## ଜାଣନ୍ତୁ ଦୁନିଆ

# ପିଟ୍ସବର୍ଗ : ଦି ଷ୍ଟିଲ୍ ସିଟି

*ୟୁନାଇଟେଡ୍ ଷ୍ଟେଟ୍ସର ପେନ୍‌ସିଲ୍‌ଭାନିଆ ରାଜ୍ୟରେ ରହିଛି ପିଟ୍ସବର୍ଗ ସହର। ଦ୍ୱିତୀୟ ଜନବହୁଳ ସହର ଭାବେ ଏହା ରାଜ୍ୟରେ ବେଶ୍ ପରିଚିତ। ଏଠାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଷ୍ଟିଲ୍ ଇଣ୍ଡଷ୍ଟ୍ରି ରହିଥିବାରୁ 'ଦି ଷ୍ଟିଲ୍ ସିଟି' ଭାବେ ମଧ୍ୟ ଏହା ଜଣାଶୁଣା। କେବଳ ଏତିକି ନୁହେଁ, ୪୪୬ଟି ବ୍ରିଜ୍ ଏଠାରେ ଥିବାରୁ 'ସିଟି ଅଫ୍ ବ୍ରିଜେସ୍' ଭାବେ ମଧ୍ୟ ଏହାର ନାଁ ରହିଛି। ଜାଣନ୍ତୁ ଏହି ସହର ସମ୍ପର୍କରେ ଆଉ କିଛି ନୂଆ ତଥ୍ୟ...*

➤କେବଳ ଷ୍ଟିଲ୍ ନୁହେଁ, ଏଠାରେ ପେଟ୍ରୋଲିୟମ୍, ଆଲୁମିନିୟମ୍, ଗୋଲ୍ଡ, କମ୍ପ୍ୟୁଟିଂ, ଇଲେକ୍‌ଟ୍ରୋନିକ୍ ଗାଜେଟ୍ ଇଣ୍ଡଷ୍ଟ୍ରି ମଧ୍ୟ ଅନେକ ରହିଛି।

➤୧୯୫୦ ମସିହାରେ ପ୍ରଥମ ଥର ପାଇଁ ପୋଲିଓ ଭାକ୍ସିନ୍ ପିଟ୍ସବର୍ଗରୁ ହିଁ ଆରମ୍ଭ ହୋଇଥିଲା। ଡା. ଜୋନାସ୍ ସକ୍ ଥିଲେ ଏହାର ଆବିଷ୍କାରକ।

➤ଏଠାରେ ଥରେ ବର୍ଷା କିମ୍ବା ବରଫପାତ ହେଲେ ତାହା ଦୀର୍ଘ ସମୟ ଧରି ହୋଇଥାଏ।

➤ଏଠାରେ ଥିବା 'ଦି କାଥେଡ୍ରାଲ ଅଫ୍ ଲର୍ଣ୍ଣିଂ' ୟୁନ୍‌ଭରସିଟି ହେଉଛି ବିଶ୍ୱର ଦ୍ୱିତୀୟ ଉଚ୍ଚତମ ୟୁନ୍‌ଭରସିଟି।

➤ଏଠାରେ ଅନେକ ବାର୍ ଶପ୍ ବା ମଦ ଦୋକାନ ରହିଛି। ପ୍ରାୟ ୧୦ ହଜାର ଲୋକରେ ୧୨ଟି ଦୋକାନ ରହିଛି।

➤ବାଇସାଇକେଲ୍ ହେଭେନ୍ ନାମରେ ପରିଚିତ ପୃଥିବୀର ସବୁଠୁ ବଡ଼ ବାଇକ ମ୍ୟୁଜିୟମ୍ ଏଠାରେ ରହିଛି।

➤ଏହି ସହରରେ ପୃଥିବୀର ପ୍ରଥମ ମଡର୍ନ ଆର୍ଟ ମ୍ୟୁଜିୟମ୍ ଭାବେ କାର୍‌ନେଗି ମ୍ୟୁଜିୟମ୍ ଅଫ୍ ଆର୍ଟ ୧୮୯୫ ମସିହାରେ ଆରମ୍ଭ ହୋଇଥିଲା।

➤ପିଲାଙ୍କ ଦ୍ୱାରା ଆଦୃତ ହୋଇଥିବା 'ବିଙ୍ଗୋ' ଇନ୍‌ଡୋର ଗେମ୍ ପ୍ରଥମ ଥର ପାଇଁ ୧୯୨୦ ମସିହାରେ ଏଠାରେ ଆରମ୍ଭ ହୋଇ ୧୯୨୪ ବେଳକୁ ଲୋକଙ୍କ ପାଖେ ପହଞ୍ଚି ପାରିଥିଲା।

➤ପ୍ରିମନ୍ତି ସ୍ୟାଣ୍ଡୱିଚ୍, ପିରୋଗିସ୍, ପିଟ୍ସବର୍ଗ ସାଲାଡ, ପଟାଟୋ ପ୍ୟାଚ୍ ଫ୍ରାଇଜ୍ ଆଦି ହେଉଛି ଏଠାର ଅଧିବାସୀମାନଙ୍କର ପ୍ରିୟ ଖାଦ୍ୟ।



# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**କୋଲକାତା,୨୦।୧୧**

ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ଦ୍ୱିପାକ୍ଷିକ ଟି୨୦ ସିରିଜରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଏବେ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଐତିହାସିକ ଇଡେନ ଗାର୍ଡେନ ଷ୍ଟାଡିୟମରେ ରବିବାର ଭାରତ ଓ ଭ୍ରମଣକାରୀ ଦଳ ତୃତୀୟ ତଥା ଅନ୍ତିମ ଟି୨୦ ମୁକାବିଲାରେ ପରସ୍ପରକୁ ଭେଟିବେ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ହୋଇଛି। ତେଣୁ ଏହି ମ୍ୟାଚ୍ ଜିତି ଭାରତ ସିରିଜ ମୂଳପୋଛ କରିବାକୁ ପ୍ରୟାସ କରିବ। ଆଗୁଆ ସିରିଜ ହାତେଇ ସାରିଥିବାରୁ ଭାରତ ଏହି ମୁକାବିଲାରେ ରିଜର୍ଭ ଖେଳାଳି ଅର୍ଥାତ ବେଞ୍ଚରେ ବସିଥିବା ଖେଳାଳିଙ୍କୁ ସୁଯୋଗ ଦେବ ବୋଲି ଆଶା କରାଯାଉଛି।

ଏବେ ବିଶ୍ୱର ବିଭିନ୍ନ ସ୍ଥାନରେ ବିଭିନ୍ନ ଘରୋଇ ଟି୨୦ ଲିଗ୍ ଆୟୋଜନ ହେଉଛି। ତେଣୁ ବର୍ତ୍ତମାନ ଦ୍ୱିପାକ୍ଷିକ ଟି୨୦ ସିରିଜ ତା'ର ଚମକ ହରାଇଥିବା ଲକ୍ଷ୍ୟ କରାଯାଉଛି। କିନ୍ତୁ ସଦ୍ୟ ସମାପ୍ତ ଟି୨୦ ବିଶ୍ୱକପ୍‌ରେ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡିଥିବାରୁ ଏହି ସିରିଜ୍‌ରେ ବିଜୟୀ ହେବା ନିଶ୍ଚିତ ଭାବେ ମହତ୍ତ୍ୱ ରଖୁଛି। ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚ୍ ପାକିସ୍ତାନଠାରୁ ହାରିବା ପରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା ଓ ଏହା ପରେ ଭାରତ ଟୁର୍ନାମେଣ୍ଟରୁ ବାଦ୍ ପଡିବା ଏକପ୍ରକାର ନିଶ୍ଚିତ ହୋଇଥିଲା। ନିୟମିତ ଅଧିନାୟକ କେନ୍ ୱିଲିୟମସନଙ୍କ ଅନୁପସ୍ଥିତିରେ ନ୍ୟୁଜିଲାଣ୍ଡର ପ୍ରଦର୍ଶନ ପ୍ରଭାବିତ ହେବା ଭଳି ମନେହେଉଛି। ଦମ୍‌ଦାର ପ୍ରଦର୍ଶନ କରି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିବା ନ୍ୟୁଜିଲାଣ୍ଡ ଏବେ ସିରିଜ ହ୍ୱାଇଟ୍‌ୱାଶ୍‌ର ସମ୍ମୁଖୀନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଜୟପୁର ଓ ରାଞ୍ଚିରେ ଭାରତ ଉଚ୍ଚକୋଟୀର ପ୍ରଦର୍ଶନ କରି ସିରିଜ ହାତେଇବା ପରେ ୩-୦ରେ ସିରିଜ ଜିତିଲେ ନବନିଯୁକ୍ତ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାଭିଡ୍‌ଙ୍କ ପାଇଁ ଏକ ସ୍ୱତନ୍ତ୍ର ଉପଲବ୍ଧି ସାବ୍ୟସ୍ତ ହେବ।


ରୋହିତ ଶର୍ମା

ପ୍ରଥମ ଦୁଇଟି ମ୍ୟାଚ୍‌ରେ ରୋହିତ ଟସ୍ ଜିତିବା ପରେ ଭାରତର କାମ ସହଜ ହୋଇଥିଲା। ଡେଥ୍ ଓଭରରେ ଘରୋଇ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡକୁ ବଡ଼ ସ୍କୋର କରିବାକୁ ସୁଯୋଗ ଦେଇ ନ ଥିଲେ। ଏହାପରେ ଭାରତୀୟ ଟପ୍ ଅର୍ଡର ଦମ୍‌ଦାର ବ୍ୟାଟିଂ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଇଡେନ ଗାର୍ଡେନରେ ରୋହିତ ଏକଦା ଦିନିକିଆରେ ୨୬୪ ରନର ଇନିଂସ ଖେଳି ବିଶ୍ୱରେକର୍ଡ ସ୍ଥାପନ କରିଥିଲେ। ତେଣୁ ଏହି ଗ୍ରାଉଣ୍ଡ ରୋହିତଙ୍କ ବ୍ୟାଟିଂକୁ ବେଶ୍ ସୁହାଇଛି। ସେହିପରି ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଟି୨୦ ସିରିଜ ମୂଳପୋଛ କଲେ ଦ୍ରାଭିଡ୍‌ଙ୍କ ଉପରେ ଚାପ କମ୍ ହେବ ଓ ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

ଦଳରେ ସନ୍ତୁଳନ ରକ୍ଷା କରିବା ସହ ଦ୍ରାଭିଡ୍ ରିଜର୍ଭ ଖେଳାଳିଙ୍କୁ ସୁଯୋଗ ଦେବାକୁ ପ୍ରୟାସ କରିବେ। ଅଲରାଉଣ୍ଡର ଭେଙ୍କଟେଶ ଆୟାରଙ୍କୁ ଅଧିକ ସମୟ ବ୍ୟାଟିଂ ସୁଯୋଗ ଦେବା ପାଇଁ ତାଙ୍କ କ୍ରମରେ ଉନ୍ନତି ଅଣାଯିବ ବୋଲି ଆଶା କରାଯାଉଛି। ତେବେ ରୋହିତ ଜଣେ ଷଷ୍ଠ ବୋଲରଙ୍କୁ ଖେଳାଇବା ଉପରେ ସବୁକିଛି ନିର୍ଭର କରୁଛି। ଋତୁରାଜ ଗାଏକ୍ୱାଡ, ଆଭେଶ ଖାଁ ଓ ଇଶାନ କିଷନଙ୍କୁ ଏହି ମ୍ୟାଚରେ ଖେଳିବା ପାଇଁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସର୍ବାଧିକ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ୍ ହାସଲ କରିଥିବା ଋତୁରାଜଙ୍କୁ ଟପ୍-୩ରେ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯିବ ବୋଲି ଆଶା କରାଯାଉଛି। ଟପ୍ ଅର୍ଡରରେ ବ୍ୟାଟିଂ କରିବାରେ ସେ ସହଜ ଅନୁଭବ କରନ୍ତି ବୋଲି ଭାରତୀୟ ମ୍ୟାନେଜମେଣ୍ଟ ଅବଗତ ଥିବ। ତେବେ ଏଥିପାଇଁ ରୋହିତ କିମ୍ବା ଉପ-ଅଧିନାୟକ ଲୋକେଶ ରାହୁଲଙ୍କୁ ବିଶ୍ରାମ ନେବାକୁ ହେବ। ରାହୁଲଙ୍କୁ ବିଶ୍ରାମ ଦେବା ଶ୍ରେୟସ୍କର ହେବ। ସେହିପରି ବୋଲିଂ ବିଭାଗରେ ଦୀପକ ଚହର କିମ୍ବା ଅଭିଜ୍ଞ ଭୁବନେଶ୍ୱର କୁମାରଙ୍କ ବଦଳରେ ଆଭେସ ଖାଁଙ୍କୁ ଖେଳିବାର ସୁଯୋଗ ଦିଆଯିବ। ସେହିପରି ଅକ୍ଷର ପଟେଲ କିମ୍ବା ରବିଚନ୍ଦ୍ରନ ଅଶ୍ୱିନଙ୍କ ବଦଳରେ ଯୁଜବେନ୍ଦ୍ର ଚହଲଙ୍କୁ ଖେଳିବାର ସୁଯୋଗ ପ୍ରଦାନ କରାଯାଇପାରେ। କ୍ରମାଗତ ଭାବେ ଖେଳି ଆସୁଥିବା ଉଇକେଟକିପର ବ୍ୟାଟର ରିଷଭ ପନ୍ତଙ୍କୁ ବିଶ୍ରାମ ଦିଆଯାଇ ଇଶାନ କିଶନଙ୍କୁ ଅନ୍ତିମ ମ୍ୟାଚ୍‌ରେ ଖେଳାଯିବାର ସମ୍ଭାବନା ରହିଛି। ଏହି ସିରିଜରେ ଅଶ୍ୱିନ ଫର୍ମ ଫେରିପାଇଛନ୍ତି। ଗତ ୪ ବର୍ଷ ହେବ ସୀମିତ ଓଭର କ୍ରିକେଟରେ ତାଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରି ଆସିଥିଲେ। ପ୍ରଥମ ମ୍ୟାଚ୍‌ରେ ୨୩ ରନ ଦେଇ ୨ ଉଇକେଟ ଓ ଦ୍ୱିତୀୟ ମ୍ୟାଚ୍‌ରେ ୧୯ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରି ଅଶ୍ୱିନ ଏବେ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ପଦାର୍ପଣରେ ହର୍ଶାଲ ପଟେଲ ପ୍ରଭାବୀ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ୧୫ରୁ ୨୦ ଓଭର ମଧ୍ୟରେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଉଛି। ବ୍ୟାଟରମାନେ ଦ୍ରୁତ ଗତିରେ ରନ୍ ସଂଗହ କରି ପାରିନାହାନ୍ତି। ଡେଥ୍ ଓଭରରେ ଭ୍ରମଣକାରୀ ବ୍ୟାଟରମାନେ ଚମକ ଦେଖାଇପାରିନାହାନ୍ତି। ଭାରତୀୟ ବୋଲରମାନେ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଇଡେନ ଗାର୍ଡେନରେ ଛକା ଚୌକା ବର୍ଷା ଦେଖିବାକୁ ମିଳିବ। ନଭେମ୍ବରରେ କାକର ସମସ୍ୟା ଥିବାରୁ ପଛରେ ବ୍ୟାଟିଂ କରିବାକୁ ଥିବା ଦଳ ଫାଇଦାରେ ରହିବ। ତେଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ହେବ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ, ଋତୁରାଜ ଗାଏକ୍ୱାଡ, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, ଇଶାନ କିଶନ, ଭେଙ୍କଟେଶ ଆୟାର, ଯୁଜବେନ୍ଦ୍ର ଚହଲ, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ଆଭେସ ଖାଁ, ଭୁବନେଶ୍ୱର କୁମାର, ଦୀପକ ଚହର, ହର୍ଶାଲ ପଟେଲ ଓ ମହମ୍ମଦ ସିରାଜ।

**ନ୍ୟୁଜିଲାଣ୍ଡ ଦଳ:** ଟିମ୍ ସୌଦି (ଅଧିନାୟକ), ଟୋଡ୍ ଆସଲେ, ଟ୍ରେଣ୍ଟ ବୋଲ୍ଟ, ମାର୍କ ଚାମ୍ପମନ, ଲୋକି ଫର୍ଗୁସନ, ମାର୍ଟିନ ଗୁପ୍ଟିଲ, ଆଡାମ ମିଲନେ, ଡାରିଲ ମିଚେଲ, ଜିମ୍ମି ନିଶାମ, ଗ୍ଲେନ ଫିଲିପ୍ସ, ମିଚେଲ ସାଣ୍ଟନର, ଟିମ୍ ସିଫର୍ଟ ଓ ଇଶ ସୋଧି।

### ଟି୨୦ ସିରିଜ
### ରିଜର୍ଭ ଖେଳାଳିଙ୍କୁ ସୁଯୋଗ ମିଳିପାରେ

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ସ୍ଥାନ: କୋଲକାତା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## ଟି୨୦ ସିରିଜ ଜିତିଲା ପାକିସ୍ତାନ


ଦ୍ୱିତୀୟ ଉଇକେଟରେ ୮୫ରନ ଭାଗୀଦାରି ଅବସରରେ ଫଖର ଜମାନ ଓ ମହମ୍ମଦ ରିଜୱାନ।

**ମୀରପୁର,୨୦।୧୧**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ୧୧ଟି ବଲ ବାକି ରଖି ୮ ଉଇକେଟରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ହେବା ସହ ପାକିସ୍ତାନ ଆଗୁଆ ସିରିଜ ହାତେଇ ନେଇଛି। ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ଫଖର ଜମାନଙ୍କ ଅପରାଜିତ ୫୭ ରନ (୫୧ ବଲ, ୨ ଚୌକା, ୩ ଛକା)ର ଇନିଂସ ବଳରେ ବିଜୟୀ ହୋଇଛି। ଜମାନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦଳ ତରଫରୁ ମହମ୍ମଦ ରିଜ୍‌ୱାନ ୩୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ବାଂଲାଦେଶର ମୁସ୍ତାଫିଜୁର ରହମାନ ଓ ଅମିନୁଲ ଇସ୍‌ଲାମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ନାଜମୁଲ ହୋସେନ ସାଣ୍ଟୋ ୪୦, ଅଫିଫ ହୋସେନ ୨୦, ଅଧିନାୟକ ମହମୁଦୁଲ୍ଲା ୧୨, ନୁରୁଲ ହାସନ ୧୧ ରନ ସଂଗ୍ରହ କରିଥିଲେ। ପାକିସ୍ତାନର ଶାହିନ ଶାହା ଆଫ୍ରିଦି ଓ ସଦାବ ଖାଁ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୦୮/୭ (ନାଜମୁଲ- ୪୦, ଅଫିଫ- ୨୦, ଆଫ୍ରିଦି- ୨/୧୫, ସଦାବ- ୨/୨୨)। ପାକିସ୍ତାନ ୧୮.୧ ଓଭରରେ ୧୦୯/୨ (ଫଖର- ୫୭*, ରିଜ୍‌ୱାନ- ୩୯, ମୁସ୍ତାଫିଜୁର-୧/୧୨, ଅମିନୁଲ-୧/୩୦)।

## ଟେଷ୍ଟ ଅଧିନାୟକ ପାଇଁ ସ୍ମିଥ୍ ପ୍ରାର୍ଥୀ

**ମେଲବୋର୍ନ, ୨୦।୧୧ (ପି.ଟି.)**

ଅଷ୍ଟ୍ରେଲିଆ କ୍ରିକେଟ ଦଳର ଟେଷ୍ଟ ଅଧିନାୟକ ପାଇଁ ବ୍ୟାଟ୍ସମ୍ୟାନ ତଥା ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଅନ୍ୟତମ ପ୍ରାର୍ଥୀ ରହିଛନ୍ତି। ଏହି ପଦବୀ ପାଇଁ ଦୌଡ଼ରେ କିନ୍ତୁ ଉପ ଅଧିନାୟକ ପ୍ୟାଟ୍ କମିନ୍ସ ସବୁଠାରୁ ଆଗରେ ରହିଛନ୍ତି। ଟିମ୍ ପେନ୍‌ଙ୍କ ଇସ୍ତଫା ପରେ ଅଧିନାୟକ ପଦ ଖାଲି ପଡ଼ିଛି। ୨୦୧୭ରେ ଜଣେ ମହିଳା ସହକର୍ମୀଙ୍କ ନିକଟକୁ ଅଶ୍ଳୀଳ ମେସେଜ ପଠାଇଥିବା ଅଭିଯୋଗକୁ ନେଇ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ତରଫରୁ ତଦନ୍ତ ଆରମ୍ଭ ହେବା ପରେ ପେନ୍ ତାଙ୍କ ପଦବୀରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ପେନ୍ ୨୦୧୮ରେ ସ୍ମିଥଙ୍କ ସ୍ଥାନରେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। କେପ୍‌ଟାଉନ୍ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲରେ ସ୍ମିଥ୍ ଅନ୍ତର୍ଜାତୀୟ କ୍ରିକେଟରୁ ୧୨ମାସ ବାସନ୍ଦ ହୋଇଥିଲେ। ଅଧିନାୟକ ପଦବୀରୁ ମଧ୍ୟ ସେ ୨ବର୍ଷ ସସ୍‌ପେଣ୍ଡ ହୋଇଥିଲେ। ପେନ୍‌ଙ୍କ ସ୍ଥାନରେ ଅଧିନାୟକ ପଦବୀ ପୂରଣ ପାଇଁ ଚୟନକର୍ତ୍ତାମାନେ କ୍ରିକେଟ ଅଷ୍ଟ୍ରେଲିଆଠାରୁ ସୁପାରିସ ଚାହିଁଥିଲେ। ପେନ୍‌ଙ୍କ ଇସ୍ତଫା ପରେ ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ କ୍ରିକେଟ ଅଷ୍ଟ୍ରେଲିଆ ଚେୟାରମ୍ୟାନ ରିଚାର୍ଡ ଫ୍ରୁଡେନ୍‌ଷ୍ଟିନ୍ କହିଥିଲେ, ଅଧିନାୟକ ପଦବୀ ପାଇଁ ବହୁ ପ୍ରାର୍ଥୀ ଉପଲବ୍ଧ ଅଛନ୍ତି। ସେମାନଙ୍କ ମଧ୍ୟରେ ସ୍ମିଥ୍ ମଧ୍ୟ ରହିଛନ୍ତି।

# ଡବ୍ଲ୍ୟୁଟିଏକୁ ଜୋକୋଭିଚ୍‌ଙ୍କ ସମର୍ଥନ

**ତୁରିନ୍, ୨୦।୧୧ (ଏପି)**

### ପେଙ୍ଗ୍‌ଙ୍କ ନିଖୋଜ ପ୍ରସଙ୍ଗ

ନିଖୋଜ ଚାଇନିଜ ଖେଳାଳି ପେଙ୍ଗ୍ ଶୁଆଇଙ୍କୁ ଖୋଜି ବାହାର କରିବା ଲାଗି ବିଶ୍ୱ ଟେନିସ ପକ୍ଷରୁ ଦାବି ଅବ୍ୟାହତ ରହିଛି। ଚାଇନାର ଜଣେ ପୂର୍ବତନ ଟପ୍ ଅଫିସିଆଲଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ପେଙ୍ଗ୍‌ଙ୍କର ଆଉ ପତ୍ତା ମିଳୁନାହିଁ। ପେଙ୍ଗ୍ ସୁରକ୍ଷିତ ଅଛନ୍ତି ବୋଲି ଯେପର୍ଯ୍ୟନ୍ତ ସ୍ପଷ୍ଟ ନ ହୋଇଛି ସେ ପର୍ଯ୍ୟନ୍ତ ଚାଇନାରେ ଏହାର କୌଣସି ଟୁର୍ନାମେଣ୍ଟ ଆୟୋଜନ ହେବ ନାହିଁ ବୋଲି ମହିଳା ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ତରଫରୁ ଶୁକ୍ରବାର ଧମକ ଦିଆଯାଇଥିଲା। ଡବ୍ଲ୍ୟୁଟିଏ ଚେୟାରମ୍ୟାନ ଷ୍ଟିଭ ସିମନ ଏକ ସାକ୍ଷାତ୍‌କାରରେ କହିଛନ୍ତି ଏହି ମାମଲାରେ ସାଲିସର ପ୍ରଶ୍ନ ଉଠୁନାହିଁ। ତୁରିନ୍‌ଠାରେ ଚାଲିଥିବା ଏଟିପି ଫାଇନାଲ୍ସରେ କାମେରନ ନୋରିଙ୍କ ବିପକ୍ଷରେ ବିଜୟ ହାସଲ କରେ ବିଶ୍ୱର ନମ୍ବର ୱାନ ପୁରୁଷ ଟେନିସ ଖେଳାଳି ନୋଭାକ୍ ଜୋକୋଭିଚ୍ ଡବ୍ଲ୍ୟୁଟିଏ ଆଭିମୁଖ୍ୟକୁ ସମର୍ଥନ କରିଛନ୍ତି। ଚାଇନା ଏକ ବିଶାଳ ଦେଶ। ଏହି ଦେଶରେ ବହୁ ଟେନିସ ଟୁର୍ନାମେଣ୍ଟ ଖେଳାଯାଇଥାଏ। ଏହି ଦେଶ ବିରୋଧରେ ଯେତେ ସମ୍ଭବ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଡବ୍ଲ୍ୟୁଟିଏ ମଧ୍ୟ ଏହାର ସମସ୍ତ ଟୁର୍ନାମେଣ୍ଟ ସହ ଚାଇନାରୁ ଓହରିଯାଉଥିବା ବିଷୟ ସେ ଏବେ ଶୁଣିବାକୁ ପାଉଛନ୍ତି। ଏହି ଆଭିମୁଖ୍ୟ ପାଇଁ ସେ ଶତ ପ୍ରତିଶତ ସମର୍ଥନ କରୁଛନ୍ତି।

## ହସନଙ୍କୁ ଭର୍ତ୍ସନା

**ଦୁବାଇ, ୨୦।୧୧ (ପି.ଟି.)**

ଢାକାରେ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ବେଳେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କୋଡ୍ ଅଫ୍ କଣ୍ଡକ୍ଟ ଲେଭଲ-୧ ଉଲ୍ଲଂଘନ କରିଥିବା ଅଭିଯୋଗରେ ପାକିସ୍ତାନ ପେସ୍ ବୋଲର ହସନ ଅଲିଙ୍କୁ ଭର୍ତ୍ସନା କରାଯାଇଛି। ଅନ୍ୟପକ୍ଷରେ ସ୍ଲୋ ଓଭର ରେଟ୍ ପାଇଁ ବାଂଲାଦେଶ ଖେଳାଳିମାନଙ୍କୁ ସେମାନଙ୍କ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି।

# ତାମିଲନାଡୁ-କର୍ଣ୍ଣାଟକ ଫାଇନାଲ



କର୍ଣ୍ଣାଟକର ବିପକ୍ଷରେ ୪ଟି ବଲରେ ୪ ଉଇକେଟ ଅକ୍ତିଆର କରି ହ୍ୟାଟ୍ରିକ ଅର୍ଜନ କରିଥିବା ବିଦର୍ଭ ଦ୍ରୁତ ବୋଲର ଦର୍ଶନ ନାଲ୍‌କାଣ୍ଡେ(ମଝି)।

**ନୂଆଦିଲ୍ଲୀ,୨୦।୧୧**

### ସୟଦ ମୁସ୍ତାକ ଅଲି ଟ୍ରଫି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଦେଶର ସର୍ବବୃହତ୍ ଟି୨୦ ଟୁର୍ନାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫି ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ସୋମବାର ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଟାଇଟଲ ପାଇଁ ଗତଥର ଚାମ୍ପିୟନ ତାମିଲନାଡୁ ବିଜୟ ଶଙ୍କରଙ୍କ ନେତୃତ୍ୱରେ ମନୀଷ ପାଣ୍ଡେଙ୍କ କର୍ଣ୍ଣାଟକକୁ ଭେଟିବ। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ତାମିଲନାଡୁ ୩୪ଟି ବଲ୍ ବାକି ରଖି ୮ ଉଇକେଟରେ ହାଇଦ୍ରାବାଦକୁ ପରାସ୍ତ କରି ଫାଇନାଲକୁ ଉଠିଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ କର୍ଣ୍ଣାଟକ ୪ ରନରେ ବିଦର୍ଭକୁ ହରାଇ ଫାଇନାଲ ଟିକେଟ ହାସଲ କରିଛି।

ତାମିଲନାଡୁ ବିପକ୍ଷରେ ଟସ୍ ହାରି ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୧୮.୩ ଓଭରରେ ୯୦ ରନକରି ଅଲଆଉଟ ହୋଇଛି। ଦଳ ତରଫରୁ ତନୟ ଥ୍ୟାଗରାଜନ ୨୪ ବଲରୁ ଗୋଟିଏ ଲେଖାଏ ଛକା ଓ ଚୌକା ସହ ୨୫ ରନ ସଂଗ୍ରହ କରିଥିଲେ। ବାକି ୧୦ଜଣ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ତାମିଲନାଡୁ ମିଡିୟମ ପେସର ପି. ଶ୍ରବଣ କୁମାର ୫ ଉଇକେଟ ନେଇ ହାଇଦ୍ରାବାଦକୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁରୁଗାନ ଅଶ୍ୱିନ, ଏମ୍ ମହମ୍ମଦ ଦୁଇଟି ଲେଖାଏ, ରବିଶ୍ରୀନିବାସନ ସାଇ କିଶୋର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ତାମିଲନାଡୁ ୧୪.୨ ଓଭରରେ ୨ ଉଇକେଟ ହରାଇ ୯୨ ରନକରି ବିଜୟୀ ହୋଇଥିଲା। ଅଧିନାୟକ ବିଜୟ ଶଙ୍କର ୪୩, ସାଇ ସୁଦର୍ଶନ ୩୪ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ।

**ବିଦର୍ଭ ୪ ରନରେ ହାରିଲା**

ଦ୍ୱିତୀୟ ସେମିରେ ଟସ୍ ହାରି କର୍ଣ୍ଣାଟକ ୭ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ରୋହନ କଦମ ୮୭ ରନ (୫୬ ବଲ, ୭ ଚୌକା, ୪ ଛକା), ପାଣ୍ଡେ ୫୪ ରନ (୪୨ ବଲ, ୨ ଚୌକା, ୩ ଛକା), ଅଭିନବ ମନୋହର ୨୭ ରନକରି ଆଉଟ ହୋଇଥିଲେ। ବୋଲିଂରେ ବିଦର୍ଭର ଦର୍ଶନ ନିଲକାଣ୍ଡେ ୪, ଲଳିତ ଯାଦବ ୨, ଯଶ ଠାକୁର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅନ୍ତିମ ଓଭରରେ ନାଲ୍‌କାଣ୍ଡେ ୪ଟି ବଲରେ ୪ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲରେ ସେ ଉଇକେଟ ହାସଲ କରିଥିଲେ।

ଜବାବରେ ବିଦର୍ଭ ୨୦ ଓଭରରେ ୬ ଉଇକେଟ ହରାଇ ୧୭୨ ରନରେ ସୀମିତ ରହି ବିଜୟଠାରୁ ମାତ୍ର ୫ ରନ ଦୂରରେ ରହିଯାଇଥିଲା। ଓପନର ଅଥର୍ବ ତାଇଡେ ସର୍ବାଧିକ ୩୨, ଗଣେଶ ସତୀଶ ୩୧, ଶୁଭମ ଦୁବେ ୨୪, ଅଧିନାୟକ ଅକ୍ଷୟ ୱାଦେକର ୧୫, ଅକ୍ଷୟ କର୍ଣ୍ଣେୱାର ୨୨ରନ କରି ଆଉଟ ହୋଇଥିବା ବେଳେ ଅପୂର୍ବ ୱାଙ୍ଖଡେ ୨୭ ରନକରି ଅପରାଜିତ ରହିଥିଲେ। ବୋଲିଂରେ କର୍ଣ୍ଣାଟକର କେ.ସି. କାରିଆପ୍ପା ସର୍ବାଧିକ ୨ ଉଇକେଟ ନେଇଥିଲେ।

## ସିନ୍ଧୁ, ଶ୍ରୀକାନ୍ତଙ୍କ ବିଦାୟ

**ବାଲି, (ଇଣ୍ଡୋନେସିଆ), ୨୦।୧୧ (ପି.ଟି.)**

ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଏବଂ କିଡାମ୍ବି ଶ୍ରୀକାନ୍ତ ଇଣ୍ଡୋନେସିଆ ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଏଥିସହିତ ଟୁର୍ନାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ଏକ ଏକତରଫା ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସେ ଟପ୍ ସିଡ୍ ତଥା ଜାପାନର ଅକାନେ ୟାମାଗୁଚିଙ୍କଠାରୁ ୧୩-୨୧, ୯-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ମାତ୍ର ୩୨ ମିନିଟରେ ଶେଷ ହୋଇଯାଇଥିଲା। ଜାପାନିଜ ଖେଳାଳି ବର୍ତ୍ତମାନ ଫାଇନାଲରେ ଚତୁର୍ଥ ସିଡ୍ ଆନ୍ ସେୟଙ୍ଗ ଓ ଥାଇଲାଣ୍ଡର ଫିଆୟାପର୍ନ ଚାଇୱାନଙ୍କ ମଧ୍ୟରେ ହେବାକୁଥିବା ଦ୍ୱିତୀୟ ସେମିଫାଇନାଲ ବିଜେତାକୁ ଭେଟିବେ। ଭାରତର ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଡେନମାର୍କର ଆଣ୍ଡର୍ସ ଆଣ୍ଟୋନିସେନ୍‌ଙ୍କଠାରୁ ୧୪-୨୧, ୯-୨୧ରେ ହାରିଯାଇଛନ୍ତି।

## ବିଦର୍ଭଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର,୨୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ୨୫ ବର୍ଷରୁ କମ୍ ପୁରୁଷ ଦିନିକିଆ ଏଲିଟ୍-ଏ ଟ୍ରଫି ଆରମ୍ଭ ହୋଇଛି। ଶନିବାର ଗ୍ରୁପ୍ ସି'ରେ ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ବିଦର୍ଭ ୫ ରନରେ ଓଡ଼ିଶାକୁ ପରାସ୍ତ କରିଛି। ଟସ୍ ଜିତି ଓଡ଼ିଶା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବିଦର୍ଭ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୫୨ ରନ ସଂଗ୍ରହ କରିଥିଲା। ବିଦର୍ଭ ତରଫରୁ ଏ. ମୋଖାଡେ ୭୭, ଯଶ କଦମ ୬୭, ଏ.ଡି. ଚୌଧୁରୀ ୪୦ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ଓଡ଼ିଶା ତରଫରୁ କାର୍ତ୍ତିକ ବିଶ୍ୱାଳ, ରାଜେଶ ମହାନ୍ତି ଓ ପ୍ରଶାନ୍ତ ରଣା ୨ଟି ଲେଖାଏ ଓ ସୌରଭ କାନୋଜିଆ ୪୦ ରନ ସଂଗ୍ରହ କରିଥିଲେ। ଜବାବରେ ଓଡ଼ିଶା ୫୦ ଓଭରରେ ୯ ଉଇକେଟ ହରାଇ ୨୪୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ସନ୍ଦୀପ ପଟ୍ଟନାୟକ ୭୧, ଆକାଶ ଚନ୍ଦ୍ର ନାୟକ ୫୨, ହର୍ଷିତ ରାଠୋର ୪୦, ସୌରଭ କାନୋଜିଆ ୪୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ବିଦର୍ଭ ତରଫରୁ ଭୁତେ ସର୍ବାଧିକ ୬, ପି.ଆର. ରାଖାଡେ ୨ ଓ ଏନ୍.ଏସ୍. ପରାଣ୍ଡେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶା ତା'ର ଦ୍ୱିତୀୟ ମ୍ୟାଚ୍‌ରେ ରବିବାର ରାଜକୋଟରେ ହାଇଦ୍ରାବାଦକୁ ଭେଟିବ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ